ପୃଷ୍ଠା-୮+୪

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୮/୨୦୨୨ (୮+୪=୧୨ ପୃଷ୍ଠା) | Bhubaneswar, Tuesday, January 18/2022 | ★★★★★★

୪୮ଶ ଭାଗ ୫୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



## ସାଉଥ୍ ଫିଲ୍ମରେ ଆଲିଆଙ୍କ ଡିମାଣ୍ଡ୍

ବଲିଉଡ୍ ପରେ ଏବେ ସାଉଥ୍ ଇଣ୍ଡଷ୍ଟ୍ରିରେ ଅଭିନେତ୍ରୀ ଆଲିଆ ଭଟ୍ଟଙ୍କ ଡିମାଣ୍ଡ ବଢ଼ିଛି। 'ଆରଆରଆର୍' ପରେ ଜୁନିୟର ଏନ୍‌ଟିଆର୍‌ଙ୍କ ସହ ଆଉ ଏକ ମୁଭିରେ ସେ ଅଭିନୟ କରିବେ ବୋଲି ଚର୍ଚ୍ଚା ହେଉଛି।

୦୭

୦୮

## ଦ୍ୱିତୀୟ ରାଉଣ୍ଡରେ ଓସାକା

ମେଲବୋର୍ନରେ ସୋମବାର ଆରମ୍ଭ ହୋଇଥିବା ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି ଜାପାନର ନାଓମି ଓସାକା।



# ମାର୍ଚ୍ଚରୁ ୧୨-୧୪ ବର୍ଷ ପିଲାଙ୍କୁ ଟିକା



ନୂଆଦିଲ୍ଲୀ,୧୭।୧ (ପି.ଟି.)

ଆସନ୍ତା ମାର୍ଚ୍ଚରୁ ୧୨ରୁ ୧୪ ବର୍ଷ ବୟସ ବର୍ଗର ପିଲାଙ୍କୁ ଟିକାକରଣ ଆରମ୍ଭ ହୋଇପାରେ ବୋଲି କୋଭିଡ୍-୧୯ ରୋଗ ପ୍ରତିରୋଧ ଜାତୀୟ ବୈଷୟିକ ଉପଦେଷ୍ଟା ଗ୍ରୁପ (ଏନ୍‌ଟିଏଜିଆଇ)ର ଅଧ୍ୟକ୍ଷ ଡ. ଏନ୍.କେ. ଆରୋରା ସୋମବାର କହିଛନ୍ତି। ମାର୍ଚ୍ଚ ମାସ ବେଳକୁ ୧୫ରୁ ୧୮ ବର୍ଷ ବୟସ ବର୍ଗର କିଶୋରୀକିଶୋରଙ୍କୁ ଡବଲ ଡୋଜ୍ ଟିକାଦାନ ସରିଯାଇଥିବ। ଦେଶରେ ୧୫ରୁ ୧୮ ବର୍ଷ ବର୍ଗରେ ପ୍ରାୟ ୭.୪ କୋଟି ପିଲା ରହିଛନ୍ତି। ବର୍ତ୍ତମାନ ସୁଦ୍ଧା ୩.୪୫ କୋଟି କୋଭାକ୍ସିନ୍ ଟିକାର ପ୍ରଥମ ଡୋଜ୍ ନେଇସାରିଲେଣି। ଏହାର ୨୮ ଦିନ ପରେ ଦ୍ୱିତୀୟ ଡୋଜ୍ ନେବେ। କିଶୋରୀକିଶୋରମାନେ ଖୁବ୍ ଆଗ୍ରହର ସହ ଟିକାଦାନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରୁଥିବାରୁ ଫେବୃୟାରୀ ଶେଷ ସୁଦ୍ଧା ସେମାନଙ୍କୁ ଦ୍ୱିତୀୟ ଡୋଜ୍ ଟିକା ଦିଆସରିଥିବ ବୋଲି ଏନ୍‌ଟିଏଜିଆଇ ଅଧ୍ୟକ୍ଷ ଆଶାବ୍ୟକ୍ତ କରିଛନ୍ତି। ଏହା ପରେ ୧୨ରୁ ୧୪ ବର୍ଷ ବୟସବର୍ଗର ପିଲାଙ୍କୁ ଟିକା ଦେବା ଲାଗି ସରକାର ନୀତିଗତ ନିଷ୍ପତ୍ତି ନେବେ। ଏହି ବର୍ଗରେ ପ୍ରାୟ ୭.୫ କୋଟି ପିଲା ରହିଛନ୍ତି।

ଦେଶରେ ୨୪ ଘଣ୍ଟା ମଧ୍ୟରେ ୩୯ ଲକ୍ଷରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଦିଆଯାଇଛି। ଏହାକୁ ମିଶାଇ ସୋମବାର ସକାଳ ସୁଦ୍ଧା ଦେଶରେ ମୋଟ ଟିକାଦାନ ୧୫୭.୨୦ କୋଟି ☞ପୃଷ୍ଠା-୪

## ସୁନ୍ଦରଗଡ଼ରେ ସଂକ୍ରମଣ ହାର ସର୍ବାଧିକ ୩୯.୯%

■ ରାଜ୍ୟରେ ୧୪.୯୬%, ଖୋର୍ଦ୍ଧାରେ ୨୯%

■ ଦିନକରେ ଚିହ୍ନଟ ହେଲେ ଆଉ ୧୦,୪୮୯

ଭୁବନେଶ୍ୱର, ୧୭।୧(ବ୍ୟୁରୋ)


**ରେଡ୍ ଜୋନ୍‌ରେ ବାଲେଶ୍ୱର, ୟେଲୋରେ ଜଗତ୍‌ସିଂହପୁର ଓ ରାୟଗଡ଼ା**

ରାଜ୍ୟରେ ଗତ ୫ ଦିନ ହେବ ଦୈନିକ ସଂକ୍ରମଣ ୧୦ ହଜାର ଉପରେ ରହୁଛି। ରବିବାର ୧୧,୧୭୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ସୋମବାର ଏଥିରେ ସାମାନ୍ୟ ହ୍ରାସ ଘଟିଛି। ହେଲେ ଆକ୍ରାନ୍ତ ସଂଖ୍ୟା କମିଥିଲେ ମଧ୍ୟ ସଂକ୍ରମଣ ହାର କିନ୍ତୁ ବୃଦ୍ଧି ପାଇଛି। ସେହିପରି ଖୋର୍ଦ୍ଧା ଜିଲାରେ ସଂକ୍ରମିତ ସଂଖ୍ୟା ଅଧିକ ରହୁଥିବାବେଳେ ସୁନ୍ଦରଗଡ଼ରେ ସଂକ୍ରମଣ ହାର ସର୍ବାଧିକ ରହୁଛି। ଗତ ୨୪ ଘଣ୍ଟାରେ ରାଜ୍ୟରେ ମୋଟ ୭୦,୧୧୭ ନମୁନା ପରୀକ୍ଷା କରାଯାଇଥିବାବେଳେ ୧୦,୪୮୯ ଜଣ ପଜିଟିଭ ବାହାରିଛନ୍ତି। ସଂକ୍ରମଣ ହାର ୧୪.୪୯%ରୁ ୧୪.୯୬%କୁ ବୃଦ୍ଧି ପାଇଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ବୟସର ୯୮୨ଜଣ ରହିଛନ୍ତି। ତେବେ ଖୋର୍ଦ୍ଧା ଜିଲାରୁ ୧୦,୧୧୬ ନମୁନା ପରୀକ୍ଷା କରାଯାଇଥିବାବେଳେ ସର୍ବାଧିକ ୨,୯୩୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ହାର ୨୯% ରହିଛି। ସୁନ୍ଦରଗଡ଼ରେ ୩,୬୭୮ ନମୁନାରୁ ୧,୪୪୭ଜଣ ପଜିଟିଭ୍ ବାହାରିଛନ୍ତି ଓ ସଂକ୍ରମଣ ହାର ସର୍ବାଧିକ ୩୯.୩% ରହିଛି। ସେହିଭଳି କଟକରୁ ୭୮୬, ବାଲେଶ୍ୱର ୪୩୩, ସମ୍ବଲପୁର ୩୮୭, ମୟୂରଭଞ୍ଜ ୩୮୩, ରାୟଗଡ଼ା ୨୫୩, ବଲାଙ୍ଗୀର ୨୩୮, ଝାରସୁଗୁଡ଼ା ୨୨୫, ☞ପୃଷ୍ଠା-୪

## ବିର୍‌ଜୁ ମହାରାଜଙ୍କ ପରଲୋକ


ନୂଆଦିଲ୍ଲୀ, ୧୭।୧

ଭାରତୀୟ ଶାସ୍ତ୍ରୀୟ ନୃତ୍ୟ କଥକକୁ ଶିଖରରେ ପହଞ୍ଚାଇଥିବା ତଥା ପିଢ଼ି ପରେ ପିଢ଼ିକୁ ତାଙ୍କ କଳାରେ ସମ୍ମୋହିତ କରି ରଖିଥିବା କିମ୍ବଦନ୍ତୀ କଥକ ନୃତ୍ୟଶିଳ୍ପୀ ପଣ୍ଡିତ ବିର୍‌ଜୁ ମହାରାଜ ଆଉ ଆମ ଗହଣରେ ନାହାନ୍ତି। ରବିବାର ବିଳମ୍ବିତ ରାତିରେ ଦିଲ୍ଲୀସ୍ଥିତ ତାଙ୍କ ବାସଭବନରେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୮୩ ବର୍ଷ ହୋଇଥିଲା। ଆସନ୍ତା ଫେବୃୟାରୀ ୪ରେ ସେ ୮୪ ବର୍ଷରେ ପଦାର୍ପଣ କରିଥାନ୍ତେ। ଲୋକଙ୍କ ଗହଣରେ ମହାରାଜ-ଜୀ ଭାବେ ପରିଚିତ ଥିବା ଏହି କଥକ ସମ୍ରାଟ ପରିବାର ସହ ଅନ୍ତାକ୍ଷରୀ ଖେଳୁଥିବାବେଳେ ହଠାତ୍ ଅଚେତ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ଦିଲ୍ଲୀର ସାକେତ ହସ୍ପିଟାଲକୁ ନିଆଯାଇଥିଲେ ହେଁ ଡାକ୍ତର ସେଠାରେ ମୃତ ଘୋଷଣା କରିଥିବା ତାଙ୍କ ନାତୁଣୀ ରାଗିଣୀ ମହାରାଜ ସୂଚନା ଦେଇଛନ୍ତି। ପୂର୍ବରୁ ସେ କିଡ୍‌ନୀ ରୋଗରେ ☞ପୃଷ୍ଠା-୪



ବିର୍‌ଜୁ ମହାରାଜ

## ୪୪ ହଜାର ଟଙ୍କାରେ ସରପଞ୍ଚ ଚୟନ !




## ଫୁସ୍‌ଫୁସ୍‌ରେ ପହଞ୍ଚିଲା ବେଳକୁ ଓମିକ୍ରନ୍ ଦୁର୍ବଳ

### ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତଙ୍କ ପାଇଁ କ୍ଷତି ପହଞ୍ଚାଇବ

ଭୁବନେଶ୍ୱର, ୧୭।୧(ବ୍ୟୁରୋ)

କରୋନାର ନୂଆ ଭାରିଆଣ୍ଟ ଓମିକ୍ରନ ଅଧିକ ସଂକ୍ରାମକ। କିନ୍ତୁ ଫୁସ୍‌ଫୁସ୍‌ରେ ପହଞ୍ଚିଲା ବେଳକୁ ଏହି ଭୂତାଣୁ ଦୁର୍ବଳ ହୋଇଯାଉଛି। ଫଳରେ ଏହା ସାଧାରଣ ମଣିଷର କିଛି କ୍ଷତି କରିପାରୁନି। କିନ୍ତୁ ଯିଏ ଦୁରାରୋଗ୍ୟ ବ୍ୟାଧିରେ ପୀଡ଼ିତ, ସେମାନଙ୍କୁ ଓମିକ୍ରନ୍ କ୍ଷତି ଘଟାଇବ। ତେଣୁ ଏଥିପାଇଁ ଆମକୁ ସତର୍କ ରହିବା ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞ ଡା. କ୍ଷୀରୋଦ ରାଉତ ପରାମର୍ଶ ଦେଇଛନ୍ତି। ସୋମବାର ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ନଗଦକୁ ଫେର

## ଓଏଚ୍‌ଆର୍‌ସି କାର୍ଯ୍ୟାଳୟ ୯ଦିନ ଶଟ୍‌ଡାଉନ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟର ବହୁ ଅଧିକାରୀ ଓ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସଂକ୍ରମଣ ଏଡ଼ାଇବା ପାଇଁ କାର୍ଯ୍ୟାଳୟକୁ ୯ଦିନ ଶଟ୍‌ଡାଉନ୍ ଘୋଷଣା କରାଯାଇଛି। ୧୭ ତାରିଖରୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟାଳୟ ବନ୍ଦ ରହିବ। ଏହି ସମୟ ମଧ୍ୟରେ ଅଭିଯୋଗକାରୀଙ୍କୁ (ohrc@gmail.com)କୁ ମେଲରେ ଅଭିଯୋଗପତ୍ର ପଠାଇବାକୁ ପରାମର୍ଶ ଦିଆଯାଇଛି। ଅନୁମତିକ୍ରମେ ଅତି ଜରୁରୀ ଅଭିଯୋଗର ଭର୍ଚ୍ଚୁଆଲ ଶୁଣାଣି ହେବ। ଏଥିପାଇଁ ୯୪୩୭୦୯୯୨୩୬କୁ ଯୋଗାଯୋଗ କରିବାକୁ କମିଶନଙ୍କ ପକ୍ଷରୁ ସୂଚନା ଦିଆଯାଇଛି।




# ସହାୟତା ରାଶି ଫେରାଇଲେ ଅଭିଷେକଙ୍କ ସ୍ତ୍ରୀ

ଭଦ୍ରକ ଅଫିସ, ୧୭।୧

ଜୀବନ ତ ବଞ୍ଚାଇ ହେଲାନି। ଆଉ ଚିକିତ୍ସା ପାଇଁ ମିଳିଥିବା ସହାୟତା ରାଶିକ'ଣ ହେବ। ଏହି ଟଙ୍କା ହୁଏତ ଆଉ କାହା ଜୀବନ ବଞ୍ଚାଇବାରେ ସାହାଯ୍ୟ କରିବ। ଏହି ଲକ୍ଷ୍ୟରେ କରୋନାରେ ପ୍ରାଣ ହରାଇଥିବା ଭଦ୍ରକ ଜିଲା ବାସୁଦେବପୁର ଅଞ୍ଚଳର ଅଭିଷେକ ମହାପାତ୍ରଙ୍କ ପରିବାର ପାଇଥିବା ସହାୟତା ରାଶିକୁ ସୋମବାର ଫେରାଇ ଦେଇଛନ୍ତି। ମୃତ ଅଭିଷେକଙ୍କ ସ୍ତ୍ରୀ ମୌସୁମୀ ମହାପାତ୍ର, ତାଙ୍କ ବାପା ଚିତ୍ତରଞ୍ଜନ ମହାନ୍ତି ଏବଂ ସମ୍ପର୍କୀୟ ଜିଲାପାଳ ତ୍ରିଲୋଚନ ମାଝିଙ୍କ ପାଖକୁ ଆସି ୪୦ ଲକ୍ଷ ଟଙ୍କାର ଡ୍ରାଫ୍ଟ ପ୍ରଦାନ କରିଛନ୍ତି। ସେଥିମଧ୍ୟରୁ ୩୦ଲକ୍ଷ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିକୁ ଏବଂ ୧୦ ଲକ୍ଷ ଜିଲା ରେଡ୍‌କ୍ରସ ପାଣ୍ଠିକୁ ପ୍ରଦାନ କରାଯାଇଛି।



ଜିଲାପାଳ ତ୍ରିଲୋଚନ ମାଝିଙ୍କୁ ଡ୍ରାଫ୍ଟ ପ୍ରଦାନ କରାଯାଉଛି।

ସୂଚନାଯୋଗ୍ୟ, ବାସୁଦେବପୁର ବ୍ଲକ ମନ୍ଦାରୀ ଅଞ୍ଚଳର ଅଭିଷେକ ଗତବର୍ଷ ମେ'ରେ ବିବାହ କରିଥିଲେ। ହେଲେ ବିବାହର ମାତ୍ର ୮ ଦିନ ପରେ ସେ କରୋନାରେ ଆକ୍ରାନ୍ତ ହୋଇ ଗୁରୁତର ହୋଇପଡ଼ିଥିଲେ। ତାଙ୍କର ଏକ୍‌ମୋ ଚିକିତ୍ସା ପାଇଁ ଅଧିକ ଅର୍ଥ ଆବଶ୍ୟକ ଥିଲା। ସ୍ତ୍ରୀ ମୌସୁମୀ ଓ ପରିବାର ଲୋକେ ବିଭିନ୍ନ ଗଣମାଧ୍ୟମ ଜରିଆରେ ସହାୟତା ପାଇଁ ନିବେଦନ କରିଥିଲେ। ଓଡ଼ିଶା ସମେତ ବିଭିନ୍ନ ସ୍ଥାନରୁ ବହୁ ବଦାନ୍ୟ ବ୍ୟକ୍ତି ଆର୍ଥିକ ସହାୟତାର ହାତ ବଢ଼ାଇଥିଲେ। ଅଭିଷେକଙ୍କୁ ଏକ୍‌ମୋ ଚିକିତ୍ସା ପାଇଁ ଭୁବନେଶ୍ୱରରୁ କୋଲକାତାକୁ ଏୟାରଲିଫ୍ଟ କରାଯାଇଥିଲା। କିନ୍ତୁ ଡାକ୍ତରଙ୍କ ଶତଚେଷ୍ଟା ସତ୍ତ୍ୱେ ଚିକିତ୍ସାଧୀନ ଅବସ୍ଥାରେ ଗତ ସେପ୍ଟେମ୍ବର ୩ରେ ଅଭିଷେକଙ୍କ ମୃତ୍ୟୁ ଘଟିଥିଲା। ସ୍ୱାମୀଙ୍କୁ ହରାଇବା ପରେ ଯାହା କିଛି ଅର୍ଥ ନିଜ ପାଖରେ ଥିଲା ତାହାକୁ ମୌସୁମୀ ଜିଲାପାଳଙ୍କ ଜରିଆରେ ସମାଜର କଲ୍ୟାଣ ପାଇଁ ପ୍ରଦାନ କରିଛନ୍ତି। ଏହି ଟଙ୍କା ଅନ୍ୟମାନଙ୍କ ଚିକିତ୍ସାରେ ସହାୟକ ହୋଇପାରିବ ବୋଲି ମୌସୁମୀ କହିଛନ୍ତି।

ସୌନ୍ଦର୍ଯ୍ୟ

# ସୁନ୍ଦରତା ବଢ଼ାଇବ କମଳା





➔କମଳା ଚୋପାକୁ କ୍ଲିଜର ଭଳି ବ୍ୟବହାର କରିହେବ। ଏଥିପାଇଁ ଏକ ଚାମଚ କମଳା ରସରେ ଏକ ଚାମଚ ମହୁ ମିଶାଇ ମୁହଁରେ ଲଗାଇ ୧୫ ମିନିଟ୍ ଛାଡି ଦିଅନ୍ତୁ। ଏହାପରେ ମୁହଁକୁ ଧୋଇ ଦିଅନ୍ତୁ। ଏପରି କରିବା ଫଳରେ ତ୍ୱଚାରେ ଥିବା ସମସ୍ତ ମଇଳା ସଫା ହୋଇ ଉଜ୍ଜ୍ୱଳତା ବୃଦ୍ଧି ପାଇଥାଏ।

➔କମଳା ରସକୁ ସ୍କ୍ରବ ଭଳି ମଧ ବ୍ୟବହାର କରାଯାଇ ପାରିବ। ଏଥିପାଇଁ ଏକ ବଡ଼ ଚାମଚ କମଳା ରସ ସହିତ ଏକ ଛୋଟ ଚାମଚ ଚିନି ଓ ଏକ ଛୋଟ ଚାମଚ ନଡ଼ିଆ ତେଲ ମିଶାଇ ଏକ ପେଷ୍ଟ ତିଆରି କରନ୍ତୁ। ଏହାପରେ ମୁହଁରେ ଗୋଲାପ ଜଳ ଲଗାଇ ତା’ ପରେ ଏହି ପେଷ୍ଟକୁ ଲଗାଇ ଗୋଲାକାରଭାବେ ମୁହଁରେ ୫ ରୁ ୧୦ ମିନିଟ୍ ପାଇଁ ମସାଜ୍ କରନ୍ତୁ। ଶେଷରେ ମୁହଁ ଧୋଇ ଦିଅନ୍ତୁ।

➔ସ୍କ୍ରବ କରିବା ପରେ କମଳା ରସକୁ ଘରୋଇଭାବେ କ୍ରିମ୍ ଭଳି ବ୍ୟବହାର କରିହେବ। ଏଥିପାଇଁ ଏକ ଚାମଚ କମଳା ରସରେ ଏକ ଚାମଚ ଆଲୋବେରା ଜେଲ୍‌କୁ ମିଶାନ୍ତୁ। ଏହି ମିଶ୍ରଣକୁ ମୁହଁରେ ଲଗାଇ ଦୁଇ ମିନିଟ୍ ମସାଜ୍ କରନ୍ତୁ। ଏହା କ୍ରିମ୍ ଭଳି କାମ ଦେବ ଏବଂ ମୁହଁର ଉଜ୍ଜ୍ୱଳତା ବୃଦ୍ଧି କରିବ।

➔ଏକ ଚାମଚ କମଳା ଚୋପାର ଗୁଣ୍ଡରେ ଦୁଇ ଚାମଚ ଦହି କିମ୍ବା ଟମାଟୋ ରସ ମିଶାଇ ଭଲଭାବେ ପେଷ୍ଟ ତିଆରି କରି ୧୫ ମିନିଟ୍ ପର୍ଯ୍ୟନ୍ତ ମୁହଁରେ ଲଗାନ୍ତୁ। ଏହାପରେ ଧୋଇ ଦିଅନ୍ତୁ। ସପ୍ତାହକୁ ଦୁଇ ତିନି ଥର ଏପରି କଲେ ତ୍ୱଚା ମୁଲାୟମ ହେବା ସହିତ ଉଜ୍ଜ୍ୱଳ ହୋଇଥାଏ।

➔ଏକ ଚାମଚ କମଳା ଚୋପାର ଗୁଣ୍ଡ ସହିତ ଏକ ଚାମଚ ନିମ୍ବ ପାଉଡର ଓ ଗୋଲାପ ଜଳ ମିଶାଇ ପେଷ୍ଟ ତିଆରି କରନ୍ତୁ। ଏହି ପେଷ୍ଟକୁ ମୁହଁରେ ଲଗାଇ ଶୁଖିବା ପରେ ଧୋଇ ଦିଅନ୍ତୁ। ଲଗାତର ଏପରି କରିବା ଫଳରେ ମୁହଁରେ ବ୍ରଣ ସମସ୍ୟା ରହିବ ନାହିଁ।

➔ଏକ ଚାମଚ କମଳା ଚୋପାର ଗୁଣ୍ଡରେ ଲେମ୍ବୁ ରସ ଓ ବେସନ ମିଶାଇ ମୁହଁରେ ଲଗାନ୍ତୁ। ୧୦ ମିନିଟ୍ ପରେ ଧୋଇ ଦିଅନ୍ତୁ। ଏପରି କରିବା ଫଳରେ ମୁହଁରେ ଥିବା ଦାଗ ଦୂର ହୋଇଯିବ।

ଶୀତଦିନେ ତ୍ୱଚାରେ ବିଭିନ୍ନ ସମସ୍ୟା ଦେଖାଯାଇଥାଏ। ଏସବୁ ସମସ୍ୟାକୁ ଦୂରେଇ ଉଜ୍ଜ୍ୱଳତା ବୃଦ୍ଧି ପାଇଁ କମଳାକୁ ବିଭିନ୍ନଭାବେ ବ୍ୟବହାର କରାଯାଇପାରିବ...

# ଗୃହିଣୀ ଓ ଇମ୍ୟୁନ୍ ବୁଷ୍ଟର




କରୋନା ଆସିବା ପରଠାରୁ ଇମ୍ୟୁନିଟି ବଢାଇବା ପାଇଁ ପ୍ରୟାସ ଚଳାଇଛନ୍ତି ସମସ୍ତେ। ଡାକ୍ତର ଓ ବିଶେଷଜ୍ଞମାନେ ବି ସ୍ୱୀକାର କରୁଥିବା ଏମିତି ଏକ ଉଦ୍ୟମକୁ କାହିଁ କେଉଁ କାଳରୁ ନିଜ ଜୀବନଚଳଣିରେ ସାମିଲ କରି ଆସିଛନ୍ତି ଗୃହିଣୀମାନେ। ଘର ବଇଦ ଭଳି ପରିବାରକୁ ସୁରକ୍ଷା ଦେବା ପାଇଁ ସେମାନେ ସବୁବେଳେ ସଚେତନ। ଏବେ ପୁଣି ଥରେ କରୋନାର ତୃତୀୟ ଲହରରୁ ନିଜକୁ ଦୂରେଇ ରଖିବା ପାଇଁ ଆପଣାଉଛନ୍ତି ବିଭିନ୍ନ ହୋମ୍ ଇମ୍ୟୁନ ବୁଷ୍ଟର...

କରୋନାର ତୃତୀୟ ଲହର ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସମସ୍ତେ ସଚେତନ ହେବା ଉପରେ ଅଧିକ ଜୋର ଦିଆଯାଉଛି। ବିଶେଷକରି ସମସ୍ତେ ନିଜ ନିଜ ଇମ୍ୟୁନିଟି ବୃଦ୍ଧି କରିବା ଉପରେ ଯଥାସମ୍ଭବ ସମସ୍ତ ପଦକ୍ଷେପ ନେଉଛନ୍ତି। ଏ ଦୃଷ୍ଟିରୁ ନିଜ ପରିବାରକୁ ସୁରକ୍ଷା ଦେବା ପାଇଁ ଗୃହିଣୀମାନେ ହିଁ ବେଶି ସଚେତନ। କେଉଁ ସମୟରେ କ’ଣ ଖାଇବାକୁ ହେବ, କେତେବେଳେ ବାହାରେ ଚାଲିବାକୁ ଯିବାକୁ ପଡ଼ିବ ଏମିତି ସବୁ ଦିଗପ୍ରତି ସଜାଗ ରହୁଛନ୍ତି ସେମାନେ।


**ଘରୋଇ କାଢ଼ା:** ଥଣ୍ଡା, ଜ୍ୱର, କାଶ କିମ୍ବା ପେଟ ଖରାପ ଭଳି ବିଭିନ୍ନ ସମସ୍ୟାକୁ ଗୃହିଣୀମାନେ ରୋଷେଇ ଘରେ ଥିବା ବିଭିନ୍ନ ସାମଗ୍ରୀ ବ୍ୟବହାର କରି ବେଶ୍ ସହଜରେ ଦୂରେଇ ଦେଉଥିଲେ। କେତେବେଳେ ତୁଳସୀ ପତ୍ର ସାଙ୍ଗରେ ମହୁ ତ କେବେ ଘିଅରେ ଭଜା ହୋଇଥିବା ଅଦା ଆଉ କେବେ ଗୋଲମରିଚ, ମିଶ୍ରି, ତେଜପତ୍ର, ଆଦି ବିଭିନ୍ନ ସାମଗ୍ରୀରୁ ପ୍ରସ୍ତୁତ ହେଉଥିଲା କାଢ଼ା। ଏସବୁ ଘରୋଇ ଔଷଧ ବ୍ୟବହାର କରି ଗୃହିଣୀମାନେ ବେଶ୍ ସହଜରେ ସେମାନଙ୍କ ପିଲାମାନଙ୍କୁ ସୁସ୍ଥ କରି ପାରୁଥିଲେ। ହେଲେ ଏସବୁର ବ୍ୟବହାର ଫଳରେ ରୋଗ ତ ଭଲ ହେଉଥିଲା ତା ସହ ଇମ୍ୟୁନିଟି ବି ମଜଭୁତ ହୋଇଥାଏ।

ରୋଷେଇ ଘରେ ଥିବା ବିଭିନ୍ନ ସାମଗ୍ରୀ ବ୍ୟବହାର କରି କାହା ସହିତ କ’ଣ ମିଶାଇ ଖାଇବାକୁ କିମ୍ବା ପିଇବାକୁ ହେବ ସେସବୁକୁ ବେଶ୍ ସହଜରେ ମନେ ରଖିଥାନ୍ତି ଗୃହିଣୀମାନେ। ଆଉ ସେମାନଙ୍କର ଏସବୁ ପ୍ରାରମ୍ଭିକ ପ୍ରୟାସରେ ରୋଗ ନିୟନ୍ତ୍ରଣ ନ ହେଲେ ସେମାନେ ଡାକ୍ତରଙ୍କ ପରାମର୍ଶ ନେଇଥାନ୍ତି। ଠିକ୍ ଏଇ କଥା ଏବେ ଡାକ୍ତରମାନେ ବି କହିବା ଆରମ୍ଭ କଲେଣି।

**ଯୋଗ ବ୍ୟାୟାମ:** ଇମ୍ୟୁନିଟି ବଢ଼ାଇବା ପାଇଁ ଯୋଗ ଓ ବ୍ୟାୟାମ ବେଶ୍ ଫଳପ୍ରଦ। ଏଥିପାଇଁ ମଧ୍ୟ ଗୃହିଣୀମାନେ ବେଶ୍ ସଚେତନ। ପିଲାମାନଙ୍କ ସହିତ ଘରର ଅନ୍ୟମାନଙ୍କ ପାଇଁ ସେଭଳି କିଛି କିଛି କାମ ମାଧ୍ୟମରେ ଛୋଟ ମୋଟ ବ୍ୟାୟାମ କରାଇ ନେଇଥାନ୍ତି। ପିଲାଙ୍କଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ନିଜ ନିଜ ସାମର୍ଥ୍ୟ ଅନୁସାରେ ଛୋଟ ମୋଟ କାମ ହିଁ ସେମାନଙ୍କୁ ବ୍ୟାୟାମର ଉପକାରିତା ପ୍ରଦାନ କରିଥାଏ।

**ଆହାର ବିହାର:** ଠିକ୍ ସମୟରେ ଖିଆପିଆ କରିବା ସହିତ ସମସ୍ତ ନିତ୍ୟକର୍ମ କରିବା ମଧ ଏକ ପ୍ରକାରର ଯୋଗ। ତେଣୁ ପିଲାଙ୍କ ସହିତ ଘରର ଅନ୍ୟମାନେ ଯେପରି ଠିକ୍ ସମୟରେ ସ୍ନାନ କରିବେ ଏବଂ ସ୍ନାନ ପରେ ଠିକ୍ ସମୟରେ ଖାଇବେ ସେଥିପ୍ରତି ଦୃଷ୍ଟି ଦେଇଥାନ୍ତି ଗୃହିଣୀ। ପିଲାଙ୍କ ପ୍ରତି ଛୋଟବେଳରୁ ସେମାନଙ୍କର ଏହି ପ୍ରୟାସ ଇମ୍ୟୁନିଟି ବୁଷ୍ଟର ଭଳି କାମ କରିଥାଏ। ଏଥିପାଇଁ ଘରେ ତିଆରି ହୋଇଥାଏ ନିର୍ଦ୍ଦିଷ୍ଟ ଆଇନକାନୁନ। ସେହି ଅନୁସାରେ ପ୍ରତିଦିନ ଏକ ନିର୍ଦ୍ଦିଷ୍ଟ ସମୟ ପରେ କାହାକୁ ବି ଶୋଇବାର ଅନୁମତି ଦେଇ ନ ଥାନ୍ତି ଗୃହିଣୀ। ସେହିପରି ପ୍ରତ୍ୟେକ ଚାଲିଚଳଣିକୁ ପରମ୍ପରା ସହିତ ଯୋଡି ସେମାନେ ସମସ୍ତଙ୍କୁ ସୁସ୍ଥ ରଖିବାରେ ସହାୟକ ହୋଇଥାନ୍ତି। ଗୃହିଣୀମାନଙ୍କର ଏସବୁ ପରମ୍ପରା ସହ ଏବେ ବିଜ୍ଞାନ ମଧ ଏକମତ ହୋଇପାରିଛି। ଏଇ ଯେମିତି ଛିଡ଼ାହୋଇ ପାଣି ନ ପିଇବା, ରାତିରେ ଦହି କିମ୍ବା ଶାଗ ନ ଖାଇବା ଆଦି ଏମିତି କେତେକଣ କଟକଣା ରଖାଯାଇଥିଲା। ବିଜ୍ଞାନ ମଧ ଏସବୁ ଅଭ୍ୟାସକୁ ଠିକ୍ ବୋଲି ପ୍ରମାଣ କରି ସାରିଛି। ତେଣୁ ଏସବୁ କଟକଣାକୁ ନ ମାନିଲେ ଅନେକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହେବାର ଯଥେଷ୍ଟ ସମ୍ଭାବନା ରହିଥାଏ।





## କ’ଣ କରନ୍ତି ଏମାନେ...



ମଧୁସ୍ମିତା



ସଂଯୁକ୍ତା



ସୁଧାଞ୍ଜଳି



ଅଂଶୁପା

### ସବୁଦିନ କାଢ଼ା ଦେଉଛି

ମୋ ପିଲାଙ୍କ ଇମ୍ୟୁନିଟି ବଢ଼ାଇବା ପାଇଁ ମୁଁ ପ୍ରତିଦିନ ସେମାନଙ୍କୁ ଗାଧୋଇବା ପରେ ତୁଳସୀ ପତ୍ର ସହିତ ମହୁ ମିଶାଇ ଖାଇବାକୁ ଦିଏ। ଆଉ ଖାଇବା ସମୟରେ ପ୍ରାୟ ସବୁଦିନେ କଞ୍ଚା ରସୁଣ ଖାଇବାକୁ ଦିଏ। ଏବେ କରୋନା ଆସିବା ଦିନରୁ ପ୍ରାୟ ସବୁଦିନେ କାଢ଼ା ତିଆରି କରି ଦେଉଛି। କାଢ଼ା ତିଆରି କରିବା ପାଇଁ ଡାଲଚିନି, ଅଳେଇଚ, ଲବଙ୍ଗ, ଗୋଲମରିଚ, ପାନମହୁରି ଆଦି ମିଶାଇ ଏକ ସ୍ୱତନ୍ତ୍ର ମିଶ୍ରଣ ତିଆରି କରି ଦେଇଛି। ଏହି ମିଶ୍ରଣ ସହିତ କେବଳ ତେଜପତ୍ର ଓ ଅଦା ପକାଇ ଫୁଟାଇ ସହଜରେ କାଢ଼ା ତିଆରି କରି ଦେଉଛି।

*–ମଧୁସ୍ମିତା ମିଶ୍ର*
*ନାଲକୋ ନଗର, ଅନୁଗୁଳ*

### ସବୁଦିନ ତୁଳସୀ

ପିଲାଙ୍କ ଇମ୍ୟୁନିଟି ବଢ଼ାଇବା ପାଇଁ ମୁଁ ଋତୁ ଅନୁସାରେ ଚିକିତ୍ସା କରେ। ଏବେ ଥଣ୍ଡା ଦିନ ହୋଇଥିବାରୁ ସବୁଦିନ ସମସ୍ତଙ୍କୁ ତୁଳସୀ ପତ୍ର ଖାଇବାକୁ ଦେଉଛି। ମୁଁ ଜଏଣ୍ଟ ଫାମିଲିରେ ରହୁଥିବାରୁ ପୁତୁରା, ଝିଆରି ଆଦି ସବୁ ପିଲାଙ୍କୁ କାଢା ତିଆରି କରି ସନ୍ଧ୍ୟା ସମୟରେ ପିଇବାକୁ ଦେଉଛି। ବଡ଼ମାନଙ୍କ ପାଇଁ ଚା’ ତିଆରି ସମୟରେ ସେଥିରେ କିଛି ଅଦା, ଗୋଲମରିଚ ଓ ତୁଳସୀ ପତ୍ର ପକାଇ ଦେଉଛି। ଏଥିପାଇଁ ତ ମୁଁ ଘର ଚାରିପଟରେ ବହୁତ ତୁଳସୀ ଗଛ ଅଧିକ ଲଗାଇଛି। କାଢା ପାଇଁ ତୁଳସୀ ମିଳିବା ସହିତ ଘର ପରିବେଶ ବି ଭଲ ରହୁଛି।

*–ସୁଧାଞ୍ଜଳି ନାୟକ*
*କିସମତ୍ କୃଷ୍ଣପୁର, ବାସୁଦେବପୁର, ଭଦ୍ରକ*

### କ୍ଷୀରରେ ହଳଦୀ ଖାଉଛୁ

ଥଣ୍ଡା ଦିନେ ଏବେ ଇମ୍ୟୁନିଟି ବଢ଼ାଇବା ପାଇଁ ମୋର ବେଶି ଦରକାର ହେଉଛି ତୁଳସୀ। ପିଲାଙ୍କୁ ସିଧାସଳଖ ତୁଳସୀ ପତ୍ର ଦେଉଛି। ଆଉ ତା’ ସହିତ ରାତିରେ ସମସ୍ତଙ୍କୁ ଉଷୁମ କ୍ଷୀର ସହିତ ହଳଦୀ ମିଶାଇ ପିଇବାକୁ ଦେଉଛି। ବେଳେବେଳେ କଞ୍ଚା ହଳଦୀ ସକାଳୁ ବି ଖାଉଚୁ। ସମସ୍ତେ ଉଷୁମ ପାଣିରେ ଗାର୍ଗଲିଂ କରୁଛୁ।

*–ସଂଯୁକ୍ତା ଦାସ*
*ନୟାପଲ୍ଲୀ ବ୍ରିଟ୍ କଲୋନୀ, ଭୁବନେଶ୍ୱର*

### କାଢ଼ା ସାଙ୍ଗକୁ ସୂର୍ଯ୍ୟକିରଣ

ଇମ୍ୟୁନିଟି ବଢ଼ାଇବାକୁ ଘରେ ସମସ୍ତଙ୍କୁ ଏବେ ସକାଳୁ ଚ୍ୟବନପ୍ରାସ ଖାଇବାକୁ ଦେଉଛି। ତା’ ଛଡ଼ା ସନ୍ଧ୍ୟା ସମୟରେ କାଢ଼ା ବି ତିଆରି କରୁଛି। କରୋନାରୁ ରକ୍ଷା ପାଇବା ପାଇଁ ଘରୋଇ ଔଷଧଭାବେ କାଢ଼ା ପିଇବା ସହିତ ଷ୍ଟିମ୍ ନେଉଛୁ। ଆଉ ପ୍ରତିଦିନ ମୋ ଝିଅକୁ ଖରାରେ କିଛି ସମୟ ଖେଳିବା ପାଇଁ ଛାଡୁଛି। ଯଦି ଖେଳିବାର ସୁବିଧା ହେଉନି ତେବେ ତାକୁ ସାଇକେଲିଂ କରିବାକୁ କହୁଛି।

*–ଅଂଶୁପା ପୁରୋହିତ*
*ଜେଲ୍ ଲାଇନ୍ ପଡ଼ା, ପାଟଣାଗଡ଼, ବଲାଙ୍ଗୀର*



# କାର୍ପେଟ୍‌ର ଯତ୍ନ

ଘରର ଡିଜାଇନ୍‌କୁ ବେଶ୍ ସୁନ୍ଦର କରିଥାଏ କାର୍ପେଟ। ତେବେ ସବୁଦିନ ଏହାକୁ ସୁନ୍ଦର କରି ରଖିବାକୁ ହେଲେ ଏହାର ଠିକ୍ ଭାବେ ଯତ୍ନ ନେବାକୁ ହେବ...

▶କାର୍ପେଟ ଉପରେ ସମସ୍ତେ ଚାଲିବା ଫଳରେ ସେଥିରେ ବହୁତ ଧୂଳି ଜମି ଯାଇଥାଏ। ତେଣୁ ସପ୍ତାହକୁ ଅତି କମ୍‌ରେ ଦୁଇଥର ଭାକ୍ୟୁମ୍ କ୍ଲିନର ସାହାଯ୍ୟରେ କାର୍ପେଟକୁ ସଫା କରନ୍ତୁ।
▶କାର୍ପେଟରେ କିଛି ତରଳ ପଦାର୍ଥ ଢାଳି ଦାଗ ହୋଇଗଲେ ତୁରନ୍ତ ତାକୁ ସଫା କରନ୍ତୁ। ଦାଗ ହୋଇଥିବା ସ୍ଥାନରେ ସଫା କରିବା ପାଇଁ ଘରେ ଥିବା ଯେକୌଣସି ଫର୍ମୁଲା ବ୍ୟବହାର କରନ୍ତୁ। ଦାଗ ସଫା କରିବା ପରେ ସେହି ସ୍ଥାନରେ କିଛି ପେପର କିମ୍ବା ସଫା କପଡା ରଖି ଦିଅନ୍ତୁ। ଫଳରେ ସଫା ହୋଇଥିବା ସ୍ଥାନ ଶୀଘ୍ର ଶୁଖିଯିବ।
▶କାର୍ପେଟକୁ ସଫା କରିବା ପାଇଁ କ୍ଲବ ସୋଡା ବ୍ୟବହାର କରିପାରିବେ। ଏହାକୁ ବ୍ୟବହାର କଲେ ଅତି ସହଜରେ ଚା, କଫି କିମ୍ବା ଜୁସ୍



ଆଦିର ଦାଗ ଛାଡି ଯାଇଥାଏ। ତେଣୁ କାର୍ପେଟର ଅରିଜିନାଲ୍ ଲୁକ୍ ଆସିଥାଏ।
▶କାର୍ପେଟକୁ ଭାକ୍ୟୁମ୍ କରିବା ପୂର୍ବରୁ ତା’ ଉପରେ କିଛି ବେକିଂ ସୋଡା ପକାଇ ଦିଅନ୍ତୁ। କିଛି ସମୟ ପରେ ଭାକ୍ୟୁମ୍ କ୍ଲିନରରେ ସଫା କଲେ ତାହା ଅଧିକ ସୁନ୍ଦର ଦେଖାଯାଏ।
▶କାର୍ପେଟ ଉପରେ ଜୋତା ପିନ୍ଧି ଚାଲନ୍ତୁ ନାହିଁ। ଏଥିରେ ଲାଗିଥିବା ମଇଳା ଯୋଗୁଁ କାର୍ପେଟ ଶୀଘ୍ର ଖରାପ ହୋଇଥାଏ।
▶କାର୍ପେଟକୁ ବର୍ଷକୁ ଅତି କମ୍‌ରେ ଦୁଇଥର ବାହାରକୁ ଆଣି ଭଲଭାବେ ଧୋଇ ସଫା କରନ୍ତୁ। ଫଳରେ ଏହା ସଫା ଦିଶିବ।
▶କାର୍ପେଟ ସଫା କରିବା ପାଇଁ କାର୍ପେଟ ବ୍ରଶ ବ୍ୟବହାର କରନ୍ତୁ। ଫଳରେ କାର୍ପେଟରେ ଲାଗିଥିବା ଧୂଳି ଠିକ୍ ଭାବେ ବାହାରିପାରିବ।

ଖାଦ୍ୟରୁଚି

# ସୁପ୍



**ଆବଶ୍ୟକ ସାମଗ୍ରୀ**

ଗାଜର– ୧ଟି, ବଟମ୍ ମସରୁମ୍– ୫/୬ଟି, ବନ୍ଧାକୋବି– ଅଧାକପ୍‌ରୁ କମ୍ (କଟା), ଫ୍ରେଞ୍ଚ ବିନ୍ସ– ଅଧାକପ୍, ଛୋଟ ପିଆଜ– ୧ଟି, ରସୁଣ– ୧ ଛୋଟ ଚାମଚ (କଟା), ଅଦା– ୧ ଛୋଟ ଚାମଚ (କଟା), କର୍ନଷ୍ଟାର୍ଚ– ୪/୫ ଚାମଚ, ଗୋଲମରିଚ ଗୁଣ୍ଡ– ଅଧା ଛୋଟ ଚାମଚ, ସୋୟା ଶସ୍– ୩ ଚାମଚ, ରାଇସ୍ ଭିନେଗାର– ୨ ଚାମଚ, ଧନିଆ ପତ୍ର– ୨/୩ ଚାମଚ (କଟା), ତେଲ– ୧ ଚାମଚ, ଆବଶ୍ୟକ ଅନୁସାରେ ପାଣି ଓ ଲୁଣ।

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ କଡ଼େଇରେ ତେଲ ଗରମ କରି ସେଥିରେ କଟା ପିଆଜ, ରସୁଣ ଓ ଅଦା ପକାନ୍ତୁ। କିଛି ସମୟ ଭାଜିବା ପରେ ସେଥିରେ ଫ୍ରେଞ୍ଚ ବିନ୍ସ ପକାନ୍ତୁ। ଏବେ ସେଥିରେ ମସରୁମ୍‌କୁ ଛୋଟ ଛୋଟ କାଟି ପକାନ୍ତୁ। କର୍ନଷ୍ଟାର୍ଚକୁ ଏକ ପାତ୍ରରେ ପାଣିରେ ଗୋଳାଇ ପେଷ୍ଟ କରି ଦିଅନ୍ତୁ। ମସରୁମ୍ ଅଳ୍ପ ଭାଜି ହୋଇଗଲେ ସେଥିରେ ଗାଜର ଓ ପତ୍ରକୋବି ପକାନ୍ତୁ।

ସମସ୍ତ ପରିବାକୁ କଡ଼େଇରେ କିଛି ସମୟ ଭାଜିବା ପରେ ସେଥିରେ ପାଣି ଦେଇ ଲଗାତର ଗୋଳାନ୍ତୁ। ଏବେ ସେଥିରେ ସୋୟା ଶସ୍ ଓ ଲୁଣ ପକାନ୍ତୁ। ମଧ୍ୟମ ଆଞ୍ଚରେ କିଛି ସମୟ ଫୁଟିବା ପରେ ସେଥିରେ କର୍ନଷ୍ଟାର୍ଚ ମିଶାନ୍ତୁ। ଭଲଭାବରେ ଗୋଳାଇ କମ୍ ଆଞ୍ଚରେ ଫୁଟିବା ପାଇଁ ଛାଡି ଦିଅନ୍ତୁ। ସୁପ୍ ସିଝି ଗାଢ଼ ହୋଇଗଲା ପରେ ସେଥିରେ ଗୋଲମରିଚ ଗୁଣ୍ଡ ଓ ଭିନେଗାର ପକାଇ ଗୋଳାଇ ଦିଅନ୍ତୁ। ଏବେ ସେଥିରେ ଧନିଆ ପତ୍ର ପକାଇ ଗରମ ଗରମ ପିଇବାକୁ ଦିଅନ୍ତୁ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୩୨,୯୩,୪୧,୬୭୧ | ୫୫,୫୯,୫୧୧ | ୨୬,୮୦,୨୪,୯୯୬ |
| ଭାରତ | ୩,୭୩,୮୦,୨୫୩ | ୪,୮୬,୪୮୨ | ୩,୫୨,୩୭,୪୬୧ |
| ଓଡ଼ିଶା | ୧୧,୪୪,୪୦୧ | ୮୪୮୪(+୫୩) | ୧୦,୬୬,୦୩୨ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

## ସଂକ୍ଷେପରେ

### ସୁମିତ-ତପସ୍ୱିନୀ ମାମଲା ଶାଶୁ, ଆଈଶାଶୁଙ୍କ ପିଟିଶନ୍ ଖାରଜ

ବ୍ରହ୍ମପୁର ଅଫିସ,୧୭।୧- ସୁମିତ-ତପସ୍ୱିନୀ ମାମଲାରେ ବୋହୂ ତପସ୍ୱିନୀଙ୍କ ବିରୋଧରେ ସୁମିତଙ୍କ ମା' ଓ ଆଈ କରିଥିବା ଆବେଦନକୁ ସୋମବାର ବ୍ରହ୍ମପୁର ଏସ୍‌ଡିଜେଏମ୍ ଖାରଜ କରିଛନ୍ତି। ତପସ୍ୱିନୀ ଘରେ ରହୁଥିବା ବେଳେ ପୁଅ ଓ ସ୍ୱାମୀ ରହୁ ନ ଥିବାରୁ ନିଜର ସୁରକ୍ଷା ପାଇଁ କୋର୍ଟରେ ସୁମିତଙ୍କ ମା' ଓ ଆଈ ଆବେଦନ କରିଥିଲେ, ଯାହାର ଶୁଣାଣି ଖାରଜ ହୋଇଛି। ଅପରପକ୍ଷରେ ତପସ୍ୱିନୀଙ୍କ ତରଫରୁ ଦାଖଲ କରାଯାଇଥିବା ମୂଳ ପିଟିଶନ୍ ଉପରେ ଆସନ୍ତା ୨୭ ତାରିଖ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଥିବା ଆଇନଜୀବୀ ଦୀପକ ପଟ୍ଟନାୟକ ସୂଚନା ଦେଇଛନ୍ତି।

### ବାଘ ଛାଲ ଜବତ: ୫ ଶିକାରୀ ଗିରଫ

ଦେବଗଡ଼,୧୭।୧ (ଡି.ଏନ୍.ଏ.)-ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଆମ୍ବକଟା ଜଙ୍ଗଲ ନିକଟରୁ ଦେବଗଡ଼ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସୋମବାର ଏକ ଚିତାବାଘର ଛାଲ ଜବତ କରିଛି। ଏହା ସହ ୫ ଶିକାରୀଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ବାଘ ଛାଲ ସହ ୨ଟି ଛୁରି ଓ ୫ଟି ମୋବାଇଲ ଫୋନ ମଧ୍ୟ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ଼ ଜିଲା ଲହୁଣୀପଡାର ପତି କିଷାନ, ବଣାଇ ଥାନା ଅଞ୍ଚଳର ମୁସ୍ତାକ ଉଦ୍ଦିନ, ମହୁଲପଦା ଥାନା ଜଗତି ଗ୍ରାମର ନିରଞ୍ଜନ ନାଏକ ଓ ଶୁକ୍ର କୋଲ୍‌ହ, ଦେବଗଡ଼ ଥାନା ସିରିଗିଡା ଗ୍ରାମର ଧୀରେନ ନାଏକ। ୧୨ଲକ୍ଷ ଟଙ୍କାରେ ବାଘଛାଲ ବିକ୍ରି ହେଉଥିବା ସମ୍ପର୍କରେ ସୂଚନା ପାଇ ଏସ୍‌ଡିପିଓ ପ୍ରତ୍ୟୁଷ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସ୍ପେଶାଲ ସ୍କ୍ୱାଡ୍ ଓ ବାରକୋଟ ପୋଲିସ ଗ୍ରାହକ ବେଶରେ ଯାଇଥିଲେ। ବାଘ ଛାଲ କିଣିବାକୁ ମୂଲଚାଲ କରି ବିକ୍ରି କରିବାକୁ ଆସିଥିବା ଶିକାରୀଙ୍କୁ କାବୁ କରିଥିଲେ। ସୁନ୍ଦରଗଡ଼ ଜିଲା ବଣାଇ ବନଖଣ୍ଡ ଅଞ୍ଚଳରୁ ୬ଦିନ ପୂର୍ବେ ବାଘ ଶିକାର କରାଯାଇ ଛାଲକୁ ବିକ୍ରି ଲାଗି ଦେବଗଡ଼ ଅଣାଯାଇଥିଲା ବୋଲି ଏକ ଖବରଦାତା ସମ୍ମିଳନୀରେ ଏସ୍‌ପି ରାଜକିଶୋର ପାଇକରାୟ ସୂଚନା ଦେଇଛନ୍ତି।

# ଜମି ଅଧିଗ୍ରହଣ କାର୍ଯ୍ୟ ତ୍ୱରାନ୍ୱିତ ନିର୍ଦ୍ଦେଶ

**୧୦ ଜିଲାର ଅତିରିକ୍ତ ଜିଲାପାଳଙ୍କୁ ନେଇ ବସିଲା ସମୀକ୍ଷା ବୈଠକ**

- ୨୫ ସୁଦ୍ଧା ସ୍କୁଲ, କଲେଜର ଜମିଜମା ସମସ୍ୟାର ସମାଧାନ
- ମାର୍ଚ୍ଚ ୫ ମଧ୍ୟରେ ସବୁ ଅନୁଷ୍ଠାନକୁ ଜମିପଟ୍ଟା ହସ୍ତାନ୍ତର ନିର୍ଦ୍ଦେଶ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ସୋମବାର କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନ ଅଧୀନ ୧୦ ଜିଲାର ଅତିରିକ୍ତ ଜିଲାପାଳଙ୍କ ସହ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଭିଡିଓ କନ୍‌ଫରେନ୍ସରେ ଅନୁଷ୍ଠିତ ଏହି ବୈଠକରେ ବିଭାଗର ବରିଷ୍ଠ ଅଧିକାରୀ, କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର, ଆଇଜିଆର୍, ଓଡ଼ିଶା ଓ ଭୂ-ସର୍ବେକ୍ଷଣ ସଂସ୍ଥାର ନିର୍ଦ୍ଦେଶକ ଏବଂ ଅନ୍ୟାନ୍ୟ ଅଧିକାରୀ ଯୋଗଦାନ କରିଥିଲେ । ରାଜ୍ୟରେ ବିଭିନ୍ନ ପ୍ରକାର ଉନ୍ନତିମୂଳକ ତଥା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକ ନିମନ୍ତେ ଜମି ଅଧିଗ୍ରହଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲାଗି ନିଷ୍ପତ୍ତି ହୋଇଛି।

ରେଳ, ଜାତୀୟ ରାଜପଥ ଓ ଜଳସେଚନ ଇତ୍ୟାଦି ପାଇଁ ଜମି ହସ୍ତାନ୍ତର କାର୍ଯ୍ୟଗୁଡ଼ିକୁ ଅଗ୍ରାଧିକାର ଭିତ୍ତିରେ ସମାପନ କରିବାକୁ ଅତିରିକ୍ତ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଓଡ଼ିଶା ଲୋକସେବା ଅଧିକାର ଅଧିନିୟମ ଅନୁଯାୟୀ ସମସ୍ତ ଜନସେବାକୁ ଉଦ୍ଦିଷ୍ଟ ସମୟସୀମା ଭିତରେ ଫଇସଲା କରିବା, ବେ-ବନ୍ଦୋବସ୍ତ ଜମିଜମାଗୁଡ଼ିକର ଫଇସଲା ଓ ସମାଧାନ କରିବାକୁ ଗୁରୁତ୍ୱାରୋପ କରିଥିଲେ । ଲଘୁ ଖଣିଜ ପଦାର୍ଥ ଉତ୍ସଗୁଡ଼ିକରୁ ନିୟମିତ ରାଜସ୍ୱ ଆଦାୟ, ବେଆଇନ ଉଠାଣ ଓ ଚୋରି ରୋକିବା ସହିତ ବୈଷୟିକ ଜ୍ଞାନର ଉପଯୋଗ କରି ଲଘୁ ଖଣିଜ ଉତ୍ସଗୁଡ଼ିକର ସ୍ଥାୟୀ ପରିଚାଳନା ସୁନିଶ୍ଚିତ କରିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ଆସନ୍ତା ୨୫ ତାରିଖ ସୁଦ୍ଧା ଅତିରିକ୍ତ ଜିଲାପାଳମାନେ ଜିଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ ଓ ତହସିଲଦାରମାନଙ୍କ ସହ ସମୀକ୍ଷା ବୈଠକ କରି ସ୍କୁଲ ଓ କଲେଜଗୁଡ଼ିକରେ ଥିବା ଜମିଜମା ସମସ୍ୟା ସମାଧାନ କରିବେ। ଏନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗକୁ ମଧ୍ୟ ଜଣାଇବେ। ଏହିସବୁ କାର୍ଯ୍ୟଗୁଡ଼ିକୁ ପରିସମାପ୍ତି କରି ଆସନ୍ତା ମାର୍ଚ୍ଚ ୫ ତାରିଖ ମଧ୍ୟରେ ସେହିସବୁ ଅନୁଷ୍ଠାନକୁ ଜମିପଟ୍ଟା ହସ୍ତାନ୍ତର କରିବେ । ରାଜସ୍ୱ ଜଙ୍ଗଲ ଜମି ଚିହ୍ନଟକରି ନୂତନ ବନୀକରଣ ନିମନ୍ତେ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି । ବସୁନ୍ଧରା ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଜମି ଯୋଗାଇଦେବା ପାଇଁ ଯତ୍ନବାନ ହେବାକୁ ମଧ୍ୟ ପରାମର୍ଶ ଦିଆଯାଇଛି । ସେହିପରି ବିଭିନ୍ନ ରାଜସ୍ୱ କାର୍ଯ୍ୟାଳୟର କୋଠାବାଡ଼ି ନିର୍ମାଣ, ନବୀକରଣ, ରକ୍ଷଣାବେକ୍ଷଣ ଓ ଉପକରଣ ତଥା ଆସବାବପତ୍ର ଯୋଗାଣ ନିମନ୍ତେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ । କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଏବଂ ଜିଲାର ଅତିରିକ୍ତ ଜିଲାପାଳମାନେ ନିୟମିତ ସମୀକ୍ଷା ବୈଠକ ଆୟୋଜନ କରି ବିଭିନ୍ନ ସମସ୍ୟାର ସମାଧାନ କରିବେ । ଆଗକୁ ଏହିପରି ସମୀକ୍ଷା ବୈଠକ ପ୍ରତି ମାସରେ ଅନୁଷ୍ଠିତ ହେବ ବୋଲି ସୂଚନା ଦିଆଯାଇଛି।

# ପଞ୍ଚଭୂତରେ ବିଲୀନ ହେଲେ ଶାନ୍ତି ଦେବୀ



ଶାନ୍ତି ଦେବୀଙ୍କ ମର ଶରୀରକୁ ଗାର୍ଡ ଅଫ ଅନର ଦିଆଯାଉଛି।

- ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଶେଷକୃତ୍ୟ ସମ୍ପନ୍ନ
- ସମବେଦନା ଜଣାଇଲେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

ଗୁଣପୁର,(ଡି.ଏନ୍.ଏ.)/ରାୟଗଡ଼ା ଅଫିସ, ୧୭।୧

ଭୂଦାନ ଆନ୍ଦୋଳନର ଅନ୍ୟତମ ପୁରୋଧା ତଥା ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ରବିବାର ବିଳମ୍ବିତ ରାତିରେ ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୮ବର୍ଷ ହୋଇଥିଲା। ସୋମବାର ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ବଂଶଧାରା ନଦୀ କୂଳରେ ଗାର୍ଡ ଅଫ୍ ଅନର ଦିଆଯାଇ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପୁଅ ସିଦ୍ଧାର୍ଥ ଦାସ ମୁଖାଗ୍ନି ଦେଇଥିଲେ। ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନକରି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, କୋରାପୁଟ ଏମ୍‌ପି ସପ୍ତଗିରି ଉଲ୍ଲାକା ଟୁଇଟ କରି ଶୋକ ପ୍ରକାଶ କରିଛନ୍ତି। ତାଙ୍କ ମୃତ୍ୟୁ ଅପୂରଣୀୟ କ୍ଷତି ବୋଲି ନିଜ ପୋଷ୍ଟରେ ଉଲ୍ଲେଖ କରିଛନ୍ତି। ରବିବାର ରାତିରେ ସେ ତାଙ୍କ ଛାତିରେ ଯନ୍ତ୍ରଣା ଅନୁଭବକରି ଚେତାଶୂନ୍ୟ ହୋଇପଡ଼ିଥିଲେ। ପରିବାର ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଡାକ୍ତର ସେଠାରେ ଶାନ୍ତି ଦେବୀଙ୍କୁ ମୃତ ଘୋଷଣା କରିଥିଲେ। ଏହି ସମୟରେ ଆଦିବାସୀ ଉନ୍ନୟନ ମନ୍ତ୍ରୀ ଜଗନ୍ନାଥ ସାରକା, ବିଧାୟକ ରଘୁନାଥ ଗମାଙ୍ଗ, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ରାଜ୍ୟ ଉପଦେଷ୍ଟା ସୁଧୀର ଦାସ, ଜିଲାପାଳ ସରୋଜ ମିଶ୍ର, ଏସ୍‌ପି ବିବେକାନନ୍ଦ ଶର୍ମା ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନାକରି ଓକିଲ ସଂଘ ସମ୍ମିଳନୀ କକ୍ଷରେ ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକଙ୍କ ସଭାପତିତ୍ୱରେ ଏକ ଶୋକସଭା କରାଯାଇଛି। ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ବିୟୋଗରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ସମେତ ଦେଶର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

**ସମାଜସେବା ପାଇଁ ମିଳିଥିଲା ପଦ୍ମଶ୍ରୀ**

୧୯୩୪ ଏପ୍ରିଲ ୧୮ରେ ବାଲେଶ୍ୱର ଜିଲାରେ ଜନ୍ମ ଗ୍ରହଣ କରିଥିଲେ ଶାନ୍ତି ଦେବୀ। ୧୭ ବର୍ଷ ବୟସରେ ଆଚାର୍ଯ୍ୟ ବିନୋବା ଭାବେଙ୍କ ପ୍ରେରଣାରେ ଅନୁପ୍ରାଣିତ ହୋଇ ସମାଜ ସେବା ଆରମ୍ଭ କରିଥିଲେ। ୧୯୫୧ରେ ସାମାଜିକ କର୍ମୀ ଡ. ରତନ ଦାସଙ୍କୁ ସେ ବିବାହ କରିଥିଲେ। ଦୀର୍ଘ ୭ ଦଶନ୍ଧି ଧରି ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ୨୦୨୧ ନଭେମ୍ବର ୯ ତାରିଖରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ୍ମଶ୍ରୀ ଉପାଧିରେ ସମ୍ମାନିତ କରିଥିଲେ।

# ଅଭିଷେକ ହେଲେ ମହାପ୍ରଭୁ

**ରାଜରାଜେଶ୍ୱର ବେଶ ଦେଖିପାରିଲେନି ଭକ୍ତ**

ପୁରୀ ଅଫିସ, ୧୭।୧



ପବିତ୍ର ପୌଷପୂର୍ଣ୍ଣିମାରେ ସୋମବାର ଶ୍ରୀମନ୍ଦିରରେ ପୁଷ୍ୟାଭିଷେକ ନୀତି ସମ୍ପନ୍ନ ହୋଇଛି। ରତ୍ନସିଂହାସନରେ ଶ୍ରୀବିଗ୍ରହମାନଙ୍କୁ ରାଜରାଜେଶ୍ୱର ବା ସୁନାବେଶରେ ସଜ୍ଜିତ କରାଯାଇଛି। ତେବେ କରୋନା କଟକଣା ଯୋଗୁ ଚଳିତବର୍ଷ ଭକ୍ତମାନେ ଏହି ବେଶ ଦର୍ଶନରୁ ବଞ୍ଚିତ ହୋଇଛନ୍ତି।

ଶ୍ରୀମନ୍ଦିର ପରମ୍ପରା ଅନୁଯାୟୀ, ଅଭିଷେକ ପୂର୍ବ ଦିବସରୁ ଅର୍ଥାତ ରବିବାର ମହାପ୍ରଭୁଙ୍କ ଚନ୍ଦନଲାଗି ନୀତି ପରେ ୮୭ ଗରା ଜଳ ଓ ୨୧ ଗରା ଘିଅ ଭୋଗମଣ୍ଡପ ଘରେ ଅଧିବାସ ହୋଇ ରହିଥିଲା। ସୋମବାର ସକାଳଧୂପ ବଢି ଅଭିଷେକ ନୀତି ଆରମ୍ଭ ହୋଇଥିଲା। ଅଧିବାସ ହୋଇଥିବା ୧୦୮ ଗରା ଘିଅ ମିଶ୍ରିତ ଜଳରେ ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଅଭିଷେକ କରାଯାଇଥିଲା। ମହାପ୍ରଭୁଙ୍କଠାରୁ ଆଜ୍ଞାମାଳ ପାଇ ଶ୍ରୀଦେବୀ ପାଲିଙ୍କିରେ ମହାଲକ୍ଷ୍ମୀ ମନ୍ଦିର ଜଗମୋହନକୁ ବିଜେ କରିଥିଲେ। ସେଠାରେ ତାଙ୍କର ମାଜଣା, ବନକଲାଗି ଓ ବେଶ କରାଯାଇଥିଲା। ଶ୍ରୀମନ୍ଦିରରେ ତିନିଠାକୁର ସୁବର୍ଣ୍ଣ କିରୀଟ, ଶ୍ରୀପୟର, ଶ୍ରୀଭୁଜ, ଆଡକାନି, ଚନ୍ଦ୍ର ସୂର୍ଯ୍ୟ, ସେବତୀ ମାଳି, ଘାଗଡ଼ା ମାଳି, ମକର କୁଣ୍ଡଳ, ବାଘନଖି ପରିବିଭିନ୍ନ ସ୍ୱର୍ଣ୍ଣଅଳଙ୍କାର ଧାରଣ କରିଥିଲେ। ପରେ ମହାଲକ୍ଷ୍ମୀ ମନ୍ଦିରରୁ ଫେରି ଶ୍ରୀଅଙ୍ଗ ଲାଗିହୋଇଥିଲେ। ଭୋଗ ସମୟରେ ଭିତରଚ୍ଛ ମହାପାତ୍ର ଲକ୍ଷ୍ମଣ ରୂପରେ ଦଣ୍ଡଛତ୍ର ଏବଂ ହନୁମାନ ରୂପରେ ପାଳିଆ ମେକାପ ଦଣ୍ଡଛତ୍ର ମୂଳକୁ ଧାରଣ କରିଥିଲେ। ଏହି ବେଶରେ ମହାପ୍ରଭୁ ଫୁଲ ଧନୁଶର ଧାରଣ କରିଥିଲେ। ବନ୍ଦାପନା, ମଇଲମ ସରି ଦକ୍ଷିଣୀ ଘର ଭୋଗ ବଢିବା ପରେ ଶ୍ରୀରଘୁନାଥ ରତ୍ନସିଂହାସନ ନିକଟକୁ ବିଜେ କରିଥିଲେ। ଶ୍ରୀବିଗ୍ରହଙ୍କଠାରୁ ଆଜ୍ଞାମାଳ ଆଣି ଶ୍ରୀରଘୁନାଥଙ୍କୁ ପ୍ରଦାନ ପରେ ସେ ଲକ୍ଷ୍ମୀମନ୍ଦିରକୁ ବିଜେ କରିଥିଲେ। ସେଠାରେ ନୀତି ପରେ ଠାକୁର ଦକ୍ଷିଣୀ ଘରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ପୌରାଣିକ ତଥ୍ୟ ଅନୁଯାୟୀ, ପ୍ରଭୁ ଶ୍ରୀରାମଚନ୍ଦ୍ର ୧୪ବର୍ଷ ବନବାସ ପରେ ଅଯୋଧ୍ୟାକୁ ଫେରି ପୌଷପୂର୍ଣ୍ଣିମା ତିଥିରେ ସିଂହାସନରେ ଅଭିଷିକ୍ତ ହୋଇଥିଲେ। ସେହି ସ୍ମୃତିରେ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଅଭିଷେକ ଉତ୍ସବ ହୋଇଥାଏ। ମଙ୍ଗଳବାର ଶ୍ରୀନଅରରେ ଗଜପତି ମହାରାଜାଙ୍କ ପୁଷ୍ୟାଭିଷେକ ନୀତି ଅନୁଷ୍ଠିତ ହେବ।

# ଆଲ୍‌ଫା ହେଲ୍‌ଥ କେୟାର ସିଲ୍: ୨ ଅଟକ

**ବେଆଇନ ଲିଙ୍ଗ ନିରୂପଣ ଅଭିଯୋଗ**



ଆଲ୍‌ଫା ହେଲ୍‌ଥ କେୟାରକୁ ସିଲ୍ କରାଯାଉଛି।

କଟକ ଅଫିସ,୧୭।୧

କଟକ ସହରରେ ବେଆଇନ ଭାବେ ଲିଙ୍ଗ ନିରୂପଣ ଓ ଗର୍ଭପାତ କରାଯାଉଥିବା ଘଟଣା ସାମ୍ନାକୁ ଆସିଛି। ସୋମବାର କମିଶନରେଟ୍ ପୋଲିସ ବେଆଇନ ଭାବେ ଲିଙ୍ଗ ନିରୂପଣ ଅଭିଯୋଗରେ ମଙ୍ଗଳାବାଗ କାଠଗୋଲା ସାହି ଅଞ୍ଚଳର ଡାଇଗ୍ନୋଷ୍ଟିକ୍ ସେଣ୍ଟର ଆଲ୍‌ଫା ହେଲ୍‌ଥ କେୟାରକୁ ସିଲ୍ କରିଛି। ପୋଲିସ ଏହି ସେଣ୍ଟରରୁ କେତେକ ସାମଗ୍ରୀ ଜବତ କରିବା ସହ ୨ଜଣଙ୍କୁ ଥାନାରେ ଅଟକ ରଖି ଅଧିକ ତଦନ୍ତ ଚଳାଇଛି। ଅଟକ ଅଭିଯୁକ୍ତ ଦ୍ୱୟ ହେଲେ ଏହି ସେଣ୍ଟର ମାଲିକ କଟକ ଜିଲା ତିଗିରିଆ ଥାନା ଅଧୀନ ପଞ୍ଚଗାଁ ଅଞ୍ଚଳର ପ୍ରସନ୍ନ କୁମାର ସାହୁ ଏବଂ କର୍ମଚାରୀ ଚୌଦ୍ୱାର ଢିଅସାହିର ବସନ୍ତ କୁମାର ବର୍ଦ୍ଧନ।

ପୋଲିସ ସୂଚନା ଅନୁଯାୟୀ, ପ୍ରସନ୍ନ ଡାକ୍ତରୀ ଶିକ୍ଷାଗତ ଯୋଗ୍ୟତା ବିନା ଓ ସରକାରୀ ସ୍ୱୀକୃତି ବିନା କାଠଗୋଲା ସାହି ଅଞ୍ଚଳରେ ଆଲ୍‌ଫା ହେଲ୍‌ଥ କେୟାର ନାମକ ଡାଇଗ୍ନୋଷ୍ଟିକ୍ ସେଣ୍ଟର ଖୋଲିଥିଲେ। ସେଠାରେ ଲିଙ୍ଗ ପରୀକ୍ଷା କରାଯାଉଥିବା ଓ ଏଥିଲାଗି ୫ହଜାର ଟଙ୍କା ଲେଖାଏ ନିଆଯାଉଥିବା ଅଭିଯୋଗ ହୋଇଆସୁଥିଲା। ନିର୍ଭରଯୋଗ୍ୟ ସୂତ୍ରରୁ ପୋଲିସ ଏହି ଖବର ପାଇବା ପରେ ସତ୍ୟାସତ୍ୟ ଜାଣିବା ପାଇଁ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଥିଲା। ସେହି ମୁତାବକ ପୋଲିସ ସୋମବାର ଜଣେ ସ୍ୱେଚ୍ଛାସେବୀ ଗର୍ଭବତୀ ମହିଳାଙ୍କୁ ଲିଙ୍ଗ ନିରୂପଣ ଲାଗି ସେଠାକୁ ପଠାଇଥିଲା। ଏ ନେଇ ଉଭୟ ପକ୍ଷ ମଧ୍ୟରେ ଚୁକ୍ତି ସରିବା ପରେ ସେଠାରେ ସାଦା ପୋଷାକରେ ପୂର୍ବରୁ ଉପସ୍ଥିତ ଥିବା ପୋଲିସ ଅଧିକାରୀମାନେ ଆଲ୍‌ଫା ହେଲ୍‌ଥ କେୟାରରେ ଚଢ଼ାଉ କରିଥିଲେ। ସେମାନେ କାଗଜପତ୍ର, କମ୍ପ୍ୟୁଟର ଓ ବିଭିନ୍ନ ମେଶିନ ପ୍ରଭୃତି ଯାଞ୍ଚ କରିଥିଲେ। ଏହାପରେ ଉକ୍ତ ସେଣ୍ଟରକୁ ସିଲ୍ କରିବା ସହ ପ୍ରସନ୍ନ ଏବଂ ବସନ୍ତଙ୍କୁ ପଚରାଉଚରା ଲାଗି ଥାନାକୁ ଆଣି ଅଟକ ରଖିଛନ୍ତି। ସେଣ୍ଟରକୁ ବେଆଇନ ଭାବେ ଚଳାଉଥିବା ପ୍ରସନ୍ନ ସ୍ୱୀକାର କରିଥିବା ଜଣେ ପୋଲିସ ଅଧିକାରୀ କହିଛନ୍ତି। ତେବେ ଏହି କାରବାର ଚେର ଜିଲାର ଅନେକ ସ୍ଥାନକୁ ଲମ୍ବିଥିବା ଏବଂ ଏହା ପଛରେ ଏକାଧିକ ବ୍ୟକ୍ତି ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏ ନେଇ ଅଧିକ ଖୋଳତାଡ଼ ଜାରି ରହିଛି। ଉକ୍ତ ଚଢ଼ାଉରେ ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ପରିବାର କଲ୍ୟାଣ) ମମତାରାଣୀ ମହାପାତ୍ର, ଏସିପି ଅଜୟ ଦାସ, ମଙ୍ଗଳାବାଗ ଥାନା ଅଧିକାରୀ ଅମିତାଭ ମହାପାତ୍ର ପ୍ରମୁଖ ସାମିଲ ଥିଲେ।




| Printer Model (Single Function) | Bundled Page Yield | Page Yield of a Refill Bottle/Toner | Toners / Ink Bottles for 50,000 pages | Cost of the Ink Bottle / Toner | Cost Per Print (Black) | Total Cost of Ownership (TCO)³ |
|---|---|---|---|---|---|---|
| Popular Mono Laser (Original toner usage) | 2,000 Pages | 2,000 Pages | 24 | ₹6,399 | ₹3.20 | ₹166,465 |
| Popular Mono Laser (Refill toner usage) | 2,000 Pages | 1,500 Pages | 32 | ₹400 | ₹0.27 | ₹25,689 |
| Monochrome EcoTank M1100 (with Genuine Ink Refill Bottle) | 5,000 Pages | 6,000 Pages | 8 | ₹699 | ₹0.12 | ₹17,842 |





**ଆଜିର ମନ୍ତବ୍ୟ**
ଭାଜପା ବିଭିନ୍ନ ସମ୍ପ୍ରଦାୟ ମଧ୍ୟରେ ଘୃଣାର ମଞ୍ଜି ବୁଣୁଛି। ଗୈରିକ ଦଳଠାରୁ ମୁକ୍ତି ପାଇବା ବ୍ରିଟିଶ ଶାସନରୁ ମୁକ୍ତ ହେବାଠାରୁ ବଡ଼ ହେବ।
– ମେହବୁବା ମୁଫ୍ତି, ପିଡିପି ଅଧ୍ୟକ୍ଷା

**ଚାକିରି ନାଁରେ ଠକେଇ, ଦମ୍ପତି ଗିରଫ**
ବ୍ରହ୍ମପୁର ଅଫିସ: ଶିକ୍ଷିତ ବେକାର ଯୁବତୀ ଯୁବକଙ୍କୁ ଚାକିରି ନାଁରେ ଟଙ୍କା ଠକେଇ ଅଭିଯୋଗରେ ବ୍ରହ୍ମପୁର ଗୋଷାଣୀନୂଆଗାଁ ଥାନା ପୋଲିସ ଅଭିଯୁକ୍ତ ମାଲିକ ଦମ୍ପତି କୃଷ୍ଣ ଚନ୍ଦ୍ର ସେଠୀ ଓ ତାଙ୍କ ସ୍ତ୍ରୀ ସିମ୍ପଲ ସେଠୀଙ୍କୁ ସୋମବାର ଗିରଫ କରିଛି। ମାମଲା ନଂ.୧୪/୨୨ ରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି। ଅନ୍ୟପଟେ ପୋଲିସର ଏକ ଟିମ୍ ବ୍ରହ୍ମନଗରରେ ଥିବା କ୍ରିଷ୍ଣାସାଇ ସର୍ଭିସ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ଚଢ଼ାଉ କରି ବିଭିନ୍ନ କାଗଜପତ୍ର ଜବତ କରିଛି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଯେ ତୋତେ ମାଇଲା,**
**ତାକୁ ତୁ ନ ମାର,**
**ତାକୁ ମାରୁଥିବ ଆନ;**
**ଦେଖୁଥିବ ତୋର ଦୁଇ ନୟନ,**
**ଶୁଣୁଥିବ ଦୁଇ କାନ।**

ଯିଏ ଅନ୍ୟାୟରେ ଆଘାତ ଦିଏ ତା'ର ପରିଣତି ସେ ଦିନେନା ଦିନେ ଭୋଗ କରିଥାଏ। ଭଗବାନ ସବୁ ସହନ୍ତି, କିନ୍ତୁ କାହାର ଅନ୍ୟାୟ ଅନୀତିକୁ ସହିପାରି ନ ଥାନ୍ତି। ଅନ୍ୟାୟ ଅନୀତିର ଫଳ ମଣିଷ ଭୋଗିବାକୁ ବାଧ୍ୟ ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଯହିଁ ପାଇ**
**ତହିଁ ଗାଇ।**

ପର ଅନ୍ନରେ ପୋଷି ହେଉଥିବା ବ୍ୟକ୍ତି ସାଧାରଣତଃ ଋଣୀ ହୋଇଥାନ୍ତି। ଏପରିସ୍ଥଳେ ସାହା ଭରସା ଯୋଗାଉ ଥିବା ବ୍ୟକ୍ତିଙ୍କ ପ୍ରତି କୃତଜ୍ଞ ରହିବା ଉଚିତ ହୋଇଥାଏ। କୌଣସି ବ୍ୟକ୍ତିଙ୍କଠାରୁ କିଛି ସାହାଯ୍ୟ ସମର୍ଥନ ପାଇଲେ ତାଙ୍କର ଗୁଣ ଗାନ କରିବା ଶୋଭନୀୟ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ – ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# 'ମୁକ୍ତ, ଅବାଧ, ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ ଦିଅ'

### ପର୍ଯ୍ୟବେକ୍ଷକଙ୍କ ସହ ରାଜ୍ୟ ନିର୍ବାଚନ କମିଶନରଙ୍କ ବୈଠକ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ-୨୦୨୨ ପରିପେକ୍ଷୀରେ ସୋମବାର ବିଭିନ୍ନ ଜିଲ୍ଲା ଲାଗି ନିଯୁକ୍ତ ନିର୍ବାଚନ ଏବଂ ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ରାଜ୍ୟ ନିର୍ବାଚନ କମିଶନର ଆଦିତ୍ୟ ପ୍ରସାଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସମ୍ପ୍ରତି କୋଭିଡ୍ ପରିସ୍ଥିତିରେ ଏକ ସୁରକ୍ଷିତ, ମୁକ୍ତ, ଅବାଧ ଏବଂ ନିରପେକ୍ଷ ନିର୍ବାଚନ ଉପରେ ଗୁରୁତ୍ୱ ଦିଆଯାଇଛି। ନିର୍ବାଚନ ସମୟରେ ନିର୍ବାଚନ ପର୍ଯ୍ୟବେକ୍ଷକମାନେ କମିଶନରଙ୍କ ଆଖି ଓ କାନ ଭାବେ ସମ୍ପୂର୍ଣ୍ଣ ରାଜ୍ୟରେ ତୀକ୍ଷ୍ଣ ନଜର ରଖିବେ। ଏହାସହ ନିୟମିତ ଅନ୍ତରରେ ରାଜ୍ୟ ନିର୍ବାଚନ କମିଶନରଙ୍କୁ ରିପୋର୍ଟ ପ୍ରଦାନ କରିବେ। ଜିଲ୍ଲାରେ ନିର୍ବାଚନ ଆଚରଣ ବିଧିର ଠିକ୍ ପାଳନ ହେଉଛି କି ନାହିଁ ସେନେଇ ପର୍ଯ୍ୟବେକ୍ଷକମାନେ ଦୃଷ୍ଟି ରଖିବେ। ଚଳିତ ନିର୍ବାଚନରେ ଯେକୌଣସି ପ୍ରକାର ରାଲିକୁ ନିଷେଧ କରାଯାଇଥିବାବେଳେ ଏଥିପ୍ରତି ପର୍ଯ୍ୟବେକ୍ଷକମାନେ ସଜାଗ ରହିବେ। ଚଳିତ ନିର୍ବାଚନରେ ଭୋଟ ଗଣତି ବୁଥ୍ ବଦଳରେ ବ୍ଲକ୍ ମୁଖ୍ୟାଳୟରେ ହେବ। ନିର୍ବାଚନ କମିଶନର ଏବଂ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ମଧ୍ୟରେ ଯୋଗସୂତ୍ର ରକ୍ଷାକରି କାର୍ଯ୍ୟ କରିବାକୁ କମିଶନର ନିର୍ବାଚନ ପର୍ଯ୍ୟବେକ୍ଷକମାନଙ୍କୁ ପରାମର୍ଶ ଦେଇଛନ୍ତି।

# ପ୍ରଜାକୋର୍ଟରେ ଜଣଙ୍କୁ ହତ୍ୟା

ମାଲକାନଗିରି,୧୭।୧ (ଡି.ଏନ୍.ଏ.)

ମାଲକାନଗିରି ଜିଲ୍ଲା ମାଥିଲି ଅଞ୍ଚଳରେ ପୁଣି ମାଓବାଦୀଙ୍କ ବର୍ବରତା ଦେଖିବାକୁ ମିଳିଛି। ତୁଳସୀ ପାହାଡ଼ ଅନ୍ତର୍ଗତ କେରିମିଟି ଗ୍ରାମରେ ଜଣେ ଯୁବକଙ୍କୁ ସୂଚନାଦାତା ସନ୍ଦେହରେ ମାଓବାଦୀମାନେ ଗୁରୁବାର ଗଳା କାଟି ହତ୍ୟା କରିଛନ୍ତି। ତାଙ୍କ ନାମ ଆନନ୍ଦ। କେରିମିଟି ଗ୍ରାମର ଆନନ୍ଦଙ୍କ ସହ ଅନ୍ୟ କେତେଜଣଙ୍କୁ ଦରଭା ମାଓବାଦୀ ସଙ୍ଗଠନ ପକ୍ଷରୁ ଘରୁ ନିକଟରେ ଅପହରଣ କରି ନିଆଯାଇଥିଲା। ଶୁକ୍ରବାର ମାଓବାଦୀମାନେ ଆନନ୍ଦଙ୍କ ସହ ଅନ୍ୟମାନଙ୍କୁ ନିସ୍ତୁକମାଡ଼ ମାରିଥିଲେ। ମୋବାଇଲ ବ୍ୟବହାର ନ କରିବାକୁ ତାଗିଦ କରି ପୋଲିସକୁ ସୂଚନା ଦେଲେ ପ୍ରଜାକୋର୍ଟରେ ଆହୁରି ଦଣ୍ଡ ମିଳିବ ବୋଲ ଚେତାବନୀ ଦେଇ ଛାଡ଼ି ଦେଇଥିଲେ। ଗୁରୁତର ଅବସ୍ଥାରେ ଆନନ୍ଦ ତାଙ୍କ ଘରେ ଚିକିତ୍ସିତ ହେଉଥିବା ସମୟରେ ମୃତ୍ୟୁବରଣ କରିଥିବା କୁହାଯାଉଥିବା ବେଳେ ମାଓବାଦୀମାନେ ତାଙ୍କୁ ହତ୍ୟାକରି ତାଙ୍କ ମୃତଦେହ ପୋଡ଼ିଦେଇଥିବା ଆଲୋଚନା ହେଉଛି। ସୂଚନାଯୋଗ୍ୟ, ଗତ କିଛିଦିନ ଧରି ଉକ୍ତ ଅଞ୍ଚଳରେ ମାଓବାଦୀମାନେ ସକ୍ରିୟ ରହିଛନ୍ତି। ରାସ୍ତା କାମକୁ ବିରୋଧକରି ଜଣକୁ ହତ୍ୟା କରିବା ସହ ଜେସିବି ମେଶିନ ପୋଡ଼ିଛନ୍ତି। ଉକ୍ତ ଅଞ୍ଚଳର ମହୁପଦର ଓ କର୍ଣ୍ଣନପାଲିଠାରେ ଦୁଇଟି ବିଏସ୍ଏଫ୍ କ୍ୟାମ୍ପ ପ୍ରତିଷ୍ଠା ହୋଇଥିଲେ ସୁଦ୍ଧା ଏହାର କିଛି ପ୍ରଭାବ ମାଓବାଦୀଙ୍କ ଉପରେ ପଡ଼ିନାହିଁ। ସେମାନେ ପୋଲିସକୁ ଚ୍ୟାଲେଞ୍ଜକରି ଗୋଟିଏ ପରେ ଗୋଟିଏ ହିଂସାକାଣ୍ଡ ଘଟାଇ ଚାଲିଛନ୍ତି। ଏ ସମ୍ପର୍କରେ କୌଣସି ଅଭିଯୋଗ ହୋଇ ନ ଥିଲେ ହେଁ ପୋଲିସ ନିଜ ଆଡୁ ତଦନ୍ତ ଆରମ୍ଭ କରିଛି ବୋଲି ମାଥିଲି ଆଇଆଇସି ରାମପ୍ରସାଦ ନାଗ କହିଛନ୍ତି।

# ଧନୁଷ-ଐଶ୍ୱର୍ଯ୍ୟାଙ୍କ ବିବାହ ବିଚ୍ଛେଦ

ଚେନ୍ନାଇ, ୧୭।୧



ସାଉଥ ଷ୍ଟାର ଧନୁଷ ଓ ସୁପରଷ୍ଟାର ରଜନୀକାନ୍ତଙ୍କ ଝିଅ ଐଶ୍ୱର୍ଯ୍ୟାଙ୍କ ବିବାହ ବିଚ୍ଛେଦ ହୋଇଛି। ସୋମବାର ରାତିରେ ଧନୁଷ ସମସ୍ତଙ୍କୁ ଚମକାଇ ଦେବା ଭଳି ଏଭଳି ଏକ ଟୁଇଟ କରିଛନ୍ତି। ଧନୁଷ ଲେଖିଛନ୍ତି, '୧୮ ବର୍ଷ ଧରି ବନ୍ଧୁ, ଦମ୍ପତି ଏବଂ ମାତାପିତା ଭାବେ ଦାୟିତ୍ୱ ତୁଲାଇଛୁ। ଏହା ଭଲ ବୁଝାମଣା, ଉନ୍ନତି, ସମନ୍ୱୟର ଯାତ୍ରା ଥିଲା। ଆଜି ଆମେ ଏପରି ଏକ ସ୍ଥାନରେ ଠିଆ ହୋଇଛୁ ଯେଉଁଠି ଦୁହିଁଙ୍କ ରାସ୍ତା ଅଲଗା ହୋଇଛି'। ଏଥିସହ ସେମାନଙ୍କର ନିଷ୍ପତ୍ତିକୁ ସମ୍ମାନ ଦେବା ପାଇଁ ଧନୁଷ ଲୋକଙ୍କୁ ଅନୁରୋଧ କରିଛନ୍ତି। ଐଶ୍ୱର୍ଯ୍ୟା ମଧ୍ୟ ତାଙ୍କ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ କରିଛନ୍ତି। ସେ ଲେଖିଛନ୍ତି, 'କୌଣସି କ୍ୟାପ୍ସନ ଆବଶ୍ୟକ ନାହିଁ। କେବଳ ତୁମର ବୁଝାମଣା ଏବଂ ଭଲ ପାଇବା ଦରକାର'। ୨୦୦୪ରେ ଧନୁଷ ୨୧ ବର୍ଷର ହୋଇଥିବାବେଳେ ୨୩ ବର୍ଷୀୟା ଐଶ୍ୱର୍ଯ୍ୟାଙ୍କୁ ବିବାହ କରିଥିଲେ।

# ଜାଭିୟର ସ୍କୁଲ୍‌କୁ ସୁପ୍ରିମକୋର୍ଟ ନୋଟିସ

### ପରୀକ୍ଷା ନମ୍ବର ପ୍ରଦାନରେ ଅନିୟମିତତା

ନୂଆଦିଲ୍ଲୀ,୧୭।୧(ପି.ଟି.)

ଦଶମ ଶ୍ରେଣୀ ପରୀକ୍ଷାରେ ନମ୍ବର ପ୍ରଦାନରେ ଅନିୟମିତତାକୁ ନେଇ ୨୪ ଜଣ ଛାତ୍ରୀଛାତ୍ରଙ୍କ ଆବେଦନ କ୍ରମେ ସୁପ୍ରିମକୋର୍ଟ ସୋମବାର ଓଡ଼ିଶାର ଏକ ଘରୋଇ ସ୍କୁଲ୍‌କୁ ନୋଟିସ ଜାରି କରିଛନ୍ତି। ଉକ୍ତ ପିଲାଙ୍କ ଉପରେ ଭୁବନେଶ୍ୱରର ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ ଚାପ ପକାଇବା ସହ ବେଆଇନ ଭାବେ ଅର୍ଥ ଦାବି କରୁଥିଲା ବୋଲି ଅଭିଯୋଗ ହୋଇଛି। ଜଷ୍ଟିସ ଏ.ଏମ୍. ଖାନ୍‌ୱିଲ୍‌କରଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ନୋଟିସ ଜାରି କରିଛନ୍ତି। ଦଶମ ଶ୍ରେଣୀ ପିଲାଙ୍କ ପରୀକ୍ଷା ନମ୍ବର ବଢ଼ାଇବା ପାଇଁ ଅର୍ଥ ଦାବି କରାଯାଉଥିବାରୁ ଏହାର ତଦନ୍ତ କରାଯିବାକୁ ସେମାନେ ଅଦାଲତଙ୍କୁ ଅନୁରୋଧ କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
କର୍ମକ୍ଷେତ୍ରରେ ପ୍ରଚେଷ୍ଟା ଫଳବତୀ ହେବା କଷ୍ଟକର ହୋଇପାରେ। ପାରିବାରିକ ଓ ସାମାଜିକ ସ୍ତରରେ ପ୍ରାଧାନ୍ୟ ବୃଦ୍ଧି ପାଇବ। ଗୃହ ସମସ୍ୟା ସମାଧାନ ସଙ୍ଗକୁ ଆନୁଷ୍ଠାନିକ କାମ, ଯାନ୍ତ୍ରିକ ଶିଳ୍ପ ଓ ପରିବହନ କ୍ଷେତ୍ରରେ ଆଶାନୁରୂପ ଫଳ ପାଇବେ। ଆଜି ଅଫିସରେ ମତଦ୍ୱୈଧ କାରଣରୁ ଅନ୍ୟମାନଙ୍କ କଥାଗୁଡ଼ିକ ଆପଣଙ୍କୁ ଭଲ ଲାଗି ନ ପାରେ।

**ବୃଷ**
କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ସମସ୍ୟାର ସମାଧାନ ହୋଇଯିବା ସଙ୍ଗକୁ ଯାହା କରନ୍ତୁନା କାହିଁକି ସେଥିରେ ସଫଳତା ପାଇପାରିବେ। କିନ୍ତୁ ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପଦସ୍ଥ ହେବାକୁ ପଡ଼ିପାରେ। ବାଣିଜ୍ୟ କିମ୍ବା ନୂତନ ଯୋଜନାରମ୍ଭ ସକାଶେ ମୋଟାଅଙ୍କର ଅର୍ଥ ସକାଶେ ବନ୍ଧୁଙ୍କ ଦ୍ୱାରସ୍ଥ ହୋଇପାରନ୍ତି।

**ମିଥୁନ**
ମନର ଅକୁହା କଥାକୁ ଅନ୍ତରଙ୍ଗ ବନ୍ଧୁ ନିକଟରେ ପ୍ରକାଶ କରି ହାଲୁକା ହେବାର ପ୍ରୟାସ କରିପାରନ୍ତି। ପରିବାରର ଖର୍ଚ୍ଚ ପରିମାଣ ବୃଦ୍ଧି ଯୋଗୁ ବିଭିନ୍ନ ଯୋଜନା କରିବେ। ନିଷ୍ପତ୍ତିର ଶେଷ ପର୍ଯ୍ୟାୟରେ ସବୁକିଛି ଶେଷ ସମୟରେ ଓଲଟ ପାଲଟ ହୋଇଯିବା ଆଶଙ୍କା ରହିଛି। ରୁକ୍ଷ ବ୍ୟବହାର ବନ୍ଧୁଙ୍କ ମନରେ ଆଘାତ ଦେଇପାରେ।

**କର୍କଟ**
ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ। ପିଲାମାନଙ୍କ କଳହକୁ କେନ୍ଦ୍ରକରି ଓ ପ୍ରକୃତ ଘଟଣା ନ ବୁଝି ପଡ଼ୋଶୀ କ୍ରୋଧ ପ୍ରକାଶ କରିପାରନ୍ତି। ଆର୍ଥିକ ସ୍ଥିତି ଉନ୍ନତ ନ ହେଲେ ମଧ୍ୟ ଦୈନନ୍ଦିନର ଆବଶ୍ୟକତା ପୂରଣ କ୍ଷେତ୍ରରେ ବିଶେଷ ଅସୁବିଧା ରହିବ ନାହିଁ। ବୃତ୍ତି, ବାଣିଜ୍ୟ, କଳା, ସାହିତ୍ୟ କ୍ଷେତ୍ରରେ ଆଶାନୁରୂପ ଫଳ ପାଇପାରିବେ।

**ସିଂହ**
ବିଶିଷ୍ଟ ବ୍ୟକ୍ତିମାନଙ୍କ ପ୍ରେରଣା ଲାଭକରି ମନର ବଳ ଖୁବ୍ ଟାଣ ରହିବ। କୌଣସି ବନ୍ଧୁ କଥାରେ ପ୍ରଭାବିତ ହୋଇ କୌଣସି ଭୁଲ୍ କାମ କରିପାରନ୍ତି। ବିବାଦୀୟ ଘଟଣା ଟିକିଏ ଜଟିଳ ଆଡ଼କୁ ଗତି କଲେ ମଧ୍ୟ ଜିତାପଟ ଆପଣଙ୍କର ହେବ। ବ୍ୟବସାୟକୁ ଆଗକୁ ବଢାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ।

**କନ୍ୟା**
ଆଜିର କର୍ମକ୍ଷେତ୍ରରେ କୌଣସି ବିବାଦୀୟ ପରିସ୍ଥିତିରେ ପକ୍ଷଭୁକ୍ତ ହୋଇ ସମସ୍ୟା ସମାଧାନରେ ସଫଳ ହେବେ। ମାନସିକ ଓ ଶାରୀରିକ ଦୃଷ୍ଟିକୋଣରୁ ପ୍ରତିକୂଳ ପ୍ରଭାବ ହଟିଯିବ ଓ ଏକ ପ୍ରକାର ଶାନ୍ତି ଅନୁଭବ କରିବେ। ଅପରାହ୍ନରେ ଏକ ସାମାନ୍ୟ ଘଟଣାର ତର୍କବିତର୍କ କାରଣରୁ ଭାଙ୍ଗି ପଡ଼ିଥିବା ସମ୍ପର୍କ ଆଜି ପୁଣି ଯୋଡ଼ି ହୋଇଯିବ।

**ତୁଳା**
ଦୈନିକ ଜୀବନଚର୍ଯ୍ୟା ମଧ୍ୟରେ ଅପରିଣାମଦର୍ଶୀ ଭାବରେ କୌଣସି କ୍ଷେତ୍ରରେ ମୁଣ୍ଡ ପୂରାନ୍ତୁ ନାହିଁ। ପଡ଼ୋଶୀ କିମ୍ବା ସହକର୍ମୀଙ୍କ ସହ ଅର୍ଥ ସମ୍ପର୍କକୁ କେନ୍ଦ୍ର କରି ତର୍କର ସମ୍ମୁଖୀନ ହେବାକୁ ପଡ଼ିପାରେ। ପରିବାରରେ ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ କ୍ଷେତ୍ରରେ ଅସହଯୋଗରୁ ଚିନ୍ତିତ ହେବେ।

**ବିଛା**
ଭଲ ସମ୍ପର୍କଥିବା ବ୍ୟକ୍ତିଙ୍କ ଭୁଲ୍ ବୁଝାମଣାକୁ ନେଇ ମାନସିକ ଅସ୍ଥିରତା ସୃଷ୍ଟିହେବ। ଅବଶ୍ୟ ଲେଖା ପଢ଼ାରୁ, କଳା, ସାହିତ୍ୟରେ ଓ ଅଭିନୟ ଜଗତରୁ ପ୍ରଶଂସା ପାଇବେ। ସମସ୍ତ କାମ ଠିକ୍ ଭାବରେ ଚାଲିବ, ମାତ୍ର ଦ୍ରବ୍ୟ ନଷ୍ଟ କିମ୍ବା ଧନ ହାନି ଘଟିପାରେ। ପାରିବାରିକ ସ୍ତରରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ହେବ ନାହିଁ।

**ଧନୁ**
ପରିବାର ସଦସ୍ୟଙ୍କ ମିଥ୍ୟା ଅଭିଯୋଗ ସକାଶେ ବିରକ୍ତି ପ୍ରକାଶ କରିପାରନ୍ତି। ବିଭିନ୍ନ ସମସ୍ୟା ମଧ୍ୟରେ ମନ ଅଶାନ୍ତ ରହିବ କିନ୍ତୁ ଅନ୍ୟର ସାହାଯ୍ୟ ପ୍ରତିଶ୍ରୁତିରୁ ମନ ହାଲୁକା ରହିପାରେ। ବନ୍ଧୁଙ୍କ ସହଯୋଗ କ୍ରମେ ନୂତନ କାମର ପରିକଳ୍ପନା କରି କୃତକାର୍ଯ୍ୟ ହେବେ। ତଥାପି ଅପରାହ୍ନରେ ପରିବାରର ଖର୍ଚ୍ଚଭାର ଯୋଗୁ ଚିନ୍ତା ପ୍ରକଟ କରିପାରନ୍ତି।

**ମକର**
ଶୁଭେଚ୍ଛୁଙ୍କ ତରଫରୁ କୌଣସି ଶୁଭ ଖବର ପାଇ ସକାଳୁ ମନ ଖୁସି ହୋଇଯିବ। ପ୍ରତିଯୋଗିତା, ପ୍ରତିଦ୍ୱନ୍ଦ୍ୱିତା କିମ୍ବା ବିବାଦୀୟ ଘଟଣାରେ ବିଜୟୀ ହେବେ। କର୍ମକ୍ଷେତ୍ରରେ ଅନ୍ୟମାନଙ୍କୁ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ହାଲୁକା କରିବାରେ ସମର୍ଥ ହୋଇପାରନ୍ତି। ସଭାସମିତିରେ ସହକର୍ମୀଙ୍କ ଦୌରାତ୍ମ୍ୟ ଅସହ୍ୟ ହୋଇପାରେ।

**କୁମ୍ଭ**
ବିବାଦୀୟ ଘଟଣାକୁ ନେଇ ମାନସିକ ଅବସାଦ ବୃଦ୍ଧି ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ପ୍ରିୟ ବନ୍ଧୁଟିର ଦୁଃଖଦ ଘଟଣା ମନକୁ ବିବ୍ରତ କରିପାରେ। ପାରିବାରିକ ଶାନ୍ତି ଓ ସୁସ୍ଥତା ସାମାନ୍ୟ ବ୍ୟାହତ ହେଲେ ମଧ୍ୟ ପରକ୍ଷଣରେ ସବୁ କିଛି ଠିକ୍ ହୋଇଯିବ। ଜମିଜମା, ଯାନବାହନ, ବ୍ୟବସାୟ ସମସ୍ୟା ଜଟିଳ ହୋଇପାରେ।

**ମୀନ**
ସମସ୍ୟା ସମାଧାନରେ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। କେତେକ କ୍ଷେତ୍ରରେ ଅଜଣା ଭୟ ଓ ଆଶଙ୍କାଜନିତ ଆତଙ୍କିତ ହୋଇ କୌଣସି କାର୍ଯ୍ୟାରମ୍ଭ କରିପାରିବେ ନାହିଁ। ପରିବାରରେ ଛୋଟଛୋଟ କଥାକୁ କେନ୍ଦ୍ର କରି କଳହ ସୂଚନା ପାଇବେ। ରାଜନୀତିରେ ହଠାତ୍ ବିରୋଧୀ ପକ୍ଷ ସକ୍ରିୟ ହୋଇ ଉଠିବେ।



## classifieds Everyday
0674-2580101, 2549302

**automobile**

**SALE**

Swift Dezire 10900 KMS RUN 2016 and Chevrolet Sail Diesel for sale. 7381091234, 9861194627. D-71776

**real estate**

**SALE**

Plot for Sale at Chhatabar per sqft. @99/-. 8249017091, 9937816565. D-22860

**ଜାଗା କିଣି ତୁରନ୍ତ ଘର କରନ୍ତୁ ଭୁବନେଶ୍ୱର ନୂଆ ରେଲ୍‌ୱେଷ୍ଟେସନ୍ ପାଖରେ yellowzone sqft.- 550/-, ଚନ୍ଦକା NH ପାଖରେ ଘରବାଡ଼ି ପ୍ଲଟ୍ sqft.- 1100/-, ବାରଙ୍ଗରୁ ତ୍ରିଶୂଳିଆ NH ପାଖରେ sqft.- 1300/-. 7539895510.** D-71780

ଘରବାରି Demarcation Plot Nakhara ତ୍ରିନାଥ ବଜାରରୁ 3 Km. ମେନ୍‌ରୋଡ୍ କଡରେ 2000 ବର୍ଗଫୁଟକୁ 17,00,000/-, Chhatabar bypass road side- 15,00,000/-. 8260032051. D- 71778

**Residential gharabari plot near English Medium School, Brahmanjharilo, Cuttack with boundarywall, 7km from Nakhara, Cuttack, 12km to BBSR. 7809525452.** D-71749

ଭୁବନେଶ୍ୱର ବାଲିଅନ୍ତା ଭାରତ ଗ୍ୟାସ ପାଖରେ boundary ଘରବାଡ଼ି ପ୍ଲଟ୍ ବିକ୍ରିହେବ। 9438299931. D-71777

**ଭୁବନେଶ୍ୱର ପିତାପଲ୍ଲୀଛକ Flyoverରୁ 400 Mtr. ଦୂରରେ ସ୍ଥିତିବାନ ପ୍ଲଟ୍ ମିଳୁଅଛି । 8338932027, 7848882166.** D-71767

ଭୁବନେଶ୍ୱର ଜଟଣୀଗେଟ୍ ନିକଟରେ sqft.- 280/ ନଖରା ତ୍ରିନାଥ ବଜାର sqft.- 220/- (out rate). 9776974912. D-73001

**Duplex house for sale at Gadakana, Bhubaneswar. Contact Owner: 9348695941.** D-22867

**ଭୁବନେଶ୍ୱର ଟଙ୍କପାଣି ରୋଡ୍ ସାଇ ମନ୍ଦିରରୁ 2.5K.M. ରଙ୍ଗବଜାର BJEM-2 କୁ ଲାଗି East Facing 1500sqft. 4BHK duplex built up area- 2285 (Bank finance available) booking open- 9337088399.** D-71775

ଭୁବନେଶ୍ୱର ଉତ୍ତରା କୃପାଜଳ କଲେଜ ପାଖରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9178660666. D-71929

**ଘରବାରି ପ୍ଲଟ୍ ଧଉଳି ଶାନ୍ତିସ୍ତୁପ, ପିପିଲି ବଜାର ଏବଂ ଉତ୍ତରା (ମଗଲପୁର)ରେ ମିଳୁଛି। 93371-03361, 8249776268.** D-22761

**ଭୁବନେଶ୍ୱର ଭିଙ୍ଗାରପୁର Oxford College ଛକ ନିକଟରେ ମୁଖ୍ୟ ପିଚୁରାସ୍ତାକୁ ଲାଗି ସଙ୍ଗେ ସଙ୍ଗେ ଘର କଲାଭଳି ଘରବାଡି ପ୍ଲଟ୍ ବିକ୍ରିହେବ । 6370025920, 9937674302.** D-71774

**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**healthcare**

Ashirvaad Saloon and SPA get good massage for your health tha best therapy. 7077181074. D-71852

Newly opening SPA positively health benefits with expert therapist. 8917332216. D-71932

Full body massage, refresh your mind, relaxed by expert Lady Therapist. 8480939300. D-22828

**Refreshing your mind, body with tha best therapy at Lotus SPA. 8018891951.** D-71850

Full body massage in homely atmosphere all therapy. Contact: 8114881641. D-60894

Newly open full body massage ladies and gents. 8327740003. D-71853

**LOST**

ମୁଁ ସଙ୍ଗୀତା ପାତ୍ର, ପି- ସୁରେଶ ପାତ୍ର, S-2/456 ନୀଳାଦ୍ରି ବିହାର, ଭୁବନେଶ୍ୱର। ମୋର ବାପାଙ୍କ ନାମରେ ଥିବା ଏକ ସାମପୁର ଜାଗାର ତାହା ଆମ ଘରେ ରହିଥିବା ପେପର, ପଙ୍ଖା ଓ ସେଲ୍‌ଡିଙ୍ଗ୍ ଉଇ ଖାଇ ଯାଇଥିଲା, ଏହାକୁ ମୁଁ lost & foundରେ ଦେଲି Khata No.- 224/836, saledeed No.- 8507/1990. D-22881

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/– ରେ। ରଙ୍ଗୀନ ଟ୪୨୦/– ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**


ପ୍ରଥମ ପୃଷ୍ଠାରୁ...

## ମାର୍ଚ୍ଚରୁ ୧୨-୧୪...

ଡୋଜ୍‌ରେ ପହଞ୍ଚିଛି। ଜାନୁୟାରୀ ୩ରୁ ୧୫ରୁ ୧୮ ବର୍ଷର ପିଲାଙ୍କୁ ଟିକାଦାନ ଆରମ୍ଭ ହୋଇଥିଲା। ଏଥିସହିତ ୧୦ ତାରିଖରୁ ସ୍ୱାସ୍ଥ୍ୟକର୍ମୀ, ସମ୍ମୁଖ ଯୋଦ୍ଧା ଏବଂ ୬୦ ବର୍ଷରୁ ଉର୍ଦ୍ଧ୍ୱ ବହୁବିଧ ରୋଗ ଥିବା ବ୍ୟକ୍ତିଙ୍କୁ କୋଭିଡ୍ ଟିକାର ତୃତୀୟ ବା ପ୍ରିକଶନ ଡୋଜ୍ ଦିଆଯାଉଛି।

କୋଭିଡ୍ ମହାମାରୀ ବିରୋଧରେ ଟିକାକୁ ସବୁଠୁ ଗୁରୁତ୍ୱପୂର୍ଣ୍ଣ ଅସ୍ତ୍ର ବିବେଚନା କରାଯାଉଛି। ଭାରତରେ ୨୦୨୧ ଜାନୁୟାରୀ ୧୬ରେ ଟିକାକରଣ ଆରମ୍ଭ ହୋଇଥିଲା। ପ୍ରଥମେ ସ୍ୱାସ୍ଥ୍ୟସେବା କର୍ମଚାରୀ, ପରେ ସମ୍ମୁଖ ଯୋଦ୍ଧାଙ୍କୁ ଟିକା ଦିଆଯାଇଥିଲା। ମାର୍ଚ୍ଚ ୧ରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଏବଂ ବହୁବିଧ ରୋଗ ଥିବା ୪୫ ବର୍ଷରୁ ଉର୍ଦ୍ଧ୍ୱଙ୍କୁ ଟିକାକରଣରେ ସାମିଲ କରାଯାଇଥିଲା। ଏପ୍ରିଲ ୧ରୁ ୪୫ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ଏବଂ ମେ' ୧ରୁ ସମସ୍ତ ସାବାଳକଙ୍କୁ ଏହି ସୁଯୋଗ ଦିଆଯାଇଥିଲା। ଏପ୍ରିଲ ୧ ସୁଦ୍ଧା ୧୦ କୋଟି ଡୋଜ୍ ଟିକା ଦିଆଯାଇଥିଲା। ୨୭୫ ଦିନରେ ଅକ୍ଟୋବର ୨୧ରେ ଦେଶରେ କୋଭିଡ୍ ଟିକାକରଣ ୧୦୦ କୋଟି ଡୋଜ୍ ପାର୍ କରି ରେକର୍ଡ ସୃଷ୍ଟି କରିଥିଲା। ୨୦୨୨ ଜାନୁୟାରୀ ୭ରେ ଟିକାକରଣ ୧୫୦ କୋଟି ଡୋଜ୍ ଅତିକ୍ରମ କରିଛି। ଟିକାକରଣରୁ କେହି ଯେପରି ବଞ୍ଚିତ ନ ହୁଅନ୍ତି, ସେଥିପାଇଁ ବିଭିନ୍ନ ଅଞ୍ଚଳରେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ଲୋକଙ୍କୁ ଟିକା ଦେଉଛନ୍ତି।

## ସୁନ୍ଦରଗଡ଼ରେ ସଂକ୍ରମଣ...

ଜଗତ୍‌ସିଂହପୁର ୨୦୭, ପୁରୀ ୧୯୮, ଯାଜପୁର ୧୯୫, ନୟାଗଡ଼ ୧୯୩, ବରଗଡ଼ ୧୬୬, ସୋନପୁର ୧୬୩, କଳାହାଣ୍ଡି ୧୬୩, କୋରାପୁଟ ୧୬୨, ନବରଙ୍ଗପୁର ୧୫୯, ଅନୁଗୋଳ ୧୫୮, ଭଦ୍ରକ ୧୧୮, ଗଜପତି ୧୦୯, ନୂଆପଡ଼ା ୧୦୮ ଓ କେନ୍ଦୁଝରରୁ ୧୦୫ ଜଣ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୧୧,୪୪,୪୦୧ରେ ପହଞ୍ଚିଛି।

ଏପଟେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଥିବାରୁ ଗୋଟିଏ ପରେ ଆଉ ଗୋଟିଏ ଜିଲ୍ଲା ରେଡ୍ ଜୋନ୍ ଓ ୟେଲୋ ଜୋନ୍‌ରେ ସାମିଲ ହେଉଛି। ଏବେ ବାଲେଶ୍ୱର ଜିଲ୍ଲା ରେଡ୍ ଜୋନ୍‌ରେ ସାମିଲ ହୋଇଥିବାବେଳେ ଜଗତ୍‌ସିଂହପୁର ଓ ରାୟଗଡ଼ା ୟେଲୋ ଜୋନ୍‌କୁ ଚାଲି ଆସିଛି। ଫଳରେ ଏବେ ଖୋର୍ଦ୍ଧା, ସୁନ୍ଦରଗଡ଼, କଟକ, ସମ୍ବଲପୁର ଓ ବାଲେଶ୍ୱର ଆଦି ୫ ଜିଲ୍ଲା ରେଡ୍ ଜୋନ୍‌ରେ ଏବଂ ମୟୂରଭଞ୍ଜ, ପୁରୀ, ଯାଜପୁର, ବଲାଙ୍ଗୀର, ଜଗତ୍‌ସିଂହପୁର, ରାୟଗଡ଼ା ଓ ବରଗଡ଼ ଆଦି ୭ ଜିଲ୍ଲା ୟେଲୋ ଜୋନ୍‌ରେ ରହିଛି।

ସେହିଭଳି ରାଜ୍ୟରେ ଆଉ ୩ ଜଣଙ୍କର କରୋନାରେ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଭୁବନେଶ୍ୱରରୁ ୨ଜଣ ଥିବା ବେଳେ ଅନୁଗୋଳରୁ ଜଣେ ରହିଛନ୍ତି। ଅନୁଗୋଳ ମୃତକ ଜଣକ ୨୮ ବର୍ଷୀୟ ଯୁବକ ଓ ସେ ଅନ୍ୟ କୌଣସି ରୋଗରେ ପୀଡ଼ିତ ନ ଥିଲେ। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନାଜନିତ ମୃତ୍ୟୁ ସଂଖ୍ୟା ୮,୪୮୪ରେ ପହଞ୍ଚିଛି।

ରାଜ୍ୟରେ କରୋନା ସଂକ୍ରମଣକୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଏବେ ସଂକ୍ରମଣର ଦ୍ୱିଗୁଣିତ ହେବା ସମୟ କମିବା ସହ ଅଭିବୃଦ୍ଧି ହାର ବି କମିଛି। ବର୍ତ୍ତମାନ ରାଜ୍ୟରେ ୭୫ ହଜାର ସକ୍ରିୟ ସଂକ୍ରମିତ ଥିବାବେଳେ ବର୍ତ୍ତମାନ ମାତ୍ର ୧୨୦୦ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ହସ୍ପିଟାଲ ଉପରେ କିଛି ଚାପ ନାହିଁ। ଆଜି ସଂକ୍ରମଣ କମ୍ ଥିଲେ ବି ଏହି ଟ୍ରେଣ୍ଡକୁ ଦେଖି ବର୍ତ୍ତମାନ କିଛି ଆକଳନ କରିହେବ ନାହିଁ। ଟ୍ରେଣ୍ଡ ଆକଳନ ପାଇଁ ଏହି ମାସ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଦ୍ୱିତୀୟ ଲହର ଭଳି ଖୋର୍ଦ୍ଧା ଓ ସୁନ୍ଦରଗଡ଼ରେ ସଂକ୍ରମଣ ଅଧିକ ରହୁଛି। ଥଣ୍ଡା କାଶ ହେଲେ ନିଜକୁ ଆଇସୋଲେଟ କରି ରଖିବା ସହ ପରୀକ୍ଷା କରିବାକୁ ସେ ପରାମର୍ଶ ଦେଇଛନ୍ତି।

## ବିରଜୁ ମହାରାଜଙ୍କ...

ପୀଡ଼ିତ ଥିବାବେଳେ ତାଙ୍କ ଚିକିତ୍ସା ଚାଲିଥିଲା। ତେବେ ହୃଦ୍‌ଘାତରେ ତାଙ୍କ ମୃତ୍ୟୁ ଘଟିଥିବା ପରିବାର ପକ୍ଷରୁ କୁହାଯାଇଛି। ତାଙ୍କ ପରଲୋକରେ ଚଳଚ୍ଚିତ୍ର ଏବଂ ସଙ୍ଗୀତ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ମହାନ କଥକ ସମ୍ରାଟ ବିରଜୁ ମହାରାଜଙ୍କ ଦେହାନ୍ତରେ ଏକ ଯୁଗର ସମାପ୍ତି ହୋଇଛି। ତାଙ୍କର ପରଲୋକ ଭାରତୀୟ ସଙ୍ଗୀତ ଏବଂ ସାଂସ୍କୃତିକ ଦୁନିଆରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ଏହି ମହାନ୍ କଳାକାର ବିଶ୍ୱ ମଞ୍ଚରେ କଥକକୁ ଖ୍ୟାତି ଆଣିଦେଇଥିଲେ ବୋଲି ରାଷ୍ଟ୍ରପତି ରାମନାଥ କୋବିନ୍ଦ କହିଛନ୍ତି। ଭାରତୀୟ ନୃତ୍ୟକଳାକୁ ସାରା ବିଶ୍ୱରେ ଏକ ସ୍ୱତନ୍ତ୍ର ମାନ୍ୟତା ଦେଇଥିବା ବିରଜୁ ମହାରାଜଙ୍କ ଦେହାନ୍ତରେ ଗଭୀର ଦୁଃଖିତ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଟୁଇଟ୍ କରିଛନ୍ତି। ତାଙ୍କ ପରଲୋକ ସମଗ୍ର କଳା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ସେ କହିଛନ୍ତି। ଓଡ଼ିଶା ରାଜ୍ୟପାଳ ଗଣେଶୀ ଲାଲ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ବିରଜୁ ମହାରାଜଙ୍କ ବିୟୋଗରେ ଶୋକପ୍ରକାଶ କରିଛନ୍ତି।

ବିରଜୁ ମହାରାଜ ଲକ୍ଷ୍ନୌର କଲ୍‌କା-ବିନ୍ଦାଦିନ୍ ଘରାନାର ସଦସ୍ୟ ଥିଲେ। ତାଙ୍କ ପୂରା ନାମ ବ୍ରିଜମୋହନ ନାଥ ମିଶ୍ର। ଲକ୍ଷ୍ନୌର ପ୍ରସିଦ୍ଧ କଥକ ନୃତ୍ୟଶିଳ୍ପୀ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ପିତା ଅଚ୍ଛନ ମହାରାଜ (ଜଗନ୍ନାଥ ମହାରାଜ), କାକା ଲଚ୍ଛୁ ମହାରାଜ ଏବଂ ଶମ୍ଭୁ ମହାରାଜ ଜଣେ ଜଣେ ପ୍ରସିଦ୍ଧ କଥକ ନୃତ୍ୟ ଶିଳ୍ପୀ ଥିଲେ। ସେମାନଙ୍କଠାରୁ ସେ କଥକ ଶିଖିବା ସହ ୭ ବର୍ଷ ବୟସରେ ପ୍ରଥମ ଥର ତାଙ୍କ କଳା ପ୍ରଦର୍ଶନ କରିଥିଲେ। ମାତ୍ର ୧୩ ବର୍ଷ ବୟସରେ ଦିଲ୍ଲୀର ସଙ୍ଗୀତ ଭାରତୀରେ ସେ କଥକ ଶିଖାଇବା ଆରମ୍ଭ କରିଥିଲେ। ପରେ ସେ ଦିଲ୍ଲୀସ୍ଥିତ ଭାରତୀୟ କଳାକେନ୍ଦ୍ର ଏବଂ କଥକ କେନ୍ଦ୍ରରେ ଅଧ୍ୟାପନା ବିଭାଗ ମୁଖ୍ୟ ଏବଂ ନିର୍ଦ୍ଦେଶକ ରହିଥିଲେ। ୧୯୯୮ରେ ସେ ଏଥିରୁ ଅବସର ନେବା ପରେ ଦିଲ୍ଲୀର କଳାଶ୍ରମଠାରେ ନିଜର ନୃତ୍ୟ ବିଦ୍ୟାଳୟ ଖୋଲିଥିଲେ। ସେ ନିଜେ ସଙ୍ଗୀତ ରଚନା ସହିତ ସତ୍ୟଜିତ୍ ରାୟଙ୍କ 'ସତ୍‌ରଞ୍ଜ କେ ଖିଲାଡ଼ି' ଫିଲ୍ମର ଏକ ଗୀତରେ କଣ୍ଠଦାନ ମଧ୍ୟ କରିଛନ୍ତି। ୨୦୦୨ରେ ଫିଲ୍ମ 'ଦେବଦାସ'ର ଲୋକପ୍ରିୟ ଗୀତ 'କାହେ ଛେଡ଼ ମୋହେ' ଗୀତରେ କୋରିଓଗ୍ରାଫି କରିଥିଲେ।

୧୯୬୪ରେ ବିରଜୁ ମହାରାଜଙ୍କୁ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ୧୯୮୬ରେ ଭାରତ ସରକାର ତାଙ୍କୁ ପଦ୍ମ ବିଭୂଷଣ ସମ୍ମାନରେ ସମ୍ମାନିତ କରିଥିଲେ। ୧୯୮୭ରେ କାଳିଦାସ ସମ୍ମାନ, ୨୦୦୨ରେ ତାଙ୍କୁ ଲତା ମଙ୍ଗେସ୍‌କର ପୁରସ୍କାର ପ୍ରଦାନ କରାଯାଇଥିଲା। ଇନ୍ଦିରା କଳା ସଙ୍ଗୀତ ବିଶ୍ୱବିଦ୍ୟାଳୟ ଏବଂ ବନାରସ ହିନ୍ଦୁ ୟୁନିଭର୍ସିଟି ପକ୍ଷରୁ ତାଙ୍କୁ ଡକ୍ଟରେଟ୍ ଉପାଧି ମିଳିଥିଲା। ଏଥିସହ ସଙ୍ଗମ କଳା ପୁରସ୍କାର, ଭାରତ ମୁନି ସମ୍ମାନ, ଆନ୍ଧ୍ର ରତ୍ନ, ନୃତ୍ୟ ବିଳାସ ଆୱାର୍ଡ, ଆଧାରଶିଳା ଶିଖର ସମ୍ମାନ, ସୋଭିଏଟ୍ ଲ୍ୟାଣ୍ଡ ନେହେରୁ ଆୱାର୍ଡ, ଜାତୀୟ ନୃତ୍ୟ ଶିରୋମଣି ପୁରସ୍କାର, ରାଜୀବ ଗାନ୍ଧୀ ଜାତୀୟ ସଦ୍‌ଭାବନା ପୁରସ୍କାର ଭଳି ଅନେକ ସମ୍ମାନ ସେ ପାଇଛନ୍ତି। ବିରଜୁ ମହାରାଜ ଦେବଦାସ, ଦେଢ଼ ଇଶ୍କିଆ, ଉମ୍‌ରାଓ ଜାନ୍, ବାଜି ରାଓ ମସ୍ତାନୀଙ୍କ ଭଳି ଚଳଚ୍ଚିତ୍ର ଗୀତରେ କୋରିଓଗ୍ରାଫି କରିଛନ୍ତି। ଉନ୍ନାଇ କାନ୍ନାଥୁ (ବିଶ୍ୱରୂପମ୍) ପାଇଁ ୨୦୧୨ରେ ଶ୍ରେଷ୍ଠ କୋରିଓଗ୍ରାଫର ଭାବେ ତାଙ୍କୁ ଜାତୀୟ ଫିଲ୍ମ ପୁରସ୍କାର ପ୍ରଦାନ କରାଯାଇଥିଲା। ମୋହେ ରଙ୍ଗ୍ ଦୋ ଲାଲ୍ ଗୀତ (ବାଜିରାଓ ମସ୍ତାନୀ) ପାଇଁ ୨୦୧୬ରେ ଶ୍ରେଷ୍ଠ କୋରିଓଗ୍ରାଫି ବର୍ଗରେ ତାଙ୍କୁ ଫିଲ୍ମ ଫେୟାର ଆୱାର୍ଡ ପ୍ରଦାନ କରାଯାଇଥିଲା।

## ଫୁସ୍‌ଫୁସ୍‌ରେ ପହଞ୍ଚିଲା...

କୋଭିଡ୍ ସଚେତନତା କାର୍ଯ୍ୟକ୍ରମରେ ଡା. ରାଉତ ଉପସ୍ଥିତ ରହି ଲୋକଙ୍କ ମନରେ ଓମିକ୍ରନ୍‌କୁ ନେଇ ରହିଥିବା ଦ୍ୱନ୍ଦ୍ୱକୁ ଏପରି ତଥ୍ୟଭିତ୍ତିକ ମତ ଦେଇ ଦୂର କରିଛନ୍ତି। ସେ କହିଛନ୍ତି ଯେ, ଡେଲ୍‌ଟା ତୁଳନାରେ ଓମିକ୍ରନ୍‌ରେ କ୍ଷତି ପରିମାଣ କମ୍ ହୋଇପାରେ। ଯେଉଁମାନେ ଟିକା ନେଉଛନ୍ତି, ତାଙ୍କ ଉପରେ ଓମିକ୍ରନ୍ ପ୍ରଭାବ କମ୍ ପଡୁଛି। ଓମିକ୍ରନ୍ ଭାରିଆଣ୍ଟ ଶୀଘ୍ର ବ୍ୟାପୁଥିବାରୁ ଶୀଘ୍ର ଦୁର୍ବଳ ହେଉଛି। ମାର୍ଚ୍ଚ ଶେଷ ବେଳକୁ ଓମିକ୍ରନ୍ ସଂକ୍ରମଣ ତଳମୁହାଁ ହେବ ବୋଲି ଆଶା କରାଯାଉଛି। ଆହୁରି ମଧ୍ୟ ସେ କହିଛନ୍ତି, ଓମିକ୍ରନ୍ ହେଉଛି ଏକ କ୍ଷୁଦ୍ର ଭୂତାଣୁ, ଯାହା ବଡ଼ ଆକାରରେ ମାଡୁଛି। ଡେଲ୍‌ଟା ହେଉ କି ଗାମା, କୌଣସି ଭୂତାଣୁ ଏଯାଏ ଶେଷ ହୋଇନି। ଡେଲ୍‌ଟା ସ୍ଥାନ ଧୀରେ ଧୀରେ ଓମିକ୍ରନ ନେଉଛି। ଡେଲଟା ଭୟାବହତା ଆମେ ସମସ୍ତେ ଜାଣିଛୁ, ଡେଲ୍‌ଟା ଏବେ ବି ଅଛି ଏହାକୁ ଆମେ ଭୁଲିବା ନାହିଁ। ଓମିକ୍ରନ୍ ଯୋଗୁ ହର୍ଡ ଇମ୍ୟୁନିଟି ବଢୁଛି ବୋଲି ଲୋକେ କହୁଛନ୍ତି। କିନ୍ତୁ ତା'ବୋଲି ନୁହେଁ ଯେ ଆମେ ରୋଗକୁ ଆମନ୍ତ୍ରଣ କରିବା। ଆଉ ନିୟମ ନ ମାନି ବୁଲିବା। ଆମେ ଜାଣିନୁ ଆମକୁ ଡେଲ୍‌ଟା ହେଉଛି କି ଓମିକ୍ରନ। ତେଣୁ ଆମକୁ ପ୍ରିକଶନ ନେବାକୁ ହେବ। ଆଉ ରୋଗକୁ ରୋକିବାକୁ ହେବ ବୋଲି ଡା. ରାଉତ କହିଛନ୍ତି।

### ପୁନର୍ଜନ୍ମ ପାଇଲେ ଶିଶୁକନ୍ୟା

ସଜନାଗଡ଼,(ଡି.ଏନ.ଏ.): ବାଲେଶ୍ୱର ଜିଲା ନୀଳଗିରି ନିକଟସ୍ଥ ମିତ୍ରପୁରଠାରେ ଜଣେ ୬ ବର୍ଷର ଶିଶୁକନ୍ୟା ଚଳନ୍ତା ଟ୍ରକ୍ ସାମ୍ନାରେ ପଡି ଜୀବିତ ଅବସ୍ଥାରେ ବାହାରି ଆସିବା ଘଟଣା ସାଧାରଣରେ ଆଲୋଡନ ସୃଷ୍ଟି କରିଛି। ମୟୂରଭଞ୍ଜର ପସୁଦା ଅଞ୍ଚଳର ବିଜୟ୍ ସିଂ ସୋମବାର ପଞ୍ଚଲିଙ୍ଗେଶ୍ୱରରୁ କାମ ସାରି ଘରକୁ ଫେରୁଥିଲେ। ମିତ୍ରପୁରଠାରେ ସେମାନେ ପରିସ୍ରା କରିବା ପାଇଁ ଅଟକିଥିଲେ। ସେହି ସମୟରେ ମିତ୍ରପୁର ଆଡୁ ନୀଳଗିରି ଅଭିମୁଖେ ଦ୍ରୁତଗତିରେ ଯାଉଥିବା ଏକ ଟ୍ରକ ସମ୍ମୁଖକୁ ୬ବର୍ଷର ଶିଶୁ ଜ୍ୟୋତ୍ସ୍ନା ଆସିଯାଇଥିଲା। ସେ ଟ୍ରକ ତଳେ ଫଶି ରହିଯାଇଥିଲା। ଟ୍ରକ ଯିବା ପରେ ଶିଶୁଟି ସୁରକ୍ଷିତ ଅବସ୍ଥାରେ ବାହାରିବା ଦେଖି ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ପ୍ରକାଶ କରିଥିଲେ।

# ଚର୍ଚ୍ଚାରେ ସମାନ୍ତରାଳ ପ୍ରାର୍ଥୀ ଚୟନ

- ବିଜେଡି ପୂର୍ବ ସମ୍ମାନ ବଜାୟ ରଖିବା ନେଇ ପ୍ରଶ୍ନ
- ଫାଇଦା ଆଶାରେ ଭାଜପା, ନେତୃତ୍ୱ ଚିନ୍ତାରେ କଂଗ୍ରେସ

**ପୁରୀ ଅଫିସ,୧୭।୧**

ପଞ୍ଚାୟତ ନିର୍ବାଚନ ତାରିଖ ଘୋଷଣା ହେବା ପରେ ପୁରୀ ରାଜନୈତିକ ପାଣିପାଗ ଉଷ୍ମ ହେବାରେ ଲାଗିଛି। ରାଜନୈତିକ ଦଳଗୁଡ଼ିକ ପ୍ରାର୍ଥୀ ଚୟନରେ ଲାଗିପଡ଼ିଛନ୍ତି। ପୂର୍ବ ପଞ୍ଚାୟତ ନିର୍ବାଚନରେ ପୁରୀ ସଦରକୁ ବିଜେଡି ଏକତରଫା ଅକ୍ତିଆର କରିଥିଲା। ତେବେ ପୂର୍ବ ଥର ଭଳି ଏଥର ବିଜେଡି ଏକସ୍ୱର ଓ ଏକମନ ହୋଇ ନିର୍ବାଚନକୁ ଓହ୍ଲାଉଥିବା ମନେ ହେଉନାହିଁ। ଦୁଇଟି ଗୋଷ୍ଠୀ ସମାନ୍ତରାଳ ଭାବେ ନିର୍ବାଚନ ପ୍ରସ୍ତୁତି ସହ ପ୍ରାର୍ଥୀ ଚୟନ କରୁଥିବା ଚର୍ଚ୍ଚା ଚାଲିଛି। ପୁରୀ ଜିଲା ବିଜେଡି ସଭାପତି ମହେଶ୍ୱର ମହାନ୍ତିଙ୍କ ନେତୃତ୍ୱରେ ସରପଞ୍ଚ ଓ ସମିତିସଭ୍ୟ ପଦ ଲାଗି ପ୍ରାର୍ଥୀ ଚୟନ ହେଉଥିବା ଜଣାପଡ଼ିଛି। ସେହିଭଳି ବିଜୁ ଯୁବ ଜନତା ଦଳର ଉପସଭାପତି ଶୁଭାଶିଷ ଖୁଣ୍ଟିଆ ଅନ୍ୟ ଏକ ଗୋଷ୍ଠୀ ମୁଖ୍ୟତଃ ଯୁବ ଗୋଷ୍ଠୀର ନେତୃତ୍ୱ ନେଉଛନ୍ତି। ଏହି ଗୋଷ୍ଠୀ ପକ୍ଷରୁ ମଧ୍ୟ ପ୍ରାର୍ଥୀ ଚୟନ କରାଯାଉଥିବା ଶୁଣିବାକୁ ମିଳୁଛି।

ପୁରୀ ନିର୍ବାଚନମଣ୍ଡଳୀ ଅଧୀନରେ ପୁରୀ ସଦରର ୧୯ଟି ପଞ୍ଚାୟତ ରହିଛି। ଏସବୁ ପଞ୍ଚାୟତରେ ବିଜେଡିର ଦୁଇଗୋଷ୍ଠୀ ଗାଁ ଗାଁ ବୁଲି ଲୋକଙ୍କୁ ନିଜ ସପକ୍ଷରେ ମନାଇବା ପାଇଁ ଚେଷ୍ଟା ଚଳାଇବା ସହ ପତିଆରା ବଢାଇବା ଆଶାରେ ରହିଛନ୍ତି। ଏ ନେଇ ମହେଶ୍ୱରଙ୍କ ସମର୍ଥକ ତଥା ପୂର୍ବତନ ଜିଲା ପରିଷଦ ସଭାପତି ଦିବାକର ପାତ୍ର କହିଛନ୍ତି, ବିବାଦ ନୁହେଁ ବରଂ କାଁ ଭାଁ କ୍ଷେତ୍ରରେ ଅସନ୍ତୋଷ ରହିଛି। ତେବେ ଜିଲା ସଭାପତିଙ୍କ ନେତୃତ୍ୱରେ ପ୍ରାର୍ଥୀ ଚୟନ ହେଉଛି ଓ ସମସ୍ତ ବିଜେଡି ପ୍ରାର୍ଥୀ ଜିତିବେ। ଯେଉଁମାନେ ଗୋଷ୍ଠୀ ବିବାଦ ସୃଷ୍ଟି କରି ପ୍ରାର୍ଥୀ ଦେଉଛନ୍ତି ସେମାନଙ୍କୁ ଉଚିତ୍ ଜବାବ ଦିଆଯିବ। ଅନ୍ୟପକ୍ଷରେ ଖୁଣ୍ଟିଆ କହିଛନ୍ତି, ଦଳ ପାଇଁ ପ୍ରାର୍ଥୀ ଚୟନ ହେଉଛି। ଯାହାର ସଙ୍ଗଠନ ଥିବ, ସେ ଜିତିବ। ବିନା ଦଳୀୟ ଚିହ୍ନରେ ଲଢିବାକୁ ଥିବାରୁ ଅଧିକରୁ ଅଧିକ ନେତା ଆଶାୟୀ ରହିବା ସ୍ୱାଭାବିକ କଥା, କିନ୍ତୁ ଦଳରେ ବିବାଦ ନାହିଁ ବୋଲି ସେ କହିଛନ୍ତି।

ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ଉଭୟ ୨୬ ଓ ୨୭ ନମ୍ବର ଜୋନ୍‌ରେ ଖୁବ୍ କମ୍ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲା। ତେବେ ଏଥର ବିଜୟ ନେଇ ଆଶାବାଦୀ ରହିଛି। ବିଜେଡି କନ୍ଦଳରୁ ଭାଜପା ଫାଇଦା ନେବାକୁ ମସୁଧା କରୁଛି। ଭାଜପା ଜିଲା ଯୁବମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶ କହିଛନ୍ତି, ଜିଲା ପରିଷଦ ନିର୍ବାଚନରେ ଭାଜପା ଆଗୁଆ ରହିବ। ୨୬ନଂ. ଜୋନ୍ ଅଧୀନ ଗୋପୀନାଥପୁର, ବାଲିଗୁଆଲି, କାଶୀ ହରିପୁର, ହରେକୃଷ୍ଣପୁର, ବେଲଦଳ, ସମଙ୍ଗରା ଏବଂ ୨୭ନଂ. ଜୋନ୍‌ର ଚନ୍ଦନପୁର, ଗଡ଼ମୃଗଶିରା, ଚାଳିଶିବାଟିଆ ପ୍ରଭୃତି ପଞ୍ଚାୟତରେ ଭାଜପା ଭଲ ପ୍ରଦର୍ଶନ କରିବ। ଅନ୍ୟପକ୍ଷରେ କଂଗ୍ରେସ ଏବେ ମଧ୍ୟ ନେତୃତ୍ୱ ସଙ୍କଟକୁ ନେଇ ଚିନ୍ତାରେ ରହିଛି। ଜିଲା ସଭାପତି ଅଜିତ ମଙ୍ଗରାଜଙ୍କ ବିୟୋଗ ପରଠୁ ଜିଲା ସଭାପତି ପଦ ଖାଲି ପଡ଼ିଛି। ଦଳୀୟ କର୍ମୀ ଓ ନେତାମାନେ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟ ନେତୃତ୍ୱଙ୍କ ଭରସାରେ ବସି ରହିଥିବାବେଳେ ଏପର୍ଯ୍ୟନ୍ତ ବୈଠକଟିଏ ବି ହୋଇପାରିନାହିଁ। ଏପରି କି ପର୍ଯ୍ୟବେକ୍ଷକ ମଧ୍ୟ ଜିଲାସ୍ତରୀୟ ନେତାଙ୍କ ସହ ଆଲୋଚନା କରିନାହାନ୍ତି। ସ୍ଥାନୀୟ ନେତାମାନେ ନିଜ ନିଜ ସ୍ତରରେ ପ୍ରାର୍ଥୀ ଖୋଜି ନିର୍ବାଚନ ଲଢ଼ିବାକୁ ପ୍ରସ୍ତୁତ ହେଉଛନ୍ତି। ଦଳର ବରିଷ୍ଠ ନେତା ରାଜେଶ କୁମାର ମିଶ୍ର କହିଛନ୍ତି, ବିଜେଡି ଓ ଭାଜପା ପ୍ରତି ଜନ ଅସନ୍ତୋଷ ରହିଛି। ମାତ୍ର ଜିଲା କଂଗ୍ରେସରେ ନେତୃତ୍ୱ ଅଭାବ ଯୋଗୁ ମତଦାତାଙ୍କ ଆସ୍ଥାଭାଜନ ହୋଇପାରୁନାହିଁ।

# ଉତ୍ତରାଖଣ୍ଡ ମନ୍ତ୍ରୀ ହରକ ସିଂ ବହିଷ୍କୃତ

**ଡେରାଡୁନ୍/ନୂଆଦିଲ୍ଲୀ,୧୭।୧**

ଉତ୍ତରାଖଣ୍ଡ ବିଧାନସଭା ନିର୍ବାଚନ ପୂର୍ବରୁ ମନ୍ତ୍ରୀ ହରକ ସିଂ ରାୱତଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳରୁ ବରଖାସ୍ତ କରାଯିବା ସହ ଭାଜପାର ପ୍ରାଥମିକ ସଦସ୍ୟ ପଦରୁ ୬ ବର୍ଷ ପାଇଁ ବହିଷ୍କାର କରାଯାଇଛି। ତାଙ୍କୁ କ୍ୟାବିନେଟରୁ ବହିଷ୍କାର କରାଯାଇଥିବା ସମ୍ପର୍କରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ରାଜ୍ୟପାଳଙ୍କୁ ଜଣାଇ ଦେଇଛନ୍ତି। ଦଳ ଭିତରେ ବିଶୃଙ୍ଖଳାକୁ ବରଦାସ୍ତ କରାଯିବ ନାହିଁ କିମ୍ବା ଦଳ କାହା ଚାପରେ ନଇଁଯିବ ନାହିଁ। ରାୱତ୍‌ଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଇ ଭାଜପା ଏହି ବାର୍ତ୍ତା ଦେଇଥିବା ଦଳ ମୁଖପାତ୍ର ଶାଦାବ ଶାମ୍ସ କହିଛନ୍ତି।

କୋଟଦ୍ୱାର ଆସନରୁ ବିଧାୟକ ଥିବା ରାୱତ୍ ତାଙ୍କ ବୋହୂ ଅନୁକ୍ରିତିଙ୍କୁ ଲାନ୍ସଡୋନେ ଆସନରୁ ପ୍ରାର୍ଥୀ କରିବା ସହ ନିଜ ଆସନ ବଦଳାଇବାକୁ ଚାହୁଁଥିଲେ। ସେ କିଛିଦିନ ହେଲା ଭାଜପା ନେତୃତ୍ୱ ଉପରେ ଅସନ୍ତୋଷ ବ୍ୟକ୍ତ କରି କଂଗ୍ରେସ ସହ ସମ୍ପର୍କ ରଖିଥିଲେ। ଦଳବିରୋଧୀ କାର୍ଯ୍ୟ ଲାଗି ତାଙ୍କୁ ବହିଷ୍କାର କରାଯାଇଥିବା ଶାମ୍ସ କହିଛନ୍ତି।

# ଗୋଆରେ କଂଗ୍ରେସ-ଭାଜପା ଲଢ଼େଇ: ଚିଦାମ୍ବରମ

**ନୂଆଦିଲ୍ଲୀ,୧୭।୧**


ପି. ଚିଦାମ୍ବରମ

ଗୋଆ ବିଧାନସଭା ନିର୍ବାଚନରେ ମୁଖ୍ୟତଃ କଂଗ୍ରେସ ଏବଂ ଭାଜପା ମଧ୍ୟରେ ଲଢ଼େଇ ହେବ ବୋଲି ବରିଷ୍ଠ କଂଗ୍ରେସ ନେତା ପି. ଚିଦାମ୍ବରମ ସୋମବାର କହିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଏବଂ ଟିଏମ୍‌ସି ସେଠାରେ କେବଳ ଅଣଭାଜପା ଭୋଟ ବିଭାଜନ କରିବେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏଏପି ରାଷ୍ଟ୍ରୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଚିଦାମ୍ବରମ୍‌ଙ୍କ ଆକଳନକୁ ଖଣ୍ଡନ କରିଛନ୍ତି। ଗୋଆବାସୀ ଯେଉଁ ଦଳ ଉପରେ ଭରସା ରଖିବେ ତାକୁ ଭୋଟ ଦେବେ। କଂଗ୍ରେସ, ଭାଜପା ପାଇଁ ଆଶା, ଗୋଆବାସୀଙ୍କ ପାଇଁ ନୁହେଁ ବୋଲି କେଜ୍‌ରିୱାଲ କହିଛନ୍ତି।

ଫେବୃୟାରୀ ୧୪ରେ ହେବାକୁ ଥିବା ଗୋଆ ବିଧାନସଭା ନିର୍ବାଚନରେ ଯଦି ଖଣ୍ଡିତ ଜନାଦେଶ ମିଳେ ଏଏପି ସେଠାରେ ମେଣ୍ଟ ସରକାର ଗଢ଼ିବ ବୋଲି କେଜ୍‌ରିୱାଲ ଶନିବାର କହିଥିଲେ। ଗୋଆ ପାଇଁ କଂଗ୍ରେସର ବରିଷ୍ଠ ନିର୍ବାଚନ ପର୍ଯ୍ୟବେକ୍ଷକ ଥିବା ଚିଦାମ୍ବରମ୍ ଗୋଆ ଜନସାଧାରଣଙ୍କୁ ଶାସନ ପରିବର୍ତ୍ତନ ପାଇଁ ଆହ୍ୱାନ ଦେବା ସହ କଂଗ୍ରେସକୁ ଭୋଟ ଦେବା ଲାଗି କହିଛନ୍ତି।


ୟୁପି ବିଧାନସଭା ନିର୍ବାଚନ ପୂର୍ବରୁ ଲକ୍ଷ୍ନୌ ପାର୍ଟି ଅଫିସ୍‌ରେ ସୋମବାର ଇତେହାଦ-ଇ-ମିଲାତ କାଉନସିଲ (ଆଇଏମ୍‌ସି) ମୁଖ୍ୟ ମୌଲାନା ତୌକିର ରାଜା ପ୍ରଦେଶ କଂଗ୍ରେସ ସଭାପତି ଅଜୟ କୁମାର ଲାଲ୍ଲୁଙ୍କୁ ସମର୍ଥନ ପତ୍ର ହସ୍ତାନ୍ତର କରୁଛନ୍ତି।

# ନିର୍ବାଚନ ପରିଚାଳନା କମିଟି ଗଢ଼ିଲା କଂଗ୍ରେସ

**ଭୁବନେଶ୍ୱର,୧୭।୧(ବ୍ୟୁରୋ):** ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ନିର୍ବାଚନ ପରିଚାଳନା କମିଟି ଘୋଷଣା କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଗଠିତ ୧୮ଜଣିଆ କମିଟିରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଅଧ୍ୟକ୍ଷ ଥିବାବେଳେ ଜଙ୍ଗେଶ୍ୱର ବାବୁ ଆବାହକ ରହିଛନ୍ତି। ସେହିପରି କମିଟିରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ଚିରଞ୍ଜୀବ ବିଶ୍ୱାଳ, ପ୍ରସାଦ ହରିଚନ୍ଦନ, ଶରତ ପଟ୍ଟନାୟକ, ପଞ୍ଚାନନ କାନୁନ୍‌ଗୋ, ବିଧାୟକ ସୁରେଶ କୁମାର ରାଉତରାୟ, ତାରାପ୍ରସାଦ ବାହିନୀପତି, ମହମ୍ମଦ ମୋକିମ, ସନ୍ତୋଷ ସିଂ ସାଲୁଜା, ଏମ୍‌ପି ସପ୍ତଗିରି ଉଲ୍ଲାକା, ବିଜୟ ଲକ୍ଷ୍ମୀ ସାହୁ, ବନ୍ଦିତା ପରିଡା, ସ୍ମୃତି ରଞ୍ଜନ ଲେଙ୍କା, ସୟଦ ୟାସିର ନୱାଜ, ମାନସ ରଞ୍ଜନ ଚୌଧୁରୀ, ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ସଦସ୍ୟ ରହିଛନ୍ତି। ଏହି କମିଟି ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନଠାରୁ ଆରମ୍ଭ କରି ପୂରା ନିର୍ବାଚନ ପରିଚାଳନା ତଦାରଖ ଦାୟିତ୍ୱ ତୁଲାଇବ। ଜିଲା କଂଗ୍ରେସ କମିଟି ଜିଲା ସ୍ତରରେ ପ୍ରାର୍ଥୀ ଚୟନ କରି କମିଟିକୁ ପ୍ରଦାନ କରିବେ। ଏହାପରେ କମିଟି ସହ ଆଲୋଚନା ପରେ ଚୂଡାନ୍ତ ତାଲିକା ଘୋଷଣା କରାଯିବ। କମିଟି ଦ୍ୱାରା ଘୋଷିତ ନାମ ଚୂଡାନ୍ତ ହେବ ବୋଲି ପିସିସି ପକ୍ଷରୁ ସୂଚନା ଦିଆଯାଇଛି।

**ଦ.ପୂ. ରେଳପଥ - ଶୁଦ୍ଧିପତ୍ର**

ଇ-ଟେଣ୍ଡର ବିଜ୍ଞପ୍ତି ନଂ. ଏସ୍‌ଟି-ସିକେପି-୦୧-୨୦୨୨, ତାରିଖ: ୦୫।୦୧।୨୦୨୨ ନିମନ୍ତେ ଶୁଦ୍ଧିପତ୍ର । ଉପରୋକ୍ତ ଟେଣ୍ଡର ବିଜ୍ଞପ୍ତିର ସାମଗ୍ରୀ ନଂ.୧୦ର ଟେଣ୍ଡର ମୂଲ୍ୟ ଏବଂ ଅମାନତ ରାଶିକୁ ବିଦ୍ୟମାନ ପ୍ରବେଶିକା ପରିବର୍ତ୍ତେ ଯଥାକ୍ରମେ "₹୬,୫୪,୯୨୮.୭୯" ଏବଂ "₹୧୩,୧୦୦/-" ଭାବେ ପଢ଼ାଯିବା ଆବଶ୍ୟକ । ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ ।
(PR-557/C)

**ପୂର୍ବ ତଟ ରେଳପଥ**

**ମାର୍ଚ୍ଚ-2022 ପାଇଁ ଡିପୋ ଏବଂ ମଣ୍ଡଳଗୁଡ଼ିକ ନିମନ୍ତେ ଇ-ନିଲାମ କାର୍ଯ୍ୟସୂଚୀ**

**ଇ-ନିଲାମର ଅନୁସୂଚୀ**

| ମାସ | ମୁଖ୍ୟାଳୟ/ମଣ୍ଡଳ | ତାରିଖ |
|---|---|---|
| ମାର୍ଚ୍ଚ-2022 | ଡିପୋ ମଞ୍ଚେଶ୍ୱର | 2.3.22, 11.3.22, 14.3.22, 24.3.22 ଏବଂ 31.03.22 |
| | ଖୋର୍ଦ୍ଧା ରୋଡ୍ ମଣ୍ଡଳ | 2.3.22, 9.3.22, 17.3.22, 22.3.22 ଏବଂ 28.03.22 |
| | ୱାଲ୍ଟିୟର ମଣ୍ଡଳ | 4.3.22, 10.3.22, 16.3.22, 21.3.22 ଏବଂ 29.03.22 |
| | ସମ୍ବଲପୁର ମଣ୍ଡଳ | 3.3.22, 8.3.22, 15.3.22, 23.3.22 ଏବଂ 30.03.22 |

'ଯେପରି ଅଛି, ଯେଉଁଠାରେ ଅଛି' ଭିତ୍ତିରେ ସମ୍ବଲପୁର, ଖୋର୍ଦ୍ଧା ଏବଂ ୱାଲ୍ଟିୟର ମଣ୍ଡଳରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍‌ସ (ଲୋକୋ, କୋଚ୍, ୱାଗନ), ସ୍କ୍ରାପ୍ ରେଲ, ବିବିଧ P.Way ଫିଟିଙ୍ଗ୍‌ସ (ସୁଇଚ୍, କ୍ରସିଙ୍ଗ୍‌ସ, ଫିସ୍ ପ୍ଲେଟ୍‌ସ, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ୍, ବଫର ପ୍ଲଙ୍ଗର, ଟର୍ଣ୍ଣିଙ୍ଗ୍ ଏବଂ ବୋରିଙ୍ଗ୍ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍ - ମେଟାଲିକ୍ ସ୍କ୍ରାପ୍, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟସ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣଏବଂ ରେଲୱେ ବିଦ୍ୟୁତୀକରଣର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟେ ପ୍ରସ୍ତାବିତ ନିଲାମ ବିକ୍ରୀ। ରେଳବାଇ ପ୍ରଶାସନର ଅନ୍ୟ ଆଇଟମ୍‌ଗୁଡ଼ିକୁ ମଧ୍ୟ ନିଲାମରେ ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି। ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସଂପୃକ୍ତ ନିଲାମ ପରିଚାଳନା ପ୍ରାଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର 07(ସାତ) ଦିନ ପୂର୍ବରୁ ଆମର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ହେବ।

PR-726/M/21-22 — ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

**PARADIP PORT TRUST**

**e-TENDER CALL NOTICE**

Name of the Work : "**Construction of Retaining Walls in the Stack Yard (MCHP area)**". EMD Cost : **Rs.21,30,174/-**. Last Date and time of submission of Bid : **Dt.07.02.2022 up to 17:15 Hrs.** For details please refer our Website : **https://eprocure.gov.in/eprocure/app**

**Executive Engineer**
**Harbour Works Division No. I**
**PPT/PR/139/21-22 Dt-17.01.22**

**COUNCIL OF HIGHER SECONDARY EDUCATION, ODISHA** No.N-54
**PRAJNAPITHA, SAMANTAPUR, BHUBANESWAR-751013**

**CANCELLATION OF TENDER CALL NOTICE**

**Bhubaneswar, dated the 15th January, 2022**

No.Adm-II-27/2022(P)/235/CHSE/ It is hereby notified that the Tender Call Notice vide No. ADM-II-27/2021(P)-6593/CHSE/ Dt.18.12.2021 of the Council of Higher Secondary Education, Odisha, Bhubaneswar for supply of 02 nos. of A.C. Diesel Driven Swift Dezire vehicle on monthly basis and supply of bulk nos. of different types of hired vehicles is hereby cancelled.

**By Order of the Chairman**
OIPR-11003/11/0023/2122 — Sd./- **Secretary, CHSE, Odisha, Bhubaneswar**

# ବାଲି ଚୋରା ଚାଲାଣରୁ ରାଜ୍ୟ ହରାଉଛି ୧୪ ହଜାର କୋଟି: ଭାଜପା

**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

ରାଜ୍ୟରେ ଚୋରା ବାଲି ମାଫିଆଙ୍କ ରାଜ୍ ବଢୁଛି । ରାଜ୍ୟ ସରକାର ଏବଂ ଶାସକ ଦଳର ମନ୍ତ୍ରୀ, ବିଧାୟକ ତଥା ନେତାମାନଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପୃଷ୍ଠପୋଷକତାରେ ଅବାଧ ବାଲି ଚୋରି ହେଉଛି । ଏହି ବାଲି ଚୋରି ଯୋଗୁ ରାଜ୍ୟ ସରକାର ପ୍ରତିବର୍ଷ ପାଖାପାଖି ୧୪ ହଜାର କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ବୋଲି ଭାଜପା ପକ୍ଷରୁ ଅଭିଯୋଗ କରାଯାଇ ରାଜ୍ୟପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।

ଭାଜପା ନଦୀ ସୁରକ୍ଷା କମିଟିର ଅଭିଯୋଗ ଅନୁଯାୟୀ, ରାଜ୍ୟରେ ବେଧଡ଼କ ବେଆଇନ ବାଲି ଉଠାଣ ହେଉଛି । ମୁଖ୍ୟତଃ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ଋଷିକୁଲ୍ୟା ଆଦି ରାଜ୍ୟର ୧୧ଟି ପ୍ରମୁଖ ନଦୀରେ ଚୋରା ବାଲି ଚାଲାଣ ବଢ଼ିଚାଲିଛି । ଫଳରେ ନଦୀ ବନ୍ଧଗୁଡ଼ିକ ଅସୁରକ୍ଷିତ ଓ ଦୁର୍ବଳ ହୋଇପଡୁଛି। ନଦୀକୂଳରେ ବାସ କରୁଥିବା ଗାଁର ସାଧାରଣ ଲୋକଙ୍କ ଜନଜୀବନ ପ୍ରଭାବିତ ହେଉଛି। ପରିବେଶ ବିପର୍ଯ୍ୟସ୍ତ ହେଉଛି । ବିନା ଲାଇସେନ୍ସରେ ବାଲି ଉଠୁଥିବାରୁ ରାଜ୍ୟର ରାଜସ୍ୱ ହାନୀ ମଧ୍ୟ ହେଉଛି । ନ୍ୟାଶନାଲ ଗ୍ରୀନ୍ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଏନେଇ ବାରମ୍ବାର ରାଜ୍ୟ ସରକାରଙ୍କୁ ତାଗିଦ କରିଥିବାବେଳେ ଆଇନ ଖିଲାପକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଭାଜପା ତରଫରୁ ଦାବି କରାଯାଇଛି । ଶାସକ ଦଳର ମନ୍ତ୍ରୀ ଓ ନେତାଙ୍କ ସମ୍ପୃକ୍ତି ରହୁଥିବାରୁ ରାଜ୍ୟ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି । ତେଣୁ ସୋମବାର ଭାଜପା ନଦୀ ସୁରକ୍ଷା କମିଟି (ନମାମି ଗଙ୍ଗେ) ତରଫରୁ ସଂଯୋଜକ ମହେଶ ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳ ରାଜ୍ୟପାଳଙ୍କ ନିକଟରେ ଫେରାଦ ହେବା ସହ ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି।



ରାଜ୍ୟପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଭାଜପା ନଦୀ ସୁରକ୍ଷା କମିଟି କର୍ମକର୍ତ୍ତା।

# ବିଜେଡି ବିରୋଧରେ ପ୍ରଚାର କରିବ ଭାଜପା

**ଭୁବନେଶ୍ୱର,୧୭।୧(ବ୍ୟୁରୋ):** ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସୁପରିଚାଳନା ପରିପ୍ରେକ୍ଷୀରେ ରାଜ୍ୟ ଭାଜପା ସଭାପତି ସମୀର ମହାନ୍ତି ରବିବାର ଏକ ୭ଜଣିଆ ରାଜ୍ୟସ୍ତରୀୟ ନିର୍ବାଚନ ପରିଚାଳନା କମିଟି ଘୋଷଣା କରିଥିଲେ । ରାଜ୍ୟ ସଭାପତିଙ୍କ ଅଧ୍ୟକ୍ଷତାରେ ସୋମବାର ଏହି କମିଟିର ପ୍ରଥମ ବୈଠକ ଭର୍ଚୁଆଲରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟ ସହପ୍ରଭାରୀ ବିଜୟପାଲ ସିଂହ ତୋମାରଙ୍କ ସମେତ କମିଟିର ସଦସ୍ୟ ଏମ୍‌ପି ଜୁଏଲ ଓରାମ, ବସନ୍ତ ପଣ୍ଡା, ବିଧାୟକ ଜୟନାରାୟଣ ମିଶ୍ର, ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ମାଝି ପ୍ରମୁଖ ଯୋଗଦେଇଥିଲେ ।

ଏଥିରେ ମୁଖ୍ୟତଃ ଚଳିତ ପଞ୍ଚାୟତ ନିର୍ବାଚନରେ କିପରି ପ୍ରଚାର, ପ୍ରସାର, ସାମାଜିକ ଗଣମାଧ୍ୟମର ବ୍ୟବହାର ଆଦି କରିହେବ ସେନେଇ ଆଲୋଚନା କରାଯାଇଛି। ଶାସକ ବିଜେଡିର ଦୁର୍ନୀତି ଚେର ବହୁ ତଳକୁ ବ୍ୟାପିଯାଇଛି ଏବଂ ଏହା ରାଜ୍ୟ ସରକାରଙ୍କ ବିରୋଧରେ ଜନ ଅସନ୍ତୋଷ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବାକୁ ଆଲୋଚନା ହୋଇଛି । ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଚକ୍ରାନ୍ତ କରି ବିଜେଡି ଭୋଟ ହାତେଇବା ପ୍ରୟାସ ଏବଂ ରାଜ୍ୟ ନିର୍ବାଚନ କମିଶନଙ୍କୁ ହାତବାରିସି କରି ନିର୍ବାଚନ ବୈତରଣୀ ପାରହେବାର ମସୁଧାକୁ ନେଇ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଛି । ରାଜ୍ୟ ନିର୍ବାଚନ କମିଶନ ଜାଣିଶୁଣି ଭୋଟର ତାଲିକାରେ ବ୍ୟାପକ ଅନିୟମିତତା କରିବା ସହ ବହୁ ବିଳମ୍ବରେ ପ୍ରକାଶ କରିଥିବାରୁ ବର୍ତ୍ତମାନ ଉପସ୍ଥିତ ନେତୃବୃନ୍ଦ ଚିନ୍ତାପ୍ରକଟ କରିବା ସହିତ ଅବାଧ ଓ ନିରପେକ୍ଷ ନିର୍ବାଚନକୁ ନେଇ ଆଶଙ୍କା ପ୍ରକାଶ କରିଛନ୍ତି । ଏ ସମସ୍ତ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରାଯାଇ ନିର୍ବାଚନ ସୁପରିଚାଳନା ପାଇଁ ଭିନ୍ନଭିନ୍ନ ନେତୃବୃନ୍ଦଙ୍କ ନେତୃତ୍ୱରେ ଭିନ୍ନ ଭିନ୍ନ କମିଟି ଗଠନ କରାଯାଇଛି ।

**ODISHA PUBLIC SERVICE COMMISSION**
**19, DR. P.K. PARIJA ROAD, CUTTACK-753001**

**NOTICE**

**No. 281/PSC, Dt.11.1.22**
**(DR-IV) (4C-09-2021-22)**

**PROGRAMME OF WRITTEN EXAMINATION FOR RECRUITMENT TO THE POST OF MEDICAL OFFICER (ASSISTANT SURGEON), PURSUANT TO ADVERTISEMENT NO. 17 OF 2021-22**

**D-275:-** The **Written Examination** for recruitment to the posts of **Medical Officer (Asst. Surgeon)**, shall be conducted as per the following programme.

| Date | Time |
|---|---|
| 23.01.2022 (Sunday) | 10.00 A.M. to 01.00 P.M. (10.00 A.M. to 02.00 P.M. for PWD candidates) |

**The list of Examination Centres along with allotment of Roll Numbers are given below:-**

| Sl. No. | Name of the Examination Centres | Roll Numbers |
|---|---|---|
| 1 | Saraswati Shishu Vidya Mandir, Tulsipur, Chahatanagar, Cuttack, 753008 | From 100001 to 100476 |
| 2 | DAV Public School (North Block), Sector-6, CDA, Cuttack, 753014 | From 100477 to 100883 |
| 3 | DAV Public School (South Block), Sector-6, CDA, Cuttack, 753014 | From 100884 to 101288 |
| 4 | Bhubanananda School of Engineering (BOSE), Cuttack Cuttack, 753007 | From 101289 to 101720 |

The list of eligible candidates is annexed herewith in a separate copy for information of all concerned.

The admitted candidates are required to download their **"Admission Certificates" and "Instructions to candidates"** from the Website of the Commission at **www.opsc.gov.in** shortly.

OIPR-12002/11/0202/2122 — **Sd./- Secretary**

**ODISHA PUBLIC SERVICE COMMISSION**
**CUTTACK**

**NOTICE**

**No. 523/PSC, Dt. 17.01.2022**
**(1R-72-21/22) (DR-V)**

**No. D-277:-** It is for information of all concerned that, pursuant to the advertisement No. 06 of 2021-2022, **04 (four)** candidates, bearing following PPSAN have been allowed to face the interview to determine their eligibility for recruitment to the post of **Associate Professor in "Geology".** The Interview in respect of the following candidates will be held in the office of the Commission at 19, Dr. P.K. Parija Road, Cuttack- 753001 on **02.02.2022** as per the programme mentioned below.

| Date | Time of Interview | PPSAN |
|---|---|---|
| 02.02.2022 | 2.30 P.M. | 00090307, 00109949, 00077052 & 00109135 = 4 Candidates |

**The candidates are advised to produce following documents at the time of interview:-**

1. **All Original Research Publications/Books.**
2. **Photocopy of front and back cover pages of published books-04 sets.**
3. **Photocopies of 10 best original publications- 04 sets.**

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are further advised to report in the office of the Commission **half an hour before the commencement of interview** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the interview process and produce the **RTPCR negative** report within **72 hours** of date of interview.

OIPR-12002/11/0208/2122 — **Sd./- Secretary**

# ପୋଲିସ ପ୍ରତ୍ୟାହାର ଦାବିରେ ବିକ୍ଷୋଭ

**ଭୁବନେଶ୍ୱର, ୧୭।୧(ବ୍ୟୁରୋ):** ନିଜ ଜୀବିକା ଓ ପାନବରଜକୁ ରକ୍ଷା କରିବା ପାଇଁ ପ୍ରସ୍ତାବିତ ଜିନ୍ଦଲ କମ୍ପାନୀର ଇସ୍ପାତ କାରଖାନା ବିରୋଧରେ ଚାଲିଥିବା ଜନଆନ୍ଦୋଳନକୁ ଦମନ ପାଇଁ ଢିଙ୍କିଆ ଗାଁରେ ମୁତୟନ ଥିବା ପୋଲିସ ଫୋର୍ସକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ଦାବି କରିଛି ସିପିଆଇ ଓ ବିକେଏମ୍‌ୟୁ। ଏନେଇ ଉଭୟ ସଙ୍ଗଠନ ପକ୍ଷରୁ ଭୁବନେଶ୍ୱରଠାରେ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ବିକେଏମ୍‌ୟୁ ରାଜ୍ୟ ସମ୍ପାଦକ ସୁର ଜେନା ଓ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ବିଜୟ ଜେନା ଉଦ୍‌ବୋଧନ ଦେଇ କହିଲେ, ଢିଙ୍କିଆ ଗ୍ରାମବାସୀ ଅନାହାରରେ ଜଙ୍ଗଲରେ ଲୁଚିବା ଓ ସେମାନଙ୍କ ଗାଁରେ ପୋଲିସ କ୍ୟାମ୍ପ ରହିବା ସମ୍ପୂର୍ଣ୍ଣ ବେଆଇନ ଓ ଏଭଳି ଦମନଲୀଳା ଅମାନବୀୟ। ସମ୍ପୃକ୍ତ ଅଞ୍ଚଳରୁ ଯଥାଶୀଘ୍ର ପୋଲିସ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବାକୁ ସେମାନେ ଦାବି କରିବା ସହ ଚେତାବନୀ ମଧ୍ୟ ଦେଇଛନ୍ତି।

**ଢିଙ୍କିଆରେ ପୋଲିସର ଲାଠିମାଡ଼ ଘଟଣା**

# କଂଗ୍ରେସର ତଥ୍ୟ ଅନୁସନ୍ଧାନକାରୀ ଟିମ୍

**ଭୁବନେଶ୍ୱର,୧୭।୧(ବ୍ୟୁରୋ):** ଜଗତ୍‌ସିଂହପୁର ଜିଲା ଅନ୍ତର୍ଗତ ଢିଙ୍କିଆରେ ଜିନ୍ଦଲ ପକ୍ଷରୁ ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠାକୁ ବିରୋଧ କରି ଆସୁଛନ୍ତି ଗ୍ରାମବାସୀ। ସେମାନଙ୍କ ଆନ୍ଦୋଳନକୁ ଆୟତ୍ତ କରିବାକୁ ଯାଇ ଗତ ଶୁକ୍ରବାର ପୋଲିସ ଲାଠି ଚାଳନା କରିଥିଲା। ପୋଲିସ ଓ ପ୍ରଶାସନର ଏପରି ଅତ୍ୟାଚାର ଓ ଦମନଲୀଳାକୁ କଂଗ୍ରେସ ପକ୍ଷରୁ ପୂର୍ବରୁ ନିନ୍ଦା କରାଯାଇଛି। ପୂରା ଘଟଣାର ସତ୍ୟାସତ୍ୟ ଜାଣିବା ସହ ଏହାକୁ ରାଜ୍ୟବାସୀଙ୍କ ନିକଟରେ ଉପସ୍ଥାପନ କରି ଢିଙ୍କିଆବାସୀଙ୍କୁ ନ୍ୟାୟ ଓ ସେମାନଙ୍କ ଅଧିକାର ଦେବାକୁ ଦଳ ଅଣ୍ଟା ଭିଡିଛି। ସୋମବାର ପିପିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏକ ତଥ୍ୟ ଆନୁସନ୍ଧାନକାରୀ ଦଳ ଗଠନ କରାଯାଇଛି। ଗଠିତ ୭ଜଣିଆ କମିଟିରେ ବିରୋଧୀ ଦଳ ନେତା ନରସିଂହ ମିଶ୍ର ଅଧ୍ୟକ୍ଷ ଥିବାବେଳେ ଆବାହକ ଭାବେ ଚିରଞ୍ଜୀବ ବିଶ୍ୱାଳ ରହିଛନ୍ତି। ରାମଚନ୍ଦ୍ର ଖୁଣ୍ଟିଆ, ନଟବର ବାରିକ, ଅରିନ୍ଦମ ସର୍ଖେଲ, ଅଂଶୁମାନ ମହାନ୍ତି ଓ ଲଲାଟେନ୍ଦୁ ମହାପାତ୍ର ସଦସ୍ୟ ରହିଛନ୍ତି। ତେବେ ସମୁଦାୟ ଘଟଣାର ତଥ୍ୟ ଓ ସତ୍ୟତା କମିଟି ସଂଗ୍ରହ ପରେ ଏହାକୁ ଜନସାଧାରଣଙ୍କ ନିକଟରେ ରଖିବା ମୁଖ୍ୟ ଉଦ୍ଦେଶ୍ୟ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି।

ଜଣକ ଭିତରେ ଅହଂକାର ଥିବା ଯାଏ ସେ କାହାକୁ ଭଲ ପାଇ ପାରିବ ନାହିଁ। ପ୍ରେମ ହିଁ କେବଳ ପ୍ରେମ କରିପାରେ। କେବଳ ପ୍ରେମ ହିଁ ଅହଂକାରକୁ ଜୟ କରିପାରେ। ନିଜକୁ ଦେଇ ନ ଦେବା ଯାଏ ପ୍ରେମ ନାହିଁ। -ଶ୍ରୀମା

# ନଗଦକୁ ଫେର

ଭାରତ ଦିନକୁଦିନ ପ୍ରଯୁକ୍ତି କ୍ଷେତ୍ରରେ ଉନ୍ନତି କରୁଛି ଓ 'ଡିଜିଟାଲ ଇଣ୍ଡିଆ' ଦେଶକୁ ନୂଆ ଦିଶା ଦେଖାଇଛି ବୋଲି କେନ୍ଦ୍ର ସରକାର କହି ବୁଲୁଛନ୍ତି। କିନ୍ତୁ ବାସ୍ତବ ଭାରତରେ ଅନେକ ହଜାର ଲୋକ ଦୈନିକ ଅନ୍‌ଲାଇନ ଠକାମିର ଶିକାର ହେଉଛନ୍ତି। ମାଇକ୍ରୋସଫ୍ଟ ୨୦୨୧ ଗ୍ଲୋବାଲ ଟେକ୍ ସପୋର୍ଟ ସ୍କାମ୍ ରିସର୍ଚ୍ଚ ରିପୋର୍ଟ ଅନୁଯାୟୀ, ଭାରତରେ ୬୯ ପ୍ରତିଶତ ଉପଭୋକ୍ତା ଅନ୍‌ଲାଇନ ଠକେଇର ଶିକାର ହେଉଛନ୍ତି। ସେଥିମଧ୍ୟରୁ ୩୧ ପ୍ରତିଶତ ସମ୍ପୂର୍ଣ୍ଣ ଭାବେ ସେମାନଙ୍କ ଅର୍ଥ ହରାଇଥାଆନ୍ତି। ଅନ୍‌ସଲିସିଟେଡ୍ ବା ଅଯାଚିତ କଲ୍ ପାଇ ଠକେଇର ଶିକାର ହେବା ୨୦୧୮ରୁ ୨୦୨୧ ମଧ୍ୟରେ ୨୩ରୁ ୩୧ ପ୍ରତିଶତ ବଢ଼ିଥିବା ଉକ୍ତ ରିପୋର୍ଟରେ କୁହାଯାଇଛି। ସେହିପରି ବୟସ୍କ ବ୍ୟକ୍ତିମାନଙ୍କ ଉପରେ ମନସ୍ତାତ୍ତ୍ୱିକ କୌଶଳ ପ୍ରୟୋଗ କରାଯାଇ ଅର୍ଥ ଠକି ନିଆଯାଉଥିବାର ଖବର ବାରମ୍ବାର ଶୁଣିବାକୁ ମିଳୁଛି। ସଦ୍ୟ ଘଟଣା ଦେଖିଲେ ଗତ ସପ୍ତାହରେ ମୁମ୍ବାଇ ଓ ଗୁରୁଗ୍ରାମରେ ଦୁଇ ଜଣ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରୁ ଠକମାନେ ଯଥାକ୍ରମେ ୧୧ ଲକ୍ଷ ଓ ୧୬ ଲକ୍ଷ ଟଙ୍କା ଉଠାଇ ନେଇଯାଇଛନ୍ତି। ୧୫ ଜାନୁୟାରୀରେ ମୁମ୍ବାଇ ମହିଳା ପିଜା ଓ ଡ୍ରାଏ ଫ୍ରୁଟ୍ସ ଅର୍ଡର ଦେଇ ତାହା ନ ପାଇବାରୁ ଅର୍ଥ ଫେରିପାଇବା ପାଇଁ ଚେଷ୍ଟା କରୁଥିବା ବେଳେ ଠକାମିରେ ପଡ଼ିଥିଲେ। ପରେ ତାଙ୍କ ଆକାଉଣ୍ଟରୁ ୧୧ ଲକ୍ଷ ଟଙ୍କା ଉଠାଇ ନିଆଯାଇଥିବା ସେ ଜାଣିଥିଲେ। ଅନୁରୂପ ଭାବେ ଗୁରୁଗ୍ରାମର ଜଣେ ମହିଳା ତାଙ୍କ ବ୍ୟାଙ୍କ ଆକାଉଣ୍ଟରେ ଦେଖାଦେଇଥିବା ସମସ୍ୟା ବିଷୟରେ ବୁଝିବାକୁ ଯାଇ ଅନ୍ୟତମ ବୃହତ୍ ଘରୋଇ ବ୍ୟାଙ୍କର କଷ୍ଟମର କେୟାରକୁ ଫୋନ୍ କରିଥିଲେ। ସେପଟୁ ଫୋନ୍ ଧରିଥିବା ବ୍ୟକ୍ତି ନିଜକୁ ବ୍ୟାଙ୍କ ପ୍ରତିନିଧି କହି ସମ୍ପୃକ୍ତ ମହିଳାଙ୍କ ସହ କଥା ହେବା ବେଳେ ସବୁ ତଥ୍ୟ ସଂଗ୍ରହ କରି ତାଙ୍କ ଆକାଉଣ୍ଟରୁ ୧୬ ଲକ୍ଷ ଟଙ୍କା ଉଠାଇ ନେଇଥିବା ବିଷୟ ୧୬ ଜାନୁୟାରୀରେ ଜଣାପଡ଼ିଛି। ଏହିଭଳି ଅନେକ ଘଟଣା ପ୍ରତିଦିନ ଭାରତରେ ଘଟିଚାଲୁଛି। କେତେକ କ୍ଷେତ୍ରରେ ଲୋକେ ନିଜ ବୋକାମିର ପରିଚୟ ଲୁଚାଇବାକୁ ଯାଇ ଅନ୍‌ଲାଇନ୍ ଠକାମିର ଶିକାର ହେଉଥିଲେ ମଧ୍ୟ ସାଧାରଣରେ ପ୍ରକାଶ କରୁ ନ ଥିବା ଦେଖିବାକୁ ମିଳୁଛି। ଯେତେଗୁଡ଼ିଏ ଅଭିଯୋଗ ଆସୁଛି, ତାହାକୁ ଭିତ୍ତିକରି ତଦନ୍ତ କରାଯାଉଛି।

ସୂଚନା ପ୍ରଯୁକ୍ତି (ଆଇଟି) କ୍ଷେତ୍ରରେ ଭାରତର ବହୁ ପ୍ରତିଭାସମ୍ପନ୍ନ ବ୍ୟକ୍ତି ବିଦେଶରେ ନାମ ଅର୍ଜନ କରିଛନ୍ତି। ହେଲେ ଆମ ଦେଶର ସାଇବର ସୁରକ୍ଷା ପ୍ରଶ୍ନବାଚୀରେ ରହିଯାଇଛି। ପ୍ରାୟ ୧୪୦ କୋଟି ଲୋକସଂଖ୍ୟା ବିଶିଷ୍ଟ ଦେଶରେ ଅନେକେ ଡିଜିଟାଲ ଦୃଷ୍ଟିରୁ ସାକ୍ଷର ହୋଇପାରି ନାହାନ୍ତି। ସେମାନଙ୍କୁ ଏ ବିଷୟରେ ସଚେତନ କରାଯିବା ଅପେକ୍ଷା ସରକାର 'ଡିଜିଟାଲ ଇଣ୍ଡିଆ' ପୋଷ୍ଟର ମାରି ବାହାବା ନେବାକୁ ଚାହୁଁଛନ୍ତି। ଏମିତି ଦେଖିଲେ ୮ ନଭେମ୍ବର ୨୦୧୬ରେ ଦେଶରେ ଡିମନିଟାଇଜେଶନ ବା ବିମୁଦ୍ରୀକରଣ ହେବା ଦିନୁ ଦେଶର ଅର୍ଥନୀତି ଭୁଶୁଡ଼ି ପଡ଼ିଛି। ଗରିବଗୁରୁବା ଓ ଅପାଠୁଆ ଲୋକେ ଜୀବନ ସାରା ଘରେ ସାଇତି ରଖିଥିବା କିଛି ବଡ଼ କାଗଜ ଟଙ୍କାକୁ ବଦଳାଇବାରେ ସକ୍ଷମ ନ ହେବାରୁ ତାହା ସେମାନେ ହରାଇ ବସିଥିଲେ। କ୍ଷୁଦ୍ର ଓ ମଧ୍ୟମ ଧରଣର ଉଦ୍ୟୋଗୀ ଦୈନିକ ସଂସ୍ଥା ଚଳାଇବା ସକାଶେ ଯେଉଁ ଅର୍ଥ ପାଖରେ ରଖିଥିଲେ, ସରକାରଙ୍କ ନିୟମାବଳୀ ଅନୁଯାୟୀ ସେହି କଥିତ ବଡ଼ ନୋଟ୍ ବଦଳାଇ ନ ପାରିବାରୁ କ୍ଷତି ସହିଲେ। ଏଭଳି ସ୍ଥଳେ ସରକାର ଅନ୍‌ଲାଇନ କାରବାରକୁ ମଧ୍ୟ ଗୁରୁତ୍ୱ ଦେଲେ।

ଅତ୍ୟାଧୁନିକ ଯୁଗରେ କାର୍ଯ୍ୟକୁ ସହଜ କରିବା ଲାଗି ଇଣ୍ଟରନେଟ୍ ମାଧ୍ୟମରେ ଅନଲାଇନ୍ କାରବାରକୁ ପ୍ରୋତ୍ସାହନ ଦିଆଯିବା ଏକ ଉତ୍ତମ ପଦକ୍ଷେପ। କିନ୍ତୁ ସେହିଭଳି ଭିତ୍ତିଭୂମି ସୃଷ୍ଟି କରାଯିବାର ଜରୁରୀ ଆବଶ୍ୟକତା ରହିଛି, ଯାହା ପ୍ରତି ସରକାର ଓ ବିଶେଷକରି ବ୍ୟାଙ୍କଗୁଡ଼ିକ ତରଫରୁ କୌଣସି ଧ୍ୟାନ ଦିଆଯାଉଥିବା ଭଳି ମନେହେଉ ନାହିଁ। ପ୍ରତ୍ୟେକ ଦିନ ଠକେଇ ଘଟଣାର ଖବର ପ୍ରକାଶ ପାଉଥିଲେ ମଧ୍ୟ ପ୍ରତିକାର କରାଯାଉନାହିଁ। ବ୍ୟାଙ୍କ ଯାଉଥିବା ଗ୍ରାହକ ନିଶ୍ଚିତ ଭାବେ ବହୁଥର 'ଲିଙ୍କ୍ ଫେଲ୍ୟୁଅର୍' ସମସ୍ୟାର ସମ୍ମୁଖୀନ ହେଉଥିବେ। ଆପଣମାନେ ଯଦି ଏଟିଏମ୍‌କୁ ଯାଇଥିବେ ବହୁ ସମୟରେ ବୈଷୟିକ ତ୍ରୁଟିଜନିତ କାରଣରୁ ଆକାଉଣ୍ଟରୁ ଅର୍ଥ କଟିଯାଇଥିବ, କିନ୍ତୁ ତାହା ଫେରିପାଇବା ସହଜ ହୋଇ ନ ଥିବା ଅନୁଭବ କରିଥିବେ। କଷ୍ଟମର କେୟାରଠାରୁ ଆରମ୍ଭକରି ବାରପିଣ୍ଡାରେ ଅଧିଆ ପଡ଼ିବାକୁ ବାଧ୍ୟ ହେଉଥିବେ। ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ, ସୂଚନା ପ୍ରଯୁକ୍ତି (ଆଇଟି) ବ୍ୟବସ୍ଥାରେ ତ୍ରୁଟି ରହୁଥିବାରୁ ଲୋକେ ହଇରାଣହରକତ ହେଉଛନ୍ତି। ପ୍ରଯୁକ୍ତି ଦ୍ୱାରା ନିୟନ୍ତ୍ରିତ ଅନ୍‌ଲାଇନ୍ କାରବାରରୁ ଫାଇଦା ଉଠାଇବା ପାଇଁ ଧୂର୍ତ୍ତମାନେ ଅନାଇ ବସିଥିବା ଭଳି ମନେହେଉଛି। ଯାହା ଧାରା ଦେଖାଯାଉଛି ଦିନକୁ ଦିନ ଏହିଭଳି ଠକେଇ ସଂଖ୍ୟା ବଢ଼ିଚାଲିଛି। ପ୍ରଯୁକ୍ତି ଭିତ୍ତିଭୂମି ଉପରେ ଭରସା କରିପାରୁ ନ ଥିବା ବ୍ୟକ୍ତିମାନେ ନଗଦ ଅର୍ଥ କାରବାର ଭଲ ବୋଲି କହିବା ଆରମ୍ଭ କଲେଣି। ଏହା ଦ୍ୱାରା ଲୋକଙ୍କୁ ଆର୍ଥିକ ଦୃଷ୍ଟିରୁ ଠକେଇବା କଷ୍ଟକର ହୋଇଥାଏ। ସମୟ ଆସିଲାଣି ନଗଦକୁ ଫେରିବା ଦରକାର। ଏହି ଅନ୍ତରାଳେ ସରକାରଙ୍କ ବିଭିନ୍ନ ପଦକ୍ଷେପ ଅନେକଙ୍କୁ ଆଶ୍ଚର୍ଯ୍ୟ କରୁଥିବ। ଦେଖିବାକୁ ଗଲେ ପ୍ରାୟ ପ୍ରତ୍ୟେକ ସପ୍ତାହରେ ଭାରତ ସରକାର କ୍ରିପ୍ଟୋକରେନ୍ସି ସମ୍ପର୍କିତ ନୂଆ ଆଇନ ଜାରି କରୁଛନ୍ତି। ଏହାଦ୍ୱାରା ଭାରତୀୟ ଟଙ୍କାକୁ ମୂଲ୍ୟହୀନ କରିଦିଆଯାଇପାରିବ। ସାଧାରଣ ଗରିବ ଓ ମଧ୍ୟବିତ୍ତ ଲୋକ ଏହି କ୍ରିପ୍ଟୋ ମୁଦ୍ରାର ଜଟିଳତାକୁ ବୁଝିବା କଷ୍ଟକର ହୋଇଥିବାରୁ ସେହି ଦୁଇବର୍ଗ ଏଥିରୁ ବାଦ୍ ପଡ଼ିଯିବେ। ଫଳସ୍ୱରୂପ, କେବଳ ଅତ୍ୟଧିକ ଧନୀ ଓ ପ୍ରଚୁର କଳାଧନ ରଖିଥିବା ରାଜନୈତିକ ଦଳଗୁଡ଼ିକ ଏହାଦ୍ୱାରା ଲାଭବାନ ହେବେ। ସେଥିପାଇଁ ନଗଦ ଟଙ୍କା ବ୍ୟବହାର କଲେ ଭବିଷ୍ୟତରେ ଭାରତୀୟମାନେ ସୁରକ୍ଷିତ ରହିପାରିବେ।



# ଅନ୍‌ଲାଇନ ନିଲାମିର ବିପଜ୍ଜନକ ପ୍ରକରଣ

ଭାଲଚନ୍ଦ୍ର ଷଡ଼ଙ୍ଗୀ

'ବୁଲିବାଇ' ଓ 'ସୁଲି ଡିଲସ୍' ନାଁରେ ଇଣ୍ଟରନେଟ୍‌ରେ ଅପ୍‌ଲୋଡ୍ ହୋଇଥିବା ଦୁଇଟି ଆପ୍‌କୁ ନେଇ ଗତ କିଛି ଦିନ ଧରି ଦେଶରେ ଚର୍ଚ୍ଚା ଆରମ୍ଭ ହୋଇଛି। ମହିଳାଙ୍କ ଅନ୍‌ଲାଇନ୍ ନିଲାମୀ ନାଁରେ ଗତବର୍ଷ 'ସୁଲି ଡିଲସ୍' ପରେ ଏବେ 'ବୁଲିବାଇ' ନାଁରେ ଏକ ନୂଆ ଆପ୍ ଆରମ୍ଭ କରାଯାଇଥିବା ଦେଖିବାକୁ ମିଳିଛି। ତେବେ ଯେଉଁ ମହିଳାମାନଙ୍କୁ ଏଥିରେ ଟାର୍ଗେଟ୍ କରାଯାଇଛି, ସେମାନଙ୍କ ମଧ୍ୟରେ ଦେଶର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ ଅନେକ ସମ୍ମାନଜନକ ମହିଳା ରହିଛନ୍ତି। ସେମାନଙ୍କ ଫଟୋ ଓ ଭିଡିଓକୁ ଏହି ଆପ୍ ଜରିଆରେ ଇଣ୍ଟରନେଟ୍‌ରେ ଅପଲୋଡ୍ କରି ସେମାନଙ୍କୁ ନିଲାମୀ କରାଯାଇଥାଏ। କିଛି ଧର୍ମାନ୍ଧ ବ୍ୟକ୍ତିଙ୍କ ଦ୍ୱାରା ପରିକଳ୍ପିତ ଏହି ଆପ୍‌ରେ କେବଳ ମୁସଲମାନ ଧର୍ମର ସେହି ମହିଳାଙ୍କୁ ଟାର୍ଗେଟ୍ କରାଯାଇଛି। ଅନ୍‌ଲାଇନ୍‌ରେ ଏଭଳି ନିଲାମ କରିବାର ଏକମାତ୍ର ଉଦ୍ଦେଶ୍ୟ ହେଲା, ସେମାନଙ୍କୁ ଲାଞ୍ଛିତ, ଅପମାନିତ ଓ ଆତଙ୍କିତ କରିବା। ତେବେ ଏହି ବିପଜ୍ଜନକ ଆପ୍ ସମ୍ପର୍କରେ ଉଜାଗର ହେବା ପରେ ଦେଶରେ ବିଶେଷକରି ସାମାଜିକ ଗଣମାଧ୍ୟମରେ ଭୟଙ୍କର ପ୍ରତିକ୍ରିୟା ପ୍ରକାଶ ପାଇଛି। 'ସୁଲି ଡିଲସ୍'ର ନିର୍ମାତାମାନେ ଭୟରେ ତାକୁ ଇଣ୍ଟରନେଟ୍‌ରୁ ହଟେଇ ଦେଇଥିବା ବେଳେ ନିକଟରେ ସରକାର 'ବୁଲିବାଇ' ଆପ୍‌କୁ ମଧ୍ୟ ହଟେଇ ଦେଇଛନ୍ତି।

'ବୁଲିବାଇ' ଓ 'ସୁଲି ଡିଲସ୍' ଆପ୍ ପ୍ରକରଣରେ ପୀଡ଼ିତା ମହିଳାମାନଙ୍କ ପକ୍ଷରୁ ଛଅ ମାସ ତଳେ ପ୍ରଥମେ ଦିଲ୍ଲୀରେ ଏବଂ ବର୍ତ୍ତମାନ ମୁମ୍ବାଇରେ ଅଭିଯୋଗ ଦାଖଲ କରାଯାଇଛି। ଉପରୋକ୍ତ ଅଭିଯୋଗ ଆଧାରରେ ନିକଟରେ ମୁମ୍ବାଇ ପୋଲିସ ଜଣେ ଯୁବତୀଙ୍କ ସମେତ ତିନି ଜଣଙ୍କୁ ଗିରଫ କରିଥିବା ବେଳେ ତା' ଦେଖାଦେଖି ଦିଲ୍ଲୀ ପୋଲିସ ମଧ୍ୟ 'ସୁଲି ଡିଲସ୍' ଆପ୍ ଘଟଣାରେ ସମ୍ପୃକ୍ତ ତିନି ଜଣ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଉଭୟ ମାମଲାରେ ଗିରଫ ଅଭିଯୁକ୍ତମାନଙ୍କ ବୟସ ୧୮ରୁ ୨୧ ବର୍ଷ ମଧ୍ୟରେ ଏବଂ ସେମାନେ ବିଭିନ୍ନ ବୈଷୟିକ ଶିକ୍ଷାନୁଷ୍ଠାନରେ ଅଧ୍ୟୟନରତ । ଏହି ଯୁବକମାନେ ଆମେରିକୀୟ ଇଣ୍ଟରନେଟ୍ ପ୍ଲାଟଫର୍ମ 'ଗିଟ୍‌ହବ୍'ରେ ରହିଥିବା ସୁଯୋଗକୁ ଉପଯୋଗ କରି ନିଜର ଆପ୍ ତିଆରି କରିଛନ୍ତି। ନିଜର ପରିଚୟକୁ ଛପାଇବା ପାଇଁ ସେମାନେ ଜଣକ ପରିଚୟକୁ ସୁରକ୍ଷିତ ରଖୁଥିବା 'ପ୍ରୋଟନ୍' ଇ-ମେଲ୍ ଜରିଆରେ ନିଜର ଆକାଉଣ୍ଟକୁ ଖୋଲିଛନ୍ତି। ଏହିପରି ଭାବେ ଆପ୍‌କୁ ନିର୍ମାଣ କରିବା ପରେ ସେମାନେ ବିଭିନ୍ନ ଟ୍ୱିଟର ଆକାଉଣ୍ଟ ଜରିଆରେ ତାକୁ ବିଭିନ୍ନ ଲୋକଙ୍କ ପାଖକୁ ଶେୟାର କରି ତାକୁ ଶେଷରେ ସାର୍ବଜନୀନ କରିଥା'ନ୍ତି।

'ବୁଲିବାଇ' ଓ 'ସୁଲି ଡିଲସ୍' ଆପ୍ ପ୍ରକରଣକୁ ଉପରୁ ଦେଖିଲେ ହୁଏତ ଏକ ସାଧାରଣ ସାଇବର ଅପରାଧ ପରି ଲାଗୁଥାଇପାରେ। କିନ୍ତୁ ଏହା ପଛରେ ସମାଜକୁ ଭାଗ ଭାଗ କରିବା, ଦେଶରେ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରି ଶେଷରେ ଗୃହଯୁଦ୍ଧ ଆଡ଼କୁ ନେବାର ଘୃଣ୍ୟ ଷଡ଼ଯନ୍ତ୍ର ରହିଛି। ମହିଳାଙ୍କୁ ଏଭଳି ଅନ୍‌ଲାଇନ୍‌ରେ ନିଲାମୀ କରିବା ଘଟଣାଟି ଏକ ସାଧାରଣ ଅପରାଧ ନୁହେଁ। ନିଲାମୀର ଶିକାର ମୁସ୍‌ଲିମ୍ ମହିଳାଙ୍କ ମଧ୍ୟରେ ଦେଶର ଅନେକ ବରିଷ୍ଠ ସାମ୍ବାଦିକାଙ୍କଠାରୁ ଆରମ୍ଭ କରି ଚଳଚ୍ଚିତ୍ର ଅଭିନେତ୍ରୀ ଶାବନା ଆଜ୍‌ମୀ, ଏପରିକି ଜେଏନ୍‌ୟୁର ନିଖୋଜ ଛାତ୍ର ନଜୀବଙ୍କ ମାଆ ପର୍ଯ୍ୟନ୍ତ ଅନେକ ରହିଛନ୍ତି। ତେବେ ଅପରାଧୀମାନେ ଯେଉଁ ଶହେରୁ ଊର୍ଦ୍ଧ୍ୱ ମହିଳାଙ୍କୁ ଟାର୍ଗେଟ୍ କରି ସେମାନଙ୍କ ଫଟୋ ଓ ଭିଡିଓକୁ ଅପ୍‌ଲୋଡ୍ କରିଛନ୍ତି। ଏହା ସହିତ ସମସ୍ତେ ନିଜ ନିଜ କ୍ଷେତ୍ରରେ ବେଶ୍ ପ୍ରତିଷ୍ଠିତ ହେବା ସହ ବର୍ତ୍ତମାନର କେନ୍ଦ୍ର ସରକାର ଓ ତାଙ୍କର ବିଭିନ୍ନ ନୀତି ବିଶେଷକରି ସେମାନଙ୍କ ସାମ୍ପ୍ରଦାୟିକତାବାଦୀ ରାଜନୀତିର ମୁଖର ସମାଲୋଚକ ରୂପେ ପରିଚିତ। ଅତଏବ ଏହି ଅପରାଧ ପଛରେ ସାମ୍ପ୍ରଦାୟିକ ଓ ମହିଳା ବିରୋଧୀ ଘୃଣା ତଥା ହିଂସା ପ୍ରମୁଖ ଭାବେ ରହିବା ସହିତ ଏହା ଜରିଆରେ ବର୍ତ୍ତମାନର ସରକାରଙ୍କ ରାଜନୈତିକ ବିରୋଧୀମାନଙ୍କୁ ବି ଟାର୍ଗେଟ୍ କରିବାର ଉଦ୍ଦେଶ୍ୟଟି ସ୍ପଷ୍ଟ ଭାବେ ରହିଛି।

କେବଳ ସେତିକି ନୁହେଁ, ଅଭିଯୁକ୍ତମାନେ ନିଜର ପରିଚୟକୁ ଲୁଚାଇବାକୁ ଉପରୋକ୍ତ ଦୁଇ ଆପ୍‌ର ନାମକୁ ଶିଖ୍ ନାମ ରଖିଥିବା ବେଳେ 'ଖାଲସା ସୁପରମେସିଷ୍ଟ', 'ଯତିନ୍ଦର ସିଂ ଭୁଲର୍', 'ହରପାଲ' ଆଦି ଶିଖ୍ ନାମକୁ ବ୍ୟବହାର କରି ଆକାଉଣ୍ଟ ଖୋଲିଛନ୍ତି। ଏପରିକି ଆପ୍‌ର ଲୋଗୋ ରୂପେ ସେମାନେ ଶିଖ୍‌ମାନେ ପିନ୍ଧୁଥିବା ପଗଡ଼ିକୁ ରଖିଛନ୍ତି। ଏହାର ଅର୍ଥ ହେଲା, ଅଭିଯୁକ୍ତମାନେ କେବଳ ମୁସ୍‌ଲିମ ମହିଳାଙ୍କୁ ଅପମାନିତ କରିବାକୁ ଚାହୁଁନାହାନ୍ତି, ଶିଖ୍‌ମାନଙ୍କ ବିରୋଧରେ ମଧ୍ୟ ଘୃଣା ଏବଂ ଅସୂୟାଭାବ ପୋଷଣ କରିବା ସହିତ ଉଭୟ ସମ୍ପ୍ରଦାୟ ମଧ୍ୟରେ ବିଦ୍ୱେଷ ଓ ଶତ୍ରୁତାକୁ ବଢ଼ାଇବାକୁ ଚାହାନ୍ତି।

ମହିଳାଙ୍କ ବିରୋଧରେ ସଙ୍ଗଠିତ ଏହି ଅନ୍‌ଲାଇନ୍ ନିଲାମୀ କେତେ ଭୟଙ୍କର ତା'ର କଳ୍ପନା କେବଳ ସେହି ମହିଳା ହିଁ କରିପାରିବ, ଯିଏ ତାର ଶିକାର ହୋଇଛି। ଇଣ୍ଟରନେଟ୍‌ରେ ତା'ର ଫଟୋ ରଖି ତାକୁ ନିଲାମୀ ପାଇଁ ଘୋଷଣା କରାଯିବ ଏବଂ ତାରି ତଳେ ହଜାର ହଜାର ଲୋକ ଅତ୍ୟନ୍ତ ଅଭଦ୍ର କମେଣ୍ଟ ପ୍ରଦାନ କରି ତାକୁ ଉପହାସ କରି ପାଶବିକ ଆନନ୍ଦ ପାଉଥିବେ, ଏହାକୁ ଦେଖିବା ପରେ ସମ୍ପୃକ୍ତା ମହିଳା କେଉଁ ପ୍ରକାର ମାନସିକ ସ୍ଥିତିରେ ରହିଥିବେ, ତାହା ଚିନ୍ତା କରାଯାଇ ନ ପାରେ। ସରକାରଙ୍କ ନୀତି ଓ ରାଜନୀତିକୁ ବୁଝୁଥିବା ତଥା ବିଭିନ୍ନ ପ୍ରସଙ୍ଗରେ ସରକାରଙ୍କ ବିରୋଧରେ ଅତ୍ୟନ୍ତ ମୁଖର ହୋଇ ପ୍ରତିବାଦ କରୁଥିବା ମୁସ୍‌ଲିମ୍ ମହିଳାଙ୍କୁ ଚୁପ୍ କରିଦେବା ପାଇଁ ଏହି ଷଡ଼ଯନ୍ତ୍ରଟି ଯେ ଉଦ୍ଦିଷ୍ଟ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ଏଭଳି କାର୍ଯ୍ୟକ୍ରମ ନିଜର ରାଜନୀତିକୁ ସୁହାଉଥିବା କାରଣରୁ କେନ୍ଦ୍ର ସରକାର ଓ ଶାସକ ଦଳର ନେତାମାନେ ଏହାକୁ ବିରୋଧ କରିବାକୁ ସାହସ ଦେଖାଇନାହାନ୍ତି।

ସବୁଠାରୁ ଗୁରୁତର ବିଷୟ ହେଲା, ଉଭୟ ମାମଲାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତ ଶିକ୍ଷିତ ଏବଂ କମ୍ ବୟସର ଯୁବକ। ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ସମସ୍ତ ଅଭିଯୁକ୍ତ କଠୋରପନ୍ଥୀ ହିନ୍ଦୁତ୍ୱବାଦୀ ବିଚାରରେ ବିଶ୍ୱାସ କରୁଥିବା ସ୍ୱୀକାର କରିଥିବା ବେଳେ ନିଜର କାମ ପାଇଁ ସେମାନେ ସାମାନ୍ୟତମ ଅନୁତପ୍ତ ନଥିବା ଜଣାପଡ଼ିଛି। 'ଟ୍ରାଡ୍ ମହାସଭା' ନାଁରେ ଏକ ଟ୍ୱିଟର୍ ଗ୍ରୁପ୍ ଦ୍ୱାରା ଅନୁପ୍ରାଣିତ ହୋଇ ସେମାନେ ଏପରି କରିଥିବା କଥା କହିଛନ୍ତି। TRAD ବା Traditional ନାଁରେ ଦେଶର ଏକ ସାମ୍ପ୍ରଦାୟିକ ଗୋଷ୍ଠୀ ଇଣ୍ଟରନେଟ୍ ମାଧ୍ୟମରେ ସମାଜର ସଂଖ୍ୟାଲଘୁ, ଦଳିତ ଓ ମହିଳାଙ୍କ ବିରୋଧରେ ଲଗାତାର ଘୃଣା ଓ ବିଷୋଦ୍‌ଗାର କରୁଥିବା ଦେଖିବାକୁ ମିଳିଛି। କେନ୍ଦ୍ରର ଶାସକ ଗୋଷ୍ଠୀଙ୍କ ବିଚାର ସହିତ ସହମତି ରଖିଥିବା ଏହି ସାମ୍ପ୍ରଦାୟିକ ଗୋଷ୍ଠୀ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଦେଶର ଯୁବପିଢ଼ି ବିଶେଷକରି ଶିକ୍ଷିତ ଯୁବକ ଏପରିକି ଯୁବତୀମାନଙ୍କୁ ବି ନିଜର ସହଜ ଶିକାର କରିଥା'ନ୍ତି। ସେମାନଙ୍କ ମନରେ ମୁସଲମାନ ଧର୍ମ ଓ ତା'ର ଅନୁଗାମୀମାନଙ୍କ ବିରୋଧରେ ଘୃଣାର ବିଷ ଭରି ସେମାନଙ୍କୁ ଏଭଳି ଜଘନ୍ୟ ଅପରାଧ କରିବା ପାଇଁ ପ୍ରେରିତ କରିବାରେ ଯେ ସଫଳ ହୋଇଛନ୍ତି, ଏଥିରୁ ଆଦୌ ସନ୍ଦେହ ନାହିଁ। ସାଧାରଣତଃ ଅନ୍ୟ ଧର୍ମ ପ୍ରତି ସହନଶୀଳ ଓ ମହିଳାଙ୍କ ପ୍ରତି ସମ୍ବେଦନଶୀଳ ହୋଇ ନିଜେ ଭଲ ମଣିଷ ହେବାକୁ ଚେଷ୍ଟା କରୁଥିବା ଯୁବକମାନଙ୍କୁ ସାମ୍ପ୍ରଦାୟିକ ଶକ୍ତିଗୁଡ଼ିକ କିପରି ଦଙ୍ଗାକାରୀ ଓ ହତ୍ୟାକାରୀରେ ପରିଣତ କରିଥା'ନ୍ତି, ଏହି ଘଟଣା ତା'ର ବଳିଷ୍ଠ ଉଦାହରଣ।

'ବୁଲିବାଇ' ଓ 'ସୁଲି ଡିଲସ୍' ପ୍ରକରଣ ମାଧ୍ୟମରେ ଦେଶରେ ହିଂସା ଓ ଘୃଣାର ପ୍ରଚାର କୌଣସି ବିଚ୍ଛିନ୍ନ ବିଷୟ ନୁହେଁ। ଗତ କିଛି ବର୍ଷ ଧରି ଦେଶରେ ଧର୍ମ ଓ ଜାତୀୟତାବାଦ ନାଁରେ କେନ୍ଦ୍ରର ଶାସକ ଗୋଷ୍ଠୀ ନିଜର ରାଜନୈତିକ ସ୍ୱାର୍ଥରେ ଯେଉଁ ବିପଜ୍ଜନକ ସାମ୍ପ୍ରଦାୟିକ ଧ୍ରୁବୀକରଣର ଅଭିଯାନ ଚଳାଇଛନ୍ତି, ଏହି ଘଟଣାକୁ ତା'ର ତାର୍କିକ ପରିଣାମ ବୋଲି କୁହାଯାଇପାରେ। ସରକାରୀ ପ୍ରୋତ୍ସାହନରେ ଦେଶରେ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣ ଓ ଘୃଣାକୁ ଗତ କିଛି ବର୍ଷ ମଧ୍ୟରେ ଏକଦମ୍ ସ୍ୱାଭାବିକ କରି ଦିଆଯାଇଛି। ଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟକୁ ଅପମାନିତ, ପ୍ରତାଡ଼ିତ କିମ୍ବା ଆକ୍ରମଣ କରିବା ଆଜିର ଦିନରେ କୌଣସି ଗମ୍ଭୀର ଅପରାଧ ହୋଇ ଆଉ ରହିନାହିଁ। 'ବୁଲିବାଇ' ଓ 'ସୁଲି ଡିଲସ୍' ପ୍ରକରଣରେ ସାମ୍ପ୍ରଦାୟିକ ଶକ୍ତିମାନେ ମୁସଲିମ୍ ସମାଜର ସଚେତନ, ସକ୍ରିୟ, ମୁଖର ଓ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ସାହସ ରଖୁଥିବା ମୁସ୍‌ଲିମ୍ ମହିଳାମାନଙ୍କୁ ଅପମାନିତ, ପ୍ରତାଡ଼ିତ ଓ ଆତଙ୍କିତ କରି ସେମାନଙ୍କୁ ସବୁଦିନ ପାଇଁ ସାଧାରଣ ଜୀବନରୁ ବାହାର କରିଦେବାକୁ ଚାହିଁଛନ୍ତି। ହୁଏତ ଏଥିରେ ସେମାନେ କିଛି ପରିମାଣରେ ସଫଳ ବି ହୋଇଛନ୍ତି। କାରଣ ଗତ ଜୁଲାଇ ମାସରେ 'ସୁଲି ଡିଲସ୍'ର ଉଜାଗର ହେବା ପରେ ଏଥିରେ ସ୍ଥାନ ପାଇଥିବା ମୋଟ ୮୩ ଜଣ ମହିଳାଙ୍କ ମଧ୍ୟରୁ ଅଧିକାଂଶ ଇତିମଧ୍ୟରେ ସୋସିଆଲ ମିଡିଆକୁ ସମ୍ପୂର୍ଣ୍ଣ ଛାଡ଼ି ସାରିଛନ୍ତି।

ମହିଳାଙ୍କ ଅନ୍‌ଲାଇନ୍ ନିଲାମୀର ଘଟଣା କେବଳ ଜଣେ ମହିଳାଙ୍କ ପ୍ରତାଡ଼ନା କିମ୍ବା ଅପମାନର ଘଟଣା ନୁହେଁ। ଏହା ସମଗ୍ର ମହିଳାସମାଜ ଏବଂ ସର୍ବୋପରି ଦେଶର ସୁରକ୍ଷା ତଥା ଆତ୍ମସମ୍ମାନ ଉପରେ ପ୍ରଶ୍ନଚିହ୍ନ ସୃଷ୍ଟି କରୁଛି। ନିଜକୁ ସଭ୍ୟ ତଥା ଗଣତାନ୍ତ୍ରିକ ବୋଲି ଦାବି କରୁଥିବା ଏବଂ ନିଜର ସମ୍ବିଧାନରେ ଧର୍ମନିରପେକ୍ଷତାକୁ ଗୁରୁତ୍ୱ ଦେଉଥିବା ଦେଶରେ ଏଭଳି ଜଘନ୍ୟ ଅପରାଧକୁ କଦାପି ବରଦାସ୍ତ କରାଯାଇ ନ ପାରେ। କିନ୍ତୁ ଦୁଃଖର ବିଷୟ, ସରକାରଙ୍କ ପ୍ରତିକ୍ରିୟା ଏ ଦିଗରେ ଅତ୍ୟନ୍ତ ନୈରାଶ୍ୟଜନକ। ଯଦି 'ସୁଲି ଡିଲସ୍' ମାମଲାରେ କେନ୍ଦ୍ର ସରକାରଙ୍କ ଅଧୀନରେ କାର୍ଯ୍ୟରତ ଦିଲ୍ଲୀ ପୋଲିସ ଛଅ ମାସ ନୀରବ ନ ରହି ଆରମ୍ଭରୁ ହିଁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥା'ନ୍ତା, ତା'ହେଲେ ଆଜି ହୁଏତ 'ବୁଲିବାଇ' ଆପ୍ ଦ୍ୱାରା ମହିଳାଙ୍କୁ ପ୍ରତାଡ଼ିତ ହେବାକୁ ପଡ଼ିନଥା'ନ୍ତା !

ମୋ: ୯୪୩୭୧୬୬୩୯୧



# ପରିବେଶ ଓ ଘୂର୍ଣ୍ଣିଝଡ଼

ଡ. ଅଜୟ କୁମାର ପାତ୍ର

ଆମ ଜୀବଲୋକକୁ ଘେରି ରହିଛି ବାୟୁମଣ୍ଡଳ। କୌଣସି କାରଣରୁ ଗୋଟିଏ ଅଞ୍ଚଳର ବାୟୁ ଅତ୍ୟଧିକ ଉତ୍ତପ୍ତ ହେଲେ ତାହା ପ୍ରସାରିତ ହୋଇ ହାଲୁକା ହୁଏ ଓ ଉପରକୁ ଉଠିଯାଏ। ସେହି ସୃଷ୍ଟ ଶୂନ୍ୟସ୍ଥାନକୁ ପୂରଣ କରିବା ନିମନ୍ତେ ଆଖପାଖ ଅଞ୍ଚଳରୁ ଅପେକ୍ଷାକୃତ ଶୀତଳ ବାୟୁ ବୋହି ଆସେ। କେତେକ ବିଶେଷ ପରିବେଶରେ ଏହା ପବନର ଭଉଁରି ସୃଷ୍ଟି କରେ ଏବଂ ଉଷ୍ମ ବାୟୁର ଶକ୍ତ ଭଉଁରି ଭୂପୃଷ୍ଠରୁ ବାଦଲ ପର୍ଯ୍ୟନ୍ତ ଲମ୍ବିଯାଏ। ଭୂଇଁ ପାଖରେ ସରୁ ହେବା ସହିତ ଉପରକୁ କ୍ରମଶଃ ଓସାରିଆ ହୋଇଥାଏ। ଦୂରରୁ ଗୋଟିଏ ଲମ୍ବା ହାତୀଶୁଣ୍ଢ ବା କାହାଳୀ ପରି ଦିଶୁଥିବା ଏହି ପ୍ରଭାବଶୀଳ ପବନ ଭଉଁରିକୁ ଘୂର୍ଣ୍ଣିଚକ୍ର ବା 'ଟର୍ନାଡୋ' କୁହାଯାଏ। ବାୟୁମଣ୍ଡଳର ଏହା ଏକ ଚରମ ଅବସ୍ଥା କୁହାଯାଏ। ଗାଁ ଗଣ୍ଡାରେ ଖଣ୍ଡିଆଭୂତ ବୋଲି କହନ୍ତି। ମୋଟ ଉପରେ ଘୂର୍ଣ୍ଣିଝଡ଼ ହେଉଛି କାହାଳୀ ଆକୃତିର ଏକ ଶକ୍ତିଶାଳୀ ଅସ୍ଥିର ଘୂର୍ଣ୍ଣାୟମାନ ପବନ ଝଡ଼। ଏହି ଟର୍ନାଡୋ ଶବ୍ଦଟି ଲାଟିନ୍ ଭାଷାର 'ଟୋନାରେ' (Tonare) ଶବ୍ଦରୁ ଆସିଛି। ଏହାର ଅର୍ଥ ହେଲା 'To Thunder'। ଗମ୍ଭୀର ଶବ୍ଦ ବା ଘଡ଼ଘଡ଼ି ମାରିବା।

ଘୂର୍ଣ୍ଣିଝଡ଼ର ସୃଷ୍ଟି ବିଷୟରେ ଅନେକ ତଥ୍ୟ ଏବେ ମଧ୍ୟ ଅଜଣା। ତଥାପି 'କପାସୀ-ବର୍ଷା' ନାମକ କଳା ବାଦଲର ନିମ୍ନଭାଗରେ ଶୁଷ୍କ ଶୀତଳ ପବନ ସହିତ ଆର୍ଦ୍ର ଉଷ୍ମ ପବନ ମିଶିବା ଫଳରେ ଘୂର୍ଣ୍ଣିଝଡ଼ର ସୃଷ୍ଟି ପ୍ରକ୍ରିୟା ଆରମ୍ଭ ହୁଏ। 'କପାସୀ-ବର୍ଷା' ଏକ ବୃହତ୍ ମେଘମାଳା ଓ ପର୍ବତ ଆକାର ଧାରଣ କରି ମୁଷଳ ଧାରାରେ ବର୍ଷା ସହିତ ଘଡ଼ଘଡ଼ି ବିଜୁଳି ଓ କୁଆପଥର ବୃଷ୍ଟି କରିଥାଏ। ପୃଥିବୀର ଉତ୍ତର ଗୋଲାର୍ଦ୍ଧରେ ଯେଉଁ ଘୂର୍ଣ୍ଣିଝଡ ଅନୁଭୂତ ହୁଏ, ସେଥିରେ ସାଧାରଣତଃ ଘଣ୍ଟାକଣ୍ଟାର ବିପରୀତ ଦିଗରେ ପବନର ବାମାବର୍ତ୍ତ ଭଉଁରି ସୃଷ୍ଟି ହୁଏ। ସେହିପରି ଦକ୍ଷିଣ ଗୋଲାର୍ଦ୍ଧରେ ଯେଉଁ ଘୂର୍ଣ୍ଣିଝଡ଼ ଅନୁଭୂତ ହୁଏ, ସେଥିରେ ସାଧାରଣତଃ ଘଣ୍ଟାକଣ୍ଟା ଦିଗରେ ପବନର ଦକ୍ଷିଣାବର୍ତ୍ତ ଭଉଁରି ସୃଷ୍ଟି ହୁଏ।

ଘୂର୍ଣ୍ଣିଝଡ଼ ଗୋଟିଏ ସ୍ଥାନରେ ସ୍ଥିର ହୋଇ ରହେ ନାହିଁ। ଏହା ଠିକ୍ ହାତୀଶୁଣ୍ଢ ପରି ଆକାଶରୁ ତଳକୁ ଗତିକରେ। ଏହାର ଭଉଁରିରେ ବୁଲୁଥିବା ପବନର ବେଗ ପ୍ରାୟ ୧୨୦ ରୁ ୫୦୦ କିମି ବେଗ ଘଣ୍ଟାପ୍ରତି ଥାଏ। ବେଳେବେଳେ ଘଣ୍ଟା ପ୍ରତି ୮୦୦ କିଲୋମିଟରରେ ପହଞ୍ଚିଯାଏ, ଯାହାକି ଘଣ୍ଟା ପ୍ରତି ପ୍ରାୟ ୫୦ରୁ ୭୦ କିମି ବେଗରେ ଆଗକୁ ମାଡ଼ିଚାଲେ। ବେଳେବେଳେ ୧୧୦ କିମିକୁ ମଧ୍ୟ ଅତିକ୍ରମ କରିଥାଏ। ୧୯୨୫ ମାର୍ଚ୍ଚ ୧୮ ତାରିଖରେ ଯୁକ୍ତରାଷ୍ଟ୍ର ଆମେରିକାରେ ଅନୁଭୂତ ଏକ ଶକ୍ତିଶାଳୀ ଘୂର୍ଣ୍ଣିଝଡ଼ର ନିମ୍ନଭାଗର ଓସାର ଥିଲା ୧୬୦୦ ମିଟର ଓ ଏହା ୩୫୨ କିମି ପଥ ଅତିକ୍ରମ କରିଥିଲା।

ହିସାବର ସୁବିଧା ସକାଶେ ସାଧାରଣ ବାୟୁମଣ୍ଡଳୀୟ ଚାପକୁ ଏକ ବାର୍ କିମ୍ବା ୧୦୦୦ ମିଲିବାର ନିଆଯାଏ। କୌଣସି ଅଞ୍ଚଳରେ ଘୂର୍ଣ୍ଣିଝଡ଼ ସୃଷ୍ଟି ହେବା ପୂର୍ବରୁ ସେଠାରେ ବାୟୁର ଚାପ ପ୍ରାୟ ୧୦୦ ମିଲିବାର୍‌ରୁ ଅଧିକ କମିଯାଏ। ବେଳେବେଳେ ୨୦୦ ମିଲିବାର କମିଯିବାର ଦୃଷ୍ଟାନ୍ତ ଅଛି। ଏସବୁ ପ୍ରାୟ ୩୦ ସେକେଣ୍ଡ ସମୟ ଭିତରେ ଘଟିଥାଏ। ତେଣୁ ସେଠାକାର ଚାପକୁ ସାଧାରଣ ଅବସ୍ଥାକୁ ଆଣିବା ସକାଶେ ଆଖପାଖ ଅଞ୍ଚଳରୁ କ୍ଷିପ୍ର ବେଗରେ ସେ ଦିଗରେ ପବନ ବହିଆସେ। ପରେ ତାହା ଘୂର୍ଣ୍ଣିଝଡ଼ର ରୂପ ନିଏ। ଯେମିତି ଦୂରତାକୁ ମିଟର ଓ ସମୟକୁ ସେକେଣ୍ଡରେ ମପାଯାଏ, ସେମିତି ଏହାକୁ 'ଜୁଲ' ଏକକରେ ମପାଯାଏ। ଏହାକୁ ଗତିଜ ଶକ୍ତି କହନ୍ତି। ଜଣେ ଲୋକ ୧୦ କିଗ୍ରା ପାଣି ବାଲ୍‌ଟିକୁ ୧୦ ମିଟର ଗଭୀର କୂଅରୁ ଉପରକୁ ଟାଣିବା ପାଇଁ ୧୦୦୦ ଜୁଲ ଶକ୍ତି ଆବଶ୍ୟକ। ସାଧାରଣ ଘୂର୍ଣ୍ଣିଝଡ଼ରେ ଯେତିକି ଶକ୍ତି ଥାଏ, ସେହି ଶକ୍ତିରେ ଜଣେ ଲୋକ କୂଅରୁ ଅତି କମ୍‌ରେ ୧୦୦୦ କୋଟି ଥର ପାଣି ଟାଣିପାରିବ। ଗୋଟିଏ ଗୋଟିଏ ଘୂର୍ଣ୍ଣିଝଡ଼ର ଶକ୍ତିକୁ ହିରୋସିମା ଉପରେ ପଡିଥିବା ପରମାଣୁ ବୋମାର ନିର୍ଗତ ସହ ତୁଳନା କରାଯାଇପାରିବ। ଏଥିରୁ ଏହାର ତୀବ୍ରତା କେତେ ଭୟଙ୍କର ତାହା ସହଜରେ ଅନୁମେୟ।

ପୃଥିବୀର ଅନେକ ଦେଶରେ ଘୂର୍ଣ୍ଣିଝଡ଼ ଅନୁଭୂତ ହୁଏ। ମାତ୍ର ଯୁକ୍ତରାଷ୍ଟ୍ର ଆମେରିକାରେ ଏହା ସବୁଠାରୁ ଅଧିକ। ସାଧାରଣତଃ ଏଠାରେ ଏପ୍ରିଲ, ମେ, ଜୁନ୍, ଡିସେମ୍ବର ଓ ଜାନୁୟାରୀ ମାସରେ ଝଡ଼ ହୋଇଥାଏ। ସମ୍ପ୍ରତି ୧୨ ଡିସେମ୍ବର ୨୦୨୧ରେ ଆମେରିକାର ଦକ୍ଷିଣ ଓ ମଧ୍ୟ ପଶ୍ଚିମରେ ଥିବା କେଣ୍ଟୁକି, ମିଶୋରି, ମିସିସିପି, ଇଲିନିଲସ, ଆର୍କନସାସ, ଟେନିସ ଆଦି ରାଜ୍ୟରେ ଅକସ୍ମାତ୍ ଘୂର୍ଣ୍ଣିଝଡ଼ର କରାଳ ପ୍ରଭାବରେ ଶତାଧିକ ଲୋକଙ୍କ ଜୀବନ ହାନି ଘଟିଥିବା ବେଳେ ଅପୂରଣୀୟ ଧନରାଶିର କ୍ଷୟକ୍ଷତି ଘଟିଛି। ଏହି ଘୂର୍ଣ୍ଣିଝଡ଼ର ବେଗ ଥିଲା ଘଣ୍ଟା ପ୍ରତି ୨୨୭ ମାଇଲ୍ ଅର୍ଥାତ୍ ୩୬୫ କିମି। ଆମେରିକାରେ ପ୍ରତିବର୍ଷ ହାରାହାରି ପ୍ରାୟ ଛୋଟବଡ଼ ୭୦୦ ଘୂର୍ଣ୍ଣିଝଡ଼ ଘଟୁଥିବା ବେଳେ ଭାରତରେ ବା ଓଡ଼ିଶାରେ ଏଭଳି ଘୋର ବିପତ୍ତି କାଁ ଭାଁ ଘଟିଥାଏ। ଆମେରିକା ପଛକୁ କ୍ରମାନ୍ୱୟରେ ଅଷ୍ଟ୍ରେଲିଆ, ଗ୍ରେଟବ୍ରିଟେନ, କାନାଡ଼ା, ଚାଇନା, ଫ୍ରାନ୍ସ, ଜର୍ମାନୀ, ନେଦରଲାଣ୍ଡ, ହଙ୍ଗେରୀ, ଭାରତ, ଇଟାଲୀ, ଜାପାନ, ବରମୁଡା ଓ ଫିଜି ଦ୍ୱୀପ ରହିଛି। ଆମେରିକାର ଓକ୍ଲାହୋମା ଓ କାନ୍‌ସାସ୍ ଏବଂ ସମ୍ପ୍ରତି କେଣ୍ଟୁକି ଅଞ୍ଚଳରେ ଅଧିକ ଘୂର୍ଣ୍ଣିଝଡ଼ ହୁଏ। ଓଡ଼ିଶା ସମୁଦ୍ର ଉପକୂଳରେ ଥିବାରୁ ଏଠାରେ ଅନେକ ଥର ଘୂର୍ଣ୍ଣିଝଡ଼ ହୋଇଛି। ୧୯୭୮ ଏପ୍ରିଲ ୧୭ ରେ କେନ୍ଦୁଝର ଜିଲାର ଆନନ୍ଦପୁର ଉପଖଣ୍ଡ ଓ ରାମଚନ୍ଦ୍ରପୁର ବ୍ଲକରେ ଘୂର୍ଣ୍ଣିଝଡ଼ ଯୋଗୁ ୬ଟି ଗାଁ ସମ୍ପୂର୍ଣ୍ଣ ଧ୍ୱଂସ ପାଇଥିଲା। ସେହିପରି ୧୯୮୮ ମାର୍ଚ୍ଚ ୨୪ ତାରିଖ, ବାଲେଶ୍ୱର ଜିଲାର ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତବର୍ତ୍ତୀ ଗୋବରଘଟା, ୨୦୦୯ ମାର୍ଚ୍ଚ ୩୧ରେ କେନ୍ଦ୍ରାପଡ଼ା ଜିଲାର ଚିରସବୁଜ ରାଜକନିକା ମାତ୍ର କେଇ ମିନିଟ୍ ଭିତରେ ଶ୍ରୀହୀନ ହୋଇପଡ଼ିଥିଲା। ଏହାପରେ ସେହି ବର୍ଷ ଜୁନ୍ ୧୯ରେ ଜଗନ୍ନାଥପ୍ରସାଦ ବ୍ଲକ୍‌ରେ ଘୂର୍ଣ୍ଣିଝଡ଼ରେ ଶହ ଶହ ଘରଦ୍ୱାର, ବୃକ୍ଷ, ବତିଖୁଣ୍ଟ ଭୂଇଁରେ ଲୋଟିଥିଲା।

ଏଥିରୁ ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ମଣିଷ ଯେତେ ଉନ୍ନତ ହେଲେ ମଧ୍ୟ, ଦେଶ ଯେତେ ବିକାଶଶୀଳ ହେଲେ ମଧ୍ୟ ପ୍ରକୃତି ଆଗରେ ହାର ମାନୁଛି। ଏହାର ପ୍ରତିକାର ପାଇଁ ଘୂର୍ଣ୍ଣିଝଡ଼ର ସଠିକ୍ ଗତିପଥ, ଅତିକ୍ରାନ୍ତ ଦୂରତା ସହିତ ଏହାର ତୀବ୍ରତା, ସମୟୋପଯୋଗୀ ସୂଚନା ଓ ସର୍ବୋପରି ରାଡାର ଓ ଉପଗ୍ରହର ଘୂର୍ଣ୍ଣିଝଡ଼ ବିଷୟରେ ସଠିକ୍ ତଥ୍ୟ ମିଳିବା ସହିତ ଉନ୍ନତମାନର ଜ୍ଞାନକୌଶଳ ଏବଂ ଗବେଷଣା ଜାରି ରହିବା ଖୁବ୍ ଜରୁରୀ। ପ୍ରାକୃତିକ ଦୁର୍ଯୋଗରୁ ପୃଥିବୀକୁ ବଞ୍ଚାଇବାକୁ ହେଲେ ଅଧିକରୁ ଅଧିକ ଜଙ୍ଗଲ ସୃଷ୍ଟି, ରାସ୍ତାଘାଟ ଓ ପ୍ରତିଟି ଗୃହକୁ ସବୁଜ ବଳୟରେ ରଖିବାକୁ ହେବ। ଏଥିସହିତ ଭୂଇଁତଳେ ଘରର ଆବଶ୍ୟକତା ରହିଛି।

ପରିବେଶ ବିଜ୍ଞାନୀ
ମୋ: ୦୯୪୩୮୬୨୧୩୯୧

## ଏଇ ଭାରତରେ

ଶିକ୍ଷାଦାନ ସହ ଜୈବିକ ଫଳ ଓ ପରିବା ଉତ୍ପାଦନ କରି ଏକ ଉଦାହରଣ ସୃଷ୍ଟି କରିଛି ବେଙ୍ଗାଲୁରୁର ବିଶ୍ୱ ବିଦ୍ୟାପୀଠ ସ୍କୁଲ। ସ୍କୁଲର ଡାଇରେକ୍ଟର ସୁଶୀଳା ସନ୍ତୋଷଙ୍କ ଦ୍ୱାରା ଏହା ସମ୍ଭବ ହୋଇପାରିଛି। ଉତ୍ପାଦିତ ପନିପରିବାରେ ୧,୪୦୦ ଛାତ୍ରୀଛାତ୍ର ଓ ଶିକ୍ଷକଙ୍କୁ ମାଗଣାରେ ଖାଇବାକୁ ଦିଆଯାଉଛି। ଲକ୍‌ଡାଉନ ସମୟରେ ଶିକ୍ଷକ ଓ ଅଣଶିକ୍ଷକଙ୍କ ସାହାଯ୍ୟରେ ସୁଶୀଳା ଏହି କାର୍ଯ୍ୟ ଆରମ୍ଭ କରିଥିଲେ । ଲକ୍‌ଡାଉନ ପରେ ମଧ୍ୟ ତାହା ଜାରି ରଖିଛନ୍ତି। ଋତୁ ଅନୁଯାୟୀ ପର୍ଯ୍ୟାୟକ୍ରମେ ପରିବା ଚାଷ କରାଯାଉଛି। ଅମୃତଭଣ୍ଡା, କଦଳୀ ଚାଷ ଉପରେ ବେଶି ଗୁରୁତ୍ୱ ପ୍ରଦାନ କରାଯାଉଛି। ସ୍କୁଲରେ ମଧ୍ୟ ଏକ ବଗିଚା କରିଛନ୍ତି ସୁଶୀଳା। ଏଥିରେ ୪୦ ପ୍ରକାର ଔଷଧୀୟ ଗଛ ଲଗାଯାଇଛି। ସ୍କୁଲ ହତା ମଧ୍ୟରେ କମ୍ପୋଷ୍ଟ ପିଟ୍ ନିର୍ମାଣ କରାଯାଇ ସେଥିରେ ଝଡ଼ାପତ୍ରରୁ ଜୈବିକ ଖତ ପ୍ରସ୍ତୁତ କରାଯାଇ ଚାଷରେ ପ୍ରୟୋଗ କରାଯାଉଛି। ବର୍ଷାଜଳ ସଂରକ୍ଷଣ କରାଯାଇ ତାହାକୁ ଚାଷରେ ଲଗାଯାଉଛି। ଏପରି କି ସ୍କୁଲ୍ କ୍ୟାମ୍ପସ ମଧ୍ୟରେ ଲଗାଯାଇଥିବା ୨୦୦ କଦଳୀ ଗଛରେ ପାଣି ଦେବା ଲାଗି ଏକ ୱାଟର ଚ୍ୟାନେଲ ନିର୍ମାଣ କରାଯାଇଛି। ସ୍କୁଲର ସବୁପିଲା ଓ ଶିକ୍ଷକମାନଙ୍କୁ ମାଗଣାରେ ଖାଦ୍ୟ ପରଷା ଯାଉଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୮ ଜାନୁୟାରୀ ୧୯୯୭

- ଚୀନାର ବିଶ୍ୱବିଖ୍ୟାତ ଚଳଚ୍ଚିତ୍ର ନିର୍ଦ୍ଦେଶକ କିଙ୍ଗ୍ ହୁଙ୍କ ପରଲୋକ।
- ଫୁଲନ ଦେବୀଙ୍କ ଆଗୁଆ ଜାମିନ ଆବେଦନ ସୁପ୍ରିମ୍‌କୋର୍ଟରେ ଖାରଜ।
- ଦଳ ବିରୋଧୀ କାର୍ଯ୍ୟ ପାଇଁ ବିଜେପି ଗୁଜରାଟ ଶାଖାର ସଭାପତି ବାକୁଭାଇ ଭାଲା ପାର୍ଟିର ୧୦ ଜଣ ନେତାଙ୍କୁ ଦଳରୁ ୬ ବର୍ଷ ପାଇଁ ବହିଷ୍କାର କରିଛନ୍ତି।

## ଚିରନ୍ତନୀ

ହେ ପ୍ରକୃତି ହେ ରମଣୀ ପ୍ରିୟା ପ୍ରିୟତମା
ଜଗତର ଧାତ୍ରି ଶକ୍ତି ଧରିତ୍ରୀ ଜନନୀ !
ଧରିଅଛୁ ଯେଣୁ ମୋତେ ହେ ବିଶ୍ୱ-ସୁଷମା !
ତେଣୁ ମୋର ସ୍ଥିତି ମୃତ୍ତିକାରେ। ଏ ଅବନୀ
ତଳେ ଚାଲିବାକୁ ତିଳେ ନାହିଁ ଯେ ଶକତି-
ପଙ୍ଗୁ ମୁହିଁ ତୋ ବିହୁନେ। ସ୍କନ୍ଧେ ତୋର ରେଣୁ
ନେଇଛି ଆସନ ପାତି, ତୁ ମୋର ମୁକତି।
-(ପୁରୁଷ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 9 | | | | | | 3 |
| | | 7 | | | | | | 8 |
| | | | 3 | | 2 | | | |
| | | | 8 | | 7 | 6 | | |
| | | 4 | | 9 | | 7 | | 5 |
| | | | | | 1 | | 4 | |
| | 5 | | | 2 | 6 | 1 | | |
| | 7 | 3 | 9 | 5 | | | | |
| | | | | | | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 2 | 3 | 4 | 9 | 1 | 6 | 8 | 7 | 5 |
| 7 | 9 | 6 | 3 | 5 | 8 | 2 | 4 | 1 |
| 5 | 1 | 8 | 4 | 7 | 2 | 6 | 9 | 3 |
| 1 | 5 | 3 | 2 | 4 | 9 | 7 | 8 | 6 |
| 6 | 2 | 9 | 7 | 8 | 5 | 1 | 3 | 4 |
| 8 | 4 | 7 | 6 | 3 | 1 | 5 | 2 | 9 |
| 4 | 8 | 1 | 5 | 9 | 7 | 3 | 6 | 2 |
| 9 | 6 | 5 | 8 | 2 | 3 | 4 | 1 | 7 |
| 3 | 7 | 2 | 1 | 6 | 4 | 9 | 5 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ସୀମା ସମସ୍ୟାର ସମାଧାନ ହେଉ

ମହାଶୟ,

ଜଣେ ଯେତେବେଳେ ନିଜ ପାଇଁ ଜମି କିଣେ, ଜମିର ମାଲିକାନା ପାଇଁ ଜମିର ସୀମାରେ ବାଡ଼ ଦିଏ କିମ୍ବା ପାଚେରି ଘେରାଏ। ଠିକ୍ ସେମିତି ଓଡ଼ିଶାର ସୀମା ଅନ୍ୟ ରାଜ୍ୟର ସଂଲଗ୍ନ ଜମିର ଚିହ୍ନଟ ପାଇଁ ସ୍ଥାୟୀ ସମାଧାନ ହେବା ଉଚିତ। ଏସବୁ ସମାଧାନ ନହେଲେ କେନ୍ଦ୍ର ସରକାରଙ୍କ ସାହାଯ୍ୟ ନେବା ଦରକାର। ବର୍ତ୍ତମାନ ଓଡ଼ିଶାର ୩ ଜଣ ମନ୍ତ୍ରୀ କେନ୍ଦ୍ର ସରକାରରେ ଅଛନ୍ତି। ସେମାନେ ମଧ୍ୟ ଏ ଦିଗରେ କେନ୍ଦ୍ର ସରକାରଙ୍କ ଉପରେ ପ୍ରଭାବ ପକାଇ ଓଡିଶା ସରକାରଙ୍କୁ ସାହାଯ୍ୟ କରିବେ। ଏଭଳି ସୁଯୋଗର ସଦୁପଯୋଗ କରି ଉପଯୁକ୍ତ ପଦକ୍ଷେପ ନ ନେଲେ ପରେ ଆମକୁ ପଶ୍ଚାତ୍ତାପ କରିବାକୁ ପଡିବ।

-ଚକ୍ରଧର ରାଉତ, ପଡୁଆଁପଦା, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


**ଷ୍ଟେର୍‌ଲାଇଟ୍ ପାୱାରର ମାଲିକାନା ହସ୍ତାନ୍ତର ଚୁକ୍ତିନାମା**

ଦେଶର ପ୍ରମୁଖ ଘରୋଇ ବିଦ୍ୟୁତ୍ ସଞ୍ଚରଣ ଭିତ୍ତିଭୂମି ବିକଶିତ ଏବଂ ସମାଧାନ ପ୍ରଦାନକାରୀ ସଂସ୍ଥା ଷ୍ଟେର୍‌ଲାଇଟ୍ ପାୱାର ଟ୍ରାନ୍ସମିଶନ ଲିମିଟେଡ୍ (ଷ୍ଟେର୍‌ଲାଇଟ ଏନର୍ଜି)ର ଅବଶିଷ୍ଟ ଅଂଶଧନ ୨୬%ର ସଫଳ ବିକ୍ରୟ ସମ୍ପର୍କରେ ଘୋଷଣା କରିଛି। ଏହା ଫଳରେ ଇଲେକ୍ଟ୍ରନ୍, ଆଇଆଇଏମ୍‌ଏଲ୍‌ରେ ୧୦୦% ଇକ୍ୱିଟି ଅଂଶଧନ ଧାରଣ କରିବ ବୋଲି ଜଣାପଡ଼ିଛି। ଦେଶରେ ବିକାଶ ଭିତ୍ତିଭୂମିକୁ ସମର୍ଥନ କରିବା ପାଇଁ ଷ୍ଟେର୍‌ଲାଇଟ୍ ପାୱାର ଇଣ୍ଡିଗ୍ରିଡ୍ ଏବଂ କେକେଆର୍ ସହିତ ସହଯୋଗ ଜାରି ରଖିବ।

# ଏବେ ଭାରତରେ ନିବେଶର ସମୟ

## ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ମୋଦିଙ୍କ ଉଦ୍‌ବୋଧନ

**ନୂଆଦିଲ୍ଲୀ, ୧୭।୧**



ଭାରତକୁ ବିଶ୍ୱର ସବୁଠାରୁ ଆକର୍ଷଣୀୟ ପୁଞ୍ଜି ବିନିଯୋଗର ଦେଶ କରାଯିବାକୁ ସରକାର ବହୁ ପଦକ୍ଷେପ ନେଇଛନ୍ତି। ଏବେ ଭାରତରେ ନିବେଶ କରିବାର ସର୍ବୋତ୍କୃଷ୍ଟ ସମୟ ବୋଲି ସୋମବାର ବିଶ୍ୱ ଅର୍ଥନୈତିକ ଫୋରମ୍ (ଡବ୍ଲ୍ୟୁଇଏଫ୍)ର ୫ ଦିନିଆ ଭର୍ଚୁଆଲ ସମ୍ମିଳନୀରେ ଉଦ୍‌ବୋଧନ ଦେଇ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଏହି ଅବସରରେ ମୋଦି କହିଥିଲେ, ବିଶ୍ୱସ୍ତରୀୟ ଦକ୍ଷତା ସହ ଭାରତର ଯୁବପିଢ଼ି ବ୍ୟବସାୟ ଏବଂ ବିଚାରକୁ ବହୁ ଉଚ୍ଚକୁ ନେବାକୁ ପ୍ରସ୍ତୁତ ଅଛନ୍ତି। କେବଳ ୨୦୨୧ରେ ଭାରତରେ ୬୦ ହଜାରରୁ ଉର୍ଦ୍ଧ୍ୱ ଷ୍ଟାର୍ଟଅପ୍ ପଞ୍ଜୀକୃତ ହୋଇଛି। ଏବେ ୮୦ ରୁ ଅଧିକ ୟୁନିକର୍ନ ରହିଛି। ସେଥିମଧ୍ୟରୁ ୪୦ରୁ ଅଧିକ ଗତ ବର୍ଷ ସେମାନଙ୍କ ଷ୍ଟାଟସ୍ ହାସଲ କରିସାରିଛନ୍ତି। ୨୦୧୪ରେ ମାତ୍ର କେତେ ଶହ ଷ୍ଟାର୍ଟଅପ୍ ଖୋଲିପାରିଥିଲା। ସମଗ୍ର ବିଶ୍ୱକୁ ଭାରତ ଆଶାର କିରଣ ଦେଖାଇଛି। ଗଣତନ୍ତ୍ର ଉପରେ ବିଶ୍ୱାସକୁ ଏହା ପ୍ରତିଫଳନ କରେ। ଏଥିରେ ଆମ ଜ୍ଞାନକୌଶଳ ଏବଂ ପ୍ରତିଭା ମଧ୍ୟ ଅନ୍ତର୍ଭୁକ୍ତ। ଏଥିସହ ଟେକ୍ନୋଲୋଜି ଏବଂ ଡିଜିଟାଲ ଭିତ୍ତିଭୂମିରେ ଭାରତର ନୂଆ ଉଦ୍ଭାବନ କଥା ମଧ୍ୟ ପ୍ରଧାନମନ୍ତ୍ରୀ ଏହି ଫୋରମ୍‌ରେ ଉଠାଇଥିଲେ। ଟିକସରେ ସଂସ୍କାର ଭାରତରେ ବ୍ୟବସାୟକୁ ଆହୁରି ମଜଭୁତ କରିଛି। ଦେଶ ରେକର୍ଡ ସଂଖ୍ୟାରେ ସଫ୍ଟୱେର ଡେଭେଲପର୍ସ ସୃଷ୍ଟି କରିଛି। ଭାରତରେ ତୃତୀୟ ସର୍ବାଧିକ ୟୁନିକର୍ନ ରହିଛି। କେବଳ ଗତ ମାସରେ ଭାରତରେ ୟୁନିଫାଏଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ (ୟୁପିଆଇ) ଦ୍ୱାରା ୪.୪ ବିଲିୟନ ଟ୍ରାଞ୍ଜାକଶନ୍ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।

### ‘ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ’କୁ ଗୁରୁତ୍ୱ

କୋଭିଡ୍ ସମୟରେ ଦେଶର ଅବଦାନ ଉପରେ ଆଲୋକପାତ କରି ମୋଦି କହିଛନ୍ତି ଯେ, ‘ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ’ ମିଶନ ପାଇଁ ଭାରତ ପ୍ରତିବଦ୍ଧ। ମହାମାରୀବେଳେ ବିଶ୍ୱର ବିଭିନ୍ନ ଦେଶକୁ ଭାକ୍ସିନ ପଠାଇ ଟିକାକରଣରେ ସାହାଯ୍ୟ କରାଯାଇଛି। ଏବେ ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଔଷଧ ପ୍ରସ୍ତୁତକାରୀ ଦେଶ। କରୋନାବେଳେ ଭାରତ ଟିକା ଓ ଔଷଧ ପ୍ରେରଣ କରି ‘ଏକ ପୃଥିବୀ ଏକ ସ୍ୱାସ୍ଥ୍ୟ’କୁ ଗୁରୁତ୍ୱ ଦେଇଛି ବୋଲି ମୋଦି କହିଛନ୍ତି।

# ଯୋଡ଼ାରେ ଟାଟା ଷ୍ଟିଲ୍‌ର ଲୁହାପଥର ସମ୍ପ୍ରସାରଣ ୟୁନିଟ୍ ଉଦ୍‌ଘାଟିତ



**ଭୁବନେଶ୍ୱର, ୧୭।୧**

ରାଜ୍ୟର ଅଗ୍ରଣୀ ଶିଳ୍ପ ପ୍ରତିଷ୍ଠାନ ଟାଟା ଷ୍ଟିଲ୍‌ର ଯୋଡ଼ା ଇଷ୍ଟ ଆଇରନ୍ ମାଇନ (ଜେଇଆଇଏମ୍) ରେ ଏକ ବେନିଫିକେଶନ ପ୍ଲାଣ୍ଟ ସ୍ଥାପନ କରାଯାଉଛି। ଭର୍ଚୁଆଲ୍ ମୋଡ୍‌ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉକ୍ତ ପ୍ଲାଣ୍ଟର ଶିଳାନ୍ୟାସ କରିଛନ୍ତି। ଏ ସମ୍ପର୍କରେ ଟାଟା ଷ୍ଟିଲ୍‌ର ଉପସଭାପତି (କଞ୍ଚାମାଲ)ଡି.ବି. ସୁନ୍ଦରରମଣ କହିଛନ୍ତି, ଇସ୍ପାତ ନିର୍ମାଣ ଲାଗି କଞ୍ଚାମାଲ ଗୁରୁତ୍ୱପୂର୍ଣ୍ଣ। ଆସନ୍ତା ମାସଗୁଡ଼ିକରେ ଆମ ସମ୍ପ୍ରସାରଣ ଲକ୍ଷ୍ୟ ପୂରଣ କରିବାରେ ଯୋଡ଼ା ଇଷ୍ଟ ଆଇରନ୍ ମାଇନ୍‌ର ଏହି ବେନିଫିକେଶନ ପ୍ଲାଣ୍ଟ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ସାବ୍ୟସ୍ତ ହେବ। କମ୍ପାନୀ ଓଡ଼ିଶା ଓ ଏହାର ଲୋକମାନଙ୍କ ବିକାଶରେ ଅଂଶଗ୍ରହଣ କରିଆସୁଛି। ସମସ୍ତ ପ୍ରକାର ସହଯୋଗ ପାଇଁ ଓଡ଼ିଶା ସରକାରଙ୍କୁ ଆମେ ଧନ୍ୟବାଦ ଦେଉଛୁ। ୧୯୫୬ ପରଠାରୁ ଜେଇଆଇଏମ୍ କାର୍ଯ୍ୟକ୍ଷମ ରହିଛି ଏବଂ ଏହି ଖଣିରୁ ଉତ୍ପାଦନ ହେଉଥିବା ଲୁହାପଥରକୁ କମ୍ପାନୀର ନିଜସ୍ୱ କାରଖାନା ସମେତ ଜାମସେଦ୍‌ପୁର (ଝାଡ଼ଖଣ୍ଡର ଇଷ୍ଟ ସିଂହଭୂମ ଜିଲା), କଳିଙ୍ଗନଗର (ଓଡ଼ିଶାର ଯାଜପୁର ଜିଲା), ମେରାମଣ୍ଡଳୀ (ଢେଙ୍କାନାଳ ଜିଲା) ଓ ଟାଟା ଷ୍ଟିଲ୍ ଲଙ୍ଗ୍ ପ୍ରଡକ୍ଟସ୍ ଗମହାରିଆ (ଝାଡ଼ଖଣ୍ଡର ଷଢ଼େଇକଳା-ଖରସୁଆଁ ଜିଲା)ରେ ଥିବା ସହଯୋଗୀ କମ୍ପାନୀଗୁଡ଼ିକୁ ଯୋଗାଇ ଦିଆଯାଉଛି। ଟାଟା ଷ୍ଟିଲ୍ କାର୍ଯ୍ୟର ମୂଳରେ ସର୍ବଦା ରହିଛି ପରିବେଶ ପରିଚାଳନା। ନିୟମିତ ବ୍ୟବଧାନରେ ବାୟୁ, କୋଳାହଳ, ଭୂପୃଷ୍ଠ ଜଳର ମାନ ଏବଂ ଭୂତଳ ଜଳ ସ୍ତର ଏବଂ ତାହାର ମାନକୁ ନିରୀକ୍ଷଣ କରାଯାଉଛି ଏବଂ ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିବାକୁ ନିଶ୍ଚିତ କରିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି।

**ଚତୁର୍ଥ ଜନ୍ମଦିନ ଶୁଭେଚ୍ଛା**




**ଇପ୍ସିତା ସାହୁ (ପିହୁ)**
ଶାସ୍ତ୍ରୀ ନଗର, ଭୁବନେଶ୍ୱର
ମହାପ୍ରଭୁ ଶ୍ରୀଜଗନ୍ନାଥ ତୋର ଚଲାପଥ କୁସୁମିତ କରନ୍ତୁ ଓ ତୋତେ ଦୀର୍ଘାୟୁ କରନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେମା’, ଜେଜେବାପା, ଅଜା, ଆଈ, ବାବା, ମାମା, ବନ୍ଧୁ ଓ ପରିବାରବର୍ଗ।
ଧ-୧୩୧୯୧

# ଏଚ୍‌ସିଏଲ୍ ପକ୍ଷରୁ ଯୁବମେଳା-୨୨

**ଭୁବନେଶ୍ୱର, ୧୭।୧**

ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମବାର୍ଷିକୀକୁ ସ୍ମରଣ କରିବା ପାଇଁ ଏଚ୍‌ସିଏଲ୍ ପକ୍ଷରୁ ଜାତୀୟ ଯୁବଦିବସ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଏଚ୍‌ସିଏଲ୍ ଫାଉଣ୍ଡେଶନର ପକ୍ଷରୁ ଏକ ଭର୍ଚୁଆଲ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଏଚ୍‌ସିଏଲ୍ ଟେକ୍ନୋଲୋଜିର ସିଏସ୍‌ଆର୍ ଶାଖା ଜରିଆରେ ‘ଯୁବମେଳା ୨୦୨୨’ ଶୀର୍ଷକ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ସ୍ୱାମୀ ବିବେକାନନ୍ଦ ଜଣେ ମହାନ୍ ଭାରତୀୟ ଦାର୍ଶନିକ ଥିଲେ। ଯୁବକମାନଙ୍କର ସାମର୍ଥ୍ୟ ଉପରେ ତାଙ୍କର ଅପାର ବିଶ୍ୱାସ ରହିଥିଲା। ଭାରତର ବିଭିନ୍ନ ସ୍ଥାନରେ ଫାଉଣ୍ଡେଶନର ଫ୍ଲାଗ୍‌ଶିପ୍ ପ୍ରୋଗ୍ରାମ ‘ଏଚ୍‌ସିଏଲ୍ ଉଦୟ’ ଭଳି କାର୍ଯ୍ୟକ୍ରମ ସାରା ଭାରତରେ କରାଯାଉଛି। ଏହି ଅବସରରେ ବିଭିନ୍ନ ଶିଳ୍ପ ବିଶେଷଜ୍ଞ ମଧ୍ୟ ଉକ୍ତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏ ସମ୍ପର୍କରେ ଏଚ୍‌ସିଏଲ୍ ନିଗମର ସିଇଓ ତଥା ଚେୟାରମ୍ୟାନ୍, ଏଚ୍‌ସିଏଲ୍ ଟେକ୍ନୋଲୋଜି ଏବଂ ସିଏସ୍‌ଆର୍ ବୋର୍ଡ କମିଟିର ସଭାପତି ରାଶୋନି ନାଦର ମାଲହୋତ୍ରା ଉକ୍ତ ସଭାରେ ଯୋଗ ଦେଇ ଆମ ଦେଶର ଯୁବକମାନଙ୍କୁ ଉତ୍ସାହିତ କରିଥିଲେ।

# ରେନୋ ଇଣ୍ଡିଆର ୧ଲକ୍ଷ ୟୁନିଟ୍ ଯାନ ରପ୍ତାନି

**ଭୁବନେଶ୍ୱର, ୧୭।୧**




ଦେଶର ପ୍ରମୁଖ ଅଟୋଶିଳ୍ପ ରେନୋ ଇଣ୍ଡିଆ ନିକଟରେ ୧ଲକ୍ଷ ୟୁନିଟ୍ ଯାନ ରପ୍ତାନିକରି ବଡ଼ ସଫଳତା ହାସଲ କରିଛି। ଏହା ମଧ୍ୟ କମ୍ପାନୀର ମେକ୍ ଇନ୍ ଇଣ୍ଡିଆ ଯାତ୍ରାରେ ଆଉ ଏକ ମାଇଲଖୁଣ୍ଟ ବୋଲି କୁହାଯାଉଛି। ସେହିଭଳି ଏହା ଭାରତର ଡିଜାଇନ, ଇଞ୍ଜିନିୟରିଂ ଏବଂ ବିନିର୍ମାଣ କ୍ଷମତାକୁ ମଧ୍ୟ ଭଲ ଭାବେ ଦର୍ଶାଉଛି ବୋଲି କମ୍ପାନୀ ମତବ୍ୟକ୍ତ କରିଛି। କମ୍ପାନୀ ଘରୋଇ ବଜାରରେ ସଦାସର୍ବଦା ଅଭିନବତାକୁ ଗୁରୁତ୍ୱ ଦେଇ ଆସିଛି। ଗ୍ରାହକଙ୍କ ଚାହିଦା ପୂରଣ ଦିଗରେ ଏହା ବେଶ୍ ସହାୟକ ହେଉଥିବା ରେନୋର ବିଭିନ୍ନ ମଡେଲ ଏନେଇ ପ୍ରମାଣ ଦେଇସାରିଛି। କମ୍ପାନୀ ଭାରତରେ ପ୍ରସ୍ତୁତ କରୁଥିବା କ୍ୱିଡ୍, ଟ୍ରାଇବର ଏବଂ କାଇଗର ଭଳି ପ୍ରମୁଖ ମଡେଲକୁ ବିଶ୍ୱର ୧୪ ଅଗ୍ରଣୀ ବଜାରକୁ ରପ୍ତାନି କରୁଥିବା କହିଛି। କମ୍ପାନୀ ରପ୍ତାନି କରୁଥିବା ରାଷ୍ଟ୍ର ମଧ୍ୟରେ ସାର୍କ, ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ, ଭାରତ ମହାସାଗରୀୟ ଅଞ୍ଚଳ, ଦକ୍ଷିଣ ଏସିଆ ଏବଂ ପୂର୍ବ ଆଫ୍ରିକା ଭଳି ରାଷ୍ଟ୍ରର ପ୍ରମୁଖ ଅଞ୍ଚଳ ରହିଛି। କମ୍ପାନୀ ଉଭୟ ଫ୍ରାନ୍ସ ଏବଂ ଭାରତୀୟ ଟିମ୍‌ର ସହଭାଗିତାରେ ରେନୋର ଉତ୍ପାଦଗୁଡ଼ିକୁ ଡିଜାଇନ କରିଛି। ଭାରତରେ ଉତ୍ପାଦିତ ଓ ଡିଜାଇନ କରାଯାଇ ଭାରତୀୟ ଗ୍ରାହକଙ୍କୁ ପ୍ରାଥମିକତା ଦେଇ ଉତ୍ପାଦଗୁଡ଼ିକୁ ବିଦେଶ ବଜାରକୁ ରପ୍ତାନି କରାଯାଉଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ରେନୋ ଇଣ୍ଡିଆ ଅପରେଶନର ସିଇଓ ତଥା ଏମ୍‌ଡି ଭେଙ୍କଟରାମ ମାମିଲାପାଲେ କହିଛନ୍ତି, ରେନୋ ଇଣ୍ଡିଆ ଲାଗି ଭାରତ ଏକ ଗୁରୁତ୍ୱପୂର୍ଣ୍ଣ ବଜାର। ଗ୍ରାହକଙ୍କ ଚାହିଦା ଆଧାରରେ ଗୁଣାତ୍ମକ, ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି ପ୍ରଡକ୍ଟ ଯୋଗାଣ ଦିଗରେ ବିଶେଷ କାର୍ଯ୍ୟ କରୁଛି ବୋଲି ସେ ମତବ୍ୟକ୍ତ କରିଛନ୍ତି।

# ଆମାଜନ୍‌ର ଗ୍ରେଟ୍ ରିପବ୍ଲିକ ଡେ ସେଲ୍

**ଭୁବନେଶ୍ୱର, ୧୭।୧**

ଆମାଜନ୍ ଇଣ୍ଡିଆର ବହୁ ପ୍ରତୀକ୍ଷିତ ‘ଗ୍ରେଟ୍ ରିପବ୍ଲିକ୍ ଡେ ସେଲ୍’ ଚଳିତ ମାସ ୧୭ରୁ ଆରମ୍ଭ ହୋଇ ୨୦ ଜାନୁୟାରୀ ପର୍ଯ୍ୟନ୍ତ ଉପଲବ୍ଧ ରହିଛି। ଯେଉଁଥିରେ ବ୍ୟାପକ ଶ୍ରେଣୀୟ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଗ୍ରାହକମାନେ ପାଇପାରିବେ ବୋଲି କୁହାଯାଇଛି। ବିଶେଷକରି ଗ୍ରାହକମାନେ ଭାରତୀୟ ଓ ଅନ୍ତର୍ଜାତୀୟ ବିକ୍ରେତା ତଥା ସ୍ଥାନୀୟ ଷ୍ଟୋରରୁ ଲକ୍ଷ ଲକ୍ଷ ଟଙ୍କାର ଉତ୍ପାଦ ବିଭିନ୍ନ ବର୍ଗରେ ଲାଭ କରିପାରିବେ। ଯେଉଁଥିରେ ଅନ୍ତର୍ଭୁକ୍ତ ରହିଛି ସ୍ମାର୍ଟଫୋନ୍, କଞ୍ଜୁମର ଇଲେକ୍‌ଟ୍ରୋନିକ୍ସ, ଫ୍ୟାଶନ ଓ ବ୍ୟୁଟି ସାମଗ୍ରୀ ଏବଂ ହୋମ୍ ଓ କିଚେନ ଉପକରଣ ସାଙ୍ଗକୁ ଦୈନିକ ଉପକରଣ ଓ ଆହୁରି ଅନେକ କିଛି ସାମଗ୍ରୀ ରହିଛି।

# ଏଫ୍‌ସିଆଇର ୫୮ତମ ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର, ୧୭।୧**

ଭାରତୀୟ ଖାଦ୍ୟ ନିଗମ (ଏଫ୍‌ସିଆଇ)ର ୫୮ତମ ପ୍ରତିଷ୍ଠା ଦିବସ ଭୁବନେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ପାଳନ କରାଯାଇଥିଲା। ଏହି ଅବସରରେ ଏଫ୍‌ସିଆଇର ଜିଏମ୍ ଲୋକେନ୍ଦ୍ର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ପରିପ୍ରେକ୍ଷୀରେ ଏଫ୍‌ସିଆଇର ଆଞ୍ଚଳିକ କାର୍ଯ୍ୟାଳୟ ପରିସରରେ ଉପସ୍ଥିତ ଅଧିକାରୀ ଓ କର୍ମଚାରୀଙ୍କ ସହଯୋଗରେ ଫଳଚାରା ରୋପଣ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମ ଏଫ୍‌ସିଆଇର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଜିଏମ୍ ସିଂ ଏଫ୍‌ସିଆଇର ବରିଷ୍ଠ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବୋଧିତ କରି କହିଥିଲେ, ଦେଶର ଖାଦ୍ୟ ନିରାପତ୍ତାକୁ ସୁନିଶ୍ଚିତ କରିବା ସହ ଏଫ୍‌ସିଆଇର ବର୍ଦ୍ଧିତ ଭୂମିକାକୁ ସେ ବେଶ୍ ପ୍ରଶଂସା କରିଥିଲେ। ସେହିଭଳି ଏହାର ଡିଜିଏମ୍ (ପିଆର୍) ଦିଲୀପ କୁମାର ସେଠୀ ମଧ୍ୟ କୋଭିଡ୍ ମହାମାରୀ ଏବଂ ଲକ୍‌ଡାଉନ ଭଳି ପରିସ୍ଥିତିରେ ଏଫ୍‌ସିଆଇର ଭୂମିକା ଓ ଏହାର ପ୍ରଦର୍ଶନ ଉପରେ ଆଲୋକପାତ କରିଥିଲେ। ଏହି ବୈଠକରେ ଦେଶରେ ଖାଦ୍ୟଶସ୍ୟର କ୍ରୟ,ବଣ୍ଟନ ସମ୍ବନ୍ଧୀୟ ଏକ ଭିଡିଓ ସାଙ୍ଗକୁ ଭିଟାମିନଯୁକ୍ତ ଚାଉଳର ଉପଯୋଗିତା ଉପରେ ଏକ କ୍ଷୁଦ୍ର ଭିଡିଓ ସହ ତାମିଲନାଡୁର ଥାଞ୍ଜାଭୁରରେ ଖାଦ୍ୟ ସଂଗ୍ରହାଳୟର ଉଦ୍‌ଘାଟନ ଭିଡିଓ ମଧ୍ୟ ପ୍ରଦର୍ଶିତ ହୋଇଥିଲା। ଶେଷରେ ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରାଯାଇଥିଲା।

## ଫୁର୍‌ସତ୍

# କରୋନା ପାର୍ଟି

## ଭାକ୍ସିନକୁ ବିରୋଧ



**ନୂଆଦିଲ୍ଲୀ:** କରୋନା ପଜିଟିଭ୍ ହୋଇଥିବା ଲୋକଙ୍କ ସହ ଏକାଠି ବସି ପାର୍ଟି କରିବା ଆଉ ସେମାନଙ୍କ ସହିତ ଏକାଠି ଖିଆପିଆ କରିବା। ଏଥିପାଇଁ ଖୋଜିଖୋଜି କରୋନା ରୋଗୀଙ୍କୁ ଏକାଠି କରି ପାର୍ଟି ପାଇଁ ମୋଟା ଅଙ୍କର ଅର୍ଥ ଦେବାପାଇଁ ବି ପଛାଉ ନାହାନ୍ତି ଯୁବପିଢ଼ି। ଏସବୁ କଥା ଶୁଣି ଆଶ୍ଚର୍ଯ୍ୟ ହୋଇଯାଉଛନ୍ତି କି! କିନ୍ତୁ ଏବେ ଏଭଳି ଏକ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି ଇଟାଲିରେ।

କରୋନା ଭାଇରସ୍‌ର ଭୟଙ୍କର ରୂପ ଦେଖି ସାରିଥିବା ଇଟାଲିରେ ଏବେ ଏକ ଟ୍ରେଣ୍ଡ ଚାଲିଛି। ଯୁବପିଢ଼ି କରୋନା ରୋଗୀଙ୍କ ସହ ପାର୍ଟି କରିବା ପାଇଁ ମୋଟା ଅଙ୍କର ଅର୍ଥ ବି ଦେଉଛନ୍ତି। ସତେଯେମିତି ସେମାନେ କରୋନା ସଂକ୍ରମିତ ହେବା ପାଇଁ ପ୍ରବଳ ଆଗ୍ରହୀ ହୋଇପଡୁଛନ୍ତି। ଏଇ କିଛିଦିନ ହେବ ସେଠାରେ ଏଭଳି ଏକ ସ୍ୱତନ୍ତ୍ର ଧରଣର ଟ୍ରେଣ୍ଡ ଆରମ୍ଭ ହୋଇଛି। ଏହାର କାରଣ ହେଉଛି କରୋନା ଭ୍ୟାକ୍‌ସିନ୍‌କୁ ବିରୋଧ। କାହିଁକି ନା କିଛି ଲୋକଙ୍କ କହିବା କଥା ହେଉଛି ବୁଷ୍ଟର ଡୋଜ୍ ନେବା ଆଦୌ ଭଲ ନୁହେଁ। ତେଣୁ ଯେଉଁମାନେ କରୋନା ସଂକ୍ରମିତଙ୍କ ସହିତ ଏକାଠି ପାର୍ଟି କରୁଛନ୍ତି ସେମାନଙ୍କୁ ଆଣ୍ଟି ଭ୍ୟାକ୍ସର ବୋଲି କୁହାଯାଉଛି। ଲୋକଙ୍କ ମଧ୍ୟରେ ପ୍ରସାର ହୋଇ ଚାଲିଥିବା ଏଭଳି ଏକ ଗୁଜବକୁ ରୋକିବା ନିମନ୍ତେ ସେଠାକାର ସରକାର କଡ଼ା ଆଇନ ଲାଗୁ କରିଛନ୍ତି। ଭ୍ୟାକ୍‌ସିନ୍ ନେଇ ନ ଥିବା ଲୋକଙ୍କୁ ଜରିମାନା ଦେବାକୁ ହେବ ଏବଂ ଏହା ସହିତ ସରକାରୀ ଚାକିରିଆ ହୋଇଥିଲେ ସେମାନଙ୍କୁ ଚାକିରି ମଧ୍ୟ ହରାଇବାକୁ ପଡ଼ିପାରେ। ସରକାରଙ୍କ ଏଭଳି କଟକଣା ସତ୍ତ୍ୱେ କରୋନା ସଂକ୍ରମିତଙ୍କ ସହିତ ପାର୍ଟି ଟ୍ରେଣ୍ଡ ବଢ଼ିଚାଲିଛି।

# ସାଉଥ୍ ଫିଲ୍ମରେ ଆଲିଆଙ୍କ ଡିମାଣ୍ଡ



**ମୁମ୍ବାଇ:** ଆଲିଆ ଭଟ୍ଟ ବର୍ତ୍ତମାନ ବଲିଉଡ୍ ଇଣ୍ଡଷ୍ଟ୍ରିର ଜଣେ ଆଗଧାଡ଼ିର ନାୟିକା। କିନ୍ତୁ ଏବେ ସାଉଥ୍ ଇଣ୍ଡଷ୍ଟ୍ରିରେ ମଧ୍ୟ ତାଙ୍କର ଚାହିଦା ବେଶ ବଢିଗଲାଣି। ଏସ୍.ଏସ୍. ରାଜମୌଲୀଙ୍କ ନିର୍ଦ୍ଦେଶିତ ଫିଲ୍ମ ‘ଆର୍‌ଆର୍‌ଆର୍’ରେ ଆଲିଆଙ୍କ ଅଭିନୟ ସାଉଥ୍ ଦର୍ଶକଙ୍କ ମଧ୍ୟ ମନ ମୋହିଛି। ସିନେମା ଆର୍‌ଆର୍‌ଆର୍ ପରେ ଆଉ ଏକ ଦକ୍ଷିଣ ଭାରତୀୟ ଫିଲ୍ମ ପାଇଁ ଆଲିଆଙ୍କୁ ଅଫର ମିଳିଥିବା କୁହାଯାଉଛି। ଫିଲ୍ମ ‘ଆଚାର୍ଯ୍ୟ’ର ନିର୍ଦ୍ଦେଶକ କୋରାଟାଲା ଶିବ ତାଙ୍କ ଆଗାମୀ ଚଳଚ୍ଚିତ୍ର ପାଇଁ ଆଲିଆଙ୍କୁ ଚୟନ କରିଛନ୍ତି। ଏହି ମୁଭିରେ ଆଲିଆ ସାଉଥ୍ ସୁପରଷ୍ଟାର ଜୁନିୟର ଏନ୍‌ଟିଆର୍‌ଙ୍କ ସହ ଏକାଠି କାମ କରିବେ। କିନ୍ତୁ ଏ ନେଇ ଫିଲ୍ମର ଟିମ୍ ପକ୍ଷରୁ ବିଧିବଦ୍ଧ ଭାବେ କୌଣସି ସୂଚନା ଦିଆଯାଇନାହିଁ। ଏହି ସିନେମାରେ ଅନିରୁଦ୍ଧ ରବିଚନ୍ଦର ସଙ୍ଗୀତ ସଂଯୋଜନା କରୁଛନ୍ତି। ଯଦି କରୋନା ପ୍ରକୋପ କମିଯାଏ ତେବେ ଚଳଚ୍ଚିତ୍ରର ଶୁଟିଂ ମାର୍ଚ୍ଚରୁ ଆରମ୍ଭ ହେବ। ୨୦୧୬ରେ ବ୍ଲକବଷ୍ଟର ଭୁମି ‘ଜନଥା ଗ୍ୟାରେଜ’ ପରେ ଏହି ଫିଲ୍ମରେ କୋରାଟଲା ଶିବ ଏବଂ ଜୁନିୟର ଏନ୍‌ଟିଆର୍ ଦ୍ୱିତୀୟ ଥର ପାଇଁ ଏକାଠି କାମ କରିବେ। ମହାମାରୀ ଯୋଗୁ ନିର୍ଦ୍ଦେଶକ ରାଜମୌଲୀଙ୍କ ୪୦୦ କୋଟି ବଜେଟ୍‌ର ଫିଲ୍ମ ଆର୍‌ଆର୍‌ଆର୍ ଏବେ ରିଲିଜ ଅପେକ୍ଷାରେ ରହିଛି।

**ମନେ ପଡ଼ନ୍ତି**

**ଚତୁର୍ଥ ମାସିକ ଶ୍ରାଦ୍ଧ ଉପଲକ୍ଷେ**




**୰ପ୍ରଭାତ ସୁନ୍ଦର ପାଣିଗ୍ରାହୀ**
ଆବିର୍ଭାବ-୧୩।୦୮।୧୯୪୦
ତିରୋଧାନ- ୨୧।୦୯।୨୦୨୧
ତୁମେ ଛାଡ଼ି ଯାଇଥିବା ତୁମର ପରିବାର ଜ୍ୟେଷ୍ଠ ପୁତ୍ର: ଜୀତେନ୍, ଜ୍ୟେଷ୍ଠ ପୁତ୍ରବଧୂ: ଶୁଭଯାନୀ, କନିଷ୍ଠ ପୁତ୍ର: ରୋଷନ, କନିଷ୍ଠ ପୁତ୍ରବଧୂ: ରଶ୍ମିପ୍ରଭା, ଦୁହିତା: ସ୍ମୃତି, ଜାମାତା: ସୀମାଞ୍ଚଳ, ନାତି/ନାତୁଣୀ: ରୀମା, ସିତୁନ, ପପ୍‌ଲି, ପୀୟୂଷ, ନିତୁ ସମସ୍ତ ପରିବାର ସହ ଅଶ୍ରୁପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ। ଜଗନ୍ନାଥଙ୍କ ପାଖରେ ଆମର ବିନୀତ ପ୍ରାର୍ଥନା ତୁମ ଆତ୍ମାର ସଦ୍‌ଗତି ହେଉ।
ଧ-୬୮୮୮

**ଚତୁର୍ଥ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱଗତା ସୁପ୍ରଭା ସ୍ୱାଇଁ**
(ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ)
ବାଙ୍କିସାହି, କଟକ
ଆବିର୍ଭାବ: ୨୮।୦୮।୧୯୪୦
ତିରୋଧାନ: ୦୨।୦୧।୨୦୧୮ (ମାଘ ପ୍ରତିପଦା)
ଆଜିକୁ ଠିକ୍ ଚାରିବର୍ଷ ପୂର୍ବେ ତୁମେ ଆମକୁ ଶୋକ ସାଗରରେ ଭସାଇ ଦେଇ ସବୁଦିନ ପାଇଁ ଚାଲିଗଲ ଅଫେରା ପଥରେ। ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହବୋଳା କଥା, ମମତା ଓ ଶ୍ରଦ୍ଧା ଆମ ହୃଦୟରେ ଚିରକାଳ ଅମଳିନ ସ୍ମୃତିହୋଇ ରହିବ। ତୁମର କର୍ତ୍ତବ୍ୟପରାୟଣତା, ନୀତି, ଆଦର୍ଶ, ସଂସ୍କାର ଓ ପରୋପକାରିତା ଆମ ଜୀବନର ପାଥେୟ ହେଉ। ତୁମର ଆଶୀର୍ବାଦ ସର୍ବଦା ଆମମାନଙ୍କ ପ୍ରତି ରହିଥାଉ। ତୁମର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ବିନମ୍ର ପ୍ରାର୍ଥନା କରୁଛୁ। **ଶୋକସନ୍ତପ୍ତ:** ପୁତ୍ର: ଆଦିତ୍ୟ, ଆଲୋକ, ବୋହୂ: ପ୍ରଜ୍ଞା, ସୁସ୍ମିତା, କନ୍ୟା: ଜ୍ୟୋତି, ଯୁଗଜ୍ୟୋତି, ଜାମାତା: ବେଦ୍, ଅସୀମ୍, ନାତୁଣୀ: ଆଦ୍ୟାଶା, ସାଇଅଂଶିକା, ଆୟୁଷୀ, ଆରୁଷି, ଅନନ୍ୟା ଓ ଆତ୍ମୀୟସ୍ୱଜନ।
ଧ-୨୨୮୬




# ‘ଓ ଅଣ୍ଟା ୱା’ ଗୀତ ପାଇଁ ୫ କୋଟି ଡିମାଣ୍ଡ

**ମୁମ୍ବାଇ:** ସାଉଥ୍ ମୁଭି ‘ପୁଷ୍ପା’ରେ ଅଭିନେତା ଅଲ୍ଲୁ ଅର୍ଜୁନ ଏବଂ ଅଭିନେତ୍ରୀ ରଶ୍ମିକା ମନ୍ଦାନା ନିଜର ଅଭିନୟ ଜରିଆରେ ଦର୍ଶକଙ୍କ ମନ ଜିଣିଛନ୍ତି। ସିନେମାରେ ଏହି ଦୁଇ ଜଣଙ୍କ ପରେ ସାଉଥ୍ ଅଭିନେତ୍ରୀ ସାମନ୍ଥା ରୁଥ ପ୍ରଭୁ ଆଇଟମ୍ ଗୀତ ‘ଓ ଅଣ୍ଟା ୱା’ରେ ନିଜର ହଟ୍ ଲୁକ୍‌ର ଝଲକ ଦେଖାଇଛନ୍ତି। ମୁଭିର ଏହି ଗୀତ ଦର୍ଶକଙ୍କୁ ଅଧିକ ପସନ୍ଦ ଆସିଥିବାବେଳେ ମୁଭି ରିଲିଜ୍ ପରେ ଗୀତର ଚାହିଦା ବେଶ୍ ବଢିଯାଇଛି। ଫିଲ୍ମର ଏହି ଗୋଟେ ଗୀତରେ ହିଁ ସାମନ୍ଥାଙ୍କୁ ଦେଖିବାକୁ ମିଳିଥିଲା। ଏକ ରିପୋର୍ଟରୁ ଜଣାପଡିଛି, ଏହି ଗୀତ ପାଇଁ ସାମନ୍ଥା ପ୍ରଥମରୁ ରାଜି ହୋଇ ନ ଥିଲେ। ଏଥିପାଇଁ ତାଙ୍କୁ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ନିଜ ଆଡୁ ରାଜି କରାଇଥିଲେ। ଏହାପରେ ସାମନ୍ଥା ଏହି ଆଇଟମ୍ ଗୀତ ପାଇଁ ୫ କୋଟି ଟଙ୍କା ଡିମାଣ୍ଡ କରିଥିଲେ। ଅନ୍ୟ ଏକ ରିପୋର୍ଟ ଅନୁଯାୟୀ, ସିନେମାର ନିର୍ଦ୍ଦେଶକ ସୁକୁମାର ମଧ୍ୟ ସାମନ୍ଥାଙ୍କୁ ଅଭିନେତ୍ରୀ ପୂଜା ହେଗ୍‌ଡେଙ୍କ ଗୀତ ‘ରଙ୍ଗସ୍ଥଲମ’ର ଉଦାହରଣ ଦେଇ ରାଜି କରାଇଥିବା ଜଣାପଡିଛି।

**CLASSIFIED DISPLAY**

ALL EDITION - B/W (Everyday)

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

for Booking Contact: 0674-2580385 8637280816, 7894447167, 9338226625

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ ଘରେ ବସି 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
**ବାବା ଆଜମ ଖାନ୍**
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଗୁଣିଗାରେଡ଼ି, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ସ୍ପେ. ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ
8882703236
9717049785

**ALL EDITION - B/W (Everyday)**
for Booking Contact:
0674-2580385
8637280816,
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୮/୨୦୨୨ Bhubaneswar, Tuesday, January 18/ 2022

## ସଂକ୍ଷେପରେ

### ସ୍ନୁକର ଟୁର୍ନାମେଣ୍ଟ ଉଦ୍‌ଯାପିତ

**ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି):** ପ୍ରିୟବ୍ରତ ପଟ୍ଟନାୟକ ମେମୋରିଆଲ କ୍ଲାସିକ୍ ସ୍ନୁକର ଟୁର୍ନାମେଣ୍ଟ ଚଳିତ ମାସ ୧୪ରୁ ୧୬ ପର୍ଯ୍ୟନ୍ତ ଭୁବନେଶ୍ୱର କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଶୁତୋଷ ପାଢ଼ୀ ଚାମ୍ପିୟନ ଏବଂ ହୃଦ୍‌ରୋଗ ବିଶେଷଜ୍ଞ ରାକେଶ ରୋଶନ ପ୍ରଧାନ ରନର୍ସଅପ୍ ହୋଇଛନ୍ତି। ଫାଇନାଲରେ ଆଶୁତୋଷ ୩-୦ ଫ୍ରେମ୍‌ରେ ରାକେଶଙ୍କୁ ପରାସ୍ତ କରିଥିଲେ। ଆମେରିକାରେ ରହୁଥିବା ପ୍ରିୟବ୍ରତଙ୍କ ଝିଅ ସୋନାଲି ପଟ୍ଟନାୟକ ପ୍ରତିଯୋଗିତାର ପ୍ରାୟୋଜକ ଥିଲେ। ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ୍ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ ବିଲିଆର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସଏଓ) ସମ୍ପାଦକ ଶ୍ରୀମୟ କର ଏବଂ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଆମ୍ରି ହସ୍ପିଟାଲ ୟୁନିଟ ମୁଖ୍ୟ ନିଳଞ୍ଜନା ମୁଖାର୍ଜୀ ପ୍ରମୁଖ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ

### କ୍ରିକେଟ ଅମ୍ପାୟର ୱିଲସନଙ୍କ ପରଲୋକ



**ଭୁବନେଶ୍ୱର, ୧୭।୧(କ୍ରୀଡ଼ା ପ୍ରତିନିଧି):** ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) ପ୍ୟାନେଲର ସିନିୟର ଅମ୍ପାୟର ୱିଲସନ ସିଂଙ୍କ ରବିବାର ବରଗଡ଼ଠାରେ ରବିବାର ସକାଳେ ପରଲୋକ ଘଟିଛି। ମୃତ୍ୟୁବେଳକୁ ତାଙ୍କୁ ୫୨ ବର୍ଷ ହୋଇଥିଲା। ଓଡ଼ିଶା କ୍ରିକେଟ ଅମ୍ପାୟରିଂ ସର୍କିଟରେ ସେ ଦୀର୍ଘଦିନ ଧରି କାର୍ଯ୍ୟ କରି ଆସୁଥିଲେ। ବରଗଡ଼ ଜିଲା କ୍ରିକେଟ ଆସୋସିଏଶନର ସଦସ୍ୟ ୱିଲସନ ୧୯୯୪ରୁ ୨୦୦୫ ପର୍ଯ୍ୟନ୍ତ ବରଗଡ଼ ଜିଲା ପକ୍ଷରୁ ସମ୍ମାନଜନକ କଳାହାଣ୍ଡି କପ୍‌ରେ ପ୍ରତିନିଧିତ୍ୱ କରିଥିଲେ। ୧୯୯୮ରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ ଖେଳିଥିଲେ। ତାଙ୍କ ବିୟୋଗରେ ଓସିଏ ପକ୍ଷରୁ ଗଭୀର ଶୋକ ପ୍ରକାଶ କରାଯାଇଛି।

# ଓସାକା, ନାଡାଲଙ୍କ ବିଜୟ ଅଭିଯାନ

**ମେଲବୋର୍ନ, ୧୭।୧**

**ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ**

ବିଶ୍ୱର ନମ୍ବର ୱାନ୍ ପୁରୁଷ ଟେନିସ୍ ଖେଳାଳି ସର୍ବିୟାର ନୋଭାକ୍ ଜୋକୋଭିଚ୍‌ଙ୍କ ବିନା ସୋମବାର ଅଷ୍ଟ୍ରେଲିଆ ଓପନ ଗ୍ରାଣ୍ଡସ୍ଲାମ ଟେନିସ ଆରମ୍ଭ ହୋଇଛି। କରୋନା ଟିକା ନେଇ ନ ଥିବାରୁ ଏକ ନାଟକୀୟ ଘଟଣାକ୍ରମରେ ଦ୍ୱିତୀୟ ଥର ପାଇଁ ଭିଜା ବାତିଲ ପରେ ଜୋକୋଭିଚ୍ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଜାପାନର ନାଓମି ଓସାକା ଓ ପୁରୁଷରେ ସ୍ପେନ୍‌ର ରାଫାଲ ନାଡାଲ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ସିଙ୍ଗଲସ୍ର ପ୍ରଥମ ରାଉଣ୍ଡରେ ଓସାକା ୬-୩, ୬-୩ ସେଟ୍‌ରେ କଲମ୍ବିଆର କାମିଲା ଓସୋରିଓଙ୍କୁ ପରାସ୍ତ କରିଛନ୍ତି। ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଆଜଲା ଟୋମଲଜାନୋଭିକଙ୍କୁ ୬-୪, ୬-୦ରେ ପାଉଲା ବଦୋସା, ଗ୍ରୀଟ୍ ମିନେନଙ୍କୁ ୭-୫, ୬-୪ରେ ଜ୍ୟାକ୍‌ଲିନ କ୍ରିଷ୍ଟିଆନ,



ଶଟ୍ ଖେଳିବା ଅବସରରେ ରାଫାଲ ନାଡାଲ।

ଲେସିଆ ଟିସୁରେଙ୍କୋଙ୍କୁ ୬-୦, ୬-୧ରେ ଆସ୍‌ଲେ ବାର୍ଟି, ପେତ୍ରା ମାର୍ଟିକଙ୍କୁ ୬-୩, ୬-୩ରେ ଜିଲ୍ ଟେକ୍‌ମାନ, ସୋଫିଆ କେନିନ୍‌ଙ୍କୁ ୭-୬(୭/୨), ୭-୫ରେ ମାଡିସନ କିଜ୍, ଜସମିନ୍ ପାଓଲୋନିଙ୍କୁ ୬-୧, ୬-୩ରେ ଏଲିନା-ଗାବ୍ରିଏଲା ରୁସେ, ଆନ୍ଦ୍ରିଆ ପେଟ୍‌କୋଭିକ୍‌ଙ୍କୁ ୬-୨, ୬-୦ ସେଟ୍‌ରେ ବାର୍ବରା କ୍ରେଜିକୋଭା, ଆନା କାରୋଲିନା ସ୍କିମିଡଲୋଭାଙ୍କୁ ୬-୭ (୭/୯), ୬-୪, ୬-୧ରେ ଜେଲିନା ଓଷ୍ଟାପେଙ୍କୋ, କୋକୋ ଗଫ୍‌ଙ୍କୁ ୬-୪, ୬-୨ରେ ୱାଙ୍ଗ୍ କ୍ୱାଙ୍ଗ୍, ପାନା ଉଦଭାର୍ଡିଙ୍କୁ ୬-୩, ୬-୧ରେ ଭିକ୍ଟୋରିଆ ଆଜାରେଙ୍କା, ଡିଆନା ପ୍ୟାରୀଙ୍କୁ ୬-୧, ୭-୬(୭/୨) ସେଟ୍‌ରେ ମାର୍ଟା କୋଷ୍ଟ୍ୟୁକ, ଏକ୍‌ଟେରିନା ଆଲେକଜାଣ୍ଡ୍ରୋଭାଙ୍କୁ ୭-୫, ୬-୩ରେ ବେର୍ନର୍ଡା ପେରା, ଫିଓନା ଫେରୋଙ୍କୁ ୬-୧, ୭-୬ (୭/୪) ସେଟ୍‌ରେ ଏଲିନା ସ୍ୱିତୋଲିନା, କ୍ରିଷ୍ଟିନା ମ୍ଲାଡେନୋଭିକ୍‌ଙ୍କୁ ୬-୪, ୬-୩ ସେଟ୍‌ରେ ବେଲିଣ୍ଡା ବେଙ୍କିକ୍ ଓ ଟାଟଜାନା ମାରିଆଙ୍କୁ ୬-୪, ୭-୬ (୭/୨) ସେଟ୍‌ରେ ମାରିଆ ସିକାରି ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ନାଡାଲ ଆମେରିକାର ମାର୍କୋସ ଗିରୋନଙ୍କୁ ୬-୧, ୬-୪, ୬-୨ ସେଟ୍‌ରେ ହରାଇଛନ୍ତି। ସେହିପରି ଅନ୍ୟତମ ଟାଇଟଲ ଦାବିଦାର ଆଲେକଜାଣ୍ଡର ଜେଭରେଭ ୭-୬ (୭/୩), ୬-୧, ୭-୬ (୭/୧) ସେଟ୍‌ରେ ଡାନିଏଲ ଅଲ୍ଟମେରଙ୍କୁ ହରାଇ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟ ପ୍ରଥମ ରାଉଣ୍ଡ ମ୍ୟାଚ ମଧ୍ୟରେ ଫେଲିସିଆନୋ ଲୋପେଜଙ୍କୁ ୬-୧, ୬-୩, ୪-୬, ୭-୫ ସେଟ୍‌ରେ ଜନ୍ ମିଲ୍‌ମ୍ୟାନ, କେଭିନ ଆଣ୍ଡରସନଙ୍କୁ ୬-୩, ୬-୪, ୭-୬ (୭/୩) ସେଟ୍‌ରେ ରିଲି ଓପେଲ୍‌କା, ଫାବିଓ ଫୋଗନିନିଙ୍କୁ ୬-୧, ୬-୪, ୬-୪ ସେଟ୍‌ରେ ଟାଲନ ଗ୍ରୀକ୍ସପୁର, କାମେରନ ନୋରିଙ୍କୁ ୬-୩, ୬-୦, ୬-୪ରେ ସେବାଷ୍ଟିଆନ କୋର୍ଡା, ଫେଡରିକୋ କୋରିଆଙ୍କୁ ୬-୧, ୬-୧, ୬-୩ ସେଟ୍‌ରେ ଗାଏଲ ମନଫିଲ୍ସ ପରାସ୍ତ କରିଛନ୍ତି।



ମେଲବୋର୍ନ: ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ମହିଳା ସିଙ୍ଗଲ୍ସ ପ୍ରଥମ ରାଉଣ୍ଡରେ ସୋମବାର କାମିଲା ଓସୋରିଓଙ୍କ ବିପକ୍ଷରେ ରିଟର୍ନ ଶଟ୍ ଖେଳୁଛନ୍ତି ଜାପାନର ନାଓମି ଓସାକା।

## ମୁକ୍ତେଶ୍ୱର ଫାଇନାଲରେ

**ଭୁବନେଶ୍ୱର, ୧୭।୧ (କ୍ରୀଡ଼ାପ୍ରତିନିଧି):** କେଶୁରା ଖେଳପଡ଼ିଆରେ ଚାଲିଥିବା ପଞ୍ଚାନନ ଜେନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ରାମେଶ୍ୱର ସ୍ପୋର୍ଟିଂକୁ ହରାଇ ମୁକ୍ତେଶ୍ୱର କ୍ରିକେଟ କ୍ଲବ ଫାଇନାଲରେ ପ୍ରବେଶ କରିଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ରାମେଶ୍ୱର ୩୪.୨ ଓଭରରେ ୨୨୧ ରନ୍‌କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ନିହାର ରଞ୍ଜନ ପଟ୍ଟନାୟକ ସର୍ବାଧିକ ୫୩ ରନ୍ କରିଥିଲେ। ବିପକ୍ଷ ଦଳର ଜୀବନ କୁମାର ଜେନା ୪ଟି ଏବଂ ଶୁଭମ୍ ଶ୍ରୀ ଓ ପ୍ରଣବ କୁମାର ଦୁବେ ୩ଟି ଲେଖାଏ ଉଇକେଟ ନେଇଥିଲେ। ୨୨୨ ରନ୍ ବିଜୟ ଲକ୍ଷ୍ୟକୁ ମୁକ୍ତେଶ୍ୱର ୩୪.୪ ଓଭରରେ ୭ ଉଇକେଟ ହରାଇ ହାସଲ କରି ନେଇଥିଲା। ବିଭାଂଶୁ ରାୟ (୧୧୧ ରନ୍) ଦ୍ରୁତ ଶତକ ହାସଲ କରି ଦଳକୁ ଜିତାଇଥିଲେ। ରାମେଶ୍ୱର ବୋଲର ସମ୍ମିତ କୁମାର ବରାଳ ୪ଟି ଉଇକେଟ ନେଇଥିଲେ। ବିଭାଂଶୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ପୂର୍ବତନ ରଣଜୀ ଟ୍ରଫି ଖେଳାଳି ଜିତୁ ଶତପଥୀ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ହକିରେ ନୂଆ ପେନାଲ୍ଟି କର୍ନର ନିୟମ

**ଲାଉସାନେ, ୧୭।୧(ପି.ଟି.)**

କ୍ରୀଡ଼ାରେ ଆଥଲେଟ୍‌ଙ୍କୁ ଅଧିକ ସୁରକ୍ଷିତ ରଖିବା ଲକ୍ଷ୍ୟରେ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ପେନାଲ୍ଟି କର୍ନର ଡିଫେଣ୍ଡ ନିୟମରେ ପରିବର୍ତ୍ତନ ଆଣିଛି। ପେନାଲ୍ଟି କର୍ନର ଡିଫେଣ୍ଡ କରିବା ସମୟରେ ଖେଳାଳିମାନେ ନିଜ ସୁରକ୍ଷା ପାଇଁ ପିନ୍ଧିଥିବା ସରଞ୍ଜାମଗୁଡ଼ିକୁ ଏଣିକି ଷ୍ଟ୍ରାଇକିଂ ସର୍କଲ ବାହାରେ ମଧ ବ୍ୟବହାର କରିପାରିବେ। ଅର୍ଥାତ୍ ପ୍ରଥମ ସୁଯୋଗ ପରିପ୍ରେକ୍ଷୀରେ ପେନାଲ୍ଟି କର୍ନର ପରେ ସେମାନଙ୍କୁ ତତ୍‌କ୍ଷଣାତ ଏହି ସରଞ୍ଜାମଗୁଡ଼ିକୁ ଓହ୍ଲାଇବାକୁ ପଡ଼ିବ ନାହିଁ, ତେବେ ଗୋଲ ପୋଷ୍ଟରୁ ୨୩ ମିଟର ଏରିଆ ମଧ୍ୟରେ ସେ ଏଗୁଡ଼ିକୁ ବ୍ୟବହାର କରିପାରିବେ। ୨୩ ମିଟର ବାହାରକୁ ଯିବା ପୂର୍ବରୁ ଏଗୁଡ଼ିକୁ ଓହ୍ଲାଇବା ବାଧ୍ୟତାମୂଳକ। ପୂର୍ବରୁ ପେନାଲ୍ଟି କର୍ନର ପର୍ଯ୍ୟାୟ ସରିବା ମାତ୍ରେ ସର୍କଲ ଭିତରେ ହିଁ ଖେଳାଳିଙ୍କୁ ସୁରକ୍ଷା ସରଞ୍ଜାମଗୁଡ଼ିକୁ ତତ୍‌କ୍ଷଣାତ ଓହ୍ଲାଇବାକୁ ପଡୁଥିଲା। ଏ କ୍ଷେତ୍ରରେ ଏଫ୍‌ଆଇଏଚ୍ ୪.୨ ନିୟମରେ ପରିବର୍ତ୍ତନ ଆଣିଛି। ଏହାଦ୍ୱାରା ଖେଳାଳିମାନେ ବଲ୍ ଉପରେ ଅଧିକ ଫୋକସ



କରିପାରିବେ ବୋଲି ଏଫ୍‌ଆଇଏଚ୍ ସ୍ପୋର୍ଟ ନିର୍ଦ୍ଦେଶକ ତଥା ଡବଲ ଅଲିମ୍ପିଆନ ଜନ୍ ୱାଙ୍ଗ ପ୍ରକାଶ କରିଛନ୍ତି। ୨୦୨୧ ଡିସେମ୍ବରରେ ଭୁବନେଶ୍ୱରରେ ଅନୁଷ୍ଠିତ ଏଫ୍‌ଆଇଏଚ୍ ଓଡ଼ିଶା ହକି ପୁରୁଷ ଜୁନିୟର ବିଶ୍ୱକପ୍‌ରେ ଏହାକୁ ପରୀକ୍ଷାମୂଳକ ଭାବେ ବ୍ୟବହାର କରାଯାଇଥିଲା। ଏହାକୁ କୋଚ୍, ଆଥଲେଟ୍ ଓ ଅଫିସିଆଲମାନେ ଭରପୂର ସମର୍ଥନ ଜଣାଇଥିଲେ। ଖେଳାଳିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଫ୍‌ଆଇଏଚ୍ ଏରିଏଲ ବଲ୍ ସମ୍ପର୍କିତ ନିୟମରେ ମଧ ପରିବର୍ତ୍ତନ ଆଣିଛି। ପୂର୍ବରୁ ଉପରୁ ପଡୁଥିବା ସମୟରେ ବଲ୍‌ର ଗତିରୋଧକୁ ଅବୈଧ ବିବେଚନା କରାଯାଉଥିଲା। ଏ କ୍ଷେତ୍ରରେ ୯.୧୦ ନିୟମରେ ପରିବର୍ତ୍ତନ କରାଯାଇଛି। ଏଫ୍‌ଆଇଏଚ୍ ପ୍ରତି ଦୁଇ ବର୍ଷରେ ଜାନୁୟାରୀ ମାସରେ ହକି ନିୟମକୁ ଅପ୍‌ଡେଟ୍ କରିଥାଏ। ଅଲିମ୍ପିକ୍ ଗେମ୍ସ କିମ୍ବା ହକି ବିଶ୍ୱକପ ପରେ ଏହା ହୋଇଥାଏ। ୨୦୨୧ ଜାନୁୟାରୀରେ ଏହା ହେବାକଥା। ମାତ୍ର ଟୋକିଓ ଅଲିମ୍ପିକ୍ସ ସ୍ଥଗିତ ରହିବା ଯୋଗୁ ଏହା ବର୍ଷେ ଘୁଞ୍ଚିଥିଲା ବୋଲି ୱାଙ୍ଗ କହିଛନ୍ତି।

## ବ୍ୟାଙ୍କ ଡକାୟତଙ୍କୁ ଅତିଥି କରି ଅଡୁଆରେ ଟାଟା ଷ୍ଟିଲ ଚେସ୍

**ଚେନ୍ନାଇ, ୧୭।୧ (ପି.ଟି.):** ନରୱେର କୁଖ୍ୟାତ ବ୍ୟାଙ୍କ ଡକାୟତ ଡେଭିଡ୍ ଟୋସ୍କାଙ୍କୁ ଅତିଥି କରି ଟାଟା ଷ୍ଟିଲ ଚେସ୍ ଟୁର୍ନାମେଣ୍ଟ ଅଯଥା ବିବାଦ ଘେରକୁ ଟାଣି ହୋଇଯାଇଛି। ଟୋସ୍କା ଟିଭି-୨’ଏସ୍ ଟାଟା ଷ୍ଟିଲ୍ ଚେସ୍ ବ୍ରଡ୍‌କାଷ୍ଟ କାର୍ଯ୍ୟକ୍ରମର ଅତିଥି ଭାବେ ଆମନ୍ତ୍ରିତ ହୋଇଥିଲେ। ନରୱେ ଦେଶର ଇତିହାସରେ ଘଟିଥିବା ସର୍ବ ବୃହତ୍ ବ୍ୟାଙ୍କ୍ ଡକାୟତିରେ ସେ ମାଷ୍ଟର ମାଇଣ୍ଡ ଥିଲେ। ଟୋସ୍କାଙ୍କ କାର୍ଯ୍ୟକ୍ରମରେ ଯୋଗଦାନ ପରେ ଚେସ୍ ସମୁଦାୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏପରିକି କାର୍ଯ୍ୟକ୍ରମର କିଛି ସମୟ ପରେ ଜଣେ ପ୍ରାୟୋଜକ ଓହରିଯାଇଥିଲେ। ଟାଟା ଷ୍ଟିଲ ଚେସ୍ ଟୁର୍ନାମେଣ୍ଟ ନେଦରଲାଣ୍ଡ୍ସର ୱିଜିକ୍ ଆନ୍ ଜି ସହରରେ ଜାନୁୟାରୀ ୧୪ରୁ ୩୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ଏଥିରେ ବିଶ୍ୱର ନମ୍ବରୱାନ ନରୱେର ମାଗ୍ନସ କାର୍ଲସେନ୍‌ଙ୍କ ସମେତ ବହୁ ଟପ୍ ଖେଳାଳି ଭାଗ ନେଉଛନ୍ତି। ନରୱିଆନ୍ ଟିଭିର ଏକ ସ୍ୱତନ୍ତ୍ର ପରମ୍ପରା ରହିଛି। ତଦନୁସାରେ ଚେସ୍ ବ୍ରଡ୍‌କାଷ୍ଟ ବେଳେ ଜଣେ ସେଲିବ୍ରିଟିଙ୍କୁ ଅତିଥି ଭାବେ ଆମନ୍ତ୍ରଣ କରାଯାଇଥାଏ।

# ସର୍ବିୟାରେ ପହଞ୍ଚିଲେ ଜୋକୋଭିଚ୍

**ବେଲଗ୍ରେଡ୍, ୧୭।୧**

ଅଷ୍ଟ୍ରେଲିଆରୁ ପ୍ରତ୍ୟର୍ପଣ ହେବାପରେ ଟେନିସ ଷ୍ଟାର ନୋଭାକ ଜୋକୋଭିଚ୍ ସୋମବାର ନିଜ ଦେଶ ସର୍ବିୟା ରାଜଧାନୀ ବେଲ୍‌ଗ୍ରେଡ୍‌ରେ ପହଞ୍ଚିଛନ୍ତି। ବିମାନବନ୍ଦରରେ ସ୍ୱାଗତ କରିବାକୁ ତାଙ୍କର ବହୁସଂଖ୍ୟାରେ ସମର୍ଥକ ଉପସ୍ଥିତ ଥିଲେ। ସେମାନେ ଜାତୀୟ ପତାକା ଦେଖାଇ ‘ୱି ଲଭ୍ ଜୋକୋଭିଚ୍’ ସ୍ଲୋଗାନ୍ ଦେଉଥିଲେ। ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରେ ଭାଗନେବା ଲାଗି ଜୋକୋଭିଚ୍ ମେଲବୋର୍ନରେ ପହଞ୍ଚିଥିଲେ। ହେଲେ କୋଭିଡ୍ ଟିକା ନେଇ ନ ଥିବାରୁ ତାଙ୍କ ଭିଜାକୁ ବାତିଲ କରିଦିଆଯାଇଥିଲା, ଯାହାଫଳରେ ତାଙ୍କୁ ପ୍ରତ୍ୟର୍ପଣ ହେବାକୁ ପଡ଼ିଛି। ସେ ଟୁର୍ନାମେଣ୍ଟ ଖେଳିବାରୁ ବଞ୍ଚିତ ହୋଇଛନ୍ତି। ଅଷ୍ଟ୍ରେଲିଆର ଇମିଗ୍ରେଶନ ଆଇନ ଅନୁସାରେ ଜୋକୋଭିଚ୍ ଆସନ୍ତା ୩ ବର୍ଷ ପାଇଁ ସେଠାକୁ ଯାଇପାରିବେ ନାହିଁ। କିନ୍ତୁ ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ସ୍କଟ୍ ମରିସନ କହିଛନ୍ତି, ଠିକ୍ ପରିସ୍ଥିତିରେ ଏହି ଷ୍ଟାର ଖେଳାଳିଙ୍କୁ ଖୁବ୍‌ଶୀଘ୍ର ପ୍ରବେଶ ପାଇଁ ଅନୁମତି ମିଳିପାରେ। ବିଶେଷ କ୍ଷେତ୍ରରେ ଅବା କ୍ଷତିପୂରଣ ଭରଣାଭିତ୍ତିରେ ୩ ବର୍ଷ ବାସନ୍ଦ ଦଣ୍ଡକୁ ହଟାଇ ଦିଆଯାଇପାରେ ବୋଲି ଅଷ୍ଟ୍ରେଲିଆ ଆଇନରେ ବ୍ୟବସ୍ଥା ରହିଛି। ମରିସନଙ୍କ କଥା ଯଦି କାର୍ଯ୍ୟକାରୀ ହୁଏ ତେବେ ଜୋକୋଭିଚ୍ ଆସନ୍ତାବର୍ଷ ଅଷ୍ଟ୍ରେଲିଆନ ଓପନ୍‌ରେ ଭାଗ ନେଇପାରିବେ।

କିନ୍ତୁ ସର୍ବୀୟ ଟେନିସ୍ ଷ୍ଟାର ଚଳିତ ବର୍ଷ କ୍ୟାଲେଣ୍ଡରର ପରବର୍ତ୍ତୀ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ୍ ଓପନ୍‌ରେ ଭାଗ ନେଇପାରିବେ କି ନା ସେନେଇ ପ୍ରଶ୍ନ ଉଠିଲାଣି। ନିକଟରେ ଫ୍ରାନ୍ସର ଏକ ନୂଆ ଆଇନ ଦେଶର ପାର୍ଲାମେଣ୍ଟରେ ଗୃହୀତ ହୋଇଛି। ତଦନୁସାରେ କ୍ରୀଡ଼ା ଭେନ୍ୟୁ ସମେତ ସର୍ବସାଧାରଣ ସ୍ଥାନରେ ପ୍ରବେଶ ପାଇଁ ୧୬ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ଲାଗି ଭ୍ୟାକ୍ସିନ ପ୍ରମାଣପତ୍ର ଜରୁରୀ। ଫ୍ରାନ୍ସ କ୍ରୀଡ଼ାମନ୍ତ୍ରୀ ସୋମବାର କହିଛନ୍ତି ଯେ, ଏହି ନିୟମ ଉଭୟ ଦର୍ଶକ ଓ ପ୍ରଫେସନାଲ ଖେଳାଳିଙ୍କ ପାଇଁ ଲାଗୁ ହେବ। ଅନ୍ୟପକ୍ଷରେ ଜଣେ ମୁଖପାତ୍ର କହିଛନ୍ତି ହୁଏତ ପରିସ୍ଥିତିରେ ପରିବର୍ତ୍ତନ ଘଟିପାରେ।

# ଏସ୍‌ଆର୍ ଚେସ୍: ଆରିନ ଅନ୍ୱେଷ ଚାମ୍ପିୟନ

**ଭୁବନେଶ୍ୱର, ୧୭।୧ (କ୍ରୀଡ଼ା ପ୍ରତିନିଧି):** ଏସ୍‌ଆର୍ ଚେସ୍ ସେଣ୍ଟର ଆନୁକୂଲ୍ୟରେ ରବିବାର ଅନୁଷ୍ଠିତ ଅନ୍‌ଲାଇନ୍ ଓପନ ଚେସ୍‌ରେ ଆରିନ ଅନ୍ୱେଷ ସ୍ୱାଇଁ ଚାମ୍ପିୟନ ହୋଇଛନ୍ତି। ୭ ରାଉଣ୍ଡବିଶିଷ୍ଟ ପ୍ରତିଯୋଗିତାରେ ଆରିନ ୫.୫ ପଏଣ୍ଟ ସହିତ ପ୍ରଥମ ସ୍ଥାନ ହାସଲ କରିଥିଲେ। ପ୍ରତୀକ ଚୌରାସିଆ, ଜୟାଦିତ୍ୟ ଗନ୍ତାୟତ ଓ ସନ୍ଦିପା ପ୍ରିୟଦର୍ଶିନୀ ସାହୁ ୫ ପଏଣ୍ଟ ଲେଖାଏ ପାଇ ଯଥାକ୍ରମେ ଦ୍ୱିତୀୟରୁ ୪ର୍ଥ ସ୍ଥାନରେ ରହିଥିଲେ। ଏହା ବ୍ୟତୀତ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ତେଜାସ ଲୋହାନି, ଦେବିନା ଚାୱଲା, ଶିବାଂଶ ମିଶ୍ର, ସାଇ ସମ୍ପ୍ରଦା ମହାନ୍ତି, ସାଇ ଅମୃତ ପରିଜା, ଆଦିତ୍ୟ ବିକ୍ରମ ମିଶ୍ର, ଦେବର୍ପିତ ମିଶ୍ର, ଶିବମ୍ ସାହୁ, ସୂର୍ଯ୍ୟାଂଶୁ ମହାକୁଡ଼, ଅକ୍ଷୟ ଅଗ୍ରୱାଲ, ମନୀଷ ମିଶ୍ର, ମ୍ରିଗଙ୍କ ଶେଖର ଦାସ, ଜୀତେଶ ସାମଲଙ୍କୁ ସ୍ୱତନ୍ତ୍ର ପୁରସ୍କାର



ଆରିନ ଅନ୍ୱେଷ ସ୍ୱାଇଁ

ପ୍ରଦାନ କରାଯାଇଥିଲା। ଏସ୍‌ଆର ଚେସ୍ ସେଣ୍ଟର ସଭାପତି ଶୁଭାଶିଷ ପଟ୍ଟନାୟକ, ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ, କୋଚ୍ ସତ୍ୟଜିତ ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା।

# କମଳାକାନ୍ତଙ୍କୁ ଆର୍ଥିକ ସହାୟତା

**ଭୁବନେଶ୍ୱର, ୧୭।୧ (କ୍ରୀଡ଼ା ପ୍ରତିନିଧି)**

**ହୁଇଲ ଚେୟାରରେ ବିଶ୍ୱ ରେକର୍ଡ**

ପାରା-ଆଥଲେଟ୍ କମଳାକାନ୍ତ ନାୟକଙ୍କୁ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଏକ ଲକ୍ଷ ଟଙ୍କାର ଅର୍ଥରାଶି ପ୍ରଦାନ ସହ ସମ୍ବର୍ଦ୍ଧିତ କରାଯାଇଛି। କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଆର୍. ଭିନିଲ୍ କ୍ରୀଷ୍ଣା ରବିବାର କଳିଙ୍ଗ ହକି ଷ୍ଟାଡିୟମ୍ ପରିସରରେ କମଳାକାନ୍ତଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ନିଜର ନିଷ୍ଠା, ଏକାଗ୍ରତା ଓ କଠିନ ପରିଶ୍ରମ ବଳରେ କମଳାକାନ୍ତ ସମଗ୍ର ବିଶ୍ୱରେ ଏକ ନୂତନ ରେକର୍ଡ ପ୍ରତିଷ୍ଠା ସହ ସବୁ କ୍ରୀଡ଼ାବିତ୍ ଏବଂ ଯୁବପିଢ଼ିଙ୍କ ଲାଗି ଉଦାହରଣ ସୃଷ୍ଟି କରିଛନ୍ତି। ଏଥିସହିତ କମଳାକାନ୍ତଙ୍କୁ ପାରାଲମ୍ପିକ୍ସରେ ଅଂଶଗ୍ରହଣ ପାଇଁ ସମସ୍ତ ପ୍ରକାର ଆବଶ୍ୟକୀୟ ସହଯୋଗ ନିମନ୍ତେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ପ୍ରଚେଷ୍ଟା କରାଯିବ ବୋଲି ସଚିବ କହିଛନ୍ତି। ପ୍ରକାଶଯୋଗ୍ୟ, ୨୮ ବର୍ଷୀୟ କମଳାକାନ୍ତ ହୁଇଲ ଚେୟାରରେ ୨୪ ଘଣ୍ଟା ମଧ୍ୟରେ ୨୧୩ କିଲୋମିଟର ଯାତ୍ରା କରି ନୂଆ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ କ୍ରୀଡ଼ା ଓ ଯୁବସେବା ବିଭାଗର ଯୁଗ୍ମ ଶାସନ ସଚିବ ବିଜୟାନନ୍ଦ ନାୟକ, ଶୈଳେନ୍ଦ୍ର ନାୟକ, ବେଟର ଲାଇଫ୍ ଫାଉଣ୍ଡେଶନ ଅଧ୍ୟକ୍ଷଙ୍କ ସମେତ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।



କ୍ରୀଡ଼ା ସଚିବ ଆର. ଭିନିଲ କ୍ରିଷ୍ଣା ଓ ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ କମଳାକାନ୍ତ ନାୟକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

## ଆୟର୍ଲାଣ୍ଡର ଐତିହାସିକ ସିରିଜ ବିଜୟ

**କିଙ୍ଗଷ୍ଟନ, ୧୭।୧ (ଏପି):** ସାବିନା ପାର୍କଠାରେ ଅନୁଷ୍ଠିତ ତୃତୀୟ ତଥା ନିର୍ଣ୍ଣାୟକ ଅନ୍ତର୍ଜାତୀୟ ଦିନିକିଆରେ ଆୟର୍ଲାଣ୍ଡ ୨ଉଇକେଟରେ ୱେଷ୍ଟଇଣ୍ଡିଜକୁ ପରାସ୍ତ କରିଛି। ଏଥିସହ ଦଳ ୨-୧ରେ ଐତିହାସିକ ସିରିଜ ବିଜୟ ହାସଲ କରିଛି। ଦଳର ଏହା ମଧ୍ୟ ଦ୍ୱିତୀୟ ସିରିଜ ବିଜୟ। ପୂର୍ବରୁ ଆୟର୍ଲାଣ୍ଡ ୨୦୧୯ରେ ଜିମ୍ବାୱେ ବିପକ୍ଷରେ ସିରିଜ ବିଜୟ ହାସଲ କରିଥିଲା। **ସଂକ୍ଷିପ୍ତ ସ୍କୋର ୱେଷ୍ଟଇଣ୍ଡିଜ ଇନିଂସ:** ୪୪.୪ ଓଭରରେ ୨୧୨/ଅଲଆଉଟ (ସାଇ ହୋପ୍-୫୩, ଆଣ୍ଡି ମ୍ୟାକ୍‌ବ୍ରିନ୍-୪/୨୮, କ୍ରେଗ୍ ୟଙ୍ଗ-୩/୪୩)। **ଆୟର୍ଲାଣ୍ଡ ଇନିଂସ:** ୪୪.୫ ଓଭରରେ ୨୧୪/୮ (ଆଣ୍ଡି ମ୍ୟାକବ୍ରିନ୍-୫୯, ହ୍ୟାରି ଟେକ୍ଟର-୫୨, ରୋଷ୍ଟନ ଚେଜ୍-୩/୪୪, ଅକିଲ ହୋସେନ୍-୩/୫୯)।

## ଗିଲ୍‌ଙ୍କୁ ପସନ୍ଦ କଲା ଅହମଦାବାଦ

**ନୂଆଦିଲ୍ଲୀ, ୧୭।୧ (ପି.ଟି.):** ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ ସିଜନ ପାଇଁ ଅହମଦାବାଦ ଫ୍ରାଞ୍ଚାଇଜ୍ ହାର୍ଦ୍ଦିକ ପାଣ୍ଡ୍ୟା ଓ ଆଫଗାନିସ୍ତାନ ଲେଗ୍ ସ୍ପିନର ରଶିଦ ଖାଁଙ୍କୁ ଦଳରେ ନେବ ବୋଲି ପୂର୍ବାନୁମାନ କରାଯାଉଥିଲା। କିନ୍ତୁ ଇଶାନ କିଶନଙ୍କ ପରିବର୍ତ୍ତେ ଯୁବ ଭାରତୀୟ ଓପନର ଶୁବମନ ଗିଲଙ୍କୁ ପସନ୍ଦ କରିଛି। ଗିଲ୍ ଦଳର ନେତୃତ୍ୱ ଦେବାର ସମର୍ଥ। ସେମାନେ ଇଶାନଙ୍କୁ ଚାହୁଁଥିଲେ। ମାତ୍ର ଏହି ଖେଳାଳି ନିଲାମକୁ ଯିବାଲାଗି ଆଗ୍ରହୀ। ମୁମ୍ବାଇ ଇଣ୍ଡିଆନ୍ସ ତାଙ୍କୁ ଅଧିକ ମୂଲ୍ୟରେ କ୍ରୟ କରିପାରେ।

# ପାୟୋନିୟର କ୍ଲବ ସେମିଫାଇନାଲରେ

**ନିମାପଡ଼ା, ୧୭।୧ (ଡି.ଏନ୍.ଏ.)**

ନିମାପଡ଼ା ଆଥଲେଟିକ ଆସୋସିଏଶନ ପକ୍ଷରୁ ସ୍ଥାନୀୟ ବାର୍‌ବାଟୀ ଗ୍ରାଉଣ୍ଡରେ ଆୟୋଜିତ ୧୩ତମ ସର୍ବଭାରତୀୟ ନିମାପଡ଼ା କପ୍ କ୍ରିକେଟ ପ୍ରତିଯୋଗିତାରେ ସୋମବାର ୨ୟ କ୍ୱାର୍ଟର ଫାଇନାଲ ହୋଇଥିଲା। ଏଥିରେ ଆୟୋଜକ ନିମାପଡ଼ା ଟିମ୍‌କୁ ହରାଇ ପୁରୀର ପାୟୋନିୟର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ନିମାପଡ଼ା ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ୫ଟି ଉଇକେଟ ହରାଇ ୧୬୪ ରନ



ଅତିଥିମାନେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ଖେଳାଳିଙ୍କୁ ପୁରସ୍କୃତ କରୁଛନ୍ତି।

କରିଥିଲା। ଜବାବରେ ପାୟୋନିୟର କ୍ଲବ ୨୭ ଓଭରରେ ୪ଟି ଉଇକେଟ ହରାଇ ୧୬୭ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ଦଳ ପକ୍ଷରୁ ଦିବ୍ୟଜ୍ୟୋତି ରଥ ସର୍ବାଧିକ ୪୦ରନ, ଲାଲୁ ମହାନ୍ତି ୩୮, ଶକ୍ତିସ୍ୱରୂପ ଦାସ ୨୯ ରନ କରିଥିଲେ। ବିଜୟୀ ଟିମ୍‌ର ଦିବ୍ୟଜ୍ୟୋତିଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ଭାବେ ବିବେଚିତ କରାଯାଇ ପୁରସ୍କୃତ କରାଯାଇଥିଲା। ମ୍ୟାଚରେ ଅତିଥି ଭାବେ ଓଡ଼ିଶା ରଣଜୀ ଟ୍ରଫି ଖେଳାଳି ତଥା ଓଡ଼ିଶା କ୍ରିକେଟ ଆସୋସିଏଶନ ଜୁନିୟର ସିଲେକ୍ଟର ବିବିସିସି ମହାପାତ୍ର, କ୍ରୀଡ଼ାବିତ ନିର୍ମଳ ମିଶ୍ର, ନିମାପଡ଼ା ଆଥଲେଟିକ ଆସୋସିଏଶନର ସମ୍ପାଦକ ଜୀବନାନନ୍ଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ଅମ୍ପାୟର ଭାବେ ସମ୍ମିତ ପଟ୍ଟନାୟକ, ତ୍ରିଭୁବନନାଥ ଦାଶ ମ୍ୟାଚ ପରିଚାଳନା କରିଥିଲେ।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

ପୃଷ୍ଠା-୮+୪

# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୮/୨୦୨୨ (୮+୪=୧୨ ପୃଷ୍ଠା)

Bhubaneswar, Tuesday, January 18/2022



**ମହାମାରୀରୁ ମୁକ୍ତି ପାଇଁ ମିଳିତ ଉଦ୍ୟମ ଲୋଡ଼ା: ଜିନ୍‌ପିଙ୍ଗ**

ମହାମାରୀରୁ ମୁକ୍ତି ପାଇବାକୁ ହେଲେ ମିଳିତ ଉଦ୍ୟମ ଜରୁରୀ ବୋଲି ସୋମବାର ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ କହିଛନ୍ତି।

୦୪

୦୨

**୨୬ରେ ପରଦାକୁ ଆସିବ 'ବୈକୁଣ୍ଠପୁରମ'ର ହିନ୍ଦୀ ଭର୍ସନ**

ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଅଭିନୀତ ଆଉ ଏକ ସୁପରହିଟ୍ ଫିଲ୍ମ 'ବୈକୁଣ୍ଠପୁରମ୍'ର ହିନ୍ଦୀ ଭର୍ସନ୍ ଆସନ୍ତା ୨୬ରେ ରିଲିଜ୍ ହେବ।





ଆବୁଧାବିସ୍ଥିତ ଅନ୍ତର୍ଜାତୀୟ ବିମାନବନ୍ଦର ପରିସରରେ ଡ୍ରୋନ୍ ଆକ୍ରମଣ ପରେ ଧୂଆଁ ଉଠୁଛି।

# ଆବୁଧାବିରେ ଡ୍ରୋନ୍ ଆକ୍ରମଣ

## ୨ ଭାରତୀୟଙ୍କ ସମେତ ୩ ମୃତ

ଦୁବାଇ,୧୭।୧

ୟୁନାଇଟେଡ୍ ଆରବ ଏମିରେଟ୍ସ (ୟୁଏଇ) ରାଜଧାନୀ ଆବୁଧାବିରେ ସୋମବାର ସମ୍ଭାବ୍ୟ ଡ୍ରୋନ୍ ଆକ୍ରମଣରେ ୨ ଭାରତୀୟଙ୍କ ସମେତ ୩ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୬ ଜଣ ଆହତ ହୋଇଛନ୍ତି। ବିସ୍ଫୋରଣରେ ୩ଟି ତୈଳ ଟ୍ୟାଙ୍କର ଜଳିଯାଇଛି। ଏଥିସହିତ ଆବୁଧାବି ଅନ୍ତର୍ଜାତୀୟ ବିମାନବନ୍ଦରର ଏକ ସମ୍ପ୍ରସାରିତ ଅଞ୍ଚଳରେ ମଧ ନିଆଁ ଲାଗିଯାଇଥିବା ପୋଲିସ କହିଛି। ମୃତକଙ୍କ ମଧ୍ୟରୁ ୨ ଜଣ ଭାରତୀୟ ହୋଇଥିବାବେଳେ ଜଣେ ପାକିସ୍ତାନୀ। ଆହତମାନଙ୍କ ପରିଚୟ ମିଳିନାହିଁ। ପୋଲିସ ଘଟଣାର ତଦନ୍ତ ଚଳାଇଛି। ୟେମେନ୍‌ର ହୌଥି ବିଦ୍ରୋହୀ ୟୁଏଇକୁ ଟାର୍ଗେଟ୍ କରି ଆକ୍ରମଣ କରିଥିବା ଦାବି କରିଛନ୍ତି। ୟୁଏଇରେ ବିଭିନ୍ନ ସମୟରେ ଆକ୍ରମଣ ପାଇଁ ଇରାନ ସମର୍ଥିତ ହୌଥି ବିଦ୍ରୋହୀମାନେ ନିଜକୁ ଦାୟୀ କରୁଥିଲାବେଳେ ଏମିରେଟ୍ସର ଅଧିକାରୀମାନେ ଏହାକୁ ଖଣ୍ଡନ କରିଆସୁଛନ୍ତି। ଡ୍ରୋନ୍ ଭଳି ଛୋଟ ଉଡ଼ନ୍ତା ବସ୍ତୁକୁ ଚିହ୍ନଟ କରାଯାଇଥିବା ଆବୁଧାବି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଦୁଇଟି ସ୍ଥାନରେ ଏହି ଉଡ଼ନ୍ତା ବସ୍ତୁ ପଡ଼ିବାରୁ ବିସ୍ଫୋରଣ ଓ ଅଗ୍ନିକାଣ୍ଡ ଘଟିଥିଲା।

ୟେମେନରେ ଦୀର୍ଘବର୍ଷ ହେଲା ଯୁଦ୍ଧ ଉତ୍ତେଜନା ଲାଗିରହିଛି। ନିକଟରେ ଏମିରେଟ୍ସର ଏକ ଜାହାଜକୁ ହୌଥି ବିଦ୍ରୋହୀମାନେ କବ୍‌ଜା କରିଥିଲେ। ୨୦୧୫ ଆରମ୍ଭରୁ ୟେମେନରେ ଲାଗିରହିଥିବା ଯୁଦ୍ଧରେ ସାଉଦି ନେତୃତ୍ୱାଧୀନ ମେଣ୍ଟରେ ୟୁଏଇ ମୁଖ୍ୟ ସଦସ୍ୟ ରହିଛି। ବିଦ୍ରୋହ ଅଞ୍ଚଳରୁ ଆବୁଧାବି ଏହାର ଜାତୀୟ ସୈନ୍ୟବାହିନୀକୁ ପ୍ରତ୍ୟାହାର କରିନେବା ପରେ ବିଦ୍ରୋହୀମାନେ ୟୁଏଇକୁ ଟାର୍ଗେଟ୍ କରିଛନ୍ତି।

# ଦୁର୍ଦ୍ଦିନରେ ଲଘୁ ଉଦ୍ୟୋଗ

- କୋଭିଡ୍ କଟକଣା ସମସ୍ୟା ବଢ଼ାଇଛି
- ୫ବର୍ଷରେ ୧୫,୩୧୫ ଏମ୍ଏସ୍ଏମ୍ଇ ବନ୍ଦ
- ଖୁବ୍‌ଶୀଘ୍ର ପ୍ରୋକ୍ୟୁରମେଣ୍ଟ ନୀତି
- ସରକାରୀ କାର୍ଯ୍ୟାଳୟ କିଣିବ ୫୦% ଲଘୁ ଉଦ୍ୟୋଗ ଉତ୍ପାଦ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

କରୋନା ମହାମାରୀ ଯୋଗୁ ଗତ ୨ ବର୍ଷ ହେବ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଅତିମାତ୍ରାରେ ପ୍ରଭାବିତ ହୋଇଛି। କୋଭିଡ୍ କଟକଣା ଯୋଗୁ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବନ୍ଦ ରହିଥିବାରୁ ଏହା ଉପରେ ନିର୍ଭର କରୁଥିବା କ୍ଷୁଦ୍ର ଶିଳ୍ପଗୁଡିକର ଅବସ୍ଥା ଆହୁରି ଦୟନୀୟ ସ୍ଥିତିକୁ ଚାଲିଯାଉଛି।

କ୍ଷୁଦ୍ର ଓ ମଧ୍ୟମ ଶିଳ୍ପକୁ ପ୍ରୋତ୍ସାହନ ଦେବା ସକାଶେ ରାଜ୍ୟ ସରକାର ଏମ୍ଏସ୍ଏମ୍ଇ ବିକାଶ ନୀତି-୨୦୧୫ ପ୍ରଣୟନ କରିଛନ୍ତି। ସରକାର ଏହା ମଧ ମାନିଛନ୍ତି ଯେ ଏମ୍ଏସ୍ଏମ୍ଇ କ୍ଷେତ୍ର ରାଜ୍ୟରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବାରେ ଏକ ବଡ଼ ଭୂମିକା ନିର୍ବାହ କରୁଛି। ଯୁବ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବା ସହ ଏମ୍ଏସ୍ଏମ୍ଇଗୁଡିକୁ ବଞ୍ଚାଇ ରଖିବା, ରାଜ୍ୟରେ ମୁଣ୍ଡ ପିଛା ଆୟ ବୃଦ୍ଧି ସହ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଲକ୍ଷ୍ୟରେ ଲଘୁ ଉଦ୍ୟୋଗଗୁଡିକ ପାଇଁ ରାଜ୍ୟ ସରକାର ଓଡ଼ିଶା ପ୍ରୋକ୍ୟୁରମେଣ୍ଟ ପ୍ରିଫରେନ୍ସ ପଲିସି ଫର ମାଇକ୍ରୋ ଆଣ୍ଡ ସ୍ମଲ ଏଣ୍ଟରପ୍ରାଇଜର୍ସ-୨୦୧୫ ଆଣିଛନ୍ତି। ଏହି ପଲିସି ଅନୁଯାୟୀ ରାଜ୍ୟର ଏମ୍ଏସ୍ଏମ୍ଇଗୁଡିକରୁ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ବାର୍ଷିକ ଉତ୍ପାଦନର ୨୦% ଉତ୍ପାଦ କିଣିବାକୁ ବାଧ। ମାତ୍ର ସରକାରୀ ବିଭାଗ ରାଜ୍ୟର ଉଦ୍ୟୋଗୀଙ୍କଠାରୁ କ୍ରୟ କରୁନାହାନ୍ତି। ଫଳରେ ଉଦ୍ୟୋଗଗୁଡିକ ବଜାର ସୁବିଧା ନ ପାଇ ବନ୍ଦ ହେବା ସ୍ତରକୁ ଚାଲିଯାଉଛି। ସରକାରୀ ହିସାବ ଅନୁଯାୟୀ, ରାଜ୍ୟରେ ୨୦୨୧ ଡିସେମ୍ବର ସୁଦ୍ଧା ୫,୦୬,୦୧୨ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ପଞ୍ଜୀକୃତ ହୋଇଛି। ସେଥିରୁ ଗତ ୫ ବର୍ଷ ମଧ୍ୟରେ ୪୫,୫୮୦.୮୫ କୋଟି ଟଙ୍କାର ୧୫,୩୧୫ ଉଦ୍ୟୋଗ ବନ୍ଦ ହୋଇସାରିଲାଣି। ଏଥିରେ କାର୍ଯ୍ୟରତ ୧,୨୯,୯୫୦ କର୍ମଚାରୀ ଜୀବିକା ହରାଇଛନ୍ତି। ୧୧ଟି ପଛୁଆ ଜିଲାରେ ଏହି ସମୟରେ ମୋଟ ୩,୫୨,୦୦୫.୩୭ ଲକ୍ଷ ଟଙ୍କାର ୩୧୩୩ଟି ଶିଳ୍ପ ବନ୍ଦ ହୋଇଛି।

ରାଜ୍ୟ ସରକାର ଏମ୍ଏସ୍ଏମ୍ଇ ଶିଳ୍ପକୁ ପ୍ରୋତ୍ସାହନ ଦେବା ସକାଶେ ପବ୍ଲିକ ପ୍ରୋକ୍ୟୁରମେଣ୍ଟ (ପ୍ରିଫରେନ୍ସ ଟୁ ମେକ୍ ଇନ୍ ଓଡିଶା) ଚିଠା ଆଦେଶ-୨୦୨୦ ପ୍ରସ୍ତୁତ କରିଛନ୍ତି। ଏହା ଦ୍ୱାରା କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କିମ୍ବା ଷ୍ଟାର୍ଟ ଅପ୍‌ଗୁଡ଼ିକର ଉତ୍ପାଦନ, ଉତ୍ପାଦିତ ଦ୍ରବ୍ୟର ବିକ୍ରି, କଞ୍ଚାମାଲ ଇତ୍ୟାଦିର ବ୍ୟବସ୍ଥା କରାଯିବ। ଫଳରେ ବିଭିନ୍ନ ବଡ଼ ବଡ଼ କମ୍ପାନୀ ସ୍ଥାନୀୟ ଉଦ୍ୟୋଗୀଙ୍କ ସହ ମିଶି ଉତ୍ପାଦ କ୍ରୟ କରିବେ। ଏଥିଯୋଗୁ ସ୍ଥାନୀୟ ଅଞ୍ଚଳରେ ନିଯୁକ୍ତି ସୁଯୋଗ ବଢ଼ିବା ସହ ମୁଣ୍ଡପିଛା ଆୟ ମଧ ବୃଦ୍ଧି ହେବ। ଏଥିସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗ ନୋଡାଲ ଏଜେନ୍ସି ଭାବେ କାର୍ଯ୍ୟ କରିବେ। ଏମ୍ଏସ୍ଏମ୍ଇରୁ ଉତ୍ପାଦିତ ସାମଗ୍ରୀକୁ ବିଭାଗଗୁଡିକ ନିଜର ବିଭିନ୍ନ କାର୍ଯ୍ୟାଳୟ ପାଇଁ ୫୦ ପ୍ରତିଶତ କ୍ରୟ କରିବେ। ଅନୁସୂଚିତ ଜାତି, ଜନଜାତି, ମହିଳା ଏବଂ ଭିନ୍ନକ୍ଷମ ଉଦ୍ୟୋଗୀଙ୍କଠାରୁ ଉତ୍ପାଦିତ ଦ୍ରବ୍ୟ କ୍ରୟ କରାଯିବା ସହ ସ୍ୱାବଲମ୍ବୀ କରିବା ଦିଗରେ ଏହି ନୀତି ସହାୟକ ବୋଲି ଦାବି କରାଯାଉଛି। ତେବେ ଆଶ୍ଚର୍ଯ୍ୟର କଥା, ଗତ ୨ ବର୍ଷ ହେବ ଏହି ଚିଠା ନୀତି କାର୍ଯ୍ୟକାରୀ ହୋଇପାରୁନାହିଁ। ମିଳିଥିବା ସୂଚନା ଅନୁଯାୟୀ, ଏହି ପ୍ରସ୍ତାବକୁ ଅର୍ଥ ବିଭାଗର ଅନୁମତି ଅନୁମୋଦନ ପାଇଁ ପଠାଯାଇଛି। ଅନୁମୋଦନ ପାଇବା ପରେ ଏହା ତୁରନ୍ତ କାର୍ଯ୍ୟକାରୀ ହେବ ବୋଲି ଏମ୍ଏସ୍ଏମ୍ଇ ସଚିବ ସତ୍ୟବ୍ରତ ସାହୁ କହିଛନ୍ତି।

ସରକାର ତୁରନ୍ତ ଏ ନେଇ ପଦକ୍ଷେପ ନ ନେଲେ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗୀମାନେ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରିବେ। ଏହି ଉଦ୍ୟୋଗ ରାଜ୍ୟରେ ଏକପ୍ରକାର ଭୁଶୁଡି ପଡ଼ିବ। ଯୁବ ଉଦ୍ୟୋଗୀମାନେ ଏ ନେଇ ଆଉ ଆଗ୍ରହ ଦେଖାଇବେ ନାହିଁ ବୋଲି ଓଡ଼ିଶା ଆସେମ୍ବ୍ଲି ଅଫ୍ ସ୍ମଲ୍ ଆଣ୍ଡ ମିଡିୟମ ଏଣ୍ଟରପ୍ରାଇଜେସ୍ (ଓଏଏସ୍ଏମ୍ଇ) ମହାସଚିବ ସ୍ୱସ୍ତିକ ସ୍ୱାଇଁ କହିଛନ୍ତି । ଅନ୍ୟପକ୍ଷରେ କୋଭିଡ୍ ଯୋଗୁ ଆର୍ଥିକ ମେରୁଦଣ୍ଡ ଭାଙ୍ଗିପଡିଥିବା କ୍ଷୁଦ୍ର ଶିଳ୍ପକୁ ବଞ୍ଚାଇବା ପାଇଁ ଋଣ ଯୋଗାଇଦେବା ସକାଶେ ରାଜ୍ୟ ସରକାର ଜାତୀୟକରଣ ବ୍ୟାଙ୍କଗୁଡିକୁ ବାରମ୍ବାର ଅନୁରୋଧ କରିଆସୁଛନ୍ତି। ମାତ୍ର ବ୍ୟାଙ୍କଗୁଡିକ ଆର୍ଥିକ ଦୃଷ୍ଟିରୁ ସଚଳ ଥିବା ସଂସ୍ଥାକୁ ଋଣ ଉପରେ ଋଣ ଯୋଗାଇ ତାଙ୍କ ଟାର୍ଗେଟ୍ ପୂରଣ କରୁଛନ୍ତି। ମିଳିଥିବା ସୂଚନା ଅନୁଯାୟୀ, ୨୦୨୦-୨୧ ଆର୍ଥିକ ବର୍ଷରେ ଏମ୍ଏସ୍ଏମ୍ଇଗୁଡିକୁ ୩୦,୪୫୭.୯୯ କୋଟି ଟଙ୍କା ଋଣ ବୋଲି ☞ ପୃଷ୍ଠା-୨

# ଆଫଗାନିସ୍ତାନରେ ଭୂକମ୍ପ: ୨୦ ମୃତ

**ହେରାତ୍,୧୭।୧:** ପଶ୍ଚିମ ଆଫଗାନିସ୍ତାନରେ ସୋମବାର ଅପରାହ୍ନରେ ବଡ଼ ଧରଣର ଭୂକମ୍ପ ଅନୁଭୂତ ହୋଇଛି। ଏଥିରେ ୨୦ ଜଣଙ୍କ ମୃତ୍ୟୁ ଘଟିବା ସହ ଅନେକ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବଢ଼ିବା ଆଶଙ୍କା କରାଯାଉଛି। ଭୂକମ୍ପର ତୀବ୍ରତା ୫.୬ ଥିଲା। ଏଥିରେ ୭୦୦ରୁ ଊର୍ଦ୍ଧ୍ୱ ଘର ଭାଙ୍ଗିଥିବା କୁହାଯାଇଛି। ତୁର୍କମେନିସ୍ତାନ ସୀମାନ୍ତ ବାଦଘିସ୍ ପ୍ରଦେଶର କାଦିସ୍ ଜିଲାରେ ଘର ଛାତ ଭୁଶୁଡ଼ି ମହିଳା ଓ ପିଲାଙ୍କ ସମେତ ୨୦ଜଣ ପ୍ରାଣ ହରାଇଛନ୍ତି। ପ୍ରବଳ ବର୍ଷା ଲାଗି ରହିଥିବାରୁ ପାର୍ବତ୍ୟାଞ୍ଚଳରେ ଉଦ୍ଧାର କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଗତବର୍ଷ ଅଗଷ୍ଟରେ ତାଲିବାନ ଆଫଗାନିସ୍ତାନ ଦଖଲ କରିବା ପରେ ଅନ୍ତର୍ଜାତୀୟ ସହାୟତା ବନ୍ଦ ହୋଇଯାଇଥିଲା। ମରୁଡ଼ି ପ୍ରବଣ ଜିଲା କାଦିସ୍ ଗତ ୨୦ ବର୍ଷରେ କ୍ୱଚିତ୍ ଅନ୍ତର୍ଜାତୀୟ ସହାୟତା ପାଇଛି। ଆଫଗାନିସ୍ତାନର ହିନ୍ଦୁକୁଶ ପାର୍ବତ୍ୟାଞ୍ଚଳରେ ଅନେକ ସମୟରେ ଭୂକମ୍ପ ହୋଇଥାଏ। ସେଠାରେ ଗୃହ ନିର୍ମାଣ ନିମ୍ନମାନର ହୋଇଥିବାରୁ ଅଧିକ କ୍ଷୟକ୍ଷତି ଘଟିଥାଏ।

# ସରପଞ୍ଚ ପଦ ନିଲାମର ରିପୋର୍ଟ ତଲବ

## ୪୪.୧ ଲକ୍ଷରେ ନିଲାମ ଘଟଣା

- ଆଶାୟୀ କହିଲେ ନିଲାମ ନୁହେଁ, ପୂଜା କମିଟିର ନିଷ୍ପତ୍ତି
- ଆଜି ସନ୍ଧ୍ୟା ସୁଦ୍ଧା ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ

ବଲାଙ୍ଗୀର ଅଫିସ,୧୭।୧

ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ପ୍ରକ୍ରିୟା ସୋମବାର ଆରମ୍ଭ ହୋଇଛି। ଏହା ପୂର୍ବରୁ ବଲାଙ୍ଗୀର ଜିଲାରେ ଏକ ସରପଞ୍ଚ ପଦକୁ ନିଲାମ ପ୍ରକ୍ରିୟାରେ ଚୂଡ଼ାନ୍ତ ହେବା ନେଇ ବିବାଦ ଉଠିଛି। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଏନେଇ ଜିଲା ପ୍ରଶାସନକୁ ରିପୋର୍ଟ ତଲବ କରାଯାଇଛି। ୧୮ ତାରିଖ ସନ୍ଧ୍ୟା ୫ଟା ସୁଦ୍ଧା ରିପୋର୍ଟ ଦେବାକୁ ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରାଣାଙ୍କୁ ରାଜ୍ୟ ନିର୍ବାଚନ କମିଶନ(ଏସ୍ଇସି)ଙ୍କ ସଚିବ ଆର.ଏନ୍. ସାହୁ ନିର୍ଦ୍ଦେଶ ଦେଇଛନ୍ତି।

ବଲାଙ୍ଗୀର ଜିଲା ପୁଇଁତଲା ବ୍ଲକ ବିଲେଇସର୍ଡା ଗ୍ରାମ ପଞ୍ଚାୟତରେ ଏହି ଚର୍ଚ୍ଚିତ ଘଟଣା ଘଟିଛି। ମିଳିଥିବା ଖବର ଅନୁସାରେ, ବିଲେଇସର୍ଡା ସରପଞ୍ଚ ପଦବୀକୁ ନେଇ ମନ୍ଦିର କମିଟି ଏକ ବୈଠକ ଡକାଇଥିଲା। ତଦନୁଯାୟୀ ଗତ ୧୫ ତାରିଖରେ ବିଲେଇସର୍ଡ଼ାରେ ବୈଠକ ବସିଥିଲା। ଏଥିରେ ବିଲେଇସର୍ଡା, ବନ୍ଦନାକଟା ଓ କସୁରୁପାଲି ଗ୍ରାମର ଶତାଧିକ ଲୋକ ଯୋଗ ଦେଇଥିଲେ। ସରପଞ୍ଚ ହେବାକୁ ଆଶାୟୀ ଥିବା ବ୍ୟକ୍ତିମାନଙ୍କୁ ଡକାଯାଇଥିଲା। ତିନିଜଣ ସରପଞ୍ଚ ଆଶାୟୀ ଯୋଗ ଦେଇଥିଲେ। କମିଟିର କେତେଜଣ ସଦସ୍ୟ କହିଥିଲେ ଯେ, ସରପଞ୍ଚ ପଦବୀକୁ ନିର୍ବାଚନ ପ୍ରତିଦ୍ୱନ୍ଦ୍ୱିତାରୁ ଦୂରେଇ ରଖିବାକୁ ନିଷ୍ପତ୍ତି ହୋଇଛି। ଯିଏ କମିଟିକୁ ଅଧିକ ଟଙ୍କା ସହାୟତା ଦେବ, ତାଙ୍କୁ ସରପଞ୍ଚ ଭାବେ ଘୋଷଣା କରାଯିବ। କମିଟି ନିଷ୍ପତ୍ତି ଅନୁସାରେ ଅନ୍ୟ କୌଣସି ବ୍ୟକ୍ତି ଆଉ ପ୍ରତିଦ୍ୱନ୍ଦ୍ୱିତା କରିବେ ନାହିଁ। ଏହି ସର୍ତ୍ତ ଅନୁସାରେ ଆଶାୟୀ ତିନି ଜଣଙ୍କ ମଧ୍ୟରୁ ଜଣେ ପ୍ରାର୍ଥୀ ୨୧ଲକ୍ଷ ଟଙ୍କା କମିଟିକୁ ଦେବାକୁ ପ୍ରଥମେ ଘୋଷଣା କରିଥିଲେ। ଏହାକୁ ଅନ୍ୟ ଜଣେ ପ୍ରାର୍ଥୀ ବେଆଇନ ବୋଲି କହିଥିଲେ। ନିର୍ବାଚନରେ ନିଲାମ ଡାକ ଠିକ୍ ନୁହେଁ ବୋଲି କହିଥିଲେ। ତେବେ ବୈଠକରେ ଉପସ୍ଥିତ ଲୋକେ ଏହା କମିଟି ନିଷ୍ପତ୍ତି, ମାନିବାକୁ ପଡିବ ବୋଲି ବୁଝାଶୁଝା କରିଥିଲେ। ଏହାପରେ ବିଦ୍ରୋହୀ ଆଶାୟୀ ପ୍ରାର୍ଥୀ ୪୪ ଲକ୍ଷ ଡାକ ଛାଡିଥିଲେ। ଏହା ପରେ ତୃତୀୟ ଆଶାୟୀ ପ୍ରାର୍ଥୀ ୪୪ ଲକ୍ଷ ୧୦ହଜାର ଟଙ୍କା ଡାକ ଛାଡିବା ପରେ ସମସ୍ତେ ତାଳି ମାରି ସର୍ବାଧିକ ଟଙ୍କା ଘୋଷଣା କରିଥିବା ତୃତୀୟ ଆଶାୟୀ ପ୍ରାର୍ଥୀଙ୍କୁ ଭାବୀ ସରପଞ୍ଚ ବୋଲି ଘୋଷଣା କରିଦେଇଥିଲେ। ନାମାଙ୍କନପତ୍ର ଦାଖଲ ଶେଷ ତାରିଖ ଆଗରୁ କମିଟିକୁ ଘୋଷିତ ଟଙ୍କା ଦେବାକୁ କୁହାଯାଇଥିଲା।

ସରପଞ୍ଚ ପଦବୀ ୪୪ ଲକ୍ଷ ୧୦ ହଜାର ଟଙ୍କାରେ ନିଲାମ ହୋଇଥିବା ଖବର ପ୍ରଚାରିତ ହେବା ☞ ପୃଷ୍ଠା-୨

# ପ୍ରଥମ ଦିନରେ ୮,୭୭୨ ନାମାଙ୍କନ

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

ଭୁବନେଶ୍ୱର,୧୭।୧(ବ୍ୟୁରୋ)

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୋମବାରଠାରୁ ପ୍ରାର୍ଥୀପତ୍ର ଦାଖଲ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୮,୭୭୨ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ରାଜ୍ୟରେ ୭୧୧୬ ଜଣ ୱାର୍ଡମେମ୍ବର ପ୍ରାର୍ଥୀପତ୍ର ଦାଖଲ କରିଥିବା ବେଳେ ୧୧୨୨ଜଣ ସରପଞ୍ଚ, ୫୧୨ଜଣ ପଞ୍ଚାୟତ ସମିତି ସଦସ୍ୟ ଏବଂ ୨୨ ଜଣ ଜିଲା ପରିଷଦ ସଦସ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏହି ପ୍ରକ୍ରିୟା ୨୧ ତାରିଖ ଯାଏ ଗ୍ରାମ ପଞ୍ଚାୟତ, ପଞ୍ଚାୟତ ସମିତି କାର୍ଯ୍ୟାଳୟ ଏବଂ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଚାଲିବ। ହେଲେ ନାମାଙ୍କନ ପତ୍ର ଦାଖଲ ବେଳେ ଏବଂ ସଂଶୋଧିତ ଭୋଟର ତାଲିକାକୁ ନେଇ ରାଜ୍ୟର କେତେକ ସ୍ଥାନରେ ଉତ୍ତେଜନା ଦେଖାଦେଇଛି।

ମୟୂରଭଞ୍ଜ ଜିଲା ଉଦଳା ବ୍ଲକ ଖିଲାଡ଼ି ପଞ୍ଚାୟତରେ ପ୍ରାର୍ଥୀପତ୍ର ଦାଖଲ ବେଳେ ଉତ୍ତେଜନା ପ୍ରକାଶ ପାଇଥିଲା। ପୂର୍ବତନ ସରପଞ୍ଚ ସୁଲମଣି ମଢ଼େଇ ଅନ୍‌ଲାଇନ ଯୋଗେ ଫର୍ମ ଆଣି ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରାର୍ଥୀପତ୍ର ଦାଖଲ କରୁଥିବା ବେଳେ ଅନ୍ୟତମ ସରପଞ୍ଚ ପ୍ରାର୍ଥିନୀ ମାଳତୀ ସେନାପତି ତାଙ୍କୁ ବିରୋଧ କରିଥିଲେ। ଏ ନେଇ ଉଭୟ ସମର୍ଥକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉଦଳା ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ସମାଧାନ ହୋଇଥିଲା। ସେହିପରି ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଆରଡି ପଞ୍ଚାୟତ ୯ ନଂ. ୱାର୍ଡର ସଂଶୋଧିତ ଭୋଟର ତାଲିକାରୁ ୪୦ ଜଣ ବ୍ୟକ୍ତିଙ୍କ ନାମ ନ ଥିବା ଅଭିଯୋଗ ହୋଇଛି। ତାଲିକାରେ ଜଣେ ଆଶାୟୀ ସରପଞ୍ଚ ପ୍ରାର୍ଥିନୀଙ୍କ ପରିବାରର ୪ଜଣଙ୍କ ନାମ ସ୍ଥାନ ପାଇ ନ ଥିବା ଅଭିଯୋଗରେ ଭାଜପା କର୍ମୀମାନେ ଚାନ୍ଦବାଲି ବ୍ଲକ ଆଗରେ ବିକ୍ଷୋଭ କରିଛନ୍ତି।

# ୨୧ରେ ବର୍ଷା ସମ୍ଭାବନା

**ଭୁବନେଶ୍ୱର,୧୭।୧(ବ୍ୟୁରୋ):** ଆସନ୍ତା ୩ ଦିନ ଯାଏ ରାଜ୍ୟର ବିଭିନ୍ନ ଜିଲାରେ କୁହୁଡ଼ି ହେବାର ସମ୍ଭାବନା ରହିଛି। କେତେକ ଜିଲାରେ ଘନ କୁହୁଡ଼ି ଯୋଗୁ ଯାତାୟାତରେ ବାଧା ସୃଷ୍ଟି କରିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ମଙ୍ଗଳବାର ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୋଳ, ଢେଙ୍କାନାଳ, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି ଏବଂ ନବରଙ୍ଗପୁର ଜିଲାରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ସେହିପରି ୧୯ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡା, କଳାହାଣ୍ଡି, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ ଏବଂ କଟକ ଜିଲାର ଗୋଟିଏ ଦୁଇଟି ସ୍ଥାନରେ ଏବଂ ୨୦ ତାରିଖରେ ମାଲକାନଗିରି, କୋରାପୁଟ, ରାୟଗଡା, କନ୍ଧମାଳ, ବୌଦ୍ଧ, ଅନୁଗୋଳ, ଢେଙ୍କାନାଳ ଏବଂ କଟକ ଜିଲାର କେତେକ ସ୍ଥାନରେ ଘନ କୁହୁଡ଼ି ହେବାର ସମ୍ଭାବନା ରହିଛି। ଏ ନେଇ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ଗତ ଦୁଇଦିନ ହେବ ରାଜ୍ୟରେ ଶୀତ ସାମାନ୍ୟ ବୃଦ୍ଧି ପାଇଛି। ସର୍ବନିମ୍ନ ତାପମାତ୍ରା ୨ରୁ ୩ଡିଗ୍ରୀ ସେଲ୍‌ସିୟସ ତଳକୁ ଖସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ସୋମବାର ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୦.୫ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ☞ ପୃଷ୍ଠା-୨

# ୫ କେଜି ସୁନା, ୧୧.୫୫ ଲକ୍ଷ ଟଙ୍କା ଜବତ

**କଷ୍ଟାର୍ଜିତ ଟଙ୍କା, ସୁନାଗହଣା ରଖିବା ଲାଗି ବ୍ୟାଙ୍କକୁ ସୁରକ୍ଷିତ ସ୍ଥାନ ବୋଲି ବିବେଚନା କରନ୍ତି ସାଧାରଣ ଲୋକେ। ହେଲେ ହୁଗୁଳା ସୁରକ୍ଷା ବ୍ୟବସ୍ଥା କାରଣରୁ ଏବେ ବ୍ୟାଙ୍କ ଲକର ଯାଏ ଅନାୟାସରେ ପହଞ୍ଚି ଯାଉଛନ୍ତି ଅଭିଯୁକ୍ତ। ତେଣୁ ଆର୍ଥିକ ବ୍ୟବସ୍ଥାର କେନ୍ଦ୍ରସ୍ଥଳ ଭାବେ ପରିଗଣିତ ବ୍ୟାଙ୍କଗୁଡ଼ିକ ମଧ ଆଉ ସୁରକ୍ଷିତ ନୁହେଁ, ତାହା ନିକଟରେ ଘଟିଥିବା ୨ଟି ଘଟଣାରୁ ସ୍ପଷ୍ଟ ହୋଇଛି। ୨୦୨୧ ନଭେମ୍ବର ୩୦ରେ କୋରାପୁଟ ଜିଲା ଲକ୍ଷ୍ମୀପୁର ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା (ଏସ୍‌ବିଆଇ) ଲକରରୁ ଜଣେ ପୂର୍ବତନ କର୍ମଚାରୀ ୧୬୦୦ ଗ୍ରାମ ସୁନା ସମେତ ଲକ୍ଷାଧିକ ଟଙ୍କା ଚୋରି କରି ନେଇଥିଲେ। ଗତ ରବିବାର ଏହି ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ଅନୁରୂପ ଭାବେ ଗତ ୧୨ ତାରିଖରେ ଢେଙ୍କାନାଳ ଜିଲା ରାସୋଳସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖା ଲକରରୁ ୭ କେଜି ୨୮୨ ଗ୍ରାମ ସୁନା ଡକାୟତି ଘଟଣାରେ ସୋମବାର ୯ ଜଣ ଗିରଫ ହୋଇଛନ୍ତି। ଅଭିଯୁକ୍ତମାନେ ବାରମ୍ବାର ବ୍ୟାଙ୍କଗୁଡ଼ିକୁ ଟାର୍ଗେଟ କରୁଥିବାବେଳେ ଝାଳବୁହା ସମ୍ପତ୍ତି ହରାଇ ମାନସିକ ଚିନ୍ତାରେ କାଳକାଟୁଛନ୍ତି ଜମାକାରୀ।**



ଖବରଦାତା ସମ୍ମିଳନୀରେ ଏସ୍‌ପି ଡକାୟତି ଘଟଣା ସମ୍ପର୍କରେ ସବିଶେଷ ସୂଚନା ଦେଉଛନ୍ତି।

- ରାସୋଳ ଗ୍ରାମ୍ୟ ବ୍ୟାଙ୍କ ଡକାୟତି ରହସ୍ୟ ଉନ୍ମୋଚିତ
- ୯ ଅଭିଯୁକ୍ତ ଗିରଫ, ୨ ଫେରାର

ରାସୋଳ, ୧୭।୧(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ରାସୋଳ ବଜାର ନିକଟରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାର ରହସ୍ୟ ଉନ୍ମୋଚିତ ହୋଇଛି। ଦୀର୍ଘ ୫ ଦିନର ତନାଘନା ପରେ ପୋଲିସ ଏଥିରେ ସମ୍ପୃକ୍ତ ୧୧ଜଣଙ୍କ ମଧ୍ୟରୁ ୯ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ଘଟଣାର ମାଷ୍ଟରମାଇଣ୍ଡ୍ ତଥା ରାସୋଳର ବିକାଶ ନାୟକ, ତାଙ୍କ ସହଯୋଗୀ ସମୀର ନାୟକ, ଚା' ଦୋକାନୀ ଅଜିତ ସାହୁ, ରମାକାନ୍ତ ଭୋଇ, ଠେଙ୍ଗୁ, ଗୋବିନ୍ଦପୁରର ଗୌରୀଶଙ୍କର ପ୍ରଧାନ, ସିପୁନ୍ ଏବଂ ଅନୁଗୋଳର ଚିନୁ, ଗୁଡୁ। ବ୍ୟାଙ୍କରୁ ମୋଟ ୭ କେଜି ୨୮୨ ଗ୍ରାମ ୧୬ ମିଲିଗ୍ରାମ୍ ସୁନା ଏବଂ ୧୨ ଲକ୍ଷ ୭୭ ହଜାର ୭୩୫ ଟଙ୍କା ଲୁଟ୍ ହୋଇଥିଲା। ଅଦ୍ୟାବଧି ୫ କେଜି ୩୫୮ ଗ୍ରାମ ୪୨ ମିଲିଗ୍ରାମ୍ ସୁନା ଏବଂ ୧୧ ଲକ୍ଷ ୫୫ ହଜାର ୪୬୦ ଟଙ୍କା ଜବତ କରାଯାଇପାରିଛି। ଅନ୍ୟ ୨ ଅଭିଯୁକ୍ତ ଅନୁଗୋଳର କାଳିଆ ଏବଂ ତାଙ୍କର ଜଣେ ସହଯୋଗୀ ଫେରାର ଅଛନ୍ତି। ଅବଶିଷ୍ଟ ସୁନା ଓ ଟଙ୍କା ସେମାନଙ୍କ ନିକଟରେ ଥିବା ଅନୁମାନ କରାଯାଉଛି ବୋଲି ସୋମବାର ରାସୋଳ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଏଲ୍. ଦିବ୍ୟା ଭି. ସୂଚନା ଦେଇଛନ୍ତି। ଅଭିଯୁକ୍ତଙ୍କ ନିକଟରୁ ୩ଟି ବାଇକ୍, ୪ ମୋବାଇଲ, ବ୍ୟାଙ୍କର ହାର୍ଡଡିସ୍କ ଜବତ ☞ ପୃଷ୍ଠା-୨

# ନିଜକୁ ଗୁଳି ମାରିଲେ ଯବାନ

ନୂଆପଡ଼ା ଅଫିସ,୧୭।୧

ନୂଆପଡ଼ା ଜିଲା କୋମନା ଥାନା ବରକୋଟ ସିଆର୍‌ପିଏଫ୍ କ୍ୟାମ୍ପରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ସେଠାରେ ଜଣେ ଯବାନ ନିଜର ଏକେ-୪୭ ବନ୍ଧୁକରେ ନିଜକୁ ଗୁଳିକରି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ହରିୟାଣାର ରାମ ପ୍ରସାଦ (୪୯)। ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ଗାଁକୁ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ ହୋଇଛି। କୋମନା ଥାନା ବରକୋଟ ସିଆର୍‌ପିଏଫ୍ କ୍ୟାମ୍ପ ୨୧୬ ସିଆର୍‌ପିଏଫ୍ ବାଟାଲିୟନରେ ହାବିଲଦାର ଭାବେ ରାମ କାର୍ଯ୍ୟ କରୁଥିଲେ। ସୋମବାର ପୂର୍ବାହ୍ନରେ ନିଜ ପ୍ରକୋଷ୍ଠରେ ଏହି କାଣ୍ଡ ଘଟିଥିଲା। ଗୁଳି ଫୁଟିବା ଶବ୍ଦ ଶୁଣି ନିକଟରେ ଥିବା ଅନ୍ୟ ଯବାନମାନେ ଆସି ପହଞ୍ଚିଥିଲେ। ତାଙ୍କୁ କୋମନା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପାରିବାରିକ ଚାପ ଯୋଗୁ ମାନସିକ ଭାରସାମ୍ୟ ସେ ଏଭଳି କରିଥିବା ଅନୁମାନ କରାଯାଉଛି।

**ଦାରୁଠେଙ୍ଗ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ**

ବାରଙ୍ଗ, (ଡି.ଏନ୍.ଏ): ଦାରୁଠେଙ୍ଗ ପିଡିକ ଯୁବକ୍ଲବ ଆନୁକୂଲ୍ୟରେ ୯ ଦିନିଆ ବାର୍ଷିକ ଦାରୁଠେଙ୍ଗ କ୍ରିକେଟ କପ୍ ଟୁର୍ନାମେଣ୍ଟ ପିଡିକି ଖେଳପଡିଆରେ ଉଦ୍‌ଘାଟିତ ହୋଇଛି। କ୍ଲବର ସମ୍ପାଦକ ପବିତ୍ରମୋହନ ଜଳିଆସିଂ, ନିରଞ୍ଜନ ପାହାଡସିଂ ଉଦ୍‌ଘାଟନ କରିଛନ୍ତି। ଟୁର୍ନାମେଣ୍ଟ ଆସନ୍ତା ୨୬ ତାରିଖରେ ଉଦ୍‌ଯାପିତ ହେବ। ଏଥିରେ ପାଖ ଗ୍ରାମରୁ ୧୬ଟି ଦଳ ଅଂଶଗ୍ରହଣ କରିବେ। ଉଦ୍‌ଯାପନୀ ଦିବସର ପ୍ରଥମ ଦିନରେ ପଡିଆରେ ଶିବଶକ୍ତି କ୍ଲବ ଏବଂ ପଡିଆଗଡ କ୍ଲବ ମଧ୍ୟରେ ମୁକାବିଲା ହୋଇଥିଲା। ନିର୍ଦ୍ଧାରିତ ୧୫ ଓଭର ପୂର୍ବରୁ ୯୧ରନରେ ଶିବଶକ୍ତି ଦଳ ବିଜୟ ହୋଇଛି। ମ୍ୟାଚକୁ ବିଜୟ ପାହଡସିଂ, ଗୁଞ୍ଜନ ଶତପଥୀ ପରିଚାଳନା କରିଥିଲେ।

# ସିଏମ୍‌ଓ ଓଡ଼ିଶା ପ୍ରୋଫାଇଲ ଫଟୋ ବଦଳିଲା



ଭୁବନେଶ୍ୱର,୧୭।୧(ବ୍ୟୁରୋ): ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ପ୍ରୋଫାଇଲ ଫଟୋକୁ ପରିବର୍ତ୍ତନ କରାଯାଇଛି। ଉଭୟ ଫେସବୁକ୍ ଏବଂ ଟ୍ୱିଟରରେ ଥିବା ଫଟୋକୁ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଉଭୟ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ରହିଥିଲା। ବର୍ତ୍ତମାନ ନବୀନଙ୍କ ସ୍ଥାନରେ ଓଡ଼ିଶା ସରକାରଙ୍କ ଲୋଗୋ ରଖାଯାଇଛି। ଏଥିସହିତ କଭର ଫଟୋ ଭାବେ ଲୋକସେବା ଭବନକୁ ସ୍ଥାନ ଦିଆଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଟ୍ୱିଟର ଓ ଫେସବୁକ ହ୍ୟାଣ୍ଡେଲରେ ପୂର୍ବପରି ନବୀନ ପଟ୍ଟନାୟକଙ୍କ ଫଟୋ ରହିଛି।

# ୨୬ରେ ରିଲିଜ୍ ହେବ 'ବୈକୁଣ୍ଠପୁରମ'ର ହିନ୍ଦୀ ଭର୍ସନ



ଅଲ୍ଲୁ ଅର୍ଜୁନ

ମୁମ୍ବାଇ: ସାଉଥ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ଫିଲ୍ମକୁ ନେଇ ଚର୍ଚ୍ଚାରେ ରୁହନ୍ତି। ନିକଟରେ ତାଙ୍କର ବହୁପ୍ରତୀକ୍ଷିତ ଫିଲ୍ମ 'ପୁଷ୍ପା'କୁ ନେଇ ଦର୍ଶକଙ୍କ ମଧ୍ୟରେ କ୍ରେଜ ରହିଛି। ତେବେ ଅଲ୍ଲୁଙ୍କ ଆଉ ଏକ ସୁପରହିଟ ତେଲୁଗୁ ଫିଲ୍ମ 'ବୈକୁଣ୍ଠପୁରମ'ର ହିନ୍ଦୀ ଭର୍ସନ ଜାନୁୟାରୀ ୨୬ରେ ପ୍ରେକ୍ଷାଳୟରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମରୁ ତ୍ରିବିକ୍ରମ ଶ୍ରୀନିବାସଙ୍କ ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମ 'ବୈକୁଣ୍ଠପୁରମ' ୨୦୨୦ରେ ସୁପରହିଟ ହୋଇଥିଲା। ବର୍ତ୍ତମାନ ନେଟଫ୍ଲିକ୍ସରେ ଷ୍ଟ୍ରିମିଂ ହେଉଥିବା ଏହି ଫିଲ୍ମଟି ସର୍ବାଧିକ ଆୟ କରିଥିବା ଫିଲ୍ମ ମଧ୍ୟରୁ ଅନ୍ୟତମ। ତେବେ ଅଲ୍ଲୁଙ୍କ ନୂଆ ଫିଲ୍ମ ପୁଷ୍ପା ସୁପରହିଟ ହେବା ପରେ ନିର୍ମାତା ଫିଲ୍ମ 'ବୈକୁଣ୍ଠପୁରମ' କୁ ହିନ୍ଦୀ ଭର୍ସନରେ ରିଲିଜ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

**ଦୁର୍ଦ୍ଦିନରେ...**

ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୨୦୨୧ ମାର୍ଚ୍ଚ ସୁଦ୍ଧା ୩୮,୯୧.୩୭ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୬୦,୦୦୧.୨୭ କୋଟି ଟଙ୍କା ଋଣ ସହାୟତା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିବା ନିକଟରେ ହୋଇଥିବା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ସୂଚନା ଦିଆଯାଇଥିଲା। ଯଦିଓ ଋଣ ପରିମାଣ ପ୍ରତ୍ୟେକ ବର୍ଷ ବୃଦ୍ଧି ପାଉଛି ତେବେ ଯେଉଁ କ୍ଷୁଦ୍ରଶିଳ୍ପ ଆବଶ୍ୟକ କରୁଛନ୍ତି ତାହା ସେମାନଙ୍କୁ ମିଳୁନାହିଁ। ସରକାର ଏ ଦିଗରେ ଦୃଷ୍ଟି ଦେଲେ କୁଟିରଯାଇଥିବା କ୍ଷୁଦ୍ରଶିଳ୍ପକୁ ବଞ୍ଚାଯାଇପାରନ୍ତା ବୋଲି ଓଏସ୍‌ଏମ୍‌ଇ ମହାସଚିବ ସ୍ୱାଇଁ କହିଛନ୍ତି।

**ସରପଞ୍ଚ ପଦ...**

ପରେ ସୋମବାର ସରପଞ୍ଚ ଘୋଷିତ ପ୍ରାର୍ଥୀ ଏକ ଗଣମାଧ୍ୟମରେ ମତ ରଖି ୪୪ଲକ୍ଷ ଟଙ୍କା ଦେବାକୁ ପୂଜା କମିଟି ପକ୍ଷରୁ କୁହାଯାଇଥିଲା ଓ ସେ ରାଜି ହୋଇଥିବା କହିଥିଲେ। ଏ ସମ୍ପର୍କରେ ଜିଲାପାଳ ଓ ଜିଲା ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଘଟଣାର ତଦନ୍ତ କରିବା ପାଇଁ ଅତିରିକ୍ତ ଜିଲାପାଳଙ୍କ ବ୍ୟବଧାନରେ ପୁଙ୍ଖାନୁପୁଙ୍ଖ ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

ଏବେ ଗୋଟିଏ କଥା ଲକ୍ଷ୍ୟ କରାଯାଉଛି ଯେ, ଅନେକେ ସରପଞ୍ଚ ହେବାକୁ ବ୍ୟାକୁଳ। କାରଣ ବାର୍ଷିକ ୫୦ ଲକ୍ଷରୁ ୨ କୋଟି ଟଙ୍କା ପଞ୍ଚାୟତ ଜରିଆରେ ବିଭିନ୍ନ ଉନ୍ନୟନମୂଳକ କାମରେ ଖର୍ଚ୍ଚ ହେଉଛି। ଏହାସହ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜନାରେ ହିତାଧିକାରୀ ଚୟନରେ ପଞ୍ଚାୟତ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏଥିପାଇଁ ସରପଞ୍ଚ ଆଶାୟୀମାନେ ଯେକୌଣସି ଉପାୟରେ ବିଜୟୀ ହେବାକୁ ତତ୍ପର ହୋଇଉଠିଛନ୍ତି। ଫଳରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେବା ସାଙ୍ଗକୁ ନାନା ଆଲୋଚନା ସୃଷ୍ଟି ହେବ ବୋଲି ଯାହା ଆଲୋଚନା ହେଉଥିଲା ତାହା ଏବେ ବଲାଙ୍ଗିର ଜିଲାର ଏହି ଘଟଣାରୁ ସ୍ପଷ୍ଟ ହୋଇଛି।

**୨୧ରେ ବର୍ଷା...**

ବେଳେ ଝାରସୁଗୁଡା ୧୧.୮, ବରିପଦା ୧୨, ଚାନ୍ଦବାଲି ୧୨.୨ ଏବଂ ବାଲେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୨.୪ଡ଼ିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୦ ତାରିଖରୁ ଶୀତର ପ୍ରକୋପ ହ୍ରାସ ପାଇବ। ୨୧ରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହ ଲଘୁଚାପ ବର୍ଷା ହେବା ସମ୍ଭାବନା ରହିଛି। ୨୩ ତାରିଖରେ ଉପକୂଳ ଓଡ଼ିଶାରେ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

**୫ କେଜି ସୁନା...**

ହୋଇଛି। ଏ ନେଇ ନଂ. ୯/୨୨ରେ ଏକ ମାମଲା ରୁଜୁ କରାଯାଇ ସମ୍ପୃକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ସନ୍ଦେହରେ ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ଅଟକ ରଖାଯାଇଥିବାବେଳେ ତାଙ୍କୁ ଛାଡ଼ି ଦିଆଯାଇଛି। ସେହିପରି ଜଣେ ପୋଲିସ କର୍ମଚାରୀଙ୍କ ପୁଅଙ୍କ ଏଥିରେ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଥିବାବେଳେ ଏ ନେଇ ପୋଲିସ କୌଣସି ସ୍ପଷ୍ଟ ତଥ୍ୟ ଦେଇନାହିଁ। ଅତିରିକ୍ତ ଏସ୍‌ପି ଶିଶୁରଞ୍ଜନ ମହାପାତ୍ର, ଏସ୍‌ଡିପିଓ ମନୋଜ ନାୟକ, ଆଇଆଇସି ବିଜୟ ହାଇବୁ, ଏସ୍‌ଆଇ ଟି.ଏ. ଖାନ୍, ଏଏସ୍‌ଆଇ ରମେଶ ସ୍ୱାଇଁ, କାଳିନ୍ଦୀ ରାଉତ, ଦିଲୀପ ସାହୁ ପ୍ରମୁଖଙ୍କ ଉଦ୍ୟମରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏସ୍‌ପି କହିଛନ୍ତି।

**ଜେଲ୍‌ଫେରନ୍ତା ମାଷ୍ଟରମାଇଣ୍ଡ**

ବ୍ୟାଙ୍କ ଡକାୟତି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ରାଉରକେଲା ନୂଆପାଟଣା ଅଞ୍ଚଳର ବିକାଶ ନାୟକ ଜଣେ ଜେଲ ଫେରନ୍ତା। ଛୋଟବଡ଼ ଅପରାଧ କାର୍ଯ୍ୟରେ ସମ୍ପୃକ୍ତ ଥିବା ବିକାଶ ରାଉରକେଲା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କକୁ ବନ୍ଧଧରଣ ଡକାୟତି କରିବା ଲାଗି ଯୋଜନା କରିଥିଲେ। ଏଥିରେ ଅନୁଗୋଳର କାଳିଆ, ଟିଟୁ ଏବଂ ଗୁଲ୍ଲଙ୍କ ସହଯୋଗ ନେଇଥିଲେ। ଘଟଣା ଦିନ ଅର୍ଥାତ୍ ଗତ ୧୨ ତାରିଖ ସକାଳେ ଏକ ସ୍କୁଟି (ନଂ. ଓଡ଼ି ୩୪ ବି ୮୪୦୬)ରେ ଗୁଲୁ, ଟିଟୁ, କାଳିଆ ଅନୁଗୋଳରୁ ଆସି ରାଉରକେଲାରେ ପହଞ୍ଚିଥିଲେ। ଅନ୍ୟ ଏକ ବାଇକ (ନଂ. ଓଡ଼ି ୧୯ ଟି ୧୧୪୪)ରେ ବିକାଶ, ସମୀର, ଠେଙ୍ଗା ପହଞ୍ଚି ଥିଲେ। ବ୍ୟାଙ୍କ ନିକଟରେ ଗହଳି ଏଡ଼ାଇବାକୁ ପୂର୍ବ ଯୋଜନା ଅନୁଯାୟୀ ଅଭିଜିତ୍ ସେହିଦିନ ତା' ଦୋକାନ ଖୋଲି ନ ଥିଲେ। ପିପିଇ ବର୍ଷା ହେଉଥିବାରୁ ଅପରାହ୍ନରେ ବ୍ୟାଙ୍କରେ କେହି ଗ୍ରାହକ ନ ଥିଲେ। ଏହାର ସୁଯୋଗରେ ସମୀର, ଠେଙ୍ଗା, ଟିଟୁ ଏବଂ କାଳିଆ ବ୍ୟାଙ୍କ ଭିତରେ ପଶି ମ୍ୟାନେଜର ମୋନିକା ଓରାମ୍, କ୍ୟାଶିଅର ରୋଶନ କୁମାରଙ୍କ ସମେତ ଅନ୍ୟ ୨ କର୍ମଚାରୀଙ୍କୁ ମାଡ଼ ମାରି ଲୁଟ୍ ଟଙ୍କା, ସୁନା ଭର୍ତ୍ତି କରି ଚମ୍ପଟ ମାରିଥିଲେ।

**କଟକରେ ଅଳଙ୍କାର ବିକ୍ରି ଯୋଜନା**

ବ୍ୟାଙ୍କରୁ ଲୁଟ୍ ସୁନା କଟକରେ ବିକ୍ରି କରିବାକୁ ଯୋଜନା କରିଥିଲେ ଡକାୟତି ଗ୍ୟାଙ୍ଗ। ତଦନୁଯାୟୀ ବିକାଶ, କାଳିଆ, ଗୁଲୁ ବାଇକ (ନଂ. ଓଡ଼ି ୧୯ ଟି ୧୧୪୪)ରେ ରାଉରକେଲା ବଜାରରୁ ଡିଭୋଲ ରୋଡ୍ ୫ମ ନଂ. ଏନ୍‌ଏଚ୍‌ରେ ପହଞ୍ଚିଥିଲେ। ସମୀରଙ୍କ ନିର୍ଦ୍ଦେଶରେ ସିପୁନ୍ ଏବଂ ଗୌରୀଶଙ୍କର ଜୋଳାନାଙ୍କୁ ଏକ ଭଡ଼ା ଟ୍ୟାକ୍ସି ଯୋଗାଡ଼ କରି ବାଇପାସରେ ଅପେକ୍ଷା କରିଥିଲେ। କାଳିଆ, ବିକାଶ, ଗୁଲୁ, ସିପୁନ୍ ଗାଡ଼ିରେ ବସିଥିଲେ ଏବଂ ଗୌରୀଶଙ୍କର ବାଇକରେ ପାଇଲଟିଂ କରିଥିଲେ। ତେବେ ଅଭିଯୁକ୍ତଙ୍କ ହାବଭାବ, କଥାବାର୍ତ୍ତାରୁ ଡ୍ରାଇଭରଙ୍କ ସନ୍ଦେହ ଉପୁଜିଥିଲା। ଫଳରେ ସେ ବାହାନା କରି ଗୋବିନ୍ଦପୁରଠାରେ ଗାଡ଼ି ଅଟକାଇଥିଲେ। ଏକ ପାନଦୋକାନରେ ଅଭିଯୁକ୍ତଙ୍କ ସମ୍ପର୍କରେ ଖୋଳତାଡ଼ କରିବା ବେଳେ ସେଠାରେ ଉପସ୍ଥିତ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ବବିତା ବେହୁରା ଏବଂ ଅନ୍ୟ ଜଣେ ଏଏସ୍‌ଆଇ ଟ୍ୟାକ୍ସି ପାଖରେ ପହଞ୍ଚି ସିପୁନ୍‌ଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ।

# ପୋଲିସ ଉପସ୍ଥିତିରେ ସ୍ତ୍ରୀଙ୍କୁ ଛୁରାମାଡ଼

- ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି
- ଅଭିଯୁକ୍ତ ସ୍ୱାମୀ ଗିରଫ



ଅଭିଯୁକ୍ତ ଦୁର୍ଗା ମହାପାତ୍ର।

ଭୁବନେଶ୍ୱର,୧୭।୧(ବ୍ୟୁରୋ): ପାରିବାରିକ କଳହକୁ କେନ୍ଦ୍ର କରି ଲକ୍ଷ୍ମୀସାଗର ଥାନା ବଗିଚା ବସ୍ତିରେ ଜଣେ ମହିଳାଙ୍କୁ ତାଙ୍କ ସ୍ୱାମୀ ଛୁରାମାଡ଼ କରିଛନ୍ତି। ପୋଲିସ ଉପସ୍ଥିତିରେ ଏଭଳି ଘଟଣା ଘଟିଛି। ଆକ୍ରମଣରେ ଗୁରୁତର ସ୍ତ୍ରୀ କଳ୍ପନା ମହାପାତ୍ରଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ କଟକ ଏସ୍‌ସିବିକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଦୁର୍ଗା ମହାପାତ୍ରଙ୍କୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଲକ୍ଷ୍ମୀସାଗର ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି କହିଛନ୍ତି। ମହିଳା ଜଣକ ସୁସ୍ଥ ହେବା ପରେ ପାରିବାରିକ କଳହର କାରଣ ଜଣାପଡ଼ିବ ବୋଲି ଡିସିପି ଉମାଶଙ୍କର ଦାସ କହିଛନ୍ତି।

ଦୁର୍ଗାଙ୍କ ଘର ପୁରୀ ଜିଲା କୋଣାର୍କ ଅଞ୍ଚଳରେ ହୋଇଥିବାବେଳେ ସେ ୩ ବର୍ଷ ହେଲା ବଗିଚା ବସ୍ତିରେ ଘର ଭଡ଼ା ନେଇ ପରିବାର ସହ ରହୁଛନ୍ତି। ତାଙ୍କର ୯ ଓ ୬ ବର୍ଷର ଦୁଇପୁଅ ଅଛନ୍ତି। ବଡ଼ ପୁଅ ଗାଁରେ ଥିବାବେଳେ ସାନ ପୁଅ ମା'ବାପାଙ୍କ ପାଖରେ ଏଠାରେ ରୁହନ୍ତି। ସ୍ୱାମୀ ସ୍ତ୍ରୀ ଦୁହେଁ ଏଠାରେ ଶ୍ରମିକ ଭାବେ କାମ କରନ୍ତି। ତେବେ କୌଣସି କାରଣକୁ ନେଇ ସେମାନଙ୍କ ମଧ୍ୟରେ ପ୍ରାୟ ସମୟରେ ଝଗଡ଼ା ହେଉଥିଲା। ଅନେକ ସମୟରେ ଘର ମାଲିକ ଓ ପଡ଼ୋଶୀ ସମାଧାନ କରୁଥିଲେ। ସୋମବାର ପୁଣି ସେମାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ସ୍ୱାମୀ ଦୁର୍ଗା ସ୍ତ୍ରୀ କଳ୍ପନାଙ୍କୁ ପ୍ରବଳ ମାଡ଼ ମାରିଥିଲେ। ପଡ଼ୋଶୀ ଏନେଇ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ତାଙ୍କୁ ଧରି ପିସିଆର୍‌ରେ ଥାନାକୁ ନେବାକୁ ଉଦ୍ୟମ କରୁଥିଲା। ହେଲେ ଏହି ସମୟରେ ଦୁର୍ଗା କିଛି ଜିନିଷ ଛାଡ଼ି ଦେଇଥିବା ପୋଲିସକୁ କହି ଘର ଭିତରକୁ ଆସିଥିଲେ। ପୋଲିସ ବାହାରେ ଠିଆ ହୋଇଥିବାବେଳେ ଦୁର୍ଗା ହଠାତ୍ ତାଙ୍କ ସ୍ତ୍ରୀଙ୍କୁ ଏକ ରୁମରେ ପୂରାଇ ଭିତରୁ କବାଟ ଦେଇ ଛୁରିରେ ଆକ୍ରମଣ କରିଥିଲେ। ଚିତ୍କାର ଶୁଣି ପୋଲିସ ଘର କବାଟ ଭାଙ୍ଗି କଳ୍ପନାଙ୍କୁ ଉଦ୍ଧାର କରିଥିଲା। ହେଲେ ଏହି ସମୟରେ ଦୁର୍ଗା ମଧ୍ୟ ପୋଲିସକୁ ଛୁରି ଦେଖାଇ ମାରିଦି ନ ଦେଲେ ମରିବି ବୋଲି କହି ଧମକାଇଥିଲେ। ଶେଷରେ ପୋଲିସ ଟିମ୍ ସ୍ଥାନୀୟ ଲୋକଙ୍କ ଉଦ୍ୟମରେ ବହୁ ସମୟ ପରେ ତାଙ୍କୁ କାବୁ କରିଥିଲା। ତେବେ ଛୁରା ମାଡ଼ରେ କଳ୍ପନାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାବେଳେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବା ସୂଚନା ମିଳିଛି।

# ସାଇଡ୍‌ମରାକୁ ନେଇ ୨ ଗୋଷ୍ଠୀ ମୁହାଁମୁହିଁ

ବାଲକାଟି,୧୭।୧(ଡି.ଏନ୍.ଏ.): ସାମାନ୍ୟ ଏକ ଗାଡ଼ି ସାଇଡ୍‌ମରାକୁ ନେଇ ବାଲକାଟି ବଜାରରେ ରବିବାର ରାତିରେ ୨ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଉଭୟ ଗୋଷ୍ଠୀ ପକ୍ଷରୁ ସୋମବାର ବାଲକାଟି ଫାଣ୍ଡିରେ ଅଭିଯୋଗ ହୋଇଛି। ରବିବାର ରାତି ପ୍ରାୟ ୧୦ଟାରେ ବାଲକାଟି ଅଞ୍ଚଳରେ ଜଣେ ଯୁବକ ଔଷଧଖାନା ଛକରେ ଠିଆ ହୋଇଥିଲେ। ଏହି ସମୟରେ ବୁଢ଼ିପଡ଼ା ଅଞ୍ଚଳର ଜଣେ ଯୁବକ ବାଇକ୍ ଚଳାଇ ତାଙ୍କୁ ସାଇଡ୍‌ମାରି ଚାଲିଯାଇଥିଲେ। ଫଳରେ ଉକ୍ତ ଯୁବକ ତାଙ୍କୁ ଗୋଡ଼ାଇ ଦୁର୍ଗାମଣ୍ଡପ ଛକରେ ଅଟକାଇବାକୁ ପଚିବୁଝ ହୋଇ ହାତାହାତି ହୋଇଥିଲା। ବୁଢ଼ିପଡ଼ାର ଯୁବକ ଘରକୁ ଯାଇ ୨୦ଜଣ ଯୁବକଙ୍କୁ ନେଇ ଉକ୍ତ ବଜାରରେ ପହଞ୍ଚି ହୋହଲ୍ଲା କରିବାରୁ ଅନ୍ୟ ଗୋଷ୍ଠୀର ଉପସ୍ଥିତ ଯୁବକମାନେ ପାଟି କରି ମୁହାଁମୁହିଁ ହୋଇଥିଲେ। ପୋଲିସ ଉପସ୍ଥିତିରେ ମଧ୍ୟ ହାତାହାତି ହୋଇଥିଲେ।

# ବଚସାରୁ ଦେହରେ ନିଆଁ ଲଗାଇଲେ ମହିଳା

- ଅର୍ଦ୍ଧଦଗ୍ଧ ଅବସ୍ଥାରେ ଏସ୍‌ସିବିରେ ଭର୍ତ୍ତି
- ସମ୍ପର୍କୀୟ ଯୁବକ ଅଟକ

ବାଲିପାଟଣା,୧୭।୧(ଡି.ଏନ୍.ଏ.): ରାଜଧାନୀ ଉପକଣ୍ଠ ବାଲିପାଟଣା ଥାନା ଅନ୍ତର୍ଗତ ଆଲୋଇ ପଦ୍ମପୁର ଗ୍ରାମରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଗ୍ରାମର ଜଣେ ମହିଳାଙ୍କର ସମ୍ପର୍କୀୟ ଯୁବକଙ୍କ ସହ ବଚସା ହେବାରୁ ସେ ନିଜ ଶରୀରରେ ନିଆଁ ଲଗାଇ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ମହିଳା ହେଲେ ଅଲିଭା ମାଣିଆ(୩୫)। ଅର୍ଦ୍ଧଦଗ୍ଧ ଅବସ୍ଥାରେ ଚିକିତ୍ସା ପାଇଁ ତାଙ୍କୁ କଟକ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଉଛି।

ସୂଚନା ମୁତାବକ, ଗଞ୍ଜେଇ ବିକ୍ରି କରିବା ଅଭିଯୋଗରେ ଅଲିଭାଙ୍କ ସ୍ୱାମୀ ବିଜୟ କୁମାର ମାଣିଆ ଦୁଇ ବର୍ଷ ହେବ ଜେଲରେ ଅଛନ୍ତି। ଅଲିଭା ତାଙ୍କ ଝିଅ ଓ ପୁଅ ସହ ଘରେ ରହୁଥିଲେ। ସୋମବାର ସକାଳେ କୌଣସି କାରଣକୁ ନେଇ ଅଲିଭା ଓ ତାଙ୍କର ଜଣେ ସମ୍ପର୍କୀୟ ଯୁବକଙ୍କ ମଧ୍ୟରେ ବଚସା ହୋଇଥିଲା। ଏହା ପରେ ଉଗ୍ର ରୂପ ନେଇଥିଲା। ଅଲିଭା ଉତ୍ତ୍ୟକ୍ତ ହୋଇ ଘରେ ଥିବା କିରୋସିନ ଆଣି ନିଜ ଦେହରେ ଢାଳି ନିଆଁ ଲଗାଇଦେଇଥିଲେ। ସ୍ଥାନୀୟ ବାସିନ୍ଦା ଜାଣିବା ପରେ ଆମ୍ବୁଲାନ୍ସକୁ ଫୋନ କରିବା ସହ ବାଲିପାଟଣା ଥାନାକୁ ଜଣାଇଥିଲେ। ଅର୍ଦ୍ଧଦଗ୍ଧ ଅବସ୍ଥାରେ ତାଙ୍କୁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଏକ ମାମଲା (ନଂ.୧୫/୨୨) ରୁଜୁ ହୋଇଛି ବୋଲି ଆଇଆଇସି କୃପାସିନ୍ଧୁ ବରାଡ଼ କହିଛନ୍ତି।

# ଜମି ବିକ୍ରି ଟଙ୍କାକୁ ନେଇ ବୋମା ମାଡ଼



ବୋମା ମାଡ଼ରେ ଘର ଛପର ଉଡ଼ିଯାଇଛି ଓ ଜବତ ବୋମା (ଇନ୍‌ସେଟ୍)।

ବାଲକାଟି,୧୭।୧(ଡି.ଏନ୍.ଏ.): ବାଲିଅନ୍ତା ଥାନା ଅନ୍ତର୍ଗତ ସରକଣା ଗ୍ରାମରେ ଜମି ବେପାର କମିଶନ ଟଙ୍କା ନେଉଥିବାକୁ ନେଇ ଦେଇ ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି। ବୋମାମାଡ଼ରେ ବିଲ୍ଡର ସଂସ୍ଥାର ଘର ଛାତ ଉଡ଼ିଯାଇଥିବା ବେଳେ ୨ କର୍ମଚାରୀ ଆହତ ହୋଇଛନ୍ତି। ବିଲ୍ଡର ସଂସ୍ଥାର ବ୍ରଜକିଶୋରଙ୍କ ବେହେରାଙ୍କ ଅଭିଯୋଗକ୍ରମେ ପୋଲିସ ସୋମବାର ସକାଳୁ ଘଟଣାସ୍ଥଳରେ ପହଞ୍ଚି ୨ଟି ବୋମା ଜବତ କରିଛି। ଏନେଇ ଏକ ମାମଲା(ନଂ.୨୧/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଖବର ଅନୁଯାୟୀ, ସରକଣା ଡାକ୍ତରଖାନା ପାଖରେ ଜଣେ ବିଲ୍ଡର ନିଜର ପ୍ଲଟିଂ ସ୍କିମ କରି ଲୋକଙ୍କୁ ଜମି ବିକୁଛନ୍ତି। ଏହି ଜମି କିଣା ବିକାରେ କମିଶନ ଟଙ୍କା ନେଣଦେଣକୁ ନେଇ ଜଣେ ଦଲାଲଙ୍କ ଶହ ପୂର୍ବ ଶତ୍ରୁତା ରହିଥିଲା। ଏହି ଘଟଣାକୁ ନେଇ ରବିବାର ବିଳମ୍ବିତ ରାତିରେ ଉକ୍ତ ଦଲାଲ ନିଜ ସହଯୋଗୀଙ୍କ ସହ ବିଲ୍ଡର କରିଥିବା ଅଫିସ ଘର

**ବିଲ୍ଡର ସଂସ୍ଥାର ୨ କର୍ମଚାରୀ ଆହତ, ୨ ବୋମା ଜବତ**

ନିକଟକୁ ଆସି ୫ଟି ବୋମା ଫିଙ୍ଗିଥିଲେ। ୨ଟି ବୋମା ବିଲ୍ଡର ଅଫିସ ଉପରେ ଫୁଟିବା ଯୋଗୁ ଟିଣ ଛପର ଉଡ଼ିଯାଇଥିବା ବେଳେ ଆସବାବପତ୍ର ଛିନ୍ନଛତ୍ର ହୋଇଯାଇଥିଲା। ବିସ୍ଫୋରଣ ଶବ୍ଦ ଶୁଣି ସ୍ଥାନୀୟ ଲୋକେ ଆତଙ୍କିତ ହୋଇଯାଇଥିବା ବେଳେ ବୋମା ମାଡ଼ କରିଥିବା ବ୍ୟକ୍ତିମାନେ ଫେରାର ହୋଇଯାଇଥିଲେ। ଅନ୍ୟପଟେ ବୋମାମାଡ଼କୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଲାଗିରହିଥିଲା। ସେହିଭଳି ଅଭିଯୁକ୍ତ ଚିହ୍ନଟ ହୋଇଯାଇଥିବା ବେଳେ ଖୁବଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ଯୁବରାଜ ସ୍ୱାଇଁ ସୂଚନା ଦେଇଛନ୍ତି।





ଜଗତସିଂହପୁର ଜିଲା ଢିଙ୍କିଆରୁ ପୋଲିସ ପ୍ରତ୍ୟାହାର ଦାବିରେ ସୋମବାର ରାଜମହଲ ଛକରେ ସିପିଆଇ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

# ନିୟମିତ କର୍ମଚାରୀଙ୍କୁ ପିଟିଲେ ଆଉଟସୋର୍ସିଂ ଷ୍ଟାଫ୍

ଭୁବନେଶ୍ୱର,୧୭।୧: ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପରିସରରେ ସୋମବାର ଜଣେ ନିୟମିତ ସରକାରୀ କର୍ମଚାରୀଙ୍କୁ ଜଣେ ଘରୋଇ କର୍ମଚାରୀ (ଆଉଟସୋର୍ସିଂ ଷ୍ଟାଫ୍) ମାଡ଼ ମାରିଛନ୍ତି। ମାଡ଼ ଖାଇଥିବା କର୍ମଚାରୀ ଜଣକ ବିଭାଗୀୟ ଅଧିକାରୀଙ୍କ ସମେତ ବିଏମ୍‌ସିର ସିଏଫ୍‌ଓ ସଞ୍ଜୀବ ସିଂହଙ୍କ ଦୃଷ୍ଟିଗୋଚର କରିଥିଲେ। ଉଭୟ କର୍ମଚାରୀଙ୍କୁ ଡାକିବ୍ କରିବା ସହ ଘଟଣାର ଆପୋଷ ସମାଧାନ କରିଥିବା ସଞ୍ଜୀବ କହିଛନ୍ତି। ହେଲେ ଘଟଣାର ତଦନ୍ତ କରାଯାଇ ଘରୋଇ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଏକ ଗାଇଡ୍‌ଲାଇନ ଅଣାଯାଉ ବୋଲି ସରକାରୀ କର୍ମଚାରୀ ସଂଘ ଦାବି କରିଛି।

# ଏମ୍ସର ୩ଶହରୁ ଊର୍ଦ୍ଧ୍ୱ କର୍ମଚାରୀ କରୋନା ଆକ୍ରାନ୍ତ

## ବନ୍ଦ ହେଲା ଓପିଡି

ଭୁବନେଶ୍ୱର, ୧୭।୧ (ବ୍ୟୁରୋ): ଭୁବନେଶ୍ୱର ଏମ୍ସର ୩ଶହରୁ ଅଧିକ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଡାକ୍ତର, ନର୍ସ ଓ ପାରା ମେଡିକାଲ ଷ୍ଟାଫ୍ ଅଛନ୍ତି। ଜାନୁୟାରୀ ୧ରୁ ଏହି ଆକ୍ରାନ୍ତମାନେ ଚିହ୍ନଟ ହୋଇଥିବା ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନାନୁସାରେ, ୬୦ରୁ ଅଧିକ ଡାକ୍ତର କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୬୦ ନର୍ସିଂ କର୍ମଚାରୀ ଓ ୫୦ରୁ ଅଧିକ ଅନ୍ୟ କର୍ମଚାରୀ ସଂକ୍ରମିତ ହୋଇଛନ୍ତି। ସେହିଭଳି ୨୦ଜଣ ଡାକ୍ତରୀ ଛାତ୍ରଛାତ୍ରୀ ମଧ୍ୟ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ଆଇସୋଲେସନରେ ଥିବା ବେଳେ ପ୍ରାୟ ୧୦୦ଜଣ ସୁସ୍ଥ ହୋଇ କାର୍ଯ୍ୟରେ ଫେରିଛନ୍ତି ବୋଲି ଏମ୍ସ ଅତିରିକ୍ତ ଅଧୀକ୍ଷକ ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ କହିଛନ୍ତି। ସେପଟେ ସୋମବାରଠାରୁ ଏମ୍ସ ଓପିଡି ବନ୍ଦ ହୋଇଛି। ଓପିଡି ବନ୍ଦ ନେଇ ଦୁଇଦିନ ପୂର୍ବରୁ ଭୁବନେଶ୍ୱର ଏମ୍ସ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ଓ୍ୱାକ୍ ଇନ୍ ଓପିଡି ବନ୍ଦ ରହିଥିବାବେଳେ ଅନ୍‌ଲାଇନରେ ଯେଉଁମାନେ ପଞ୍ଜୀକରଣ କରିଥିବେ, ସେମାନେ ହସ୍ପିଟାଲ ଆସିପାରିବେ। ସେହିପରି କିଛି ଜରୁରିକାଳୀନ ସେବା ଚାଲୁ ରହିବ ବୋଲି କର୍ତ୍ତୃପକ୍ଷ ଜଣାଇଛନ୍ତି।

## ରାଜଧାନୀର ୧୫୯ ଅଞ୍ଚଳ କଣ୍ଟେନମେଣ୍ଟ

ଭୁବନେଶ୍ୱର, ୧୭।୧ (ବ୍ୟୁରୋ): ରାଜଧାନୀ ଭୁବନେଶ୍ୱରରେ ସଂକ୍ରମଣ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଗୋଟିଏ ଗୋଟିଏ ଘରରୁ ଏକାଧିକ ଚିହ୍ନଟ ହେଉଥିବାରୁ ସହରବାସୀଙ୍କ ସୁରକ୍ଷା ଦୃଷ୍ଟିରୁ ପ୍ରତିଦିନ ବିଏମ୍‌ସି ପକ୍ଷରୁ କଣ୍ଟେନମେଣ୍ଟ କରାଯାଉଛି। ମାତ୍ର ୧୩ ଦିନରେ ମହାନଗର ନିଗମାଞ୍ଚଳର ୩ଟି ଜୋନ୍‌ରେ ୧୫୦ରୁ ଊର୍ଦ୍ଧ୍ୱ ଅଞ୍ଚଳକୁ କଣ୍ଟେନମେଣ୍ଟ କରି କଟକଣା ଲଗାଯାଇଛି। ତେବେ ସୋମବାର ଦକ୍ଷିଣ ପଶ୍ଚିମ ଜୋନ୍‌ରେ ଆଉ ୬ଟି ଅଞ୍ଚଳକୁ ମାଇକ୍ରୋ କଣ୍ଟେନମେଣ୍ଟ କରାଯିବା ଦ୍ୱାରା ଏହି ସଂଖ୍ୟା ୧୫୯ରେ ପହଞ୍ଚିଛି। ୱାର୍ଡ ନଂ. ୬୩ ଅନ୍ତର୍ଗତ ଜାଗମରାସ୍ଥିତ କ୍ରାଷ୍ଣା ଗାର୍ଡେନର ଫେଜ-୨ ପ୍ଲଟ୍ ନଂ.୨୧, ଜଗମୋହନ ନଗରର ଲେନ-୧ ଏରେ ପ୍ଲଟ ନଂ. ୧୧୨୦, ୱାର୍ଡ ନଂ.୪୯ ଅନ୍ତର୍ଗତ କୋଳଥିଆସ୍ଥିତ ସତ୍ୟସାଇ ଏନକ୍ଲେଭର ପ୍ଲଟ୍ ନଂ. ଏମ୍‌ଆଇଜି ୧/୧୬୫, ପ୍ଲଟ୍ ନଂ. ୨୦୨/୮୮୪, ୱାର୍ଡ ନଂ. ୬୨ ଅନ୍ତର୍ଗତ ପୋଖରୀପୁଟସ୍ଥିତ କୋକିଳା ଏନ୍‌କ୍ଲେଭର ଫ୍ଲାଟ ନଂ. ଏ-୧୦୬, ୱାର୍ଡ ନଂ. ୩୯ ଅନ୍ତର୍ଗତ ନୟାପଲ୍ଲୀସ୍ଥିତ କ୍ରିଟିଭ ଏନକ୍ଲେଭର ଫ୍ଲାଟ ନଂ. ୪୦୩କୁ ମାଇକ୍ରୋ କଣ୍ଟେନମେଣ୍ଟ ଅଞ୍ଚଳ ଭାବେ ଘୋଷଣା କରାଯାଇଛି। ଏହି ସମୟରେ ସମ୍ପୃକ୍ତ ଅଞ୍ଚଳକୁ ସାଧାରଣଲୋକଙ୍କ ଯିବା ଆସିବା ଉପରେ କଟକଣା ଜାରି କରାଯାଇଛି।

## ଆଉ ୧୩୭୦ ଆକ୍ରାନ୍ତ, ୨ ମୃତ

ବିଏମ୍‌ସି ଅଞ୍ଚଳରୁ ଆଉ ୧୩୭୦ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରେ ଖଣ୍ଡଗିରିରୁ ସର୍ବାଧିକ ୧୨୬ଜଣ, ଚନ୍ଦ୍ରଶେଖରପୁରରୁ ୧୦୯ ଜଣ ଓ ପଟିଆରୁ ୧୦୬ଜଣ ରହିଛନ୍ତି। ଅନ୍ୟପଟେ ୧୧ ଦିନର ବିରତି ପରେ ପୁଣି କରୋନାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୨ଜଣଙ୍କ ମୃତ୍ୟୁ ହେବା ଫଳରେ ଏହି ସଂଖ୍ୟା ୧୧୦୫କୁ ବୃଦ୍ଧି ପାଇଛି। ସେହିଭଳି ଚଳିତ ମାସରେ ସୋମବାର ସର୍ବାଧିକ ୬୮୮ଜଣ ସୁସ୍ଥ ହୋଇଛନ୍ତି। ଫଳରେ ଆରୋଗ୍ୟ ସଂଖ୍ୟା ୧୨୪୯୮୦କୁ ବୃଦ୍ଧି ପାଇଛି। ବର୍ତ୍ତମାନ ମୋଟ ଆକ୍ରାନ୍ତ ସଂଖ୍ୟା ୧୩୪୮୮୯ ରହିଥିବାବେଳେ ୮୭୯୦ଟି ସକ୍ରିୟ ମାମଲା ରହିଛି।

# ମ୍ୟୁଜିକ୍ ଭିଡିଓ 'ନବୀନ ରଜା' ଉନ୍ମୋଚିତ

ଭୁବନେଶ୍ୱର,୧୭।୧(ବ୍ୟୁରୋ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ପ୍ରସ୍ତୁତ ମ୍ୟୁଜିକ୍ ଭିଡିଓ 'ନବୀନ ରଜା'ର ଅଡିଓ ଏବଂ ଭିଡିଓ ଭୁବନେଶ୍ୱରସ୍ଥିତ ଏକ ହୋଟେଲରେ ସୋମବାର ଉନ୍ମୋଚିତ ହୋଇଛି। ନିର୍ବାଚନ ସମୟରେ ଏହି ସଙ୍ଗୀତ ଭିଡିଓ ବେଶ୍ ଗୁରୁତ୍ୱ ରଖିବ ବୋଲି ପ୍ରଯୋଜନା ସଂସ୍ଥା ଆଶା ରଖିଛି। ନବୀନଙ୍କ ବ୍ୟକ୍ତିଗତ ଜୀବନ, ନୀତି, ଆଦର୍ଶ, ଶାସନର ସଚ୍ଚୋଟତା ଓ ମୂଲ୍ୟବୋଧକୁ ନେଇ ଏହି ଗୀତ ପ୍ରସ୍ତୁତ କରାଯାଇଛି। 'ଯାଉ ଧଳା ପାଇଜାମା ସେମିତି ରହିଛି କଳା ଦାଗ ଲାଗି ନାହିଁ... ଜିଏ କଳାଦାଗ ଲାଗି ନାହିଁ... ଆମ ମୁଖ୍ୟମନ୍ତ୍ରୀଙ୍କ ପରି ଭାରତ ବର୍ଷରେ ମୁଖ୍ୟମନ୍ତ୍ରୀଟିଏ ନାହିଁ ସଙ୍ଗୀତ ବେଶ୍ ମନଛୁଆଁ ରହିଛି। ଏହି ଗୀତକୁ ଗୀତିକାର ତପୁ ନାୟକ ଲେଖିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ଭାଇ ସ୍ୱର ସଂଯୋଜନା କରିଛନ୍ତି। ବଲିଉଡ୍ କଣ୍ଠଶିଳ୍ପୀ ଉଦିତ୍ ନାରାୟଣ ଏଥିରେ କଣ୍ଠଦାନ କରିଛନ୍ତି। ଏହି ଭିଡିଓରେ ବିବେକ କୁମାର ନିର୍ଦ୍ଦେଶନା ଦେଇଥିବା ବେଳେ ନୃତ୍ୟ ନିର୍ଦ୍ଦେଶନା ଦେଇଛନ୍ତି ସାଇନୀ। ସେହିପରି ଏହି ଭିଡିଓରେ ଆକାଶ ଦାସନାୟକ, ଜାପାନୀ ଭାଇ, ତାରିଣୀ ପ୍ରସାଦ ନାୟକ, ରାକେଶ ଭୂୟାଁ, ରାକେଶ ନାୟକ ପ୍ରମୁଖ ଅଭିନୟ କରିଛନ୍ତି।

## ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ପରଲୋକରେ ପିସିସି ପକ୍ଷରୁ ଶୋକ

ଭୁବନେଶ୍ୱର,(ବ୍ୟୁରୋ): ଗାନ୍ଧୀବାଦୀ,ସାମାଜିକ କର୍ମୀ ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ପରଲୋକରେ ପିସିସି ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ତାଙ୍କ ଶୋକ ବାର୍ତ୍ତାରେ କହିଛନ୍ତି, ପଦ୍ମଶ୍ରୀ ଶାନ୍ତି ଦେବୀଙ୍କ ପରଲୋକ ହେବା ଜାଣି ମୁଁ ଖୁବ୍ ଦୁଃଖିତ। ସେ ସମାଜ ସେବାକୁ ନିଜର ବ୍ରତ ଭାବେ ଗ୍ରହଣ କରିଥିଲେ। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରୁଛି। ଶୋକ ସନ୍ତପ୍ତ ପରିବାର ବର୍ଗଙ୍କ ପ୍ରତି ପଟ୍ଟନାୟକ ନିଜର ସମବେଦନା ଜ୍ଞାପନ କରିଛନ୍ତି।

# ସ୍ୱାସ୍ଥ୍ୟ ପ୍ରତି ବିପଦ କାଗଜ ଚା କପ୍



ଘର ହେଉ ବା ଦୋକାନରେ ଚା ପିଇବା ପରେ ଶରୀରରେ ଏକପ୍ରକାର ସ୍ଫୂର୍ତ୍ତି ଅନୁଭୂତ ହୋଇଥାଏ। କାଚ ଗ୍ଲାସ୍‌ରେ ଚା' ପିଇବାର ମଜା ନିଆରା। ହେଲେ ଏବେ ଅଧିକାଂଶ ସ୍ଥାନରେ କାଚ ଗ୍ଲାସ୍‌ର ସ୍ଥାନ ନେଇଛି କାଗଜ ବା ପ୍ଲାଷ୍ଟିକ କପ୍। ଯାହାକି ଆମ ଶରୀର ପକ୍ଷେ ବହୁ କ୍ଷତିକାରକ ବୋଲି ଆଇଆଇଟି ଖଡ଼ଗପୁରରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। କାଗଜ କପ୍‌ରେ ଚା' ଦେବା ପରେ ଏହା ଯେପରି ମିଳାଇ ନ ଯିବ ସେଥିପାଇଁ ଏହାର ଭିତର ପାର୍ଶ୍ୱରେ ଏକ ପ୍ରକାର ପତଳା ଜରିର ଆସ୍ତରଣ ଦିଆଯାଇଥାଏ। ଯାହାକି ଗରମ ଚା' ସଂସ୍ପର୍ଶରେ ଆସିଲେ ମିଳାଇ ଯାଏ ଏବଂ ଏଥିରୁ ପ୍ରାୟ ୨୫ହଜାର ମାଇକ୍ରୋପ୍ଲାଷ୍ଟିକ କଣିକା ସୃଷ୍ଟି ହୋଇଥାଏ। ଆଉ ଏହା ଆମ ଶରୀରର ଅନେକ କ୍ଷତି କରିଥାଏ। ଗବେଷକଙ୍କ ମତରେ ଏହି କଣିକା କ୍ୟାନ୍‌ସର ରୋଗ ସୃଷ୍ଟି କରିଥାଏ। ଏପରି କି ଗର୍ଭବତୀ ମହିଳା ଏହାକୁ ପିଇବା ଦ୍ୱାରା ନିଜ ଓ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପକାଇଥାଏ। କାର୍ଯ୍ୟକ୍ଷେତ୍ରରେ ଚାପ ଏବଂ କ୍ଳାନ୍ତି ଦୂର କରିବା ପାଇଁ ଅନେକେ ଦିନକରେ ପ୍ରାୟ ୫ରୁ ୬କପ୍ ଚା' ପିଇଥାନ୍ତି, ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କ ମସ୍ତିଷ୍କ ଉପରେ କ୍ଷତି ପହଞ୍ଚାଇଥାଏ। ସଚେତନତା ଅଭାବରୁ କାଗଜ କପ୍‌ର ବ୍ୟବହାର ବଢ଼ୁଥିବା ବେଳେ ଏହାକୁ ରୋକାଯିବା ଜରୁରୀ ହୋଇପଡ଼ିଛି। ସରକାରୀ ସ୍ତରରେ ଏନେଇ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି।

### ମୋର ଧାରଣା ନ ଥିଲା



ପ୍ରଥମେ କାଚ ଗ୍ଲାସ୍‌ରେ ଚା' ବିକ୍ରି କରୁଥିଲି। କରୋନା ପରଠୁ କାଗଜ କପ୍‌ରେ ଦେଉଛି। ସଂକ୍ରମଣ ସମ୍ଭାବା ନାହିଁ। ପୁଣି ଖର୍ଚ୍ଚ କମ୍, ଟେନ୍‌ଶନ ବି କମ୍ ରହୁଥିବାରୁ ମୋଭଳି ପ୍ରାୟ ସମସ୍ତ ଚା' ଦୋକାନୀ କାଗଜ କପ୍ ରଖୁଛନ୍ତି। କାଗଜ କପ୍‌ରେ ଚା' ପିଇବା ଦ୍ୱାରା ଶରୀରରେ କିଛି କ୍ଷତି ହେଉଥିବା ସମ୍ପର୍କରେ ମୋର ବିଶେଷକିଛି ଧାରଣା ନାହିଁ। କାଗଜ କପ୍ ବଦଳରେ ସମାନ ମୂଲ୍ୟରେ ଆଉ କିଛି ପାତ୍ର ଆସିଲେ ତାହାକୁ ବ୍ୟବହାର କରିବି।

**– ରଘୁନାଥ ମୁଦୁଲି, ଚା' ଦୋକାନୀ, ବାଣୀ ବିହାର।**

### ମାଟି କପ୍‌କୁ ବିକଳ୍ପ ଭାବେ ବ୍ୟବହାର କରୁଛି



ପ୍ଲାଷ୍ଟିକ ଓ କାଗଜ ଚା' ପାତ୍ରର ବିକଳ୍ପ ମାଟି କପ୍। ଏହା କିଣିବାରେ ୨ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ ସତ, କିନ୍ତୁ ଏହା ସବୁଠାରୁ ଭଲ। ମୁଁ ପ୍ରଥମେ ପ୍ଲାଷ୍ଟିକ ଓ କାଗଜ ଚା' ପାତ୍ର ବ୍ୟବହାର କରୁଥିଲି। କିନ୍ତୁ ବର୍ତ୍ତମାନ ମାଟି କପ୍ ବିଭିନ୍ନ ଜାଗାରେ ବିକ୍ରି ହେଉଥିବା ଦେଖି ମୁଁ ମଧ୍ୟ ମାଟି ପାତ୍ର ବ୍ୟବହାର କରୁଛି। ଏହା ମାଟିରେ ମିଶିଯାଉଥିବାରୁ ପରିବେଶ ସୁରକ୍ଷାରେ ସାହାଯ୍ୟ କରେ।

**– ରାଜକୃଷ୍ଣ ସ୍ୱାଇଁ, ଚା' ଦୋକାନୀ, ରେଡକ୍ରସ ଭବନ।**

### ମାଟି କପ୍‌ରେ ଚା' ବାସ୍ନା, ସ୍ୱାଦ ନିଆରା



ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ଘରେ ଚା' କରି ପିଇବାକୁ ସମୟ ନାହିଁ। ତେଣୁ ଅଧିକାଂଶ ସମୟରେ ରାସ୍ତା କଡ଼ ଦୋକାନରେ ଚା' ପିଇଥାଏ। ଏବେ କରୋନା ପାଇଁ ପ୍ରାୟ ସବୁ ଚା' ଦୋକାନରେ କାଚ ଗ୍ଲାସ୍ ବଦଳରେ ପ୍ଲାଷ୍ଟିକ ନ ହେଲେ କାଗଜ କପ୍‌ରେ ଚା ଦିଆ ଯାଉଛି। ହେଲେ କିଛି କିଛି ସ୍ଥାନରେ ମାଟି କପ୍‌ରେ ଦିଆଯାଉଛି। ମାଟି କପ୍‌ରେ ଚା' ପିଇଲେ ଭିନ୍ନ ସ୍ୱାଦ ଏବଂ ବାସ୍ନା ବାରି ହୋଇଯାଏ। ଏପରି କି ଡାକ୍ତର ଓ ବୈଜ୍ଞାନିକଙ୍କ ମତରେ ମାଟି କପ୍‌ର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ। ଯଦି ମାଟି କପ୍‌କୁ ସମସ୍ତେ ବ୍ୟବହାର କରନ୍ତେ, ତେବେ ଏହା ସ୍ୱାସ୍ଥ୍ୟ ରକ୍ଷା କରିବା ସହ କୁମ୍ଭକାରଙ୍କ ଭଲ ରୋଜଗାରର ମାଧ୍ୟମ ସାଜି ପାରନ୍ତା।

**– ମନୀଷା ଦାସ, ଚା' ପ୍ରେମୀ।**

### ପିଇବା ପାତ୍ର ପ୍ରତି ସଚେତନ ଜରୁରୀ



ମାଇକ୍ରୋପ୍ଲାଷ୍ଟିକ ଶରୀର ପାଇଁ ବହୁ କ୍ଷତିକାରକ। ଏହା ସାଧାରଣତଃ ପାଟି ବାଟେ ନ ହେଲେ ଶ୍ୱାସକ୍ରିୟା ମଧ୍ୟରେ ଭିତରକୁ ଯାଇଥାଏ। ପ୍ରତ୍ୟେକ ଦିନ ଲୋକମାନେ ବିଭିନ୍ନ ମାଧ୍ୟମରେ ଶରୀରକୁ ମାଇକ୍ରୋପ୍ଲାଷ୍ଟିକ ନେଉଛନ୍ତି। ଶ୍ୱାସକ୍ରିୟା ଦ୍ୱାରା ଏହାକୁ ଅଟକାଇ ହେବନି, କିନ୍ତୁ ଆମେ ଖାଇବା ପିଇବା ପାତ୍ର ପ୍ରତି ଯଥେଷ୍ଟ ସଚେତନ ହେବା ଆବଶ୍ୟକ। ବିଶେଷକରି ଆମେ ପିଉଥିବା ପାଣି ବୋତଲ, ଚା'କପ୍, ଖାଉଥିବା ବିଭିନ୍ନ ପ୍ୟାକେଟ ଜନିତ ଖାଦ୍ୟକୁ ବାରଣ କରିବା ଉଚିତ।

**– ନିରୋଜ କୁମାର ମିଶ୍ର, ସ୍ୱାସ୍ଥ୍ୟ ବିଶେଷଜ୍ଞ।**

### କ୍ଷତିକାରକ ଜାଣି ମଧ ନାଚାର



ଅଫିସରେ କର୍ମଚାରୀମାନେ କାମରୁ ଟିକେ ଫୁର୍‌ସତ ମିଳିଲେ ଚା' ଖଟିକୁ ଚାଲିଯାଆନ୍ତି। ପୂର୍ବରୁ ଅଧିକାଂଶ ଚା' ଦୋକାନରେ କାଚ ଗ୍ଲାସ୍‌ରେ ଚା' ମିଳୁଥିଲା। ହେଲେ ଏବେ ଚା' ଦୋକାନରେ କାଚ ଗ୍ଲାସ ଆଉ କ୍ୱଚିତ ଦେଖିବାକୁ ମିଳୁଛି। ବିଶେଷକରି କରୋନା ପରଠାରୁ ଦୋକାନରେ କାଚ ଗ୍ଲାସ୍‌ପରିବର୍ତ୍ତେ ପ୍ଲାଷ୍ଟିକ ବା କାଗଜ କପ୍‌ରେ ଚା' ମିଳୁଛି। ଏହା ଶରୀର ପାଇଁ କ୍ଷତିକାର ବୋଲି ଜାଣି ମଧ କୌଣସି ବିକଳ୍ପ ନ ଥିବାରୁ କାଗଜ କପ୍‌ରେ ପିଇବାକୁ ବାଧ ହେଉଛୁ।

**– ଅମ୍ରିତ ପ୍ରୀତମ ଆଚାର୍ଯ୍ୟ, ଚା' ପ୍ରେମୀ**

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ଜ୍ୟୋତିରଞ୍ଜନ



@ ନରେଶ



@ ପିଣ୍ଟୁ



@ ଆଶୁତୋଷ



@ ଲକ୍ଷ୍ମୀଧର



@ ପ୍ରକାଶ

## ଆଜି କ'ଣ କେଉଁଠି

ଭୁବନେଶ୍ୱର

- ସିପିଆଇ(ଏମ୍) ରାଜ୍ୟ କମିଟି ପକ୍ଷରୁ ରାଜ୍ୟସ୍ତରୀୟ ମିଳିତ ବୈଠକ, ସିପିଆଇ(ଏମ୍) ଅଫିସ ପରିସର, ଜୟଦେବ ବିହାର, ମଧ୍ୟାହ୍ନ ୧୨ଟା।

## ୨୬ ଯାଏ ବନ୍ଦ ରହିବ ରାଜ୍ୟ ଗ୍ରନ୍ଥାଗାର

ଭୁବନେଶ୍ୱର, ୧୭।୧(ବ୍ୟୁରୋ): ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ପାଠକଙ୍କ ନିମନ୍ତେ ବନ୍ଦ ରହିବ। ଗ୍ରନ୍ଥାଗାରର ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ବର୍ତ୍ତମାନ ସୁଦ୍ଧା ୧୦ଜଣ କର୍ମଚାରୀ କୋଭିଡ୍ ସଂକ୍ରମିତ ହୋଇଥିବାରୁ ପାଠାଗାର ବିଶୋଧନ ଏବଂ କର୍ମଚାରୀ ଓ ପାଠକମାନଙ୍କ ନିରାପତ୍ତା ନିମିତ୍ତ ଏହି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସହଯୋଗ କରିବାକୁ ଭାରପ୍ରାପ୍ତ ଅଧିକାରୀ ନିବେଦନ କରିଛନ୍ତି। ପୂର୍ବରୁ କେତେଜଣ ସଂକ୍ରମିତ ହେବାରୁ କୋଭିଡ୍ ସତର୍କତାମୂଳକ ପଦକ୍ଷେପ ଭାବେ ଗ୍ରନ୍ଥାଗାରକୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ବିଜ୍ଞପ୍ତି ଜାରି କରାଯାଇଥିଲା। ତେବେ ପାଠକମାନେ ଏହି ନିଷ୍ପତ୍ତିକୁ ଅମୂଳକ ଦର୍ଶାଇ ପ୍ରତିବାଦ କରିଥିଲେ। କୋଭିଡ୍ ନିୟମ ସେମାନେ ମାନିବେ ବୋଲି ପ୍ରତିଶ୍ରୁତି ଦେବାରୁ କର୍ତ୍ତୃପକ୍ଷ ଗ୍ରନ୍ଥାଗାରକୁ ଖୋଲା ରଖିଥିଲେ। ତେବେ ପାଠକମାନେ କୋଭିଡ୍ ଶୃଙ୍ଖଳା ନ ମାନିବା ଯୋଗୁ କର୍ମଚାରୀ ଓ ପାଠକଙ୍କ ନମୁନା କୋଭିଡ୍ ପଜିଟିଭ୍ ବାହାରିଥିବା ନଜରକୁ ଆସିଛି। ତେଣୁ ଗ୍ରନ୍ଥାଗାରକୁ ବନ୍ଦ ରଖାଯାଇଛି। ୨୭ ତାରିଖରେ ଗ୍ରନ୍ଥାଗାର ଖୋଲିବ। ତେବେ ଏହାପରେ କେବଳ ନେଗେଟିଭ୍ ରିପୋର୍ଟଧାରୀଙ୍କୁ ଗ୍ରନ୍ଥାଗାର ଭିତରକୁ ପ୍ରବେଶ ଅନୁମତି ଦିଆଯିବ। ଉକ୍ତ ରିପୋର୍ଟ ସପ୍ତାହକ ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି ଗ୍ରନ୍ଥାଗାର ପକ୍ଷରୁ କୁହାଯାଇଛି।

# 'ସତ୍‌ସଙ୍ଗ, ସଂଯମର କ୍ଷେତ୍ର ହେଉ ଶ୍ରୀକ୍ଷେତ୍ର'



### ମହୋଦଧି ଆରତି କଲେ ଜଗଦ୍‌ଗୁରୁ, ରାଜ୍ୟପାଳ, ଉମାଭାରତୀ

ପୁରୀ ଅଫିସ ୧୭।୧

ପବିତ୍ର ପୌଷପୂର୍ଣ୍ଣିମା ଅବସରରେ ସୋମବାର ପୁରୀ ଗୋବର୍ଦ୍ଧନ ପୀଠ ଆନୁକୂଲ୍ୟରେ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ତୀର୍ଥରାଜ ଶ୍ରୀମହୋଦଧି ନିତ୍ୟ ସନ୍ଧ୍ୟା ଆରତିର ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ନିର୍ବିକଳ୍ପାନନ୍ଦ ସରସ୍ୱତୀ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତ୍ରୀ ଉମା ଭାରତୀ ଏବଂ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ଆରତି ବେଳେ ହୁଳହୁଳି, ଘଣ୍ଟଘଣ୍ଟା, ମନ୍ତ୍ରଧ୍ୱନି ଓ ବେଦପାଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ଆରତି କରିବା ପରେ ଉମାଭାରତୀ ଅଭିଭାଷଣ ଦେଇ କହିଥିଲେ, ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଧର୍ମଗୁରୁଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। ଧର୍ମଗୁରୁଙ୍କ ମାର୍ଗଦର୍ଶନରେ ସମାଜରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନା ପ୍ରତିଷ୍ଠା ହୋଇପାରିବ। ଶ୍ରୀକ୍ଷେତ୍ରର ମହୋଦଧି ଆରତି କାର୍ଯ୍ୟକ୍ରମ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଉଛି। ତେଣୁ ଏହା ସାରା ଜୀବନ ମନେରହିବ। ଶଙ୍କରାଚାର୍ଯ୍ୟଙ୍କ କହିବା ଅନୁଯାୟୀ ଦିନେ ଭାରତ ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା ହେବ। ଗୋମାତା, ଗାୟତ୍ରୀ ଓ ବୃନ୍ଦା ହିଁ ଦେଶର ପରିଚୟ ହେବେ ବୋଲି ଉମାଭାରତୀ ପ୍ରକାଶ କରିଥିଲେ। ଧର୍ମଯୁଦ୍ଧରେ ଶ୍ରୀକୃଷ୍ଣ ଯେପରି ଅର୍ଜୁନଙ୍କ ମାର୍ଗଦର୍ଶନ କରିଥିଲେ, ବର୍ତ୍ତମାନ ସମୟରେ ଜଗଦ୍‌ଗୁରୁ ସେପରି ମାର୍ଗଦର୍ଶନ କରୁଛନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ। ସେହିପରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଥିଲେ, ମହୋଦଧି କୂଳ ଏବଂ ଶ୍ରୀକ୍ଷେତ୍ର ଅଶ୍ଳୀଳ ମନୋରଞ୍ଜନ ଓ ମାଦକ ଦ୍ରବ୍ୟର କେନ୍ଦ୍ର ନ ହେଉ। ବରଂ ସତ୍‌ସଂଗ, ସ୍ୱାଧ୍ୟାୟ, ଭଜନ ଓ ସଂଯମର କ୍ଷେତ୍ର ହେଉ। ବିଶ୍ୱ କଲ୍ୟାଣ ଓ ଶାନ୍ତି ଉଦ୍ଦେଶ୍ୟରେ ତଥା ସାଗର ପଥରେ ଅରାଜକ ତତ୍ତ୍ୱଙ୍କ ପ୍ରବେଶ ଓ ଭାରତର କ୍ଷତି ସାଧନକୁ ମହାପ୍ରଭୁ ରୋକିବା ପାଇଁ ପ୍ରାର୍ଥନା କରି ଏହି ଆରତି କାର୍ଯ୍ୟକ୍ରମ କରାଯାଉଛି। ଏ ନେଇ ପ୍ରଚାର ପ୍ରସାର ହେବା ଆବଶ୍ୟକ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, ଇଂ. ପ୍ରଶାନ୍ତ ଆଚାର୍ଯ୍ୟଙ୍କ ସମେତ ଦେଶ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନେକ ସାଧୁସନ୍ଥ, ମଠାଧୀଶ ଯୋଗଦେଇଥିଲେ।

## ଭୁବନେଶ୍ୱର କୋର୍ଟ ୨ ଦିନ ସିଲ୍

ଭୁବନେଶ୍ୱର,୧୭।୧(ବ୍ୟୁରୋ)

୧୭ଜଣ କୋଭିଡ୍ ଆକ୍ରାନ୍ତ ଚିହ୍ନଟ ହେବା ପରେ ସୋମବାର ଭୁବନେଶ୍ୱର ଏସ୍‌ଡିଜିଏମ୍ କୋର୍ଟକୁ ବିଏମ୍‌ସିର ସାଉଥ୍ ଇଷ୍ଟ ଜୋନ୍ ପକ୍ଷରୁ ୨ ଦିନ ପାଇଁ ସିଲ୍ କରିଦିଆଯାଇଛି। ଆଗାମୀ ମଙ୍ଗଳବାର ଓ ବୁଧବାର କୋର୍ଟ ବନ୍ଦ ରହିବ। କୌଣସି ଆବଶ୍ୟକ ପଡ଼ିଲେ ନଂ. ୭୮୪୭୮୭୩୦୪୦ କିମ୍ବା ୧୯୨୯କୁ ଫୋନ୍ କରିବାକୁ ବିଏମ୍‌ସି ପକ୍ଷରୁ କୋର୍ଟ କର୍ତ୍ତୃପକ୍ଷଙ୍କୁ କୁହାଯାଇଛି। ତେବେ କୋର୍ଟକୁ ଭଲ ଭାବେ ସମ୍ପୂର୍ଣ୍ଣ ସାନିଟାଇଜେଶନ କରିବାକୁ ଓକିଲ ସଂଘ ପକ୍ଷରୁ ଦାବି କରାଯାଇଛି।

# ତଦନ୍ତ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ

### ମାହାଙ୍ଗା ଡବଲ ମର୍ଡର ଘଟଣା

■ପୋଲିସର ଆବେଦନ ଖାରଜ

ନିଶ୍ଚିନ୍ତକୋଇଲି,୧୭।୧(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସ୍ଥାନୀୟ ପୋଲିସ କରିଥିବା ଆବେଦନ ସୋମବାର ଜେଏମ୍‌ଏଫ୍‌ସି କୋର୍ଟରେ ଖାରଜ ହୋଇଯାଇଛି। ଏଥିସହ ତଦନ୍ତ ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୧୧।୧।୨୨ରେ ମାହାଙ୍ଗା ପୋଲିସ ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୁକ୍ତ କ୍ଷିତୀଶ ଆଚାର୍ଯ୍ୟ ଓ ଭିକାରୀ ସ୍ୱାଇଁଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରିଥିଲା। ଉଭୟ ଅଭିଯୁକ୍ତ ୨୬।୧୨।୨୦ରେ ମନ୍ତ୍ରୀ ଜେନାଙ୍କ ପିଏ ଉମାଶଙ୍କର ବିଶ୍ୱାଳ ଓରଫ ବାପିଙ୍କ ସହ କଥା ହୋଇଥିଲେ ବୋଲି ପୋଲିସ ଆବେଦନପତ୍ରରେ ଦର୍ଶାଇଥିଲା। ମାତ୍ର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ମାମଲା ଥିବା ଦର୍ଶାଇ ଏହି ଆବେଦନକୁ ରଦ୍ଦ କରିଦିଆଯାଇଛି। ଅପରପକ୍ଷେ ବାପି ଓ ବ୍ଲକ ଅଧ୍ୟକ୍ଷ ଶରତ ନାୟକଙ୍କ ସହ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳ ମୋବାଇଲରେ କଥା ହୋଇଥିଲେ ବୋଲି ପୋଲିସ ଦାଖଲ କରିଥିବା ସିଡିଆର୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏନେଇ ମାହାଙ୍ଗାରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି।

ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ୨୦୨୧ ଜାନୁୟାରୀ ୨ ତାରିଖରେ ହତ୍ୟା କରାଯାଇଥିଲା। ମାହାଙ୍ଗା ଥାନାରେ ମାମଲା (ନଂ.୫/୨୧)ରୁଜୁ କରାଯାଇ ପୋଲିସ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିରେ ମନ୍ତ୍ରୀ ଜେନା ୧୩ତମ ଅଭିଯୁକ୍ତ ଥିଲେ। ପରବର୍ତ୍ତୀ ସମୟରେ ପୋଲିସ ଚାର୍ଜଶିଟରୁ ମନ୍ତ୍ରୀଙ୍କ ନାମ କାଟିଦେଇଥିଲା। ଏନେଇ କୁଳମଣି ବରାଳଙ୍କ ପୁଅ ରମାକାନ୍ତ ବରାଳ ଜେଏମ୍‌ଏଫ୍‌ସି କୋର୍ଟରେ (ନଂ.୨୧୭/୨୧) ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ବିଶ୍ୱାଳଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହାପରେ କୋର୍ଟ ପୋଲିସକୁ ସିଡିଆର୍ ରିପୋର୍ଟ ମାଗିଥିଲେ। ମାତ୍ର ପୋଲିସ ରିପୋର୍ଟ ଦାଖଲ କରିବାରେ ବିଳମ୍ବ କରିଥିଲା। ଏହାକୁ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲିସ ଚୂଡାନ୍ତ ରିପୋର୍ଟ ଦାଖଲ କରିବାକୁ ସକ୍ଷମ ହୋଇନାହିଁ। ମାମଲାଟି ଏବେ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ରହିଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଉତ୍ତର ପୁରୁଷ ନାଟକ ପରିକ୍ରମାର ଉଦ୍‌ଯାପନୀ ସନ୍ଧ୍ୟାରେ ସୋମବାର ପରିବେଷିତ ନାଟକ 'ଛାତ'ର ଏକ ଦୃଶ୍ୟ।



ପବିତ୍ର ପୌଷପୂର୍ଣ୍ଣିମାରେ ସୋମବାର ମହାପ୍ରଭୁଙ୍କ ଅଭିଷେକ ଉତ୍ସବ ଅବସରରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।



ଜଗତ୍‌ସିଂହପୁର ଢିଙ୍କିଆରେ ଜିନ୍ଦଲର ଇସ୍ପାତ ପ୍ରକଳ୍ପ ଅଞ୍ଚଳରୁ ପୋଲିସ ପ୍ରତ୍ୟାହାର, ଗିରଫ ଆନ୍ଦୋଳନକାରୀଙ୍କୁ ନିସର୍ତ୍ତ ଖଲାସ, ଲାଠି ପ୍ରହାର କରିଥିବା ପୋଲିସ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି ନେଇ ସମାଜବାଦୀ ପାର୍ଟିର ପ୍ରତିନିଧି ଦଳ ସୋମବାର ରାଜ୍ୟପାଳଙ୍କୁ ସାକ୍ଷାତ କରି ଫେରୁଛନ୍ତି।

ଧରିତ୍ରୀ DHARITRI
www.orissakhabar.com/ www.dharitri.com ପୃଷ୍ଠା ୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ମଙ୍ଗଳବାର, ଜାନୁୟାରୀ ୧୮/୨୦୨୨ Bhubaneswar, Tuesday, January 18/ 2022

## ସଂକ୍ଷେପରେ

### ‘ମହାମାରୀରୁ ମୁକ୍ତି ପାଇଁ ମିଳିତ ଉଦ୍ୟମ ଲୋଡ଼ା’


ଶି ଜିନ୍‌ପିଙ୍ଗ

**ଡାଭୋସ,୧୭ା୧:** କରୋନା ମହାମାରୀରୁ ମୁକ୍ତି ପାଇବାକୁ ହେଲେ ମିଳିତ ଉଦ୍ୟମ ଜରୁରୀ ବୋଲି ସୋମବାର ଚାଇନା ରାଷ୍ଟ୍ରପତି ଶି ଜିନ୍‌ପିଙ୍ଗ କହିଛନ୍ତି। ସାରା ବିଶ୍ୱରେ ଟିକାର ସୁଷମ ବଣ୍ଟନ ଏବଂ ଟିକାକରଣ ବଢ଼ାଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି। ତେବେ ପରସ୍ପରକୁ ଦୋଷାରୋପ କରିବା ଦ୍ୱାରା ମହାମାରୀ ଦୂର କରିବା ଦିଗରେ ଆମର ଦାୟିତ୍ୱ ବିଳମ୍ବ ହେବ ବୋଲି ସୁଇଜରଲାଣ୍ଡର ଡାଭୋସରେ ଅନୁଷ୍ଠିତ ଅନ୍‌ଲାଇନ ବିଶ୍ୱ ଅର୍ଥନୀତି ଫୋରମ୍ ସମିଟ୍‌କୁ ଉଦ୍‌ବୋଧନ ଦେଇ ଜିନ୍‌ପିଙ୍ଗ କହିଛନ୍ତି। ଅନ୍ୟକୁ ଦୋଷାରୋପ ଏବଂ ଶୀତଳ ଯୁଦ୍ଧ ମାନସିକତା ଛାଡ଼ିବା ଲାଗି ସେ ଆମେରିକାକୁ ଇଙ୍ଗିତ କରି କହିଛନ୍ତି। ସମ୍ମିଳନୀର ପ୍ରଥମ ଦିନରେ ‘ବିଶ୍ୱର ସ୍ଥିତି’ ଶୀର୍ଷକ ଉପରେ ସ୍ୱତନ୍ତ୍ର ଉଦ୍‌ବୋଧନ ଦେଇ ଚାଇନା ରାଷ୍ଟ୍ରପତି କହିଥିଲେ, ମହାମାରୀକୁ ପରାଜିତ କରିବା ଲାଗି ବିଶ୍ୱ ମିଳିତ ଉଦ୍ୟମ ଚାହେଁ।

### ଇଚ୍ଛା ବିରୋଧରେ କାହାକୁ ଟିକା ପାଇଁ ବାଧ କରାଯାଉ ନାହିଁ

#### ସୁପ୍ରିମକୋର୍ଟଙ୍କୁ ଜଣାଇଲା କେନ୍ଦ୍ର

**ନୂଆଦିଲ୍ଲୀ,୧୭ା୧(ପି.ଟି.):** କୌଣସି ବ୍ୟକ୍ତିଙ୍କ ବିନା ସହମତିରେ ତାଙ୍କୁ କୋଭିଡ୍ ଟିକା ଦିଆଯାଇପାରିବ ନାହିଁ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଜାରି ହୋଇଥିବା କୋଭିଡ୍-୧୯ ଟିକା ଗାଇଡ୍‌ଲାଇନରେ ବାଧ୍ୟତାମୂଳକ ଟିକାକରଣ କଥା କୁହାଯାଇନାହିଁ ବୋଲି କେନ୍ଦ୍ର ସରକାର ସୋମବାର ସୁପ୍ରିମକୋର୍ଟଙ୍କୁ ଜଣାଇଛନ୍ତି। ଭାରତରେ ଟିକାକରଣ କାର୍ଯ୍ୟକ୍ରମ ବିଶ୍ୱରେ ସବୁଠୁ ବଡ଼। ୨୦୨୨ ଜାନୁୟାରୀ ୧୧ ସୁଦ୍ଧା ଦେଶରେ ୧,୫୨,୯୫,୪୩,୬୦୨ ଡୋଜ୍ ଟିକା ଦିଆଯାଇଥିବା ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସତ୍ୟପାଠ ମାଧ୍ୟମରେ କୋର୍ଟଙ୍କୁ ଜଣାଇଛି। ଯୋଗ୍ୟ ସାବାଳକ ଜନସଂଖ୍ୟାର ୯୦.୮୪% ପ୍ରଥମ ଡୋଜ୍ ଟିକା ନେଇଥିବାବେଳେ ୬୧ ପ୍ରତିଶତ ଉଭୟ ଡୋଜ୍ ନେଇଛନ୍ତି। ୨୩,୭୬୮ ଜଣ ଭିନ୍ନକ୍ଷମ ସ୍ୱେଚ୍ଛାକୃତ ଭାବେ ସେମାନଙ୍କ ପରିଚୟପତ୍ର ଦେଖାଇ ଟିକା ନେଇଛନ୍ତି। କୌଣସି ଉଦ୍ଦେଶ୍ୟ ପାଇଁ ଟିକା ସାର୍ଟିଫିକେଟ ନେବାକୁ ବାଧ୍ୟତାମୂଳକ କରାଯାଇ ନ ଥିବା କେନ୍ଦ୍ର ସରକାର କହିଛନ୍ତି। ଘରକୁ ଘର ଯାଇ ଟିକା ଦେବା ଏବଂ ଭିନ୍ନକ୍ଷମଙ୍କୁ ଟିକାକରଣରେ ପ୍ରାଥମିକତା ଦେବା ଲାଗି ଏଭାରା ଫାଉଣ୍ଡେଶନ ନାମକ ଏନ୍‌ଜିଓ ପକ୍ଷରୁ ସୁପ୍ରିମକୋର୍ଟରେ ଆବେଦନ କରାଯାଇଥିଲା। ମହାମାରୀ ସ୍ଥିତିକୁ ନଜରରେ ରଖି ବୃହତ୍ତର ଜନସ୍ୱାର୍ଥ ଦୃଷ୍ଟିରୁ ଟିକାକରଣ କରାଯାଉଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ସତ୍ୟପାଠରେ ଉଲ୍ଲେଖ କରିଛି।

# ଡ୍ରଗ୍ସ ମାଫିଆଙ୍କ ଦ୍ୱାରା ଆଇଇଡି ଚାଲାଣ

**ନୂଆଦିଲ୍ଲୀ,୧୭ା୧**

- ଭାରତକୁ ବିସ୍ଫୋରକ ପ୍ରେରଣ କରୁଛି ପାକିସ୍ତାନ
- ଟାର୍ଗେଟରେ ପଞ୍ଜାବ, ୟୁପି, ଦିଲ୍ଲୀ, ମହାରାଷ୍ଟ୍ର

ଭାରତରେ ଅସ୍ଥିରତା ସୃଷ୍ଟି କରିବା ଲାଗି ପାକିସ୍ତାନ ଉଦ୍ୟମ ଚଳାଇଛି। ସେଠାରୁ ସ୍ଥଳ ଓ ସାମୁଦ୍ରିକ ପଥ ଦେଇ ଭାରତକୁ ଆଇଇଡି ଆସୁଥିବା ଗୋଇନ୍ଦା ବିଭାଗ ସୂଚନା ଦେଇଛି। ନୂଆଦିଲ୍ଲୀର ଗାଜିପୁର ଫୁଲବଜାରରୁ ଗତ ଶୁକ୍ରବାର ମିଳିଥିବା ୩ କିଲୋଗ୍ରାମ ଆଇଇଡି (ବୋମା)ର ତଦନ୍ତ କରୁଥିବା ଦିଲ୍ଲୀ ପୋଲିସ ଏଥିରେ ଆର୍‌ଡିଏକ୍ସ ବ୍ୟବହାର ହୋଇଥିବା ଜାଣିବାକୁ ପାଇଛି। ଆଇଇଡି ଖଞ୍ଜାଯିବାର ଘଣ୍ଟାଏ ୮ ମିନିଟ ପରେ ବିସ୍ଫୋରଣ ହେବା ଲାଗି ରିମୋର୍ଟ କଣ୍ଟ୍ରୋଲ ଦ୍ୱାରା ଇଲେକ୍ଟ୍ରୋନିକ୍ ଟାଇମରରେ ସମୟ ସେଟ୍ କରାଯାଇଥିଲା।

ପ୍ରକୃତରେ ଭାରତକୁ ପଡୋଶୀ ଦେଶରୁ କେତେ ବୋମା ଆସିଛି ତାହା ଜଣାପଡ଼ି ନ ଥିଲେ ମଧ୍ୟ କେବଳ ପଞ୍ଜାବ ପୋଲିସ ୨୦ଟି ଆଇଇଡି, ୫ରୁ ୬ କିଲୋଗ୍ରାମ ବିସ୍ଫୋରକ ସାମଗ୍ରୀ ଏବଂ ୧୦୦ ଗ୍ରେନେଡ୍ ଜବତ କରିଛି। ତେଣୁ ଏହାଠାରୁ ବହୁ ଅଧିକ ଆଇଇଡି ଭାରତକୁ ଆସିଥିବା ଏଥିରୁ ସ୍ପଷ୍ଟ ଅନୁମେୟ। ମୁଖ୍ୟତଃ ନିର୍ବାଚନ ହେବାକୁ ଥିବା ପଞ୍ଜାବ, ଉତ୍ତରପ୍ରଦେଶ ସମେତ ମହାରାଷ୍ଟ୍ର, ଗୁଜରାଟ ଓ ଦିଲ୍ଲୀର ସମ୍ବେଦନଶୀଳ ଅଞ୍ଚଳରେ ଏହି ବିସ୍ଫୋରକ ଖଞ୍ଜିବା ଲାଗି ଆତଙ୍କବାଦୀଙ୍କୁ ପାକିସ୍ତାନରୁ ନିର୍ଦ୍ଦେଶ ଆସିଥିବା ଗୋଇନ୍ଦା ବିଭାଗ କହିଛି।

ଗୋଇନ୍ଦା ରିପୋର୍ଟ ଅନୁଯାୟୀ ଆଫଗାନିସ୍ତାନର ହେରୋଇନ୍ ଓ ଅଫିମକୁ ସୀମାପାର ଚୋରାଚାଲାଣରେ ସମ୍ପୃକ୍ତ ସ୍ମଗଲରମାନଙ୍କୁ ଭାରତକୁ ଡ୍ରୋନ୍ କିମ୍ବା ବୋଟ୍ ଦ୍ୱାରା ଆଇଇଡି ପଠାଇବା ପାଇଁ ଦାୟିତ୍ୱ ଦିଆଯାଇଛି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇ ସ୍ଲିପର ସେଲ୍ ଜରିଆରେ ଗାଜିପୁର ଫୁଲବଜାର ଅଞ୍ଚଳରେ ଆଇଇଡି ଖଞ୍ଜାଇଥାଇପାରେ ବୋଲି ସୂଚନା ମିଳିଛି। ଦିଲ୍ଲୀ ପୋଲିସକୁ ଜାତୀୟ ସୁରକ୍ଷା ଗାର୍ଡ (ଏନ୍‌ଏସ୍‌ଜି) ଦେଇଥିବା ରିପୋର୍ଟ ଅନୁଯାୟୀ ଗାଜିପୁର ଆଇଇଡିରେ ଆର୍‌ଡିଏକ୍ସ ଏବଂ ଆମୋନିୟମ ନାଇଟ୍ରେଟ୍ ବ୍ୟବହାର କରାଯାଇଥିଲା। ଏହାକୁ ଷ୍ଟିଲ୍ ଟିଫିନରେ ସାଇକେଲ ବେରିଂ ଓ କଣ୍ଟା ସହ ରଖାଯାଇଥିଲା। ଏହା ବିସ୍ଫୋରଣ ହୋଇଥିଲେ ଶତାଧିକ ନିରୀହ ଲୋକଙ୍କ ଜୀବନ ଯାଇଥାନ୍ତା।

ଅତୀତରେ ପାକ୍ ପରିଚାଳିତ ଇଣ୍ଡିଆନ ମୁଜାହିଦ୍ଦିନ ଆତଙ୍କବାଦୀ ଗୋଷ୍ଠୀ ଅନେକ ଥର ଟିଫିନ୍ ବୋମା ଖଞ୍ଜିଥିଲା। ୨୦୦୫ରେ ଦିଲ୍ଲୀର ସରୋଜିନୀ ନଗର ଓ ପହରଗଞ୍ଜ ବଜାର ବିସ୍ଫୋରଣରେ ଏଭଳି ଆଇଇଡି ବ୍ୟବହାର କରାଯାଇଥିଲା। ସେହିପରି ଗୋରଖପୁର, ଲକ୍ଷ୍ନୌ, ବାରାଣସୀ, ହଲଦ୍ୱାନି, ଜୟପୁର, ହାଇଦ୍ରାବାଦ ଏବଂ ମୁମ୍ବାଇ ବିସ୍ଫୋରଣରେ ମଧ୍ୟ ସମ୍ପୃକ୍ତ ଗ୍ରୁପ୍ ଦ୍ୱାରା ସମାନ ବୋମା ଖଞ୍ଜାଯାଇଥିଲା।

ଏବେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ପଞ୍ଜାବ ଓ ଉତ୍ତରପ୍ରଦେଶ ଉପରେ ଆଇଏସ୍‌ଆଇ ନଜର ପକାଇଛି। ସେଠାରେ ନିର୍ବାଚନ ପ୍ରକ୍ରିୟାକୁ ଭଣ୍ଡୁର କରିବା ଲାଗି ଷଡ଼ଯନ୍ତ୍ର ହେଉଛି। ସେଥିପାଇଁ ପଞ୍ଜାବରେ ଖଲିସ୍ତାନୀ ସଂଗଠନର ଉପସ୍ଥିତି ବଢ଼ାଇବା ସହ ଏହାର ଆତଙ୍କବାଦୀମାନଙ୍କୁ ସକ୍ରିୟ କରାଉଛି ପାକ୍ ଗୋଇନ୍ଦା ସଂସ୍ଥା। ଖଲିସ୍ତାନୀ ଆତଙ୍କବାଦୀମାନେ ନିର୍ବାଚନୀ ରାଲିବେଳେ ଉପରୋକ୍ତ ରାଜ୍ୟର କେତେଜଣ ଗୁରୁତ୍ୱପୂର୍ଣ୍ଣ ନେତା କିମ୍ବା ଭିଭିଆଇପିଙ୍କୁ ଟାର୍ଗେଟ କରିପାରନ୍ତି। ପଞ୍ଜାବରେ ଖଲିସ୍ତାନୀ ଆନ୍ଦୋଳନକୁ ପୁନଃ ସକ୍ରିୟ କରିବା ଲାଗି ନିର୍ବାଚନକୁ ସେମାନେ ଏକ ସୁଯୋଗ ବୋଲି ବିଚାର କରୁଛନ୍ତି। ଏଥିପାଇଁ ସମସ୍ତ ଛୋଟ ବଡ଼ ଆତଙ୍କବାଦୀ ସଂଗଠନକୁ ନିର୍ବାଚନ ପ୍ରକ୍ରିୟା ଭଣ୍ଡୁର କରିବା ଦିଗରେ କାର୍ଯ୍ୟ କରିବାକୁ ଆଇଏସ୍‌ଆଇ ନିର୍ଦ୍ଦେଶ ଦେଇଥିବା ପୂର୍ବରୁ ଗୋଇନ୍ଦା ସୂଚନା ମିଳିଥିଲା।


ଗାଜିପୁର ଫୁଲ ବଜାରରୁ ମିଳିଥିବା ଆଇଇଡି।

### ରାସ୍ତାପାର୍ଶ୍ୱ ପିଲା ଚିହ୍ନଟରେ ବିଳମ୍ବ

## ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା



**ନୂଆଦିଲ୍ଲୀ,୧୭ା୧**

ରାସ୍ତାପାର୍ଶ୍ୱ ଫୁଟ୍‌ପାଥରେ ରହୁଥିବା ପିଲାମାନଙ୍କୁ ଚିହ୍ନଟ କରି ସେମାନଙ୍କୁ ଥଇଥାନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଚିହ୍ନଟ ପ୍ରକ୍ରିୟାରେ ମନ୍ଥରତାକୁ ନେଇ ସର୍ବୋଚ୍ଚ ଅଦାଲତ ଅସନ୍ତୋଷ ବ୍ୟକ୍ତ କରିବା ସହ ସମ୍ପୃକ୍ତ ରାଜ୍ୟଗୁଡ଼ିକୁ ଭର୍ତ୍ସନା କରିଛନ୍ତି। ଏହି ଉଦ୍ଦେଶ୍ୟରେ ପ୍ରତି ଜିଲାରେ ସ୍ୱତନ୍ତ୍ର ଜୁଭେନାଇଲ ପୋଲିସ ୟୁନିଟ୍ (ଏସ୍‌ଜେପିୟୁ) ପ୍ରତିଷ୍ଠା ହେବାର ଥିଲା। ଏହା ଠିକ୍ ଭାବେ ପ୍ରତିଷ୍ଠା କରାଯାଇ ନ ଥିବା ଅଦାଲତ ଜାଣିବାକୁ ପାଇଛନ୍ତି। ରାସ୍ତାପାର୍ଶ୍ୱ ପିଲା ଚିହ୍ନଟ ପ୍ରକ୍ରିୟାରେ ଏସ୍‌ଜେପିୟୁ, ଏନ୍‌ଜିଓ ଏବଂ ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକୁ ସାମିଲ କରିବା ଲାଗି ସୁପ୍ରିମକୋର୍ଟ ଦେଶବ୍ୟାପୀ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାବ୍ୟତୀତ ଯେଉଁ ପିଲାମାନଙ୍କୁ ଚିହ୍ନଟ କରାଗଲାଣି, ସେମାନଙ୍କୁ ତୁରନ୍ତ ଥଇଥାନ କରାଯାଉ। ଏଥିପାଇଁ ରାଜ୍ୟ ସରକାର ନୀତିଗତ ନିଷ୍ପତ୍ତି ନେବା ଆବଶ୍ୟକ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ରାସ୍ତାପାର୍ଶ୍ୱରେ ରହୁଥିବା ପିଲାମାନଙ୍କ ଥଇଥାନ ପାଇଁ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ (ଏନ୍‌ସିପିସିଆର୍) ରାଜ୍ୟଗୁଡ଼ିକ ସହ ବୈଠକ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେବା ସହ ୩ ସପ୍ତାହ ମଧ୍ୟରେ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଯେଉଁ ପ୍ରଶାସନିକ କର୍ତ୍ତୃପକ୍ଷ ଫୁଟ୍‌ପାଥ ପିଲାଙ୍କ ଥଇଥାନ ପାଇଁ କାର୍ଯ୍ୟକ୍ରମ ଗ୍ରହଣ କରି ନ ଥିବେ, ସେମାନଙ୍କ ବିରୋଧରେ ବାଳ ଅପରାଧ ଆଇନର ନିୟମାବଳୀ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସର୍ବୋଚ୍ଚ ଅଦାଲତ ଚେତାବନୀ ଦେଇଛନ୍ତି।


ପୌଷ ପୂର୍ଣ୍ଣିମା ଉତ୍ସବରେ ସଙ୍ଗମରେ ବୁଡ଼ ପକାଇବା ପୂର୍ବରୁ ସାଧୁସନ୍ଥମାନେ ପ୍ରୟାଗରାଜଠାରେ ରୀତିନୀତି ପାଳନ କରୁଛନ୍ତି।

## ଫେବୃୟାରୀ ୨୦କୁ ଘୁଞ୍ଚିଲା ପଞ୍ଜାବ ନିର୍ବାଚନ

**ନୂଆଦିଲ୍ଲୀ,୧୭ା୧**

ଗୁରୁ ରବିଦାସ ଜୟନ୍ତୀ ଫେବୃୟାରୀ ୧୬ରେ ପଡୁଥିବାରୁ ବିଭିନ୍ନ ରାଜନୈତିକ ଦଳର ଅନୁରୋଧ କ୍ରମେ ନିର୍ବାଚନ କମିଶନ(ଇସି) ପଞ୍ଜାବ ବିଧାନସଭା ନିର୍ବାଚନ ତାରିଖ ପରିବର୍ତ୍ତନ କରିଛନ୍ତି। ଫେବୃୟାରୀ ୧୪ ପରିବର୍ତ୍ତେ ୨୦ ତାରିଖରେ ମତଦାନ କରାଯିବାକୁ ଇସି ସୋମବାର ତାରିଖ ଧାର୍ଯ୍ୟ କରିଛନ୍ତି। ଫେବୃୟାରୀ ୧୪ରେ ମତଦାନ ପାଇଁ ପୂର୍ବରୁ ଘୋଷଣା କରାଯାଇଥିଲା। ଏହାର ଦୁଇଦିନ ପରେ ଗୁରୁ ରବିଦାସଙ୍କ ଜୟନ୍ତୀ ଉତ୍ସବ ଥିବାରୁ ପଞ୍ଜାବରୁ ଲକ୍ଷାଧିକ ଭକ୍ତ ବାରାଣସୀ ଯିବେ। ଫଳରେ ସେମାନେ ମତଦାନରୁ ବଞ୍ଚିତ ହୋଇପାରନ୍ତି। ତେଣୁ ନିର୍ବାଚନ ତାରିଖ ଘୁଞ୍ଚାଇବା ପାଇଁ ମୁଖ୍ୟମନ୍ତ୍ରୀ ଚରଣଜିତ୍ ଚନ୍ନିଙ୍କ ସମେତ ବିଭିନ୍ନ ଦଳ ପକ୍ଷରୁ ଇସିଙ୍କୁ ନିବେଦନ କରାଯାଇଥିଲା। ଇସି ରାଜ୍ୟ ସରକାର, ମୁଖ୍ୟ ନିର୍ବାଚନ ଅଧିକାରୀଙ୍କଠାରୁ ତଥ୍ୟ ସଂଗ୍ରହ କରିବା ସହ ସବୁ ଦିଗକୁ ବିଚାରକୁ ନେଇ ମତଦାନ ଫେବୃୟାରୀ ୨୦ରେ କରାଇବାକୁ ନିଷ୍ପତ୍ତି ନେଇଛନ୍ତି। ସନ୍ଥ ରବିଦାସ ଜୟନ୍ତୀ ଉତ୍ସବ ଦଳିତ ସମ୍ପ୍ରଦାୟ ମଧ୍ୟରେ ଖୁବ୍ ଲୋକପ୍ରିୟ। ପଞ୍ଜାବ ଭୋଟରଙ୍କ ମଧ୍ୟରୁ ୩୦%ରୁ ଅଧିକ ଦଳିତ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଉତ୍ସବରେ ଯୋଗଦେବା ଲାଗି ବାରାଣସୀ ଯିବେ। ତେଣୁ ସେମାନଙ୍କ ମତଦାନ ଅଧିକାରକୁ ଗୁରୁତ୍ୱ ଦେଇ ନିର୍ବାଚନ ଘୁଞ୍ଚାଇବାକୁ ଅନୁରୋଧ କରାଯାଇଥିଲା।

## ଚାଇନାରେ ଜନ୍ମହାର ରେକର୍ଡ ହ୍ରାସ

**ବେଜିଂ, ୧୭ା୧**

ବୟସ୍କଙ୍କ ସଂଖ୍ୟା ବୃଦ୍ଧି ଏବଂ ଯୁବସଂଖ୍ୟାରେ ହ୍ରାସ ଯୋଗୁ ଚାଇନା ସରକାର ଦମ୍ପତିଙ୍କୁ ୩ ସନ୍ତାନ ଜନ୍ମ ପାଇଁ ଗତ ବର୍ଷ ନୂଆ ନୀତି ଆଣିଥିଲେ ହେଁ ୨୦୨୧ରେ ଏଠାରେ ଜନ୍ମହାର ରେକର୍ଡ ସଂଖ୍ୟାରେ ହ୍ରାସ ପାଇଛି। ସୋମବାର ପ୍ରକାଶିତ ନ୍ୟାଶନାଲ ବ୍ୟୁରୋ ଅଫ୍ ଷ୍ଟାଟିଷ୍ଟିକ୍ସ ତଥ୍ୟ ଅନୁଯାୟୀ ଗତବର୍ଷ ଚାଇନାରେ ଜନ୍ମହାର ପ୍ରତି ୧ ହଜାରରେ ୭.୫୨ ରହିଛି, ଯାହା କି ୧୯୪୯ ମସିହା ପରଠାରୁ ସର୍ବନିମ୍ନ। ୨୦୨୦ରେ ପ୍ରତି ହଜାରରେ ଜନ୍ମ ହାର ୮.୫୨ ଥିଲା। ଏହି ତଥ୍ୟ ଏବେ ଚାଇନା ସରକାରଙ୍କ ଚିନ୍ତା ବଢ଼ାଇଛି। ଦେଶରେ ଜନ୍ମହାର ବୃଦ୍ଧି କରାଇବା ନିମନ୍ତେ ଲୋକଙ୍କୁ ସଚେତନ କରାଇବାକୁ ପ୍ରଶାସନ ଉପରେ ଚାପ ପଡୁଛି।

ଯୁବବର୍ଗଙ୍କ ଅଭାବ ଜନିତ ଅର୍ଥନୈତିକ ସମସ୍ୟା ଏଡ଼ାଇବା ପାଇଁ ଚାଇନା ୨୦୧୬ରେ ଦଶନ୍ଧି ଧରି ପ୍ରଚଳିତ ଏକ ସନ୍ତାନ ନୀତିକୁ ହଟାଇ ଦୁଇ ସନ୍ତାନ ପଲିସି ଆଣିଥିଲା। ଏହି ନୀତି ପରେ ବି ଜନ୍ମ ହାରରେ ଉନ୍ନତି ନ ଆସିବାରୁ ୨୦୨୧ ମେ’ରେ ଶି ଜିନ୍‌ପିଙ୍ଗଙ୍କ ସରକାର ଦମ୍ପତିଙ୍କୁ ୩ ସନ୍ତାନ ଜନ୍ମ ନିମନ୍ତେ ଅନୁମତି ଦେଇଥିଲେ। ତେବେ ସହରାଞ୍ଚଳରେ ଜୀବନଯାପନ ପାଇଁ ଅଧିକ ଅର୍ଥର ଆବଶ୍ୟକତା ପଡୁଥିବାରୁ ଅଧିକାଂଶ ଦମ୍ପତି ଅଧିକ ପିଲା ଜନ୍ମ ପାଇଁ ଇଚ୍ଛା କରୁନାହାନ୍ତି। ପ୍ରବାସୀଙ୍କୁ ଛାଡ଼ିଦେଲେ ୨୦୨୧ରେ ଚାଇନାରେ ପ୍ରକୃତ ଜନସଂଖ୍ୟା ବୃଦ୍ଧି ମାତ୍ର ୦.୦୩୪ ପ୍ରତିଶତ ରହିଛି, ଯାହା କି ୧୯୬୦ ମସିହା ପରଠାରୁ ସର୍ବନିମ୍ନ। ୨୦୨୦ରେ ଏଠାରେ ୧୨ ମିଲିୟନ (୧.୨ କୋଟି) ଶିଶୁ ଜନ୍ମ ହୋଇଥିବାବେଳେ ୨୦୨୧ରେ ୧୦.୬୨ ମିଲିୟନ ପିଲା ଜନ୍ମ ହୋଇଛନ୍ତି।

# ମହାମାରୀରେ ୧୬ କୋଟି ଗରିବ

**ଡାଭୋସ୍, ୧୭ା୧**

- ଦ୍ୱିଗୁଣିତ ହୋଇଛି ବିତ୍ତଶାଳୀଙ୍କ ସମ୍ପତ୍ତି
- ପ୍ରତି ସେକେଣ୍ଡରେ ବଢ଼ିଛି ୯ ହଜାର କୋଟି



କରୋନା ମହାମାରୀ କୋଟି କୋଟି ଲୋକଙ୍କ ଜୀବନ ଦୁର୍ବିଷହ କରିଦେଇଥିବାବେଳେ ବିଶ୍ୱର ଧନୀ ବ୍ୟକ୍ତିଙ୍କ ପାଇଁ ଏହା ବରଦାନ ସଦୃଶ ହୋଇଛି। ୨ ବର୍ଷରୁ ଅଧିକ ସମୟ ଧରି ବିଶ୍ୱକୁ କଲବଲ କରିଚାଲିଥିବା କୋଭିଡ୍ ୯୯ ପ୍ରତିଶତ ଲୋକଙ୍କ ଆୟକୁ ପ୍ରଭାବିତ କରିଛି। ଏଥିଯୋଗୁ ବିଶ୍ୱର ପ୍ରାୟ ୧୬ କୋଟିରୁ ଊର୍ଦ୍ଧ୍ୱ ଲୋକ ଦାରିଦ୍ର୍ୟତା ମଧ୍ୟରେ ଜୀବନ ଯାପନ କରିବାକୁ ବାଧ୍ୟ ହୋଇଛନ୍ତି। ହେଲେ ଏହାର ବିପରୀତ ଚିତ୍ର ଦେଖିବାକୁ ମିଳିଛି ଧନୀଙ୍କ କ୍ଷେତ୍ରରେ। ଗତ ୨ ବର୍ଷରେ ବିଶ୍ୱର ୧୦ ପ୍ରମୁଖ ବିତ୍ତଶାଳୀ ବ୍ୟକ୍ତିଙ୍କ ସମ୍ପତ୍ତି ଦୁଇଗୁଣା ବଢ଼ିଛି। ସେମାନଙ୍କ ୭୦୦ ବିଲିୟନ ଡଲାରରୁ ୧.୫ ଟ୍ରିଲିୟନ ଡଲାରରେ ପହଞ୍ଚିଛି। ଅର୍ଥାତ ଗତ ୨ ବର୍ଷରେ ପ୍ରତି ସେକେଣ୍ଡରେ ଧନୀଙ୍କ ସମ୍ପତ୍ତି ୧୫ ହଜାର ଡଲାର ବା ପ୍ରତିଦିନ ୧.୩ ବିଲିୟନ ଡଲାର ବଢ଼ିଛି ବୋଲି ଅକ୍ସଫାମ୍ ରିପୋର୍ଟରେ କୁହାଯାଇଛି।

ବିଶ୍ୱ ଅର୍ଥନୈତିକ ଫୋରମର ଅନଲାଇନ୍ ଡାଭୋସ୍ ଏଜେଣ୍ଡା ସମ୍ମିଳନୀର ପ୍ରଥମ ଦିନରେ ପ୍ରକାଶିତ ‘ଇନ୍‌ଇକ୍ୱାଲିଟି କିଲ୍ସ’ ଶୀର୍ଷକ ଏହି ରିପୋର୍ଟରେ ଦର୍ଶାଯାଇଛି, ଧନ ସମ୍ପତ୍ତିକୁ ନେଇ ଧନୀ ଓ ଗରିବଙ୍କ ମଧ୍ୟରେ ବିରାଟ ଅସମାନତା ସୃଷ୍ଟି ହୋଇଛି। ଏଥିଯୋଗୁ ପ୍ରତିଦିନ ଅନ୍ୟୂନ ୨୧ ହଜାର ବା ପ୍ରତି ସେକେଣ୍ଡରେ ଜଣଙ୍କ ମୃତ୍ୟୁ ଘଟୁଛି। ବିଶେଷ କରି ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେବା, ଲିଙ୍ଗଭିତ୍ତିକ ହିଂସା, ଭୋକ, ଜଳବାୟୁ ପରିବର୍ତ୍ତନଜନିତ ବିପର୍ଯ୍ୟୟ ଲୋକଙ୍କ ମୃତ୍ୟୁର ପ୍ରମୁଖ କାରଣ ପାଲଟିଛି। ଯଦି ଏହି ୧୦ ବିତ୍ତଶାଳୀ ବ୍ୟକ୍ତି ଆସନ୍ତାକାଲି ସେମାନଙ୍କ ୯୯.୯୯୯ ପ୍ରତିଶତ ସମ୍ପତ୍ତି ହରାନ୍ତି ତେବେ ବି ସେମାନଙ୍କ ପାଖରେ ବିଶ୍ୱର ୯୯ ପ୍ରତିଶତ ଲୋକଙ୍କଠାରୁ ଅଧିକ ଧନ ରହିବ ବୋଲି ଅକ୍ସଫାମ୍ ଇଣ୍ଟରନ୍ୟାଶନାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଗାବ୍ରିଏଲା ବୁଚେର କହିଛନ୍ତି। ଏବେ ବିଶ୍ୱର ୩୧୦ କୋଟି ଗରିବ ଲୋକଙ୍କ ନିକଟରେ ଥିବା ସମ୍ପତ୍ତିର ୬ ଗୁଣ ଉକ୍ତ ୧୦ ଧନୀଙ୍କ ପାଖରେ ରହିଥିବା ସେ ପ୍ରକାଶ କରିଛନ୍ତି। ବିଶେଷ କରି ଗତ ୧୪ ବର୍ଷ ତୁଳନାରେ ମହାମାରୀବେଳେ ଧନୀଙ୍କ ସମ୍ପତ୍ତି ଦ୍ରୁତବେଗରେ ବୃଦ୍ଧି ପାଇଛି।

ମହାମାରୀରେ ମହିଳାଙ୍କ ଆର୍ଥିକ ସ୍ଥିତି କିପରି ପ୍ରଭାବିତ ହୋଇଛି ତାହା ମଧ୍ୟ ଦର୍ଶାଯାଇଛି। କେବଳ ୨୦୨୦ରେ ମହିଳାଙ୍କ ସାମୂହିକ ଆୟ ୮୦୦ ବିଲିୟନ ଡଲାର ହ୍ରାସ ପାଇଛି। ୨୦୧୯ରେ କାର୍ଯ୍ୟସ୍ଥଳୀକୁ ଯାଉଥିବା ମହିଳାଙ୍କ ସଂଖ୍ୟା ଏବେ ୧.୪ କୋଟି କମିଛି। ସେହିପରି ଆଫ୍ରିକା, ଲାଟିନ୍ ଆମେରିକା ଏବଂ କାରିବିଆନ୍ ଦେଶରେ ୧୦୦ କୋଟି ମହିଳା ଓ ଯୁବତୀଙ୍କ ମୋଟ ସମ୍ପତ୍ତିଠାରୁ ୨୫୨ ପୁରୁଷଙ୍କ ନିକଟରେ ଅଧିକ ଧନ ରହିଛି। ତେଣୁ ମହାମାରୀ ଆରମ୍ଭ ପରଠାରୁ ଧନୀ ହୋଇଥିବା ବ୍ୟକ୍ତିଙ୍କ ନିକଟରୁ ବିଭିନ୍ନ ଦେଶର ସରକାର ଅଧିକ ମାତ୍ରାରେ ଟିକସ ଆଦାୟ କରି ଜନସାଧାରଣଙ୍କ ନିମନ୍ତେ ଖର୍ଚ୍ଚ କରିବାକୁ ରିପୋର୍ଟରେ ପରାମର୍ଶ ଦିଆଯାଇଛି।

### ୧୦ ଧନୀଙ୍କ ଅର୍ଥରେ ୨୫ ବର୍ଷ ମାଗଣା ପଢ଼ିପାରିବେ ସବୁ ପିଲା

**ନୂଆଦିଲ୍ଲୀ, ୧୭ା୧**

କୋଭିଡ୍ ମହାମାରୀବେଳେ ସମ୍ପତ୍ତି ବୃଦ୍ଧି ହୋଇଥିବା ଧନିକ ଗୋଷ୍ଠୀଙ୍କ ମଧ୍ୟରେ ଭାରତୀୟ ମଧ୍ୟ ସାମିଲ ଅଛନ୍ତି। ଦେଶର ବିଲିୟନେୟାରଙ୍କ ସମ୍ପତ୍ତି ଗତ ୨ ବର୍ଷ ମଧ୍ୟରେ ୩୯%ରୁ ୧୪୨%କୁ ବଢ଼ିଛି। ସେମାନଙ୍କ ମଧ୍ୟରୁ କେବଳ ୧୦ ପ୍ରମୁଖ ବିତ୍ତଶାଳୀଙ୍କ ଅର୍ଥରେ ସ୍କୁଲ ଓ କଲେଜଗୁଡ଼ିକୁ ପର୍ଯ୍ୟାପ୍ତ ପାଣ୍ଠି ଯୋଗାଯାଇପାରିବ। ଅର୍ଥାତ ସେହି ଅର୍ଥରେ ଦେଶର ସମସ୍ତ ଛାତ୍ରୀଛାତ୍ର ୨୫ ବର୍ଷ ପର୍ଯ୍ୟନ୍ତ ସେମାନଙ୍କ ଉଚ୍ଚଶିକ୍ଷା ସମ୍ପୂର୍ଣ୍ଣ କରିପାରିବେ ବୋଲି ସୋମବାର ଅକ୍ସଫାମ ଇଣ୍ଡିଆ ରିପୋର୍ଟରେ କୁହାଯାଇଛି। ଦେଶର ୧୪୨ ବିଲିୟନେୟାରଙ୍କ ମୋଟ ସମ୍ପତ୍ତି ୭୧୯ ବିଲିୟନ (୫୩ ଲକ୍ଷ କୋଟି) ରହିଛି। ୯୮ ଧନୀ ବ୍ୟକ୍ତିଙ୍କ ପାଖରେ ୬୫୭ ବିଲିୟନ ଡଲାର (୪୯ ଲକ୍ଷ କୋଟି) ସମ୍ପତ୍ତି ଅଛି, ଯାହା କି ୫୫.୫ କୋଟି ଗରିବଙ୍କ ଆୟ ସହ ସମାନ। ମହାମାରୀ ଯୋଗୁ ଦେଶରେ ମହିଳା ସ୍ଥିତି ବିଗିଡି ଥିବା ମଧ୍ୟ ଦର୍ଶାଯାଇଛି। ଏହି ସମୟରେ ୨୮ ପ୍ରତିଶତ ମହିଳା ଚାକିରି ହରାଇଛନ୍ତି। ସେମାନଙ୍କ ରୋଜଗାର ଦୁଇ-ତୃତୀୟାଂଶ ହ୍ରାସ ପାଇଛି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ମା'ରାମଚଣ୍ଡୀ କ୍ରିକେଟ: ରମାବିଲ ଫାଇନାଲରେ**

**ବୋଲଗଡ଼,(ଡି.ଏନ୍.ଏ.):** ବୋଲଗଡ଼ ବ୍ଲକ ଖଙ୍ଗୁରିଆ ମିନି ଷ୍ଟାଡିୟମରେ ଚାଲିଥିବା ମା'ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସୋମବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲ ମ୍ୟାଚରେ ପଣ୍ଡୁସର ଟିମ୍‌କୁ ହରାଇ ରମାବିଲ ଟିମ୍ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପଣ୍ଡୁସର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୬ ଓଭରରେ ୯ ଉଇକେଟ ବିନିମୟରେ ୯୨ରନ ସଂଗ୍ରହ କରିଥିଲା। ଜବାବରେ ରମାବିଲ ଟିମ୍ ୧୨.୪ ଓଭରରେ ୪ ଉଇକେଟ ବିନିମୟରେ ୯୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଗିରିଧାରୀ ସାହୁ ଓ ସୁଦର୍ଶନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଞ୍ଚ ଅମୂଲ୍ୟ ତ୍ରିପାଠୀ ଯୋଗଦେଇ ଏହି ମ୍ୟାଚ ଉଦ୍‌ଘାଟନ କରିଥିଲେ। ରାକେଶ ଜୟସିଂ, ବିଜୟ ହରିଚନ୍ଦନ, ନାରାୟଣ ଉତ୍ତରକବାଟ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ସିଏମ୍‌ଓ ଓଡ଼ିଶା ପ୍ରୋଫାଇଲ ଫଟୋ ବଦଳିଲା



**ଭୁବନେଶ୍ୱର,୧୭।୧(ବ୍ୟୁରୋ)**

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ପ୍ରୋଫାଇଲ ଫଟୋକୁ ପରିବର୍ତ୍ତନ କରାଯାଇଛି। ଉଭୟ ଫେସବୁକ୍ ଏବଂ ଟୁଇଟରରେ ଥିବା ଫଟୋକୁ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଉଭୟ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ରହିଥିଲା। ବର୍ତ୍ତମାନ ନବୀନଙ୍କ ସ୍ଥାନରେ ଓଡ଼ିଶା ସରକାରଙ୍କ ଲୋଗୋ ରଖାଯାଇଛି। ଏଥିସହିତ କଭର ଫଟୋ ଭାବେ ଲୋକସେବା ଭବନକୁ ସ୍ଥାନ ଦିଆଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଟୁଇଟର ଓ ଫେସ୍‌ବୁକ ହ୍ୟାଣ୍ଡେଲରେ ପୂର୍ବପରି ନବୀନ ପଟ୍ଟନାୟକଙ୍କ ଫଟୋ ରହିଛି।

# ଜିଲାରେ ୩୨୪ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ଖୋର୍ଦ୍ଧା ଅଫିସ,୧୭।୧**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ନାମାଙ୍କନ ଦାଖଲ କୋଭିଡ୍ ନିୟମ ଅନୁଯାୟୀ ସୋମବାର ଠାରୁ ଆରମ୍ଭ ହୋଇଛି। ୱାର୍ଡ ମେମ୍ବର ଏବଂ ସରପଞ୍ଚ ପ୍ରାର୍ଥୀ ପଞ୍ଚାୟତ କାର୍ଯ୍ୟାଳୟ, ସମିତି ସଭ୍ୟ ବ୍ଲକ ଅଫିସ ଏବଂ ଜିଲା ପରିଷଦ ସଭ୍ୟ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଖୋର୍ଦ୍ଧା ଜିଲାର ୧୯୦ ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ ମେମ୍ବର ଏବଂ ୩୦ ଜିଲା ପରିଷଦ ସଭ୍ୟ ପାଇଁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହୋଇଛି। ପ୍ରଥମ ଦିନରେ ୱାର୍ଡମେମ୍ବର ୨୭୮, ସରପଞ୍ଚ ୩୧, ସମିତି ସଭ୍ୟ ୧୫ ଓ ଜଣେ ଜିଲା ପରିଷଦ ସଭ୍ୟ ନାମାଙ୍କନ ଦାଖଲ କରିଥିବା ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ବୋଲଗଡ଼ ବ୍ଲକରେ ୱାର୍ଡମେମ୍ବର ୩୭, ସରପଞ୍ଚ ୩ ଏବଂ ଜଟଣୀ ବ୍ଲକ ୱାର୍ଡମେମ୍ବର ୨୧, ସରପଞ୍ଚ ୧, ସମିତିସଭ୍ୟ ୨, ବାଣପୁର ବ୍ଲକରେ

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

୨ଜଣ ୱାର୍ଡମେମ୍ବର ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ବେଗୁନିଆ ବ୍ଲକରେ ୩୭ଜଣ ୱାର୍ଡମେମ୍ବର, ୧୧ସରପଞ୍ଚ, ସମିତି ସଭ୍ୟ ୨ଜଣ ଦାଖଲ କରିଛନ୍ତି। ଭୁବନେଶ୍ୱର ବ୍ଲକରେ ୩୮ୱାର୍ଡମେମ୍ବର, ସରପଞ୍ଚ ୨ ଓ ସମିତି ସଭ୍ୟ ୪ ଏବଂ ଜିଲା ପରିଷଦ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଚିଲିକା ବ୍ଲକରୁ ୱାର୍ଡମେମ୍ବର ୭ ଓ ସରପଞ୍ଚ ପାଇଁ ୨ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ବାଲିଅନ୍ତା ୱାର୍ଡମେମ୍ବର ୩୨, ସରପଞ୍ଚ ପଦବୀ ପାଇଁ ଜଣେ ଦାଖଲ କରିଛନ୍ତି। ଖୋର୍ଦ୍ଧା ବ୍ଲକରେ ୱାର୍ଡମେମ୍ବର ୩୦, ସରପଞ୍ଚ ୨ ଏବଂ ସମିତି ସଭ୍ୟରେ ଜଣେ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ବାଲିପାଟଣା ବ୍ଲକରେ ୱାର୍ଡମେମ୍ବର ୨୮, ସରପଞ୍ଚ ୨, ସମିତି ସଭ୍ୟରେ ଜଣେ ନାମାଙ୍କନ ଦାଖଲ କରିଛନ୍ତି। ଟାଙ୍ଗୀ ବ୍ଲକରେ ୱାର୍ଡମେମ୍ବର ୪୬, ସରପଞ୍ଚ ୩ ଏବଂ ସମିତି ସଭ୍ୟ ୪ଜଣ ନାମାଙ୍କନ ଦାଖଲ କରିଛନ୍ତି। ଏନଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଛନ୍ତି, ସୋମବାରଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୧ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବେ। ୨୨ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ କରାଯିବ। ୨୫ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବ। ଉକ୍ତଦିନ ଚୂଡ଼ାନ୍ତ ପ୍ରାର୍ଥିପତ୍ର ତାଲିକା ପ୍ରକାଶ ପାଇବ। କୋଭିଡ୍ କଟକଣା ଯୋଗୁ ନାମାଙ୍କନ ଦାଖଲ ବେଳେ ପ୍ରାର୍ଥୀଙ୍କ ସହ ଜଣେ ସମର୍ଥକ ତଥା ପ୍ରସ୍ତାବକ ରହିପାରିବେ।

# ୨୬ରେ ରିଲିଜ୍ ହେବ 'ବୈକୁଣ୍ଠପୁରମ'ର ହିନ୍ଦୀ ଭର୍ସନ



ଅଲ୍ଲୁ ଅର୍ଜୁନ

**ମୁମ୍ବାଇ:** ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ଫିଲ୍ମକୁ ନେଇ ଚର୍ଚ୍ଚାରେ ରୁହନ୍ତି। ନିକଟରେ ତାଙ୍କର ବହୁପ୍ରତୀକ୍ଷିତ ଫିଲ୍ମ 'ପୁଷ୍ପା'କୁ ନେଇ ଦର୍ଶକଙ୍କ ମଧ୍ୟରେ କ୍ରେଜ ରହିଛି। ତେବେ ଅଲ୍ଲୁଙ୍କ ଆଉ ଏକ ସୁପରହିଟ ତେଲୁଗୁ ଫିଲ୍ମ 'ବୈକୁଣ୍ଠପୁରମ'ର ହିନ୍ଦୀ ଭର୍ସନ ଜାନୁୟାରୀ ୨୬ରେ ପ୍ରେକ୍ଷାଳୟରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମକୁ ତ୍ରିବିକ୍ରମ ଶ୍ରୀନିବାସ ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମ 'ବୈକୁଣ୍ଠପୁରମ'୨୦୨୦ରେ ସୁପରହିଟ ହୋଇଥିଲା। ବର୍ତ୍ତମାନ ନେଟଫ୍ଲିକ୍ସରେ ଷ୍ଟ୍ରିମିଂ ହେଉଥିବା ଏହି ଫିଲ୍ମଟି ସର୍ବାଧିକ ଆୟ କରିଥିବା ଫିଲ୍ମ ମଧ୍ୟରୁ ଅନ୍ୟତମ। ତେବେ ଅଲ୍ଲୁଙ୍କ ନୂଆ ଫିଲ୍ମ ପୁଷ୍ପା ସୁପରହିଟ ହେବା ପରେ ନିର୍ମାତା ଫିଲ୍ମ 'ବୈକୁଣ୍ଠପୁରମ' କୁ ହିନ୍ଦୀ ଭର୍ସନରେ ରିଲିଜ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଦୁର୍ଦ୍ଦିନରେ...

ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୨୦୨୧ ମାର୍ଚ୍ଚ ସୁଦ୍ଧା ୩୮,୮୯୧.୩୭ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୬୦,୦୦୧.୨୭ କୋଟି ଟଙ୍କା ଋଣ ସହାୟତା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିବା ନିକଟରେ ହୋଇଥିବା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ସୂଚନା ଦିଆଯାଇଥିଲା। ଯଦିଓ ଋଣ ପରିମାଣ ପ୍ରତ୍ୟେକ ବର୍ଷ ବୃଦ୍ଧି ପାଉଛି ତେବେ ଯେଉଁ କ୍ଷୁଦ୍ରଶିଳ୍ପ ଆବଶ୍ୟକ କରୁଛନ୍ତି ତାହା ସେମାନଙ୍କୁ ମିଳୁନାହିଁ। ସରକାର ଏ ଦିଗରେ ଦୃଷ୍ଟି ଦେଲେ ବୁଡ଼ିଯାଉଥିବା କ୍ଷୁଦ୍ରଶିଳ୍ପକୁ ବଞ୍ଚାଯାଇପାରନ୍ତା ବୋଲି ଓଏଏସ୍‌ଏମ୍‌ଇ ମହାସଚିବ ସ୍ୱାଇଁ କହିଛନ୍ତି।

### ସରପଞ୍ଚ ପଦ...

ପରେ ସୋମବାର ସରପଞ୍ଚ ଘୋଷିତ ପ୍ରାର୍ଥୀ ଏକ ଗଣମାଧ୍ୟମରେ ମତ ରଖି ୪୪ଲକ୍ଷ ନୁହେଁ, ୪୪ହଜାର ଟଙ୍କା ଦେବାକୁ ପୂଜା କମିଟି ପକ୍ଷରୁ କୁହାଯାଇଥିଲା ଓ ସେ ରାଜି ହୋଇଥିବା କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚାରିବାରୁ ଉକ୍ତ ଘଟଣାର ତଦନ୍ତ କରିବା ପାଇଁ ଅତିରିକ୍ତ ଜିଲାପାଳଙ୍କ ତତ୍ତ୍ୱାବଧାନରେ ପୁଇଁତଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

ଏବେ ଗୋଟିଏ କଥା ଲକ୍ଷ୍ୟ କରଯାଉଛି ଯେ, ଅନେକେ ସରପଞ୍ଚ ହେବାକୁ ବ୍ୟାକୁଳ। କାରଣ ବାର୍ଷିକ ୫୦ ଲକ୍ଷରୁ ୨ କୋଟି ଟଙ୍କା ପଞ୍ଚାୟତ ଜରିଆରେ ବିଭିନ୍ନ ଉନ୍ନୟନମୂଳକ କାମରେ ଖର୍ଚ୍ଚ ହେଉଛି। ଏହାସହ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜନାରେ ହିତାଧିକାରୀ ଚୟନରେ ପଞ୍ଚାୟତ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏଥିପାଇଁ ସରପଞ୍ଚ ଆଶାୟୀମାନେ ଯେକୌଣସି ଉପାୟରେ ବିଜୟୀ ହେବାକୁ ତତ୍ପର ହୋଇଉଠିଛନ୍ତି। ଫଳରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେବା ସାଙ୍ଗକୁ ନାନା ଆଲୋଡନ ସୃଷ୍ଟି ହେବ ବୋଲି ଯାହା ଆଲୋଚନା ହେଉଥିଲା ତାହା ଏବେ ବଲାଙ୍ଗୀର ଜିଲାର ଏହି ଘଟଣାରୁ ସ୍ପଷ୍ଟ ହୋଇଛି।

### ୨୧ରେ ବର୍ଷା...

ବେଳେ ଝାରସୁଗୁଡ଼ା ୧୧.୮, ବାରିପଦା ୧୨, ଚାନ୍ଦବାଲି ୧୨.୨ ଏବଂ ବାଲେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୨.୪ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୦ ତାରିଖରୁ ଶୀତର ପ୍ରକୋପ ହ୍ରାସ ପାଇବ। ୨୧ରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହ କୁଆପଥର ବର୍ଷା ହେବା ସମ୍ଭାବନା ରହିଛି। ୨୩ ତାରିଖରେ ଉପକୂଳ ଓଡ଼ିଶାରେ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

### ୫ କେଜି ସୁନା...

ହୋଇଛି। ଏ ନେଇ ନଂ. ୯/୨୨ରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସନ୍ଦେହରେ ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ଅଟକ ରଖାଯାଇଥିବାବେଳେ ତାଙ୍କୁ ଛାଡ଼ି ଦିଆଯାଇଛି। ସେହିପରି ଜଣେ ପୋଲିସ କର୍ମଚାରୀଙ୍କ ପୁଅଙ୍କ ଏଥିରେ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଥିବାବେଳେ ଏ ନେଇ ପୋଲିସ କୌଣସି ସ୍ପଷ୍ଟ ତଥ୍ୟ ଦେଇନାହିଁ। ଅତିରିକ୍ତ ଏସ୍‌ପି ଶିଶୁରଞ୍ଜନ ମହାପାତ୍ର, ଏସ୍‌ଡିପିଓ ମଳୟ ନାୟକ, ଆଇଆଇସି ବିଜୟ ହାଇବ୍ରୁ, ଏସ୍‌ଆଇ ଟି.ଏ. ଖାନ୍, ଏଏସ୍‌ଆଇ ରମେଶ ସ୍ୱାଇଁ, କାଳିନ୍ଦୀ ରାଉତ, ଦିଲୀପ ସାହୁ ପ୍ରମୁଖଙ୍କ ଉଦ୍ୟମରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏସ୍‌ପି କହିଛନ୍ତି।

**ଜେଲ୍‌ଫେରନ୍ତା ମାଷ୍ଟରମାଇଣ୍ଡ**

ବ୍ୟାଙ୍କ ଡକାୟତି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ରାସୋଳ ନୂଆପାଟଣା ଅଞ୍ଚଳର ବିକାଶ ନାୟକ ଜଣେ ଜେଲ ଫେରନ୍ତା। ଛୋଟବଡ଼ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ବିକାଶ ରାସୋଳ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ବଡ଼ଧରଣର ଡକାୟତି କରିବା ଲାଗି ଯୋଜନା କରିଥିଲେ। ଏଥିରେ ଅନୁଗୋଳର କାଳିଆ, ଚିନୁ ଏବଂ ଗୁଡୁଙ୍କ ସହଯୋଗ ଲୋଡ଼ିଥିଲେ। ଘଟଣା ଦିନ ଅର୍ଥାତ୍ ଗତ ୧୨ ତାରିଖ ସକାଳେ ଏକ ସ୍କୁଟି (ନଂ. ଓଡ଼ି ୩୫ ବି ୮୪୦୬)ରେ ଗୁଡୁ, ଚିନୁ, କାଳିଆ ଅନୁଗୋଳରୁ ଆସି ରାସୋଳରେ ପହଞ୍ଚିଥିଲେ। ଅନ୍ୟ ଏକ ବାଇକ୍ (ନଂ. ଓଡ଼ି ୧୯ ଟି ୧୧୪୪)ରେ ବିକାଶ, ସମୀର, ଠେଙ୍ଗୁ ପହଞ୍ଚିଥିଲେ। ବ୍ୟାଙ୍କ ନିକଟରେ ଗହଳି ଏଡ଼ାଇବାକୁ ପୂର୍ବ ଯୋଜନା ଅନୁଯାୟୀ ଅଜିତ୍ ସେହିଦିନ ଚା' ଦୋକାନ ଖୋଲି ନ ଥିଲେ। ଝିପିଝିପି ବର୍ଷା ହେଉଥିବାରୁ ଅପରାହ୍ନରେ ବ୍ୟାଙ୍କରେ କେହି ଗ୍ରାହକ ନ ଥିଲେ। ଏହାର ସୁଯୋଗରେ ସମୀର, ଠେଙ୍ଗୁ, ଚିନୁ ଏବଂ କାଳିଆ ବ୍ୟାଙ୍କ ଭିତରେ ପଶି ମ୍ୟାନେଜର ମୋନିକା ଓରାମ୍, କ୍ୟାଶିୟର ରୋଶନ କୁମାରଙ୍କ ସମେତ ଅନ୍ୟ ୨କର୍ମଚାରୀଙ୍କୁ ମାଡ଼ ମାରି ଲୁଟ୍ ଟଙ୍କା, ସୁନା ଭର୍ତ୍ତି କରି ଚମ୍ପଟ ମାରିଥିଲେ।

**କଟକରେ ଅଳଙ୍କାର ବିକ୍ରି ଯୋଜନା**

ବ୍ୟାଙ୍କରୁ ଲୁଟ୍ ସୁନା କଟକରେ ବିକ୍ରି କରିବାକୁ ଯୋଜନା କରିଥିଲେ ଡକାୟତି ଗ୍ୟାଙ୍ଗ୍। ତଦନୁଯାୟୀ ବିକାଶ, କାଳିଆ, ଗୁଡୁ ବାଇକ୍ (ନଂ. ଓଡ଼ି ୧୯ ଟି ୧୧୪୪)ରେ ରାସୋଳ ବଜାରରୁ ହିନ୍ଦୋଳ ରୋଡ୍ ୫୩ନଂ. ଏନ୍‌ଏଚ୍‌ରେ ପହଞ୍ଚିଥିଲେ। ସମୀରଙ୍କ ନିର୍ଦ୍ଦେଶରେ ସିପୁନ୍ ଏବଂ ଗୌରୀଶଙ୍କର ଢେଙ୍କାନାଳରୁ ଏକ ଭଡ଼ା ଟ୍ୟାକ୍ସି ଯୋଗାଡ଼ କରି ବାଇପାସ୍‌ରେ ଅପେକ୍ଷା କରିଥିଲେ। କାଳିଆ, ବିକାଶ, ଗୁଡୁ, ସିପୁନ୍ ଗାଡ଼ିରେ ବସିଥିଲେ ଏବଂ ଗୌରୀଶଙ୍କର ବାଇକ୍‌ରେ ପାଇଲଟିଂ କରିଥିଲେ। ତେବେ ଅଭିଯୁକ୍ତଙ୍କ ହାବଭାବ, କଥାବାର୍ତ୍ତାରୁ ଡ୍ରାଇଭରଙ୍କ ସନ୍ଦେହ ଉପୁଜିଥିଲା। ଫଳରେ ସେ ବାହାନା କରି ଗୋବିନ୍ଦପୁରଠାରେ ଗାଡ଼ି ଅଟକାଇଥିଲେ। ଏକ ପାନଦୋକାନରେ ଅଭିଯୁକ୍ତଙ୍କ ସମ୍ପର୍କରେ ଖୋଳତାଡ଼ କରିବା ବେଳେ ସେଠାରେ ଉପସ୍ଥିତ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ବବିତା ଦେହୁରୀ ଏବଂ ଅନ୍ୟ ଜଣେ ଏସ୍‌ଆଇ ଟ୍ୟାକ୍ସି ପାଖରେ ପହଞ୍ଚି ସିପୁନ୍‌ଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ।

# ଟାଙ୍ଗୀ ପଞ୍ଚାୟତ: ରମେଶ ଭାଜପା ସରପଞ୍ଚ ପ୍ରାର୍ଥୀ

**ଟାଙ୍ଗୀ(ଖୋର୍ଦ୍ଧା),୧୭।୧(ଡି.ଏନ୍.ଏ.)**

ଟାଙ୍ଗୀ ପଞ୍ଚାୟତ ସରପଞ୍ଚ ପ୍ରାର୍ଥୀ ଚୟନ ନେଇ ଭାଜପା ପକ୍ଷରୁ ସୋମବାର ବିଲ୍ୱ ବାଲୁଙ୍କେଶ୍ୱର ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ତେବେ ପ୍ରାର୍ଥୀ ଚୟନ ପୂର୍ବରୁ ପଞ୍ଚାୟତର ୩୦ଜଣ ବିଜେଡି କର୍ମୀ ଭାଜପାରେ ସାମିଲ ହୋଇଥିଲେ। ଆଇନଜୀବୀ ଭାସ୍କର ପ୍ରସାଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ପରିଷଦ ସଭ୍ୟ ରଘୁନାଥ ସାହୁ, ଜିଲା ସମ୍ପାଦକ ଗଙ୍ଗାଧର ବେହେରା, ପୂର୍ଣ୍ଣଚନ୍ଦ୍ର ଦାସ, ଭଗବାନ ପାଇକରାୟ, ରାମଚନ୍ଦ୍ର ପରିଡ଼ା ପ୍ରମୁଖ ନୂତନ ଭାବେ ଯୋଗଦେଇଥିବା କର୍ମୀଙ୍କୁ ସ୍ୱାଗତ କରିଥିଲେ। ଦଳ ପକ୍ଷରୁ ଟାଙ୍ଗୀ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଭାବେ ରମେଶ ବେହେରାଙ୍କୁ ମନୋନୀତ କରାଯାଇଛି। ଭାଜପାରେ ନୂତନ କରି ଯୋଗ ଦେଇଥିବା ନେତା ଓ କର୍ମୀମାନେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ଶପଥ ନେଇଥିଲେ।

# ଜରାନିବାସୀଙ୍କୁ ରାଶନ ସାମଗ୍ରୀ ବଣ୍ଟନ

**ବାଲୁଗାଁ,୧୭।୧(ଡି.ଏନ୍.ଏ.)**

ବାଲୁଗାଁ-ବାଣପୁର ରୋଟାରୀ କ୍ଲବ୍ ପକ୍ଷରୁ ସୋମବାର ବାଣପୁର ଉପକାରାଗାର ନିକଟ ଜରାନିବାସରେ ଅସହାୟ ବୃଦ୍ଧାବୃଦ୍ଧଙ୍କୁ ରାଶନ ସାମଗ୍ରୀ ବଣ୍ଟନ କରାଯାଇଛି। ଗତ ଦୁଇବର୍ଷ ଧରି ଉକ୍ତ ଜରାନିବାସରେ ରୋଟାରୀ କ୍ଲବ୍ ପକ୍ଷରୁ ଏହି କାର୍ଯ୍ୟ ଜାରି ରହିଛି । ପୂର୍ବରୁ ପରିବା ଓ ବିଭିନ୍ନ ପ୍ରକାର ଆସବାବପତ୍ର ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଅସହାୟ ବୃଦ୍ଧାବୃଦ୍ଧଙ୍କ ନିମନ୍ତେ ଜରାନିବାସରେ ଆବଶ୍ୟକ ଥିବା ଉନ୍ନୟନମୂଳକ କାର୍ଯ୍ୟ କରାଯିବ ବୋଲି କ୍ଲବର ସଭାପତି ରୋଟାରିଆନ୍ ଗୋପାଳ ଚନ୍ଦ୍ର ନାୟକ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ବିଜୟ କୁମାର ନନ୍ଦ, ପ୍ରବୀଣ କୁମାର ଜେନା, ଧୀରେନ୍ଦ୍ରନାଥ ପାତ୍ର, ରବିନାରାୟଣ ନାୟକ, ସମ୍ପାଦକ ସଚ୍ଚିଦାନନ୍ଦ ସେଠୀଙ୍କ ସମେତ କ୍ଲବ୍‌ର ଅନ୍ୟ ସଭ୍ୟମାନେ ଉପସ୍ଥିତ ଥିଲେ ।




ଜଗତ୍‌ସିଂହପୁର ଜିଲା ଢିଙ୍କିଆରୁ ପୋଲିସ ପ୍ରତ୍ୟାହାର ଦାବିରେ ସୋମବାର ସିପିଆଇ ପକ୍ଷରୁ ଭୁବନେଶ୍ୱର ରାଜମହଲ ଛକରେ ବିକ୍ଷୋଭ ପ୍ରଦର୍ଶନ।

# ଯୁବ ଭୋଟରଙ୍କ ଉପରେ ନଜର

**ଖୋର୍ଦ୍ଧା ଅଫିସ,୧୭।୧**

ପଞ୍ଚାୟତ ନିର୍ବାଚନ ପାଇଁ ସବୁ ଦଳ ମଧ୍ୟରେ ଉତ୍କଣ୍ଠା ଦେଖିବାକୁ ମିଳିଛି। ତିନି ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ମଧ୍ୟରେ ପ୍ରାର୍ଥୀ ଚୟନକୁ ନେଇ ଛକାପଞ୍ଝା ଲାଗି ରହିଛି। ଏହାରି ମଧ୍ୟରେ ପ୍ରଥମ ଦିନରେ ୱାର୍ଡମେମ୍ବର, ସରପଞ୍ଚ, ସମିତି ସଭ୍ୟ ଏବଂ ଜିଲା ପରିଷଦ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି।

ଚଳିତ ପଞ୍ଚାୟତ ନିର୍ବାଚନରେ ପ୍ରାର୍ଥୀମାନେ ସତ୍ୟପାଠ ମଧ୍ୟ ଦାଖଲ କରିବେ। ସତ୍ୟପାଠ ଭୁଲ ପ୍ରମାଣିତ ହେଲେ ଦଣ୍ଡିତ କରାଯିବା ବ୍ୟବସ୍ଥା ରହିଛି। ଫଳରେ ପ୍ରାର୍ଥୀମାନେ ଏବେ ଡକ୍ୟୁମେଣ୍ଟ ପ୍ରସ୍ତୁତିରେ ଲାଗି ପଡିଛନ୍ତି। ସେପଟେ କୋଭିଡ୍ କଟକଣା ଯୋଗୁ ଡିଜିଟାଲ ମାଧ୍ୟମରେ ପ୍ରଚାରକୁ ଜୋରଦାର କରିବାକୁ ଆଶାୟୀ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତିରେ

**ଡିଜିଟାଲ ସାଜିବ ପ୍ରଚାରର ମାଧ୍ୟମ**

ଲାଗି ପଡିଛନ୍ତି। ସୋସିଆଲ ମିଡିଆରେ କିପରି ଲୋକଙ୍କୁ ନିଜ ସପକ୍ଷରେ ଆକୃଷ୍ଟ କରିପାରିବେ, ତାକୁ ନେଇ ବିଶେଷ ଗୁରୁତ୍ୱ ଦିଆଯାଉଛି। କଟକଣା ଯୋଗୁ ଆଶାୟୀଙ୍କୁ ମିଶାଇ ୫ଜଣ ଘରକୁ ଘର ବୁଲି ପ୍ରଚାର କରିପାରିବେ। ଫଳରେ ଆଶାୟୀ ଘର ଘର ବୁଲିବା ଆରମ୍ଭ କରିଛନ୍ତି। ଫେବୃୟାରୀ ୧୬ରୁ ୫ଟି ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ଫେବୃୟାରୀ ୧୬ରେ ଟାଙ୍ଗୀ ଏବଂ ବୋଲଗଡ଼ ବ୍ଲକରେ ମତଦାନ କରାଯିବ। ୧୮ରେ ବାଣପୁର ଓ ବେଗୁନିଆ ବ୍ଲକ, ୨୦ରେ ଖୋର୍ଦ୍ଧା ବ୍ଲକରେ ଅନୁଷ୍ଠିତ ହେବ। ଚତୁର୍ଥ ପର୍ଯ୍ୟାୟ ୨୨ରେ ବାଲିପାଟଣା ଓ ଭୁବନେଶ୍ୱର ବ୍ଲକ ଏବଂ ଅନ୍ତିମ ପଞ୍ଚମ ପର୍ଯ୍ୟାୟ ବାଲିଅନ୍ତା ଏବଂ ଜଟଣୀ ବ୍ଲକରେ ଅନୁଷ୍ଠିତ ହେବ। ଜିଲାର ୩୦ ଜିଲା ପରିଷଦ, ୧୯୦ ସରପଞ୍ଚ ଓ ସମିତି ସଭ୍ୟ, ଏବଂ ୨୭୧୧ ୱାର୍ଡମେମ୍ବର ପ୍ରାର୍ଥୀଙ୍କ ମତଦାନ ହେବ। ୱାର୍ଡମେମ୍ବର ଏବଂ ସରପଞ୍ଚ ପ୍ରାର୍ଥୀ କୌଣସି ଦଳୀୟ ଚିହ୍ନ ବ୍ୟବହାର କରିପାରିବେ ନାହିଁ। ଜିଲା ପରିଷଦ ପ୍ରାର୍ଥୀ ଦଳୀୟ ଚିହ୍ନରେ ଲଢିବେ। ୨୦୧୭ ନିର୍ବାଚନରେ ୯ଲକ୍ଷ ୬୧ହଜାର ୪୬୦ଜଣ ଭୋଟର ରହିଥିବା ବେଳେ ୨୦୨୨ରେ ୧୦ଲକ୍ଷ ୩୦,୬୦୯ଜଣ ମତଦାତା ନିଜ ମତଦାନ ସାବ୍ୟସ୍ତ କରିବେ। ସେଥିରୁ ଚଳିତବର୍ଷ ୬୯ହଜାର ୧୯୦ଜଣ ନୂତନ ଯୁବ ଭୋଟର ରହିଛନ୍ତି। ଫଳରେ ଯୁବ ଭୋଟରଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଏମାନଙ୍କୁ ମନାଇବା ପାଇଁ ସବୁ ବର୍ଗ ପ୍ରାର୍ଥୀଙ୍କ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ବିଭିନ୍ନ ଅଞ୍ଚଳରେ ଯୁବକ ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଦଳୀୟ ନେତା, କର୍ମୀ ଏବଂ ଆଶାୟୀଙ୍କୁ ଦେଖିବାକୁ ମିଳୁଛି।

# ଏମ୍ସର ୩ଶହରୁ ଊର୍ଦ୍ଧ୍ୱ କର୍ମଚାରୀ ସଂକ୍ରମିତ

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**

ଭୁବନେଶ୍ୱର ଏମ୍ସର ୩ଶହରୁ ଅଧିକ କର୍ମଚାରୀ କରୋନାରେ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରେ ଡାକ୍ତର, ନର୍ସ ଓ ପାରା ମେଡିକାଲ ଷ୍ଟାଫ୍ ଅଛନ୍ତି। ଜାନୁୟାରୀ ୧ରୁ ଏହି ଆକ୍ରାନ୍ତମାନେ ଚିହ୍ନଟ ହୋଇଥିବା ଏମ୍ସ ପକ୍ଷରୁ ସୂଚନା ଦିଆଯାଇଛି। ମିଳିଥିବା ସୂଚନାନୁସାରେ, ୭୦ରୁ ଅଧିକ ଡାକ୍ତର କରୋନା ପଜିଟିଭ୍ ଚିହ୍ନଟ ହୋଇଥିବାବେଳେ ୬୦ ନର୍ସିଂ କର୍ମଚାରୀ ଓ ୯୦ରୁ ଅଧିକ ଅନ୍ୟ କର୍ମଚାରୀ ସଂକ୍ରମିତ ହୋଇଛନ୍ତି। ସେହିଭଳି ୨୦ଜଣ ଡାକ୍ତରୀ ଛାତ୍ରୀଛାତ୍ର ମଧ୍ୟ ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସମସ୍ତ ଆକ୍ରାନ୍ତ ଆଇସୋଲେଶନରେ ଥିବା ବେଳେ ପ୍ରାୟ ୧୦୦ଜଣ ସୁସ୍ଥ ହୋଇ କାର୍ଯ୍ୟକୁ ଫେରିଥିବା ଏମ୍ସର ଅତିରିକ୍ତ ଅଧୀକ୍ଷକ ଡା. ପ୍ରଭାସ ରଞ୍ଜନ ତ୍ରିପାଠୀ କହିଛନ୍ତି। ସେପଟେ ସୋମବାରଠାରୁ ଏମ୍ସ ଓପିଡି ବନ୍ଦ ହୋଇଛି। ଓପିଡି ବନ୍ଦ ନେଇ ଦୁଇଦିନ ପୂର୍ବରୁ ଭୁବନେଶ୍ୱର ଏମ୍ସ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। ୱାକ୍ ଇନ୍ ଓପିଡି ବନ୍ଦ ରହିଥିବାବେଳେ ଅନ୍‌ଲାଇନ୍‌ରେ ଯେଉଁମାନେ ପଞ୍ଜୀକରଣ କରିଥିବେ, ସେମାନେ ହସ୍ପିଟାଲ ଆସିପାରିବେ। ସେହିପରି କିଛି ଜରୁରିକାଳୀନ ସେବା ଚାଲୁ ରହିବ ବୋଲି କର୍ତ୍ତୃପକ୍ଷ ଜଣାଇଛନ୍ତି।

# ଓଡ଼ିଆ ପର୍ବତାରୋହୀ ସିଦ୍ଧାର୍ଥଙ୍କ ସଫଳତା

**ଜଟଣୀ,୧୭।୧(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ଛଣଘର କୁଶୁମାଟି ଗ୍ରାମର ସିଦ୍ଧାର୍ଥ ରାଉତରାୟଙ୍କୁ ପର୍ବତାରୋହଣରେ ସଫଳତା ମିଳିଛି। ଗତ ୧୩ ତାରିଖରେ ସିଦ୍ଧାର୍ଥ ଦକ୍ଷିଣ ଆମେରିକାର ଉଚ୍ଚତମ ପର୍ବତ ଶୃଙ୍ଗ ମାଉଣ୍ଟ ଆକୋନକାଗୁଆର ଶିଖରରେ ପହଞ୍ଚିଥିବା ସେ ତାଙ୍କ ଫେସବୁକ୍ ଆକାଉଣ୍ଟରେ ପୋଷ୍ଟକରି ସୂଚନା ଦେଇଛନ୍ତି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ଗ୍ରାମ ଏବଂ ଜଟଣୀ ସହରର ବିଭିନ୍ନ ମହଲରେ ଖୁସିର ବାତାବରଣ ଖେଳିଯାଇଛି। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ବଡ଼ପୁଅ ପୂର୍ବରୁ ସିଦ୍ଧାର୍ଥ ୨୦୧୬ରେ ଓଡ଼ିଶାର ପ୍ରଥମ ଲୌହମାନବ ସମ୍ମାନରେ ସମ୍ମାନିତ ହୋଇଥିଲେ। ଏଥିସହ କାଲିଫର୍ନିଆରେ ଆୟୋଜିତ ଆଥ୍‌ଲେଟିକ୍ ପ୍ରତିଯୋଗିତା(ଟ୍ରାଇଥଲନ)ର ସନ୍ତରଣ ବିଭାଗରେ ୨.୪ମାଇଲ ଏବଂ ସାଇକେଲ ଚାଳନାରେ ୧୧୨ ମାଇଲ ସହିତ ୨୬.୨୨ ମାଇଲ ମାରାଥନ ଆଦି ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସଫଳତା ପାଇଥିବା କହିଛନ୍ତି। ବର୍ତ୍ତମାନ ସେ ଆମେରିକାର ସାକ୍ରାମେଣ୍ଟୋରେ ରହୁଥିବା ବେଳେ କାଲିଫର୍ନିଆସ୍ଥିତ ଏକ କମ୍ପାନୀର ପରିଚାଳକ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି।

# ଖବରଦାତାଙ୍କ ପିତୃ ବିୟୋଗ

**ବାଲୁଗାଁ,୧୭।୧(ଡି.ଏନ୍.ଏ.)**

ବାଲୁଗାଁ ଅଞ୍ଚଳର ଖବରଦାତା ଶିବଶଙ୍କର ପଣ୍ଡାଙ୍କ ବାପା ବୈଦ୍ୟନାଥ ପଣ୍ଡା(୭୮)ଙ୍କ ରବିବାର ସୂର୍ଯ୍ୟନଗର ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ବହୁ ମାନ୍ୟଗଣ ବ୍ୟକ୍ତିଙ୍କ ସମେତ ରାଜନୈତିକ ବ୍ୟକ୍ତ, ବନ୍ଧୁବାନ୍ଧବ ତାଙ୍କ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ବୈଦ୍ୟନାଥ ସାମାଜିକ କର୍ମୀଭାବେ ଅଞ୍ଚଳରେ ପରିଚିତ ଥିଲେ। ବାଲୁଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ବଡ଼ପୁଅ ସିଦ୍ଧାର୍ଥ ଶଙ୍କର ମୁଖାଗ୍ନି ଦେଇଥିଲେ।

# ମେସେଜ ଆସିଲା, ଧାନ ଉଠିଲା ନାହିଁ

**ଖୋର୍ଦ୍ଧା ଅଫିସ/ନିରାକାରପୁର/ବୋଲଗଡ଼, ୧୭।୧ (ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲାରେ ଧାନମଣ୍ଡି ଖୋଲିବାରେ ବିଳମ୍ବ ଘଟୁଥିବାରୁ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ନିର୍ଦ୍ଧାରିତ ତାରିଖରେ ଧାନ ବିକ୍ରି ଲାଗି ମୋବାଇଲ ଫୋନ୍‌କୁ ମେସେଜ ଆସୁଥିବା ବେଳେ ଉକ୍ତ ତାରିଖରେ ଧାନ କିଣାଯାଉନାହିଁ। ଫଳରେ ଚାଷୀ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏହାର ପ୍ରତିବାଦରେ ସୋମବାର ଖୋର୍ଦ୍ଧା ବ୍ଲକ କୁରାଡ଼ମଲ୍ଲ ପଞ୍ଚାୟତ କାର୍ଯ୍ୟାଳୟ ଆଗରେ ତୋଟାପଡ଼ା ସେବା ସମବାୟ ସମିତି(ପାକ୍ସ)ରେ ପଞ୍ଜୀକୃତ ଚାଷୀ ଧାରଣା ଦେଇଥିଲେ। ପୂର୍ବରୁ ଏନେଇ ଚାଷୀ ଜିଲାପାଳ ଏବଂ ଜିଲା ଯୋଗାଣ ବିଭାଗର ଦୃଷ୍ଟି ଆକର୍ଷଣ କରିଥିଲେ। ସୋମବାର ଧାନ କିଣାଯିବା ନେଇ କେତେଜଣ ଚାଷୀଙ୍କୁ ମେସେଜ ଆସିଥିଲା। ସେହି ଅନୁସାରେ ଚାଷୀ ଧାନ ଧରି ପହଞ୍ଚିଥିଲେ ମଧ୍ୟ ସମିତି ପକ୍ଷରୁ କିଣାଗଲା ନାହିଁ।

ସୂଚନାଥାଉ କି, ୧୩୯ଟି ପ୍ରାଥମିକ ସେବା ସମବାୟ ସମିତିରେ ୪୬ ହଜାରରୁ ଊର୍ଦ୍ଧ୍ୱ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ୧୫ଲକ୍ଷ କୁଇଣ୍ଟାଲ ଧାନ କିଣାଯିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ରହିଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ୧୨ଲକ୍ଷ ଟାର୍ଗେଟ ମିଳିଥିବା ଜିଲା ଯୋଗାଣ ଅଧିକାରୀ ସୁଗୁତା ମୁର୍ମୁ ସୂଚନା ଦେଇଛନ୍ତି। ବର୍ତ୍ତମାନ ସୁଦ୍ଧା ୬ଜଣ ମିଲର୍ସ ପଞ୍ଜୀକୃତ ଅଛନ୍ତି। ପୁଣି ଏଫ୍‌ଏକ୍ୟୁ ମାନର ନ ଥିଲେ ଧାନ ଉଠିପାରିବ ନାହିଁ ବୋଲି ସରକାରୀ ନିର୍ଦ୍ଦେଶନାମା ରହିଛି। ଫଳରେ ଧାନର ଗୁଣାତ୍ମକ ମାନ ନ ଥିଲେ ଧାନ କ୍ରୟ କରାଯିବ ନାହିଁ ମିଲର୍ସମାନେ କରିଛନ୍ତି। ତୁରନ୍ତ ମଣ୍ଡି ସ୍ୱାଭାବିକ ନ ହେଲେ ଚାଷୀ ସଙ୍ଗଠନ ରାଜରାସ୍ତାକୁ ଓହ୍ଲାଇବାକୁ ବାଧହେବ ବୋଲି ଚେତାବନୀ ଦେଇଛି।



ମଣ୍ଡି ଖୋଲିବା ଦାବିରେ ଚାଷୀମାନେ ଧାନବସ୍ତା ରଖି ରାସ୍ତା ଅବରୋଧ କରିଛନ୍ତି।

## ଏଫ୍‌ଏକ୍ୟୁ ମାନର ନୁହଁ, ଚାଷୀଙ୍କୁ ଫେରାଇଲେ

ଚିଲିକା ଏବଂ ବାଣପୁର ବ୍ଲକରେ ସୋମବାର ଧାନମଣ୍ଡି ଖୋଲିଛି। ତେବେ ଧାନ ଏଫ୍‌ଏକ୍ୟୁ ମାନର ହୋଇ ନ ଥିବାରୁ ମିଲର୍ସ ଧାନ ଉଠାଇ ନ ଥିଲେ। ଏନେଇ ଚାଷୀଙ୍କ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସୂଚନା ମୁତାବକ, ଚିଲିକା ବ୍ଲକର କୁଲେଇ ଏବଂ ବାଣପୁର ବ୍ଲକର ନିମିଖେତା ପାକ୍ସରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଥିଲା। କୁଲେଇ ପାକ୍ସକୁ ପ୍ରଥମ ପର୍ଯ୍ୟାୟରେ ୧୭ଜଣ ଚାଷୀ ଧାନ ଆଣିଥିଲେ। ୫ଜଣଙ୍କ ଧାନ ପରୀକ୍ଷା କରାଯାଇଥିଲା। କାହାରି ଧାନ ଏଫ୍‌ଏକ୍ୟୁ ମାନର ନ ଥିଲା। ଫଳରେ ଚାଷୀଙ୍କୁ ନିରାଶ ହେବାକୁ ପଡିଛି। ସେହିପରି ନିମିଖେତାରେ ୫ଜଣଙ୍କ ମଧ୍ୟରୁ ଜଣେ ଚାଷୀଙ୍କ ଧାନ ଏଫ୍‌ଏକ୍ୟୁ ମାନର ରହିଥିଲା। ଅନ୍ୟ ଚାଷୀ ଫେରିଯାଇଥିଲେ।

## ଓଳସିଂହ ସମବାୟ ସମିତି କାର୍ଯ୍ୟାଳୟ ଘେରିଲେ

ମଣ୍ଡି ଖୋଲିବା ଦାବିରେ ସୋମବାର ଚାଷୀମାନେ ଟାଙ୍ଗୀ ବ୍ଲକ୍ ଓଳସିଂହ ସେବା ସମବାୟ ସମିତି କାର୍ଯ୍ୟାଳୟ ଘେରାଉ କରିବା ସହ ହୋହଲ୍ଲା କରିଥିଲେ। ପରେ ତୁରନ୍ତ ମଣ୍ଡି ଖୋଲିବା ଦାବିରେ ଜିଲାପାଳଙ୍କ ସମେତ ବିଭାଗୀୟ ଅଧିକାରୀଙ୍କ ନିକଟକୁ ଡାକ ଯୋଗେ ଏକ ଅଭିଯୋଗପତ୍ର ପ୍ରେରଣ କରାଯାଇଥିଲା। ଉକ୍ତ ସମିତି ଉପରେ ଓଳସିଂହ ଓ ଛଣଗିରି ପଞ୍ଚାୟତର ଚାଷୀ ନିର୍ଭର କରିଥାନ୍ତି। ଚଳିତବର୍ଷ ୪୦୫ ଚାଷୀ ନାମ ପଞ୍ଜୀକରଣ କରିବା ସହ ପ୍ରାୟ ୧୫ହଜାର କୁଇଣ୍ଟାଲ ଧାନ କ୍ରୟ ହେବାର ସମିତି ପକ୍ଷରୁ ଲକ୍ଷ୍ୟ ରହିଛି। ଏପର୍ଯ୍ୟନ୍ତ ମଣ୍ଡି ଖୋଲି ନ ଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମିତି ସମ୍ପାଦକ ରଘୁନାଥ ବସନ୍ତରାୟ କହିଛନ୍ତି, ମଣ୍ଡି କେବେ ଖୋଲିବ ପ୍ରଶାସନ ପକ୍ଷରୁ କୌଣସି ସୂଚନା ଦିଆଯାଇ ନାହିଁ। ଏ ନେଇ ଉଚ୍ଚ ଅଧିକାରୀଙ୍କୁ ଜଣାଇଛୁ ବୋଲି ସେ କହିଛନ୍ତି।

## ଚାଷୀଙ୍କ ରାସ୍ତାରୋକୋ

ଜିଲାରେ ଚାଷୀ ଧାନ ସରକାରଙ୍କୁ ନିର୍ଦ୍ଧାରିତ ମୂଲ୍ୟରେ ବିକ୍ରି କରିବାକୁ ଚାହିଁ ବସିଥିବା ବେଳେ ଏପର୍ଯ୍ୟନ୍ତ ମଣ୍ଡି ଖୋଲି ନାହିଁ। ଏହାର ପ୍ରତିବାଦରେ ସୋମବାର ବୋଲଗଡ଼ ବ୍ଲକ ଗେଡ଼ିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ସାଲତରା ସେବା ସମବାୟ ସମିତି ସମ୍ମୁଖରେ ଚାଷୀମାନ ଧାରଣା ଦେଇଥିଲେ। ଦୁଇଘଣ୍ଟା ଧରି ଧାରଣା ଦେବା ପରେ ପ୍ରଶାସନ ପକ୍ଷରୁ କୌଣସି କର୍ମଚାରୀ ନ ପହଞ୍ଚିବାରୁ ଉତ୍ତ୍ୟକ୍ତ ହୋଇ ଚାଷୀମାନେ ବାଘମାରୀ-କଣ୍ଟିଲୋ ୪୮ନଂ.ଜାତୀୟ ରାଜପଥରେ ଧାନ ବସ୍ତା ରଖି ପ୍ରତିବାଦ କରିଥିଲେ। ଫଳରେ ଉଭୟ ପାର୍ଶ୍ୱରେ ଯାତାୟାତ କରୁଥିବା ଯାନବାହନ ଅଟକି ରହିଥିଲା। ଅପରାହ୍ନ ୩ଟାରେ ବୋଲଗଡ଼ ତହସିଲଦାର ଓ ଜିଲା ଏଆରସିଏସ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଖୁବଶୀଘ୍ର ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଶାନ୍ତିଶୃଙ୍ଖଳା ପାଇଁ ବେଗୁନିଆ ଥାନା ଅଧିକାରୀ ଲକ୍ଷ୍ମୀ ପ୍ରସାଦ ଶତପଥୀଙ୍କ ନେତୃତ୍ୱରେ ୧ପ୍ଲାଟୁନ ଫୋର୍ସ ମୁତୟନ ହୋଇଥିଲେ।

### ବିଦ୍ୟାଳୟର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଶପଥ

କଣାସ,(ସ୍ୱ.ପ୍ର.)- କଣାସ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୭୩ ମସିହା ବ୍ୟାଚ୍‌ର ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉକ୍ତ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କସ୍ତୁରୀ ଚରଣ ଚମ୍ପତିଙ୍କ ଅଧ୍ୟକ୍ଷତାରେ ପୂର୍ବତନ ଗୁରୁ ମୃତ୍ୟୁଞ୍ଜୟ ବଡ଼ଜେନା, ଲକ୍ଷ୍ମୀଧର ପାଢ଼ୀ, ବିଭୂତି ଭୂଷଣ ପଟ୍ଟନାୟକ ଯୋଗ ଦେଇଥିଲେ। ଅତିଥି ରୂପେ ଡା. ମହେନ୍ଦ୍ର ପ୍ରଧାନ, ଗୋପାଳ ଚରଣ ସୁବୁଦ୍ଧି ପୁରାତନ ଛାତ୍ର ପରାକ୍ରିତ ବଡଜେନା, ଉଦୟଭୂଷଣ ସୁନ୍ଦରାୟ ଯୋଗଦେଇ ଅତିଥିଙ୍କ ପରିଚୟ ଦେଇଥିଲେ। ଉପସ୍ଥିତ ଥିବା ପୁରାତନ ଛାତ୍ରଛାତ୍ରୀମାନେ ବିଦ୍ୟାଳୟ ଉନ୍ନତି ପାଇଁ ସମସ୍ତଙ୍କ ସହଯୋଗ କାମନା ସହ ଶପଥ ନେଇଥିଲେ। କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମହେନ୍ଦ୍ର ରଣସିଂହ, ସୁକାନ୍ତ ପାଇକରାୟ ପରିଚାଳନା କରିଥିବା ବେଳେ ନରେନ୍ଦ୍ର ନାଥ ସୁନ୍ଦରାୟ ଧନ୍ୟବାଦ ଦେଇଥିଲେ।

# ସିଏମ୍‌ଓ ଓଡ଼ିଶା ପ୍ରୋଫାଇଲ ଫଟୋ ବଦଳିଲା



ଭୁବନେଶ୍ୱର,୧୭।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ପ୍ରୋଫାଇଲ ଫଟୋକୁ ପରିବର୍ତ୍ତନ କରାଯାଇଛି। ଉଭୟ ଫେସବୁକ୍ ଏବଂ ଟ୍ୱିଟରରେ ଥିବା ଫଟୋକୁ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଉଭୟ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ରହିଥିଲା। ବର୍ତ୍ତମାନ ନବୀନଙ୍କ ସ୍ଥାନରେ ଓଡ଼ିଶା ସରକାରଙ୍କ ଲୋଗୋ ରଖାଯାଇଛି। ଏଥିସହିତ କଭର ଫଟୋ ଭାବେ ଲୋକସେବା ଭବନକୁ ସ୍ଥାନ ଦିଆଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଟୁଇଟର ଓ ଫେସ୍‌ବୁକ ହ୍ୟାଣ୍ଡେଲରେ ପୂର୍ବପରି ନବୀନ ପଟ୍ଟନାୟକଙ୍କ ଫଟୋ ରହିଛି।

# ୨୬ରେ ରିଲିଜ୍ ହେବ 'ବୈକୁଣ୍ଠପୁରମ'ର ହିନ୍ଦୀ ଭର୍ସନ



ଅଲ୍ଲୁ ଅର୍ଜୁନ

**ମୁମ୍ବାଇ:** ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ଫିଲ୍ମକୁ ନେଇ ଚର୍ଚ୍ଚାରେ ରୁହନ୍ତି। ନିକଟରେ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ପୁଷ୍ପା'କୁ ନେଇ ଦର୍ଶକଙ୍କ ମଧ୍ୟରେ କ୍ରେଜ ରହିଛି। ତେବେ ଅଲ୍ଲୁଙ୍କ ଆଉ ଏକ ସୁପରହିଟ ତେଲୁଗୁ ଫିଲ୍ମ 'ବୈକୁଣ୍ଠପୁରମ'ର ହିନ୍ଦୀ ଭର୍ସନ ଜାନୁୟାରୀ ୨୬ରେ ପ୍ରେକ୍ଷାଳୟରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମକୁ ତ୍ରିବିକ୍ରମ ଶ୍ରୀନିବାସ ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମ 'ବୈକୁଣ୍ଠପୁରମ'୨୦୨୦ରେ ସୁପରହିଟ ହୋଇଥିଲା। ବର୍ତ୍ତମାନ ନେଟଫ୍ଲିକ୍ସରେ ଷ୍ଟ୍ରିମିଂ ହେଉଥିବା ଏହି ଫିଲ୍ମଟି ସର୍ବାଧିକ ଆୟ କରିଥିବା ଫିଲ୍ମ ମଧ୍ୟରୁ ଅନ୍ୟତମ। ତେବେ ଅଲ୍ଲୁଙ୍କ ନୂଆ ଫିଲ୍ମ ପୁଷ୍ପା ସୁପରହିଟ ହେବା ପରେ ନିର୍ମାତା ଫିଲ୍ମ'ବୈକୁଣ୍ଠପୁରମ' କୁ ହିନ୍ଦୀ ଭର୍ସନରେ ରିଲିଜ କରିବାକୁ ନିଷ୍ପତ୍ତି ନେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ଦୁର୍ଦ୍ଦିନରେ...

ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୨୦୨୧ ମାର୍ଚ୍ଚ ସୁଦ୍ଧା ୩୮,୮୯୧.୩୭ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୬୦,୦୦୧.୨୭ କୋଟି ଟଙ୍କା ଋଣ ସହାୟତା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିବା ନିକଟରେ ହୋଇଥିବା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ସୂଚନା ଦିଆଯାଇଥିଲା। ଯଦିଓ ଋଣ ପରିମାଣ ପ୍ରତ୍ୟେକ ବର୍ଷ ବୃଦ୍ଧି ପାଉଛି ତେବେ ଯେଉଁ କ୍ଷୁଦ୍ରଶିଳ୍ପ ଆବଶ୍ୟକ କରୁଛନ୍ତି ତାହା ସେମାନଙ୍କୁ ମିଳୁନାହିଁ। ସରକାର ଏ ଦିଗରେ ଦୃଷ୍ଟି ଦେଲେ ବୁଡ଼ିଯାଉଥିବା କ୍ଷୁଦ୍ରଶିଳ୍ପକୁ ବଞ୍ଚାଯାଇପାରନ୍ତା ବୋଲି ଓଏଏସ୍ଏମ୍ଇ ମହାସଚିବ ସ୍ୱାଇଁ କହିଛନ୍ତି।

### ସରପଞ୍ଚ ପଦ...

ପରେ ସୋମବାର ସରପଞ୍ଚ ଘୋଷିତ ପ୍ରାର୍ଥୀ ଏକ ଗଣମାଧ୍ୟମରେ ମତ ରଖି ୪୪ଲକ୍ଷ ନୁହେଁ, ୪୪ହଜାର ଟଙ୍କା ଦେବାକୁ ପୂଜା କମିଟି ପକ୍ଷରୁ କୁହାଯାଇଥିଲା ଓ ସେ ରାଜି ହୋଇଥିବା କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚାରିବାରୁ ଉକ୍ତ ଘଟଣାର ତଦନ୍ତ କରିବା ପାଇଁ ଅତିରିକ୍ତ ଜିଲାପାଳଙ୍କ ତତ୍ତ୍ୱାବଧାନରେ ପୁଇଁତଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

ଏବେ ଗୋଟିଏ କଥା ଲକ୍ଷ୍ୟ କରଯାଉଛି ଯେ, ଅନେକେ ସରପଞ୍ଚ ହେବାକୁ ବ୍ୟାକୁଳ। କାରଣ ବାର୍ଷିକ ୫୦ ଲକ୍ଷରୁ ୨ କୋଟି ଟଙ୍କା ପଞ୍ଚାୟତ ଜରିଆରେ ବିଭିନ୍ନ ଉନ୍ନୟନମୂଳକ କାମରେ ଖର୍ଚ୍ଚ ହେଉଛି। ଏହାସହ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜନାରେ ହିତାଧିକାରୀ ଚୟନରେ ପଞ୍ଚାୟତ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏଥିପାଇଁ ସରପଞ୍ଚ ଆଶାୟୀମାନେ ଯେକୌଣସି ଉପାୟରେ ବିଜୟୀ ହେବାକୁ ତତ୍ପର ହୋଇଉଠିଛନ୍ତି। ଫଳରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେବା ସାଙ୍ଗକୁ ନାନା ଆଲୋଡନ ସୃଷ୍ଟି ହେବ ବୋଲି ଯାହା ଆଲୋଚନା ହେଉଥିଲା ତାହା ଏବେ ବଲାଙ୍ଗୀର ଜିଲାର ଏହି ଘଟଣାରୁ ସ୍ପଷ୍ଟ ହୋଇଛି।

### ୨୧ରେ ବର୍ଷା...

ବେଳେ ଝାରସୁଗୁଡ଼ା ୧୧.୮, ବାରିପଦା ୧୨, ଚାନ୍ଦବାଲି ୧୨.୨ ଏବଂ ବାଲେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୨.୪ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୦ ତାରିଖରୁ ଶୀତର ପ୍ରକୋପ ହ୍ରାସ ପାଇବ। ୨୧ରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହ କୁଆପଥର ବର୍ଷା ହେବା ସମ୍ଭାବନା ରହିଛି। ୨୩ ତାରିଖରେ ଉପକୂଳ ଓଡ଼ିଶାରେ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

### ୫ କେଜି ସୁନା...

ହୋଇଛି। ଏ ନେଇ ନଂ. ୯/୨୨ରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସନ୍ଦେହରେ ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ଅଟକ ରଖାଯାଇଥିବାବେଳେ ତାଙ୍କୁ ଛାଡ଼ି ଦିଆଯାଇଛି। ସେହିପରି ଜଣେ ପୋଲିସ କର୍ମଚାରୀଙ୍କ ପୁଅଙ୍କ ଏଥିରେ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଥିବାବେଳେ ଏ ନେଇ ପୋଲିସ କୌଣସି ସ୍ପଷ୍ଟ ତଥ୍ୟ ଦେଇନାହିଁ। ଅତିରିକ୍ତ ଏସ୍‌ପି ଶିଶୁରଞ୍ଜନ ମହାପାତ୍ର, ଏସ୍‌ଡିପିଓ ମଳୟ ନାୟକ, ଆଇଆଇସି ବିଜୟ ହାଇବ୍ରୁ, ଏସ୍ଆଇ ଟି.ଏ. ଖାନ୍, ଏଏସ୍ଆଇ ରମେଶ ସ୍ୱାଇଁ, କାଳିନ୍ଦୀ ରାଉତ, ଦିଲୀପ ସାହୁ ପ୍ରମୁଖଙ୍କ ଉଦ୍ୟମରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏସ୍‌ପି କହିଛନ୍ତି।

#### ଜେଲ୍‌ଫେରନ୍ତା ମାଷ୍ଟରମାଇଣ୍ଡ

ବ୍ୟାଙ୍କ ଡକାୟତି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ରାସୋଳ ନୂଆପାଟଣା ଅଞ୍ଚଳର ବିକାଶ ନାୟକ ଜଣେ ଜେଲ ଫେରନ୍ତା। ଛୋଟବଡ଼ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ବିକାଶ ରାସୋଳ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ବଡ଼ଧରଣର ଡକାୟତି କରିବା ଲାଗି ଯୋଜନା କରିଥିଲେ। ଏଥିରେ ଅନୁଗୋଳର କାଳିଆ, ଚିନୁ ଏବଂ ଗୁଡୁଙ୍କ ସହଯୋଗ ଲୋଡ଼ିଥିଲେ। ଘଟଣା ଦିନ ଅର୍ଥାତ୍ ଗତ ୧୨ ତାରିଖ ସକାଳେ ଏକ ସ୍କୁଟି (ନଂ. ଓଡ଼ି ୩୫ ବି ୮୪୦୬)ରେ ଗୁଡୁ, ଚିନୁ, କାଳିଆ ଅନୁଗୋଳରୁ ଆସି ରାସୋଳରେ ପହଞ୍ଚିଥିଲେ। ଅନ୍ୟ ଏକ ବାଇକ୍ (ନଂ. ଓଡ଼ି ୧୯ ଟି ୧୧୪୪)ରେ ବିକାଶ, ସମୀର, ଠେଙ୍ଗୁ ପହଞ୍ଚି ଥିଲେ। ବ୍ୟାଙ୍କ ନିକଟରେ ଗହଳି ଏଡ଼ାଇବାକୁ ପୂର୍ବ ଯୋଜନା ଅନୁଯାୟୀ ଅଜିତ୍ ସେହିଦିନ ଚା' ଦୋକାନ ଖୋଲି ନ ଥିଲେ। ଝିପିଝିପି ବର୍ଷା ହେଉଥିବାରୁ ଅପରାହ୍ନରେ ବ୍ୟାଙ୍କରେ କେହି ଗ୍ରାହକ ନ ଥିଲେ। ଏହାର ସୁଯୋଗରେ ସମୀର, ଠେଙ୍ଗୁ, ଚିନୁ ଏବଂ କାଳିଆ ବ୍ୟାଙ୍କ ଭିତରେ ପଶି ମ୍ୟାନେଜର ମୋନିକା ଓରାମ୍, କ୍ୟାଶିୟର ରୋଶନ କୁମାରଙ୍କ ସମେତ ଅନ୍ୟ ୨କର୍ମଚାରୀଙ୍କୁ ମାଡ଼ ମାରି ଲୁଟ୍ ଟଙ୍କା, ସୁନା ଭର୍ତ୍ତି କରି ଚମ୍ପଟ ମାରିଥିଲେ।

#### କଟକରେ ଅଳଙ୍କାର ବିକ୍ରି ଯୋଜନା

ବ୍ୟାଙ୍କରୁ ଲୁଟ୍ ସୁନା କଟକରେ ବିକ୍ରି କରିବାକୁ ଯୋଜନା କରିଥିଲେ ଡକାୟତି ଗ୍ୟାଙ୍ଗ୍। ତଦନୁଯାୟୀ ବିକାଶ, କାଳିଆ, ଗୁଡୁ ବାଇକ୍ (ନଂ. ଓଡ଼ି ୧୯ ଟି ୧୧୪୪)ରେ ରାସୋଳ ବଜାରରୁ ହିନ୍ଦୋଳ ରୋଡ୍ ୫୩ନଂ. ଏନ୍‌ଏଚ୍‌ରେ ପହଞ୍ଚିଥିଲେ। ସମୀରଙ୍କ ନିର୍ଦ୍ଦେଶରେ ସିପୁନ୍ ଏବଂ ଗୌରୀଶଙ୍କର ଢେଙ୍କାନାଳରୁ ଏକ ଭଡ଼ା ଟ୍ୟାକ୍ସି ଯୋଗାଡ଼ କରି ବାଇପାସ୍‌ରେ ଅପେକ୍ଷା କରିଥିଲେ। କାଳିଆ, ବିକାଶ, ଗୁଡୁ, ସିପୁନ୍ ଗାଡ଼ିରେ ବସିଥିଲେ ଏବଂ ଗୌରୀଶଙ୍କର ବାଇକ୍‌ରେ ପାଇଲଟିଂ କରିଥିଲେ। ତେବେ ଅଭିଯୁକ୍ତଙ୍କ ହାବଭାବ, କଥାବାର୍ତ୍ତାରୁ ଡ୍ରାଇଭରଙ୍କ ସନ୍ଦେହ ଉପୁଜିଥିଲା। ଫଳରେ ସେ ବାହାନା କରି ଗୋବିନ୍ଦପୁରଠାରେ ଗାଡ଼ି ଅଟକାଇଥିଲେ। ଏକ ପାନଦୋକାନରେ ଅଭିଯୁକ୍ତଙ୍କ ସମ୍ପର୍କରେ ଖୋଳତାଡ଼ କରିବା ବେଳେ ସେଠାରେ ଉପସ୍ଥିତ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ବବିତା ଦେହୁରୀ ଏବଂ ଅନ୍ୟ ଜଣେ ଏସ୍ଆଇ ଟ୍ୟାକ୍ସି ପାଖରେ ପହଞ୍ଚି ସିପୁନ୍‌ଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ।

# ଦିବ୍ୟାଙ୍ଗ ପିଲାଙ୍କ ପାଇଁ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଦିଆଯାଉ

ପୁରୀ ଅଫିସ,୧୭।୧:

ଦିବ୍ୟାଙ୍ଗ ପିଲାଙ୍କୁ ପାଠ ପଢ଼ାଇବା ପାଇଁ ଅନେକ ତାଲିମପ୍ରାପ୍ତ ସ୍ୱତନ୍ତ୍ର ବିଏଡ୍ କୋର୍ସଧାରୀ ଚାକିରି ଆଶାରେ ଘରେ ବସିଛନ୍ତି। ଓପେପା ତଥ୍ୟ ଅନୁଯାୟୀ, ସାଧାରଣ ବିଦ୍ୟାଳୟରେ ୮୫,୫୪୫ ଜଣ ପ୍ରାଥମିକ ଓ ମାଧ୍ୟମିକ ବିଦ୍ୟାଳୟରେ ୧୪,୫୯୩ ଦିବ୍ୟାଙ୍ଗ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ଏମାନଙ୍କୁ ପଢ଼ାଇବା ପାଇଁ ସର୍ବୋଚ୍ଚ ନ୍ୟାୟାଳୟ ସାଧାରଣ ବିଦ୍ୟାଳୟରେ ସ୍ୱତନ୍ତ୍ର ଶିକ୍ଷକ ନିଯୁକ୍ତି ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଦୁଃଖ ତଥା ପରିତାପର ବିଷୟ ଏ ପର୍ଯ୍ୟନ୍ତ ସରକାର କୌଣସି ସ୍ୱତନ୍ତ୍ର ଶିକ୍ଷକ ପଦ ମାଧ୍ୟମିକ, ଉଚ୍ଚ ମାଧ୍ୟମିକ, ପ୍ରାଥମିକ କିମ୍ବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସୃଷ୍ଟି ହୋଇ ନ ଥିବାନେଇ ବିଏଡ୍ ସ୍ୱତନ୍ତ୍ର ଶିକ୍ଷା ତାଲିମ କେନ୍ଦ୍ରର ଛାତ୍ରୀଛାତ୍ର ଗୁଗଲ୍ ମିଟ୍ ମାଧମରେ ଏକ ବୈଠକ କରି ସେମାନଙ୍କ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଉକ୍ତ ବୈଠକରେ ରାଜ୍ୟର ବିଭିନ୍ନ ଜିଲାରୁ ଅନେକ ଆଶାୟୀ ଯୋଗଦେଇ ନିଜର ମତ ରଖିଥିଲେ। ଏହି ଅବସରରେ ଓଡ଼ିଶା ସେକେଣ୍ଡାରୀ ସ୍ପେଶିଆଲ ଟିଚର୍ସ ଆସିରେସନ ଆସୋସିଏଶନ୍ (ଓସ୍ଟା) ନାମକ ସଙ୍ଗଠନ ଗଠନ କରାଯାଇଛି। ବୀରବର ସାମନ୍ତସିଂହାର ଏବଂ କୈବଲ୍ୟ କୁମାର ବଳଙ୍କୁ ଯଥାକ୍ରମେ ସଭାପତି ଓ ସମ୍ପାଦକ ରୂପେ ମନୋନୀତ କରାଯାଇଛି। ସେହିପରି ଦୀପକ କୁମାର ପ୍ରଧାନ ସଂଯୋଜକ, ପ୍ରିୟରଞ୍ଜନ, ଦିବାକର, ସ୍ୱାତୀ ଓ ସୁଜାତାଙ୍କୁ ସଂଘର ପ୍ରତିନିଧି ଭାବେ ଚୟନ କରାଯାଇଛି।

# ୧୦୮ କଳସ ଜଳରେ ସ୍ନାନ ହେଲେ ଅଲାରନାଥ

ବ୍ରହ୍ମଗିରି,୧୭।୧ (ଡି.ଏନ୍.ଏ.):



ପୌଷ ପୂର୍ଣ୍ଣିମା ଅବସରରେ ମହାପ୍ରଭୁ ଅଲାରନାଥଙ୍କୁ ପୁଷ୍ୟାଭିଷେକ ପାଇଁ ୧୦୮ କଳସ ଜଳରେ ସ୍ନାନ କରାଯାଇଛି। ଶ୍ରୀକ୍ଷେତ୍ରରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସ୍ନାନ ପୂର୍ଣ୍ଣିମାରେ ସ୍ନାନ ଭଳି ଅଲାରନାଥ ପୌଷ ପୂର୍ଣ୍ଣମୀରେ ପୁଷ୍ୟାଭିଷେକ ହୋଇଥାନ୍ତି। ମହାପ୍ରଭୁ ସର୍ବଦା ମନ୍ତ୍ର ସ୍ନାନ କରୁଥିବା ସମୟରେ ଏହି ଦିନ ଜଳ ସ୍ନାନ କରିଥାନ୍ତି । ସୋମବାର ଏହି ପୁଷ୍ୟାଭିଷେକ ନୀତି ପାଇଁ ମନ୍ଦିର ସେବାୟତମାନେ ପଞ୍ଚତୀର୍ଥ ଅର୍ଥାତ ମହୋଦଧି, ତ୍ରିବେଣୀ ସଙ୍ଗମ, ଅର୍ଜୁନଙ୍କ ଶର ପୋଖରୀରୁ ରବିବାର ଜଳ ସଂଗ୍ରହ କରି ମନ୍ଦିରର ଗର୍ଭ ଗୃହରେ ସଂରକ୍ଷିତ କରି ରଖିଥିଲେ। ସୋମବାର ସକାଳୁ ମନ୍ଦିରର ସମସ୍ତ ନୀତିକାନ୍ତି ସରିବା ପରେ ଏହି ପୁଷ୍ୟାଭିଷେକ ନୀତି ହୋଇଥିଲା। ଏହାପରେ ସେବାୟତମାନେ କୋଭିଡ୍ କଟକଣା ମାଧ୍ୟମରେ ମହାପ୍ରଭୁଙ୍କୁ ୧୦୮ ସୁବାସିତ ଜଳରେ ସ୍ନାନ କରାଇଥିଲେ। ପରେ ମହାପ୍ରଭୁଙ୍କ ରାଜାଧିରାଜ ବେଶ କରାଯାଇଥିଲା।

# ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ପରଲୋକ

ସାକ୍ଷୀଗୋପାଳ, ୧୭।୧(ସ୍ୱ.ପ୍ର.)

ସତ୍ୟବାଦୀ ବ୍ଲକ ଅନ୍ତର୍ଗତ ମଧୁବନ ପଞ୍ଚାୟତ ସିଂହାକୁଦା ଗ୍ରାମର ଅନୁବାଦକ କବି ତଥା ସାହିତ୍ୟିକ ପୂର୍ଣ୍ଣଚନ୍ଦ୍ର ପଟ୍ଟନାୟକଙ୍କ ୬୮ ବର୍ଷ ବୟସରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଦେହାନ୍ତ ହୋଇଯାଇଛି। ପିଲାଟି ଦିନରୁ କବିତା ଲେଖିବା ସହ ବିଭିନ୍ନ ଅନୁଷ୍ଠାନ ସହିତ ପ୍ରତ୍ୟକ୍ଷ ଭାବେ ଯୋଡ଼ି ହୋଇରହିଥିଲେ। ସ୍ୱର୍ଗତ ପଟ୍ଟନାୟକ ରାମେଶ୍ୱର ସାହିତ୍ୟ ସଂସଦ ରନ୍ଧିଆହାଟ ଭଦ୍ରକର ସହ ସମ୍ପାଦକ ଓ ସତ୍ୟବାଦୀ ସାହିତ୍ୟ ସଂସଦର ସଦସ୍ୟ ଭାବେ କାର୍ଯ୍ୟ କରୁଥିଲେ। ଉପନିଷଦରେ ନବାକ୍ଷରୀ ଅନୁବାଦ କରି ଅନେକ ପ୍ରଶଂସା ସାଉଁଟି ଥିଲେ। ତାଙ୍କ ବିୟୋଗରେ ଉତ୍କଳ ସମ୍ମିଳନୀ ସତ୍ୟବାଦୀ ଶାଖା ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହ ଅଞ୍ଚଳର ଅନେକ ସାହିତ୍ୟିକ ଓ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି।

# ପ୍ରଥମ ଦିନରେ ନାମାଙ୍କନ ଦାଖଲ କଲେ ୩୭୮

ପୁରୀ ଅଫିସ,୧୭।୧:

ଆଗାମୀ ପଞ୍ଚାୟତ ନିର୍ବାଚନପାଇଁ ନାମାଙ୍କନପତ୍ର ଦାଖଲ ଆରମ୍ଭ ହୋଇଛି। ସମୁଦାୟ ୩୭୮ ମଧ୍ୟରୁ ୩୧୯ ଜଣ ୱାର୍ଡମେମ୍ବର , ୩୮ ଜଣ ସରପଞ୍ଚ , ୧୯ ଜଣ ସମିତିସଭ୍ୟ ଓ ୨ ଜଣ ଜିଲା ପରିଷଦ ସଭ୍ୟ ପଦ ପାଇଁ ସୋମବାର ନାମାଙ୍କନପତ୍ର ଦାଖଲ କରିଛନ୍ତି। ପଞ୍ଚାୟତ ସ୍ତରରେ ସରପଞ୍ଚ, ସମିତିସଭ୍ୟ ଓ ୱାର୍ଡମେମ୍ବରମାନେ ନାମାଙ୍କନଦାଖଲ କରିଥିବା ବେଳେ ପୁରୀ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଜିଲା ପରିଷଦ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିଛନ୍ତି। କଣାସର ୪ ନମ୍ବର ଜୋନ୍ ପାଇଁ ସିପିଆଇ(ଏମ୍ଏଲ୍) ପ୍ରାର୍ଥୀ ଅଶୋକ ପ୍ରଧାନ ଓ ଡେଲାଙ୍ଗ ୧୬ ନମ୍ବର ଜୋନ୍ ପାଇଁ ସିପିଆଇ(ଏମ୍ଏଲ୍) ଲିଟୁଲାଲ ଦେବ ସୁବୁଦ୍ଧି ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେହିଭଳି ସରପଞ୍ଚ ପ୍ରାର୍ଥୀ ଭାବେ ସର୍ବାଧିକ ୧୦ ଜଣ ସତ୍ୟବାଦୀରୁ ଓ ୮ ଜଣ କଣାସରୁ ନାମାଙ୍କନପତ୍ର ଦାଖଲ କରିଛନ୍ତି। ପଞ୍ଚାୟତ ସମିତି ଆସନ ପାଇଁ ସର୍ବାଧିକ ୭ଜଣ ପ୍ରାର୍ଥୀ ସତ୍ୟବାଦୀରୁ ଓ ୪ ଜଣ କଣାସରୁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ପୁରୀ ଜିଲାର ୨୬୮ଟି ଗ୍ରାମପଞ୍ଚାୟତ ଓ ୩୩ଟି ଜିଲା ପରିଷଦ ଆସନରେ ନିର୍ବାଚନପାଇଁ ନାମାଙ୍କନପତ୍ର ଦାଖଲ ସୋମବାରଠାରୁ ଆରମ୍ଭ ହୋଇଛି। ଚଳିତ ମାସ ୧୬ରୁ ୨୧ ତାରିଖ ମଧ୍ୟରେ ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିବେ ଓ ୨୨ ତାରିଖରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ରାଲି ଓ ସମାବେଶ ଉପରେ ସମ୍ପୂର୍ଣ୍ଣ କଟକଣା ଥିବାରୁ ପ୍ରଶାସନ ପ୍ରାର୍ଥିପତ୍ର ଦାଖଲ ପାଇଁ ସର୍ବନିମ୍ନ ବ୍ୟକ୍ତିଙ୍କୁ ଅନୁମତି ଦେଇଛି ବୋଲି ଉପଜିଲାପାଳ ଭବତାରଣ ସାହୁ କହିଛନ୍ତି।

## ୧୩ ପଞ୍ଚାୟତର ପ୍ରାର୍ଥୀଙ୍କ ନାମ ଘୋଷଣା କଲା ବିଜେଡି

କୋଣାର୍କ,୧୭।୧(ଡି.ଏନ.ଏ.)



ବୈଠକରେ ବିଜେଡି କର୍ମକର୍ତ୍ତାମାନେ ।

କୋଣାର୍କସ୍ଥିତ ବିଜୁ ଜନତା ଦଳ କାର୍ଯ୍ୟାଳୟରେ କାକଟପୁର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗୋପ ବ୍ଲକର ୧୪ଟି ପଞ୍ଚାୟତ ମଧ୍ୟରୁ ୧୩ଟି ପଞ୍ଚାୟତର ଦଳୀୟ ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟମାନଙ୍କ ନାମ ଘୋଷଣା କରାଯାଇଛି। ଏହି ପ୍ରାର୍ଥୀ ଘୋଷଣା ନିମନ୍ତେ ଅନୁଷ୍ଠିତ ବୈଠକରେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟୀ ଦଳାଇ ସମସ୍ତ ପ୍ରାର୍ଥୀଙ୍କ ନାମ ଘୋଷଣା କରିଛନ୍ତି। ସରପଞ୍ଚ ପ୍ରାର୍ଥିନୀ ଭାବେ ସୁଭଦ୍ରା ପ୍ରଧାନ, ସମିତିସଭ୍ୟ ବିଜୟାନନ୍ଦ କରଣ, ବନାଖଣ୍ଡି ସରପଞ୍ଚ ପ୍ରାର୍ଥିନୀ ଭାବେ ଶୁଚିସ୍ମିତା ନାୟକ, ସମିତିସଭ୍ୟା ଗୀତାଞ୍ଜଳି ମଲ୍ଲିକ, ସୁତନ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ଭାବେ ମେନକା ବେହେରା, ସମିତିସଭ୍ୟ କାଶୀନାଥ ନାୟକ, ତରକୋର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ସୁଶାନ୍ତ ପରିଡା, ସମିତିସଭ୍ୟ ଗାୟତ୍ରୀ ମାହାରୀ, ଅଚ୍ୟୁତପୁର ସରପଞ୍ଚ ପ୍ରାର୍ଥିନୀ ଭାବେ ରଶ୍ମିତା ଶତପଥୀ, ସମିତିସଭ୍ୟା ବିନୋଦିନୀ ସ୍ୱାଇଁ, ବିରତୁଙ୍ଗ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ କନକଲତା ସେଠୀ, ସମିତିସଭ୍ୟ କୈଳାସ ଚନ୍ଦ୍ର ଭୋଇ, ମହଲପଡା ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ଶୀର୍ଷରଞ୍ଜନ ନାୟକ, ସମିତିସଭ୍ୟ ବିଜୟ ନାୟକ, ସିମିଳି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ବିଜୟ ସେଠ, ସମିତିସଭ୍ୟା ମୀନତୀ ସାହୁ, ବଉଲାଙ୍ଗ ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ନରହରି ଦଳାଇ, ସମିତିସଭ୍ୟା ବନିତା ପ୍ରଧାନ, ଜଂଗଲବୋରୀ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ସୁମନା ସାହୁ, ସମିତିସଭ୍ୟ ତାରିକ ହାଯାତ ବେଗ, ଧୂମାଳ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ମୋନାଲିସା ସିଂ, ସମିତିସଭ୍ୟ ଭାନୁମତୀ ମାଣିକ, ଦେସ୍ଥଳୀ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ରିଶନା ସ୍ୱାଇଁ, ସମିତିସଭ୍ୟା ମୋହିନୀ ନାୟକ ଏବଂ ଈଶାନପୁର ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ତ୍ରିଲୋଚନ ସ୍ୱାଇଁ ଓ ସମିତିସଭ୍ୟ ତ୍ରିଲୋଚନ ପରିଡାଙ୍କୁ ବିଜେଡି ସମର୍ଥିତ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ଏହି ତାଲିକାରୁ ବାଦ ପଡିଥିବା ସୋରଭା ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ପ୍ରାର୍ଥୀଙ୍କ ତାଲିକା ଖୁବଶୀଘ୍ର ଘୋଷଣା କରାଯିବ ବୋଲି ଜ୍ୟୋତିର୍ମୟୀ ଦଳାଇ କହିଛନ୍ତି। ବୈଠକରେ କୋଣାର୍କ ନଗର ବିଜେଡି ସଭାପତି ଗୋପାଳ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ଶିଶୁ ଓ ଯୁବ ମହୋତ୍ସବ

ନିମାପଡ଼ା,୧୭।୧(ଡି.ଏନ୍.ଏ.):



ଉତ୍ସବରେ ଅତିଥିଙ୍କ ଗହଣରେ ପୁରସ୍କୃତ ପ୍ରତିଭା ଏବଂ ଅନ୍ୟମାନେ ।

ନିମାପଡ଼ାର ଲିଟିଲ ଷ୍ଟାର ଗ୍ରୁପ ପକ୍ଷରୁ ୧୯ତମ ଶିଶୁ ଓ ଯୁବ ମହୋତ୍ସବ ରବିବାର ପାଟପୁର ବାବା ଲୋକନାଥଙ୍କ ପୀଠରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିଥିଭାବେ ବିଶିଷ୍ଟ କବି ନୀଳମଣି ଚାନ୍ଦ, ଅଭିନେତା ଅଙ୍କିତ୍ ମହାପାତ୍ର, କଣ୍ଠଶିଳ୍ପୀ ଲୋପିତା ବେହେରା, ଶିଶୁପତ୍ରିକା ବାନରସେନାର ସମ୍ପାଦକ ଅଧ୍ୟାପକ ପ୍ରକାଶ ଖଟୋଇ, ଅଧ୍ୟାପକ ଡ.ପ୍ରଣବ ସ୍ୱାଇଁ, ଡ.ରବୀନ୍ଦ୍ର ନାଥ ପାଢୀ, ଗ୍ରୁପ ସମ୍ପାଦକ ସୁମନ୍ତ ମହାରଣା ଯୋଗଦେଇ ଗ୍ରୁପର ବିଭିନ୍ନ କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହ ଅନୁଷ୍ଠାନର ଉନ୍ନତି କାମନା କରିଥିଲେ। ଶିଶୁମାନଙ୍କ ମଧ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ କୃତୀ ଶିଶୁ ପ୍ରତିଭାଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ କବି ନୀଳମଣି ଚାନ୍ଦ, ଅଭିନେତା ଅଙ୍କିତ୍ ମହାପାତ୍ର, କଣ୍ଠଶିଳ୍ପୀ ଲୋପିତା ବେହେରା, ଶିଶୁ ଶିଳ୍ପୀ ଡି.ସାଇଶ୍ରେୟାଂଶୁଙ୍କୁ ସମ୍ମାନିତ କରାଯାଇଥିଲା। ଗ୍ରୁପର ଶିଶୁ ପତ୍ରିକା 'ମୋ ଆଶା'ର ଶୀତ ସଂଖ୍ୟା ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଜୟ ମିଶ୍ର, ଧର୍ମପଦ ଦାସ ପ୍ରମୁଖ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ସମାରୋହରେ ବହୁ ଶିଶୁପ୍ରତିଭାଙ୍କ ସମେତ ବିଶିଷ୍ଟ ବ୍ୟକ୍ତି, ଶିକ୍ଷାବିତ୍, କଳାକାରମାନେ ଯୋଗଦେଇଥିଲେ।

# ବସ୍ ହେଲ୍‌ପର, କଣ୍ଡକ୍ଟରଙ୍କୁ ମାଡ଼ ମାରି ଟଙ୍କା ଲୁଟ୍

ନିମାପଡ଼ା,୧୭।୧(ଡି.ଏନ୍.ଏ.)

**ଜଣେ ଗିରଫ, ସ୍କୁଟି ଜବତ**

ନିମାପଡ଼ା ଥାନା ଅଧୀନ ଆଲୁଦଣ୍ଡାପାଟଣା ସାଇ ମନ୍ଦିର ନିକଟରେ ରବିବାର ରାତିରେ ଏକ ବସ୍‌କୁ ଅଟକାଇ ହେଲ୍‌ପର ଓ କଣ୍ଡକ୍ଟରଙ୍କୁ ମାଡ଼ ମାରି ଟଙ୍କା ଲୁଟିବା ଅଭିଯୋଗରେ ପୋଲିସ ଜଣେ ଲୁଟେରାଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅନ୍ତର୍ଗତ ବରଦାବାଡ଼ ଗ୍ରାମର ଜୟକୃଷ୍ଣ ବେହେରା। ଏ ନେଇ ପୋଲିସ ଏକ ମାମଲା(ନଂ. ୨୬/୨୨) ରୁଜୁ କରି ତଦନ୍ତ ଚଳାଇବା ସହ ଲୁଟେରାଙ୍କ ଏକ ସ୍କୁଟି(ନଂ. ଓଡି ୧୩ଏଲ୍ ୨୩୪୦)କୁ ଜବତ କରିଛି। ସୂଚନା ଅନୁଯାୟୀ, ରବିବାର ରାତିରେ କାକଟପୁରରୁ ଭୁବନେଶ୍ୱର ଅଭିମୁଖେ ନାଗେଶ୍ୱର ନାମକ ଯାତ୍ରୀବାହୀ ବସ୍ ଆସୁଥିବା ବେଳେ ସ୍କୁଟିରେ ୨ ଦୁର୍ବୃତ୍ତ ଆସି ଗାଡ଼ିକୁ ଅଟକାଇଥିଲେ। କିଛି ବୁଝିବା ପୂର୍ବରୁ ଲୁଟେରାଦ୍ୱୟ ବସ୍‌ରେ ଚଢ଼ି ହେଲପର ଓ କଣ୍ଡକ୍ଟରଙ୍କୁ ମାଡ଼ ମାରି ଟଙ୍କା ବ୍ୟାଗରୁ ୧୧ ହଜାର ଟଙ୍କା ଲୁଟୁଥିଲେ। ଫଳରେ ସେମାନେ ପାଟି କରିବାରୁ ସ୍ଥାନୀୟ ଲୋକେ ଆସି ଲୁଟେରା ଜୟକୃଷ୍ଣଙ୍କୁ ଧରିଥିଲେ। ହେଲେ ଅନ୍ୟ ଜଣେ ଲୁଟେରା ଫେରାର ହେବାରେ ସକ୍ଷମ ହୋଇଥିଲା। ଖବରପାଇ ଚାରିଛକ ଫାଣ୍ଡି ଅଧିକାରୀ ଶିଶିର କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କ କବଳରୁ ଲୁଟେରାଙ୍କୁ ଗିରଫ କରିଥିଲେ। ଏ ସମ୍ପର୍କରେ ବସ୍ କଣ୍ଡକ୍ଟର ଉକ୍ତ ଥାନା ଅନ୍ତର୍ଗତ ଅନଳପୁର ଗ୍ରାମର ପ୍ରକାଶ ରାୟ ଫାଣ୍ଡିରେ ଅଭିଯୋଗ କରିଛନ୍ତି।

## ଶ୍ରୀମନ୍ଦିରରେ ଧସେଇ ପଶିବାକୁ ମହିଳାଙ୍କ ଉଦ୍ୟମ

ପୁରୀ ଅଫିସ, ୧୭।୧:

'ଜଗା ଦର୍ଶନ ନ କଲେ ଯିବିନି। ମତେ ଭିତରକୁ ଛାଡ଼, ଜଗା ଡାକୁଛି। ତା' ପାଦ ଧରିକିଯିବି।' ଏଭଳି କଥା କହି ଜଣେ ମହିଳା ସୋମବାର ଶ୍ରୀମନ୍ଦିର ପରିସରକୁ ପଶିବାକୁ ଚେଷ୍ଟା କରିଥିଲେ। ଯାହାର ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧ୍ୟରେ ଭାଇରାଲ ହେବାରେ ଲାଗିଛି। କରୋନା କଟକଣା ପାଇଁ ସମ୍ପ୍ରତି ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବାବେଳେ ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନାଯୋଗ୍ୟ, ସୋମବାର ପୂର୍ବାହ୍ନରେ ଜଣେ ମହିଳା ସିଂହଦ୍ୱାର ସମ୍ମୁଖ ବ୍ୟାରିକେଡ୍ ନିକଟରେ ଠିଆ ହୋଇଥିଲେ। ସେ ହଠାତ୍ ଶ୍ରୀମନ୍ଦିର ମଧ୍ୟକୁ ଧସେଇ ପଶିବାକୁ ଉଦ୍ୟମ କରିଥିଲେ। ସେ କହିଚାଲିଥିଲେ, ତାଙ୍କୁ ମହାପ୍ରଭୁ ଶୁଆଇଦେଉ ନାହାନ୍ତି। ସେ ମା' ଶାରଳା। ତାଙ୍କ ଦେହରେ ମା' ଶାରଳା ବିଜେ ହୋଇଛନ୍ତି। ତାଙ୍କୁ ସ୍ୱୟଂ ମହାପ୍ରଭୁ ଶ୍ରୀମନ୍ଦିରକୁ ଡାକିଛନ୍ତି। ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପାଦ ଛୁଇଁବେ। ଯାହାଫଳରେ ତାଙ୍କର ଜ୍ଞାନ ଉଦୟ ହେବ। ତାଙ୍କୁ ଛାଡ଼ିବାକୁ ଦିଆଯାଉ କହି ମହିଳା ଜଣକ ନୃତ୍ୟ କରି କରି ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବା ପାଇଁ ଚେଷ୍ଟା କରିଥିଲେ। ତେବେ ସେଠାରେ ଉପସ୍ଥିତ ଥିବା ଜଗନ୍ନାଥ ଟେମ୍ପଲ ପୋଲିସ (ଜେଟିପି) ତାଙ୍କୁ ଅଟକାଇଥିଲେ। ଶେଷରେ ଜଣେ ସେବାୟତ ତାଙ୍କୁ ଟାଣିଟାଣି ବାହାରକୁ ଆଣିଥିଲେ। ତେବେ ଅନେକ ସମୟ ଧରି ମହିଳା ଜଣଙ୍କ ଶ୍ରୀମନ୍ଦିର ବାହାରେ ରହିଥିବା ଦେଖିବାକୁ ମିଳିଥିଲା। ସମ୍ପୃକ୍ତ ମହିଳାଙ୍କ ମାନସିକ ଭାରସାମ୍ୟ ଠିକ୍ ନ ଥିବା ଅନୁମାନ କରାଯାଉଛି।

# କଟକଣା କୋହଳ, ବଢୁଛି ସଂକ୍ରମଣ

ପୁରୀ ଅଫିସ,୧୭।୧:

**ଜିଲାରେ ୧୫୭୯ ସକ୍ରିୟ ସଂକ୍ରମିତ**

ପୁରୀ ଜିଲାରେ ଘରେ ଘରେ ସଂକ୍ରମଣ। ଲୋକଙ୍କୁ ଜ୍ୱର, ଥଣ୍ଡା ଓ କାଶ ହେଉଥିବାବେଳେ କେତେକଙ୍କଠାରେ ସଂକ୍ରମଣ ଲକ୍ଷଣ ମଧ୍ୟ ଦେଖାଯାଉଛି। ତେବେ ସ୍ୱାସ୍ଥ୍ୟ କର୍ମଚାରୀ ଓ ଡାକ୍ତର ସଂକ୍ରମିତ ହେଉଥିବାରୁ ଲୋକେ ଡାକ୍ତରଖାନା ନ ଆସ ଘରେ ରହି ଚିକିତ୍ସା କରାଉଛନ୍ତି। ଜିଲାରେ ସକ୍ରିୟ ସଂକ୍ରମଣ ସଂଖ୍ୟା ୧୫୭୯ ରହିଛି। ପିପିଲିରେ ୯୮, ଡେଲାଙ୍ଗରେ ୨୭, କଣାସରେ ୨୦, ସତ୍ୟବାଦୀରେ ୧୧୧, ବ୍ରହ୍ମଗିରିରେ ୪୬, ପୁରୀ ସଦରରେ ୧୬୨, ଗୋପରେ ୮୪, କାକଟପୁରରେ ୧୪, ନିମାପଡ଼ାରେ ୨୯, ଅସ୍ତରଙ୍ଗରେ ୨୨, କୃଷ୍ଣପ୍ରସାଦରେ ୮, ପୁରୀ ମ୍ୟୁନିସିପାଲିଟିରେ ୮୪୮, ପିପିଲି ଏନ୍ଏସିରେ ୩୫, କୋଣାର୍କ ଏନଏସିରେ ୮, ନିମାପଡ଼ା ସହରାଞ୍ଚଳରେ ୨୦, ଅନ୍ୟ ଜିଲାର ୩୨ ଏବଂ ଅନ୍ୟ ରାଜ୍ୟର ୧୫ ସଂକ୍ରମିତ ପୁରୀ ଜିଲାରେ ସକ୍ରିୟ ରହିଛନ୍ତି। ଅନ୍ୟପକ୍ଷରେ ଗତ ୨୪ ଘଣ୍ଟାରେ ଜିଲାରେ ୧୯୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ପୁରୀ ସହରରୁ ୮୫ ଜଣ ସଂକ୍ରମିତ ହୋଇଛନ୍ତି। ସେହିଭଳି ପ୍ରତିଦିନ ୧୩ଶହ ଆଣ୍ଟିଜେନ୍ ଓ ୬ଶହ ଆର୍‌ଟି-ପିସିଆର୍ ଟେଷ୍ଟ ହେଉଛି। ଅର୍ଥାତ୍ ସଂକ୍ରମଣ ଓ ଟେଷ୍ଟିଂ ତୁଳନାରେ ଜିଲାରେ ସଂକ୍ରମଣ ହାର ୧୦ ପ୍ରତିଶତ ପାଖାପାଖି ରହୁଛି। ଯାହା ରାଜ୍ୟର ଦୈନିକ ସଂକ୍ରମଣ ହାରଠାରୁ ଅଧିକ। ରବିବାର ରାତି ସୁଦ୍ଧା ପୁରୀ ଆଇଡିଏଚ୍‌ରେ ୨୯ ଜଣ ସଂକ୍ରମିତ ରହିଛନ୍ତି। ଏମାନଙ୍କ ମଧ୍ୟରୁ ୩ଜଣ ଅକ୍ସିଜେନ୍ ଓ ୨୩ଜଣ ବିନା ଅକ୍ସିଜେନ୍ ସପୋର୍ଟରେ ରହିଛନ୍ତି। ୩ ଜଣଙ୍କୁ ସନ୍ଦେହ ସଂକ୍ରମିତ ଭାବେ ରଖାଯାଇଛି।




ଚିଟଫଣ୍ଡ ଜମା ଟଙ୍କା ଫେରସ୍ତ ଦାବିରେ କ୍ଷତିଗ୍ରସ୍ତ ମିଳିତ ମଞ୍ଚ ପକ୍ଷରୁ ସୋମବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ସତ୍ୟାଗ୍ରହ ।



ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ ହୋଇଥିବା ଉଠାଦୋକାନୀମାନେ ସରକାରୀ ସହାୟତା ଦାବିରେ ସୋମବାର ପୁରୀ ପୌର କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି ।

**୧୯ ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି**

କଟକ ସଦର, (ଡି.ଏନ୍.ଏ): ନୂଆବର୍ଷ ପରିପ୍ରେକ୍ଷୀରେ କିଶନନଗର ବିକାଶ ମଞ୍ଚର ସାଧାରଣ ବୈଠକ ବିଶ୍ୱାଳପଡ଼ାସ୍ଥିତ ମୁକ୍ତେଶ୍ୱର ପୀଠରେ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରତାପ ଚନ୍ଦ୍ର ବେହେରାଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ୧୯ଟି ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି ପାଇଁ କାର୍ଯ୍ୟ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ବୈଠକରେ କାର୍ଯ୍ୟକାରୀ ସଭାପତି ଜ୍ଞାନରଞ୍ଜନ ସାହୁ, ଉପସଭାପତି ଧରଣୀଧର ଜେନା ଓ ସାଧାରଣ ସମ୍ପାଦକ ଅଶୋକ ସାମଲ ପ୍ରମୁଖ ଉପସ୍ଥିତ କରିଥିଲେ।

# ସିଏମ୍‌ଓ ଓଡ଼ିଶା ପ୍ରୋଫାଇଲ ଫଟୋ ବଦଳିଲା



ଭୁବନେଶ୍ୱର,୧୭।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ପ୍ରୋଫାଇଲ ଫଟୋକୁ ପରିବର୍ତ୍ତନ କରାଯାଇଛି। ଉଭୟ ଫେସବୁକ୍ ଏବଂ ଟୁଇଟରରେ ଥିବା ଫଟୋକୁ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଉଭୟ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ରହିଥିଲା। ବର୍ତ୍ତମାନ ନବୀନଙ୍କ ସ୍ଥାନରେ ଓଡ଼ିଶା ସରକାରଙ୍କ ଲୋଗୋ ରଖାଯାଇଛି। ଏଥିସହିତ କଭର ଫଟୋ ଭାବେ ଲୋକସେବା ଭବନକୁ ସ୍ଥାନ ଦିଆଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଟୁଇଟର ଓ ଫେସ୍‌ବୁକ ହ୍ୟାଣ୍ଡେଲରେ ପୂର୍ବପରି ନବୀନ ପଟ୍ଟନାୟକଙ୍କ ଫଟୋ ରହିଛି।

# ୨୬ରେ ରିଲିଜ୍ ହେବ 'ବୈକୁଣ୍ଠପୁରମ'ର ହିନ୍ଦୀ ଭର୍ସନ

**ମୁମ୍ବାଇ:** ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ଫିଲ୍ମକୁ ନେଇ ଚର୍ଚ୍ଚାରେ ରୁହନ୍ତି। ନିକଟରେ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ପୁଷ୍ପା'କୁ ନେଇ ଦର୍ଶକଙ୍କ ମଧ୍ୟରେ କ୍ରେଜ ରହିଛି। ତେବେ ଅଲ୍ଲୁଙ୍କ ଆଉ ଏକ ସୁପରହିଟ ତେଲୁଗୁ ଫିଲ୍ମ 'ବୈକୁଣ୍ଠପୁରମ'ର ହିନ୍ଦୀ ଭର୍ସନ ଜାନୁୟାରୀ ୨୬ରେ ପ୍ରେକ୍ଷାଳୟରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମକୁ ତ୍ରିବିକ୍ରମ ଶ୍ରୀନିବାସ ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମ 'ବୈକୁଣ୍ଠପୁରମ'୨୦୨୦ରେ ସୁପରହିଟ ହୋଇଥିଲା। ବର୍ତ୍ତମାନ ନେଟଫ୍ଲିକ୍ସରେ ଷ୍ଟ୍ରିମିଂ ହେଉଥିବା ଏହି ଫିଲ୍ମଟି ସର୍ବାଧିକ ଆୟ କରିଥିବା ଫିଲ୍ମ ମଧ୍ୟରୁ ଅନ୍ୟତମ। ତେବେ ଅଲ୍ଲୁଙ୍କ ନୂଆ ଫିଲ୍ମ ପୁଷ୍ପା ସୁପରହିଟ ହେବା ପରେ ନିର୍ମାତା ଫିଲ୍ମ'ବୈକୁଣ୍ଠପୁରମ' କୁ ହିନ୍ଦୀ ଭର୍ସନରେ ରିଲିଜ କରିବାକୁ ନିଷ୍ପତ୍ତି ନେଇଛନ୍ତି।



ଅଲ୍ଲୁ ଅର୍ଜୁନ

## ପ୍ରଥମ ପୃଷ୍ଠାରୁ...

### ଦୁର୍ଦ୍ଦିନରେ...

ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୨୦୨୧ ମାର୍ଚ୍ଚ ସୁଦ୍ଧା ୩୮,୮୯୧.୩୭ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୬୦,୦୦୧.୨୭ କୋଟି ଟଙ୍କା ଋଣ ସହାୟତା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିବା ନିକଟରେ ହୋଇଥିବା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ସୂଚନା ଦିଆଯାଇଥିଲା। ଯଦିଓ ଋଣ ପରିମାଣ ପ୍ରତ୍ୟେକ ବର୍ଷ ବୃଦ୍ଧି ପାଉଛି ତେବେ ଯେଉଁ କ୍ଷୁଦ୍ରଶିଳ୍ପ ଆବଶ୍ୟକ କରୁଛନ୍ତି ତାହା ସେମାନଙ୍କୁ ମିଳୁନାହିଁ। ସରକାର ଏ ଦିଗରେ ଦୃଷ୍ଟି ଦେଲେ ବୁଡ଼ିଯାଉଥିବା କ୍ଷୁଦ୍ରଶିଳ୍ପକୁ ବଞ୍ଚାଯାଇପାରନ୍ତା ବୋଲି ଓଏଏସ୍‌ଏମ୍‌ଇ ମହାସଚିବ ସ୍ୱାଇଁ କହିଛନ୍ତି।

### ସରପଞ୍ଚ ପଦ...

ପରେ ସୋମବାର ସରପଞ୍ଚ ଘୋଷିତ ପ୍ରାର୍ଥୀ ଏକ ଗଣମାଧ୍ୟମରେ ମତ ରଖି ୪୪ଲକ୍ଷ ନୁହେଁ, ୪୪ହଜାର ଟଙ୍କା ଦେବାକୁ ପୂଜା କମିଟି ପକ୍ଷରୁ କୁହାଯାଇଥିଲା ଓ ସେ ରାଜି ହୋଇଥିବା କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚାରିବାରୁ ଉକ୍ତ ଘଟଣାର ତଦନ୍ତ କରିବା ପାଇଁ ଅତିରିକ୍ତ ଜିଲାପାଳଙ୍କ ତତ୍ତ୍ୱାବଧାନରେ ପୁଇଁତଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

ଏବେ ଗୋଟିଏ କଥା ଲକ୍ଷ୍ୟ କରଯାଉଛି ଯେ, ଅନେକେ ସରପଞ୍ଚ ହେବାକୁ ବ୍ୟାକୁଳ। କାରଣ ବାର୍ଷିକ ୫୦ ଲକ୍ଷରୁ ୨ କୋଟି ଟଙ୍କା ପଞ୍ଚାୟତ ଜରିଆରେ ବିଭିନ୍ନ ଉନ୍ନୟନମୂଳକ କାମରେ ଖର୍ଚ୍ଚ ହେଉଛି। ଏହାସହ ବିଜୁ ପକ୍କାଘର, ପ୍ରଧାନମନ୍ତ୍ରୀ ଆବାସ ଆଦି ଯୋଜନାରେ ହିତାଧିକାରୀ ଚୟନରେ ପଞ୍ଚାୟତ ମୁଖ୍ୟ ଭୂମିକା ଗ୍ରହଣ କରୁଛି। ଏଥିପାଇଁ ସରପଞ୍ଚ ଆଶାୟୀମାନେ ଯେକୌଣସି ଉପାୟରେ ବିଜୟୀ ହେବାକୁ ତତ୍ପର ହୋଇଉଠିଛନ୍ତି। ଫଳରେ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା ହେବା ସାଙ୍ଗକୁ ନାନା ଆଲୋଡନ ସୃଷ୍ଟି ହେବ ବୋଲି ଯାହା ଆଲୋଚନା ହେଉଥିଲା ତାହା ଏବେ ବଲାଙ୍ଗୀର ଜିଲାର ଏହି ଘଟଣାରୁ ସ୍ପଷ୍ଟ ହୋଇଛି।

### ୨୧ରେ ବର୍ଷା...

ବେଳେ ଝାରସୁଗୁଡ଼ା ୧୧.୮, ବାରିପଦା ୧୨, ଚାନ୍ଦବାଲି ୧୨.୨ ଏବଂ ବାଲେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୨.୪ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୦ ତାରିଖରୁ ଶୀତର ପ୍ରକୋପ ହ୍ରାସ ପାଇବ। ୨୧ରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହ କୁଆପଥର ବର୍ଷା ହେବା ସମ୍ଭାବନା ରହିଛି। ୨୩ ତାରିଖରେ ଉପକୂଳ ଓଡ଼ିଶାରେ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

### ୫ କେଜି ସୁନା...

ହୋଇଛି। ଏ ନେଇ ନଂ. ୯/୨୨ରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସନ୍ଦେହରେ ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ଅଟକ ରଖାଯାଇଥିବାବେଳେ ତାଙ୍କୁ ଛାଡ଼ି ଦିଆଯାଇଛି। ସେହିପରି ଜଣେ ପୋଲିସ କର୍ମଚାରୀଙ୍କ ପୁଅଙ୍କ ଏଥିରେ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଥିବାବେଳେ ଏ ନେଇ ପୋଲିସ କୌଣସି ସ୍ପଷ୍ଟ ତଥ୍ୟ ଦେଇନାହିଁ। ଅତିରିକ୍ତ ଏସ୍‌ପି ଶିଶୁରଞ୍ଜନ ମହାପାତ୍ର, ଏସ୍‌ଡିପିଓ ମଳୟ ନାୟକ, ଆଇଆଇସି ବିଜୟ ହାଇବ୍ରୁ, ଏସ୍‌ଆଇ ଟି.ଏ. ଖାନ୍, ଏଏସ୍‌ଆଇ ରମେଶ ସ୍ୱାଇଁ, କାଳିନ୍ଦୀ ରାଉତ, ଦିଲୀପ ସାହୁ ପ୍ରମୁଖଙ୍କ ଉଦ୍ୟମରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏସ୍‌ପି କହିଛନ୍ତି।

#### ଜେଲ୍‌ଫେରନ୍ତା ମାଷ୍ଟରମାଇଣ୍ଡ

ବ୍ୟାଙ୍କ ଡକାୟତି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ରାସୋଳ ନୂଆପାଟଣା ଅଞ୍ଚଳର ବିକାଶ ନାୟକ ଜଣେ ଜେଲ ଫେରନ୍ତା। ଛୋଟବଡ଼ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ବିକାଶ ରାସୋଳ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ବଡ଼ଧରଣର ଡକାୟତି କରିବା ଲାଗି ଯୋଜନା କରିଥିଲେ। ଏଥିରେ ଅନୁଗୋଳର କାଳିଆ, ଚିନୁ ଏବଂ ଗୁଡୁଙ୍କ ସହଯୋଗ ଲୋଡ଼ିଥିଲେ। ଘଟଣା ଦିନ ଅର୍ଥାତ୍ ଗତ ୧୨ ତାରିଖ ସକାଳେ ଏକ ସ୍କୁଟି (ନଂ. ଓଡ଼ି ୩୫ ବି ୮୪୦୬)ରେ ଗୁଡୁ, ଚିନୁ, କାଳିଆ ଅନୁଗୋଳରୁ ଆସି ରାସୋଳରେ ପହଞ୍ଚିଥିଲେ। ଅନ୍ୟ ଏକ ବାଇକ୍ (ନଂ. ଓଡ଼ି ୧୯ ଟି ୧୧୫୪)ରେ ବିକାଶ, ସମୀର, ଠେଙ୍ଗୁ ପହଞ୍ଚି ଥିଲେ। ବ୍ୟାଙ୍କ ନିକଟରେ ଗହଳି ଏଡ଼ାଇବାକୁ ପୂର୍ବ ଯୋଜନା ଅନୁଯାୟୀ ଅଜିତ୍ ସେହିଦିନ ଚା' ଦୋକାନ ଖୋଲି ନ ଥିଲେ। ଝିପିଝିପି ବର୍ଷା ହେଉଥିବାରୁ ଅପରାହ୍ନରେ ବ୍ୟାଙ୍କରେ କେହି ଗ୍ରାହକ ନ ଥିଲେ। ଏହାର ସୁଯୋଗରେ ସମୀର, ଠେଙ୍ଗୁ, ଚିନୁ ଏବଂ କାଳିଆ ବ୍ୟାଙ୍କ ଭିତରେ ପଶି ମ୍ୟାନେଜର ମୋନିକା ଓରାମ୍, କ୍ୟାଶିୟର ରୋଶନ କୁମାରଙ୍କ ସମେତ ଅନ୍ୟ ୨କର୍ମଚାରୀଙ୍କୁ ମାଡ଼ ମାରି ଲୁଟ୍ ଟଙ୍କା, ସୁନା ଭର୍ତ୍ତି କରି ଚମ୍ପଟ ମାରିଥିଲେ।

#### କଟକରେ ଅଳଙ୍କାର ବିକ୍ରି ଯୋଜନା

ବ୍ୟାଙ୍କରୁ ଲୁଟ୍ ସୁନା କଟକରେ ବିକ୍ରି କରିବାକୁ ଯୋଜନା କରିଥିଲେ ଡକାୟତି ଗ୍ୟାଙ୍ଗ୍। ତଦନୁଯାୟୀ ବିକାଶ, କାଳିଆ, ଗୁଡୁ ବାଇକ୍ (ନଂ. ଓଡ଼ି ୧୯ ଟି ୧୧୫୪)ରେ ରାସୋଳ ବଜାରରୁ ହିନ୍ଦୋଳ ରୋଡ୍ ୫୩ନଂ. ଏନ୍‌ଏଚ୍‌ରେ ପହଞ୍ଚିଥିଲେ। ସମୀରଙ୍କ ନିର୍ଦ୍ଦେଶରେ ସିପୁନ୍ ଏବଂ ଗୌରୀଶଙ୍କର ଢେଙ୍କାନାଳରୁ ଏକ ଭଡ଼ା ଟ୍ୟାକ୍ସି ଯୋଗାଡ଼ କରି ବାଇପାସ୍‌ରେ ଅପେକ୍ଷା କରିଥିଲେ। କାଳିଆ, ବିକାଶ, ଗୁଡୁ, ସିପୁନ୍ ଗାଡ଼ିରେ ବସିଥିଲେ ଏବଂ ଗୌରୀଶଙ୍କର ବାଇକ୍‌ରେ ପାଇଲଟିଂ କରିଥିଲେ। ତେବେ ଅଭିଯୁକ୍ତଙ୍କ ହାବଭାବ, କଥାବାର୍ତ୍ତାରୁ ଡ୍ରାଇଭରଙ୍କ ସନ୍ଦେହ ଉପୁଜିଥିଲା। ଫଳରେ ସେ ବାହାନା କରି ଗୋବିନ୍ଦପୁରଠାରେ ଗାଡ଼ି ଅଟକାଇଥିଲେ। ଏକ ପାନଦୋକାନରେ ଅଭିଯୁକ୍ତଙ୍କ ସମ୍ପର୍କରେ ଖୋଳତାଡ଼ କରିବା ବେଳେ ସେଠାରେ ଉପସ୍ଥିତ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ବବିତା ଦେହୁରୀ ଏବଂ ଅନ୍ୟ ଜଣେ ଏସ୍‌ଆଇ ଟ୍ୟାକ୍ସି ପାଖରେ ପହଞ୍ଚି ସିପୁନ୍‌ଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ।

# ସହରରେ ୫ଶହ ତଳକୁ ଖସିଲା ସଂକ୍ରମଣ

କଟକ ଅଫିସ, ୧୭।୧

୫ ଦିନ ପରେ ସହରରେ ସଂକ୍ରମିତଙ୍କ ସଂଖ୍ୟା ୫ଶହ ତଳକୁ ଖସିଛି। ସୋମବାର ୪୭୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗତ ରବିବାର ୫୨୨, ଶନିବାର ୫୮୩, ଶୁକ୍ରବାର ୬୦୧, ଗୁରୁବାର ୬୪୬, ବୁଧବାର ୫୬୩, ମଙ୍ଗଳବାର ୩୯୨ ସଂକ୍ରମିତ ଚିହ୍ନଟ ହୋଇଥିଲେ। ସଂକ୍ରମିତଙ୍କ ସଖ୍ୟା କମିଥିଲେ ହେଁ କରୋନା ଗ୍ରାଫ ଉପରମୁହାଁ ରହିଛି। ରବିବାର ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୬୯ ଜଣ ଇଣ୍ଟିଚ୍ୟୁଶନ ସଙ୍ଗରୋଧ, ୧୮୪ଜଣ ଗୃହ ସଙ୍ଗରୋଧରୁ, ୨୨୧ ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ତେବେ ସହରରେ ସଙ୍ଗରୋଧରୁ ଅଧିକ ଲୋକ ସ୍ଥାନୀୟ ସଂକ୍ରମିତ ଚିହ୍ନଟ ହେଉଛନ୍ତି।

### ଶଙ୍କରପୁର ଅଞ୍ଚଳରୁ ଆଉ ଏକ କଣ୍ଟେନମେଣ୍ଟ



କରୋନା ସଂକ୍ରମଣ ବଢ଼ିବା ସହ ସହରରେ କଣ୍ଟେନମେଣ୍ଟ ଜୋନ ସଂଖ୍ୟା ମଧ୍ୟ ବୃଦ୍ଧି ପାଉଛି। ସୋମବାର ୩୭ନଂ ୱାର୍ଡର ଶଙ୍କରପୁର ଅଞ୍ଚଳର ବିଶ୍ରାମ ନଗରର ଏକ ବ୍ୟକ୍ତିଙ୍କ ଘରକୁ କଟକ ମହାନଗର ନିଗମର (ସିଏମ୍‌ସି) ପକ୍ଷରୁ ମାଇକ୍ରୋ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି । ଉକ୍ତ ଘରରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହା ପରେ ସିଏମ୍‌ସି ପକ୍ଷରୁ ଉକ୍ତ ସ୍ଥାନକୁ ସିଲ କରାଯାଇଛି । ଉକ୍ତ ସ୍ଥାନର ସମସ୍ତ ତଦାରଖ ଦାୟିତ୍ୱ ଅମିୟ କୁମାର ପଣ୍ଡାଙ୍କୁ ପ୍ରଦାନ କରାଯାଇଥିବା ବେଳେ ବିଜୟ ପଣ୍ଡାଙ୍କୁ ସାନିଟାଇଜେଶନ, ବିନୟ କୁମାର ସିନ୍‌ହାଙ୍କୁ ଅତ୍ୟାବଶ୍ୟକ ସାମଗ୍ରୀ ପ୍ରଦାନ, ଡା. ସ୍ମୃତିରଞ୍ଜନ ସାମଲଙ୍କୁ କଣ୍ଟାକ୍ଟଟ୍ରେସିଂ ଏବଂ ବିପ୍ଳବ କୁମାର ସ୍ୱାଇଁଙ୍କୁ ସ୍ୱାସ୍ଥ୍ୟଗତ ସମସ୍ୟା ନେଇ ଦାୟିତ୍ୱ ଦିଆଯାଇଛି।

### ୨୦ହଜାର ଜରିମାନା, ୧ ଦୋକାନ ସିଲ୍

ସହରରେ ସଂକ୍ରମିତଙ୍କ ଉପରେ ବ୍ରେକ ଲାଗି ପାରୁନି । ରବିବାର ୪ଶହରୁ ଊର୍ଦ୍ଧ୍ୱ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିସହ ଚିହ୍ନଟ ସଂକ୍ରମିତଙ୍କ ମଧ୍ୟରୁ ସର୍ବାଧିକ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ତେବେ ସଂକ୍ରମଣକୁ ନିୟନ୍ତ୍ରଣ କରିବା ସହ ସହରବାସୀଙ୍କୁ ସଚେତନ କରିବା ପାଇଁ ସିଏମ୍‌ସି ପକ୍ଷରୁ ୨ଟିମ ଗଠନ କରାଯାଇଛି । ଉକ୍ତ ଟିମ୍ ସହରର ବିଭିନ୍ନ ସ୍ଥାନ ବୁଲି ଲୋକଙ୍କୁ ସଚେତନ କରିବାସହ ନିୟମ ଉଲ୍ଲଂଘନକାରୀଙ୍କଠାରୁ ଜରିମାନ ଆଦାୟ କରୁଛି। ଏହି କ୍ରମରେ ସୋମବାର ସିଏମ୍‌ସିର ଏନ୍‌ଫୋର୍ସମେଣ୍ଟ ଟିମ ସହରର ବିଭିନ୍ନ ସ୍ଥାନରେ ଚଢ଼ାଉ କରିଛି। ବାଦାମବାଡ଼ିସ୍ଥିତ ଏକ ମୋବାଇଲ ଦୋକାନରେ ଅହେତୁକ ଗହଳି ଦେଖିବାକୁ ମିଳିଥିଲା, କୋଭିଡ କଟକଣା ଉଲ୍ଲଂଘନ ଅଭିଯୋଗରେ ଉକ୍ତ ଦୋକାନକୁ ସିଏମ୍‌ସି ପକ୍ଷରୁ ସିଲ୍ କରାଯାଇଛି । ସେହିପରି ସହରର ବିଭିନ୍ନ ସ୍ଥାନରେ ସାମାଜିକ ଦୂରତା ଓ ମାସ୍କ ପରିଧାନ କରି ନ ଥିବା ଲୋକଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି ବୋଲି ସିଏମ୍‌ସି ଡେପୁଟି କମିଶନ ଅଭିନାଶ ରାଉତ ସୂଚନା ଦେଇଛନ୍ତି।

## ପୋଲିସ କର୍ମଚାରୀଙ୍କଠାରୁ ସୁନାଚେନ୍ ଲୁଟ୍, ୪ ଗିରଫ

କଣ୍ଟାପଡା, ୧୭।୧

କଟକ କମିଶନରେଟ ପୋଲିସରେ କାର୍ଯ୍ୟରତ ଜଣେ ପୋଲିସ କର୍ମଚାରୀଙ୍କୁ ମାଡ଼ମାରି ସୁନା ଚେନ୍ ଲୁଟିନେବା ଅଭିଯୋଗରେ ଗୋବିନ୍ଦପୁର ପୋଲିସ ୪ଜଣଙ୍କୁ ସୋମବାର ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅନ୍ତର୍ଗତ ଉରୁଜଙ୍ଗ ନୂଆସାହିର ସମ୍ବିତ ପଣ୍ଡା(୩୫), ଆଲୋକ ଭୋଇ(୨୨), ବଡୱାଉବରାଇ ଗ୍ରାମର ପାର୍ଥସାରଥି ପାତ୍ର(୨୫) ଓ ଝାରପଡାର ପିଣ୍ଟୁ ମଲ୍ଲିକ(୨୩)। ପୋଲିସ ସୂତ୍ରରୁ ପ୍ରକାଶ, ରବିବାର ସନ୍ଧ୍ୟାରେ ପୋଲିସ କର୍ମଚାରୀ ବିଜ୍ଞାନ ପ୍ରକାଶ ମୂଳିଆ କାର୍ଯ୍ୟ ସାରି ନିଜ ଗ୍ରାମ ଝାରପଡାକୁ ଫେରୁଥିଲେ। ଅଭିଯୁକ୍ତମାନେ ତାଙ୍କୁ ବାଟରେ ଅଟକାଇ ଧମକ ଦେବାସହ ମାଡମାରି ତାଙ୍କ ବେକରୁ ୩ଭରି ଓଜନର ଏକ ସୁନାଚେନ ଲୁଟି ନେଇ ଫେରାର ହୋଇଥିଲେ। ପୋଲିସ ଏ ନେଇ କେସ୍ ନଂ ୪/୨୨ରେ ମାମଲା ରୁଜୁ କରି ତଦନ୍ତ କରି ୪ଜଣଙ୍କୁ ଧରିଥିଲା।

## କିଣା ନ ହୋଇ ମଣ୍ଡିରେ ପଡ଼ିରହିଲା ଧାନ

କଣ୍ଟାପଡା,୧୭।୧(ଡି.ଏନ୍.ଏ.)

ଚଳିତ ବର୍ଷ ମଣ୍ଡିରେ ଧାନ ସଂଗ୍ରହ ପାଇଁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟ କରାଯାଇଥିବା ନୂଆନିୟମ ଯୋଗୁ ଚାଷୀ ଓ ମିଲରଙ୍କ ମଧ୍ୟରେ ସହମତି ହୋଇପାରୁ ନାହିଁ। ଫଳରେ କଣ୍ଟାପଡା ବ୍ଲକ ଅନ୍ତର୍ଗତ କଣ୍ଟାପଡା ସେବା ସମବାୟ ସମିତି ଅଧୀନରେ ଥିବା ଧାନମଣ୍ଡିରେ ସୋମବାର ଧାନ କିଣା ହୋଇପାରିନାହିଁ। ଫଳରେ ମଣ୍ଡିରେ ଖୋଲା ଆକାଶତଳେ ପ୍ରାୟ ୮୦୦ କୁଇଣ୍ଟାଲ ଧାନ ପଡିରହିଛି। କଣ୍ଟାପଡା ସେବା ସମବାୟ ସମିତି ପକ୍ଷରୁ ସୋମବାର ୨୦ଜଣ ଚାଷୀଙ୍କଠାରୁ ୮୦୦କୁଇଣ୍ଟାଲ ଧାନ କିଣିବା ପାଇଁ ଟୋକନ ପ୍ରଦାନ କରାଯାଇଥିଲା। ଚାଷୀମାନେ ଧାନଆଣି ମଣ୍ଡିରେ ପହଞ୍ଚିବାପରେ ଏହାର ମାନପରୀକ୍ଷା କରାଯିବା ସହ ଅଖା ପିଛା ୩୫.୫ କିଲୋ ଧାନ ଓଜନ କରାଯିବ ବୋଲି ସରକାରଙ୍କ ପକ୍ଷରୁ ନିୟମ କରାଯାଇଛି ବୋଲି ମିଲରଙ୍କ ପକ୍ଷରୁ ସୂଚନା ଦିଆଯାଇଥିଲା। ଏହି କଥା ଚାଷୀଙ୍କୁ ଆଗୁଆ କୁହାଯାଇ ନ ଥିବାରୁ ସେଠାରେ ଦୀର୍ଘସମୟ ଧରି ଉତ୍ତେଜନା ପ୍ରକାଶ ପାଇଥିଲା। ଘଟଣା ସ୍ଥଳରେ କଟକ ଜିଲା ଏଆରସିଏସ୍ ଅନୀମା ବେହେରା, ଏସ୍‌ଆରସିଏସ୍ ତପନ କୁମାର ଦାସ ଉପସ୍ଥିତ ରହି ଚାଷୀମାନଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କିଛି ସମାଧାନ ହୋଇପାରି ନ ଥିଲା। ଫଳରେ ଧାନ କିଣା ବନ୍ଦ ରହିଥିଲା। ଏ ସମ୍ପର୍କରେ ଏସ୍‌ଆରସିଏସ ତପନ ଦାସ କୁହନ୍ତି ମଙ୍ଗଳବାର ଏ ସମସ୍ୟାର ସମାଧାନ କରାଯାଇ ଧାନ କିଣାଯିବା ପାଇଁ ବାଟ ବାହାର କରାଯିବ।



ପୌଷ ପୂର୍ଣ୍ଣିମା ଅବସରରେ ଚାନ୍ଦିନୀଚୌକସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ସୋମବାର ଶ୍ରୀଜୀଉଙ୍କ ରାଜା ବେଶ।

# ପଶୁ ପରିବହନକାରୀଙ୍କୁ ସୁରକ୍ଷା ଦିଆଯାଉ

କଟକ ଅଫିସ,୧୭।୧

ଗୋରୁ ଚୋରା ଚାଲାଣକାରୀଙ୍କୁ ଗିରଫ କରାଯିବା ସହ ନିୟମାନୁଯାୟୀ ପଶୁ ପରିବହନକାରୀଙ୍କୁ ସୁରକ୍ଷା ପ୍ରଦାନ ଦାବିରେ ଅଲ୍ ଇଣ୍ଡିଆ ଜାମିଆତୁଲ କୁରେଶର ପକ୍ଷରୁ ସୋମବାର ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଦିଆଯାଇଛି। ଅଲ୍ ଇଣ୍ଡିଆ ଜାମିଆତୁଲ କୁରେଶର ରାଜ୍ୟ ସଭାପତି ସେକ ମୁନ୍ତାକିମ୍ ବକ୍ସଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ଆନିମଲ ୱେଲଫେୟାର ବୋର୍ଡ ଅଫ ଇଣ୍ଡିଆର ନିୟମ ୧୯୭୮ ଅନୁଯାୟୀ ପଶୁ ପରିବହନକାରୀଙ୍କୁ ସୁରକ୍ଷା ପ୍ରଦାନ କରାଯାଉ। ଛତିଶଗଡ଼ରୁ ବେନିୟମ ଭାବେ ପଶୁ ବରଗଡ଼, ସମ୍ବଲପୁର, କେନ୍ଦୁଝର, ମୟୂରଭଞ୍ଜ ଜିଲା ସୀମା ଦେଇ ପଶ୍ଚିମବଙ୍ଗକୁ ପଠାଉଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ନଚେତ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭୋଟ ବର୍ଜନ କରାଯିବ। ଏହି ଦାବିପତ୍ର ଉପସ୍ଥାପନ ବେଳେ ରାଉଲ କଣ୍ଡରା, ସୁବାସ କଣ୍ଡରା, ଶ୍ରୀକାନ୍ତ ପ୍ରଧାନ, ସତରା ବେହେରା, ନାଲୁଆ ବେହେରା, ଲିପୁନା ପଟ୍ଟନାୟକ, ରବି ରାଉତ, ପ୍ରଭାକର ଭୋଇ, ଭଗବାନ ବେହେରା, ଚୁନିଆ ନାୟକ, ନବକିଶୋର ବରାଳ, ଗୋବିନ୍ଦ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ରୁହ'

କଟକ ଅଫିସ, ୧୭।୧

### କଂଗ୍ରେସ କର୍ମୀ ସମ୍ମିଳନୀ

କଟକ ନଗର ୭ନଂ. ୱାର୍ଡ କଂଗ୍ରେସ କମିଟି ପକ୍ଷରୁ ସୋମବାର ସେଲ୍ଟର ଛକସ୍ଥିତ ବିଧାୟକ ମହମ୍ମଦ ମୋକିମଙ୍କ ଆବାସିକ କାର୍ଯ୍ୟାଳୟରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ମୋକିମ ଯୋଗଦେଇ କହିଥିଲେ, ଦୀର୍ଘ ୨୨ବର୍ଷ ଧରି ବିଜେଡି ସରକାର ଶାସନରେ ଥିଲେ ମଧ୍ୟ ସ୍ଥାନୀୟ ଅଞ୍ଚଳର ରାସ୍ତାଘାଟ, ପରିମଳ, ମଶା ନିରାକରଣ, ପାନୀୟଜଳ ଓ ସ୍ୱାସ୍ଥ୍ୟସେବା ଆଦି ମୌଳିକ ସମସ୍ୟା ଦୂର କରାଯାଇନାହିଁ। ଏଣୁ ରାଜ୍ୟ ସରକାରଙ୍କ ଅପାରଗତା ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଆଗାମୀ ପୌର ନିର୍ବାଚନ ପାଇଁ ପ୍ରସ୍ତୁତ ରହିବାକୁ ସେ କଂଗ୍ରେସ କର୍ମୀମାନଙ୍କୁ କହିଥିଲେ। ୱାର୍ଡ ସଭାପତି ଦିଲ୍ଲୀପ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ନଗର କଂଗ୍ରେସ ସଭାପତି ଗିରିବାଳା ବେହେରା, ୱାର୍ଡ କଂଗ୍ରେସ ନେତା ବୀରେନ୍ଦ୍ର ଦାସ, ଶିବ ପ୍ରସାଦ ନାୟକ, ରାଜେନ୍ଦ୍ର ପଟ୍ଟନାୟକ, ସୁଦର୍ଶନ ସେଠୀ, ଗଣେଶ୍ୱର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# 'ଉଚ୍ଚଶିକ୍ଷା ଅନୁଦାନର ଉପଯୋଗ କର'

କଟକ ଅଫିସ, ୧୭।୧

### ଡ୍ରିମ୍‌ସରେ ୱେବିନାର

ଡ୍ରିମ୍‌ସ ଶିକ୍ଷାନୁଷ୍ଠାନ ସମୂହ ପକ୍ଷରୁ ସୋମବାର ଉଚ୍ଚଶିକ୍ଷା ଓ ଗବେଷଣା ସଂକ୍ରାନ୍ତୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ସରକାରଙ୍କ ବିଜ୍ଞାନ ଓ କାରିଗରୀ ମନ୍ତ୍ରଣାଳୟ ପକ୍ଷରୁ ଉଚ୍ଚଶିକ୍ଷା ଏବଂ ଗବେଷଣା ପାଇଁ ପ୍ରଦାନ କରାଯାଉଥିବା ଅନୁଦାନ ସମ୍ପର୍କରେ ଆଲୋଚନା ହୋଇଥିଲା। ଭାରତ ସରକାରଙ୍କ ବରିଷ୍ଠ ଅଧିକାରୀ ସଞ୍ଜୀବ କୁମାର ଭର୍ସନେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ଦିଆଯାଉଥିବା ଅନୁଦାନକୁ ଉପଯୁକ୍ତ ଭାବେ ଉପଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷା ଓ ଗବେଷଣା ବିଭାଗର ନିର୍ଦ୍ଦେଶକ ଡ. କପିଳେଶ୍ୱର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନ ସମୂହର ଅଧ୍ୟକ୍ଷ ପ୍ରମୋଦ ଚନ୍ଦ୍ର ରଥ, ଉପାଧ୍ୟକ୍ଷ ଇଂ. ଦୁର୍ଗାପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ଲୋକନାଥ ବେହେରା, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ଅଧକ୍ଷ ଡ. ନୟନ ରଞ୍ଜନ ସାମଲ, ଡ. ସ୍ନିଗ୍ଧମଧୁସୂଦନ ଦାସ, ପ୍ରଫେସର ଆଶିଷ କୁମାର ସ୍ୱାଇଁ, ସଚିବ ପ୍ରାଣବନ୍ଧୁ ନାୟକ, ଇଂ. ପିନାକ ଭୂଷଣ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ପ୍ରାଧ୍ୟାପିକା ଡ. କ୍ରିଷ୍ଟାପ୍ରଦା ଦାଶ ସ୍ୱାଗତ ଭାଷଣ ଓ ମେକାନିକାଲ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ଡ. ଦୀପକ ରଞ୍ଜନ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ପ୍ରକାଶ ୱାରିଅର ଚାମ୍ପିୟନ

ଫୁଲନଖରା,୧୭।୧(ଡି.ଏନ୍.ଏ.)

ପାହାଳ ଥାନା ଅନ୍ତର୍ଗତ ଜନ୍ମେଜୟପୁରର ଖୁନୁକାରଠାରେ ରବିବାର ୨ ଦିନ ବ୍ୟାପି ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚରେ ପ୍ରକାଶ ୱାରିଅର ଚାମ୍ପିୟନ ହୋଇଛି। ଟୁର୍ଣ୍ଣାମେଣ୍ଟରେ ୬ଟି ଦଳ ଭାଗ ନେଇଥିବାବେଳେ ୪ଟି ଦଳ ସେମିଫାଇନାଲରେ ପହଞ୍ଚିଥିଲେ। ହେଲେ ଫାଇନାଲକୁ ବଜରଙ୍ଗୀ ଇଲେଭେନ ଏବଂ ପ୍ରକାଶ ୱାରିଅର ଯାଇଥିଲେ। ଟସ୍ ଜିତି ପ୍ରଥମେ ବଜରଙ୍ଗୀ ଇଲେଭେନ ବ୍ୟାଟିଂ କରି ୫ ଓଭରରେ ୪ ଉଇକେଟ ହରାଇ ୫୫ ରନ ସଂଗ୍ରହ କରିଥିଲା। ଜବାବରେ ପ୍ରକାଶ ୱାରିଅର ୪ ଓଭର ୩ଟି ବଲରେ ୪ ଉଇକେଟ ହରାଇ ୫୬ ରନରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି। ମ୍ୟାଚରେ ଦିଲୀପ ବାରିକ ମ୍ୟାନ ଅଫ ଦି ମ୍ୟାଚ ହୋଇଥିବାବେଳେ ଜଗତ ବାରିକଙ୍କୁ ମ୍ୟାନ ଅଫ ଦି ସିରିଜ ଭାବେ ଘୋଷିତ କରାଯାଇଛି। ଅତିଥି ଭାବେ ଜଗନ୍ନାଥପୁର ସରପଞ୍ଚ ରଶ୍ମିତା ସାହୁ ପୁରସ୍କାର ବିତରଣ କରିଥିଲେ। ରୂପକ ରଞ୍ଜନ ତ୍ରିପାଠୀ, ଶିବ ପ୍ରସାଦ ବାରିକ, ସତ୍ୟରଞ୍ଜନ ଦାସ, ରାମଚନ୍ଦ୍ର ଭୋଇ, ଅରୁଣ ମହାପାତ୍ର ଟୁର୍ଣ୍ଣାମେଣ୍ଟ ପରିଚାଳନା କରିଥିଲେ।



କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଖେଳାଳିଙ୍କ ସହ ଅତିଥି।

## ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଜବତ

ନିଶ୍ଚିନ୍ତକୋଇଲି,୧୭।୧(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ଥାନା ଅନ୍ତର୍ଗତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜଣେ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ସୋମବାର ତାଙ୍କ ଭଡାଘରୁ ପୋଲିସ ଜବତ କରିଛି। ସେ ହେଲେ ବଡମ୍ବାର କାଳନ୍ଦୀ ଚରଣ ମହାରଣା(୩୭)। ସେ ଥାନାଠାରୁ ଅଳ୍ପ ଦୂରରେ ଘର ଭଡା ନେଇ ରହୁଥିଲେ। ପାରିବାରିକ ବିବାଦକୁ କେନ୍ଦ୍ର କରି ସେ ଆତ୍ମହତ୍ୟା କରିଥିବା ନେଇ ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାପରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡ଼ ଡାକ୍ତରଖାନାକୁ ପଠାଇଛି।

## ଶିକ୍ଷକଙ୍କ ବକେୟା ପ୍ରାପ୍ୟ ପ୍ରଦାନ ଦାବି

ଚୌଦ୍ୱାର, ୧୭।୧(ଡି.ଏନ୍.ଏ.)

ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘର ଏକ ବୈଠକ ନିର୍ମାଣଧୀନ ଶିକ୍ଷକ ଭବନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର କାର୍ଯ୍ୟକାରୀ ସଭାପତି ଭାଗୀରଥି ମିଶ୍ର ଅଧ୍ୟକ୍ଷତା କରିଥିଲେ। ସଭା ପ୍ରାରମ୍ଭରେ ସହକାରୀ ଶିକ୍ଷକ ସଂଘର ସଭାପତି ଦିବଂଗତ ବସନ୍ତ ଦାସଙ୍କ ପାଇଁ ନୀରବ ପ୍ରାର୍ଥନା କରିଥିଲେ। ଶିକ୍ଷକମାନଙ୍କର ବକେୟା ପ୍ରାପ୍ୟ ପ୍ରଦାନ, ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ମେଡିକାଲ ଭତ୍ତା ପ୍ରଦାନ ଆଦି ବୈଠକରେ ଦାବି ହୋଇଛି। ପୂର୍ବତନ ବିଧାୟକ ଡ. ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ନିର୍ମାଣାଧୀନ ସଂଘ ଭବନକୁ ସମ୍ପୂର୍ଣ୍ଣ କରିବା ପାଇଁ ପଦକ୍ଷେପ ନେବାକୁ ସଂଘ ତରଫରୁ ନିବେଦନ କରାଯାଇଛି। ଏହି ଅବସରରେ ଡ.ରାଧାନାଥ ରଥ ସମ୍ମାନ ପ୍ରାପ୍ତ ସାମାଜିକ କର୍ମୀ ଦାମୋଦର ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ପାଦକ ସୁକାନ୍ତ ମହାନ୍ତି ସ୍ୱାଗତ ଭାଷଣ ଓ ଜୟକୃଷ୍ଣ ସ୍ୱାଇଁ ବିବରଣୀ ପାଠ କରିଥିବାବେଳେ ନିକୁଞ୍ଜ କିଶୋର ପଣ୍ଡା ଧନ୍ୟବାଦ ଦେଇଥିଲେ। ଅକ୍ଷୟ ମିଶ୍ର, ପବିତ୍ର ମୋହନ ଜେନା, କାର୍ତ୍ତିକ ଭୂୟାଁ, ପ୍ରମୋଦ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଜେଡିର ଜିଲା ପରିଷଦ ପ୍ରାର୍ଥୀ ଘୋଷଣା

ଟିଗିରିଆ,୧୭।୧( ଡି.ଏନ୍.ଏ.)

ଟିଗିରିଆ ବ୍ଲକର ୧୪ ଓ ୧୫ ନଂ. ଜୋନ ପାଇଁ ବିଜେଡି ପକ୍ଷରୁ ଜିଲା ପରିଷଦ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ୧୪ ନଂ. ଜୋନ ପାଇଁ ପୂର୍ବତନ ଶ୍ରମିକ ନେତା ଅକ୍ଷୟ ମଲ୍ଲିକଙ୍କ ଭାଇ ସଞ୍ଜୟ ଓ ୧୫ ନମ୍ବର ପାଇଁ ବଡ଼ନାଉପୁଟ ପଞ୍ଚାୟତ ସରପଞ୍ଚ ସସ୍ମିତା ରାଉତଙ୍କୁ ଚୟନ କରାଯାଇଛି। ଏହାପରେ ବିରୋଧୀ ଦଳ ଶିବିର ଚଳଚଞ୍ଚଳ ହୋଇଉଠିଛି। ଦିନେ ଦୁଇଦିନ ମଧ୍ୟରେ ସେମାନେ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିବେ ବୋଲି କଂଗ୍ରେସ ଓ ଭାଜପା ପକ୍ଷରୁ କୁହାଯାଇଛି। ୨୦୧୭ ପଞ୍ଚାୟତ ନିର୍ବାଚନରେ ଉକ୍ତ ୨ ଜିଲା ପରିଷଦ ଆସନ ବିଜେଡି ଅକ୍ତିଆରରେ ଥିଲା। ସେତେବେଳେ ଉଭୟ ଆସନରୁ ଯଥାକ୍ରମେ ବିଜୟଲକ୍ଷ୍ମୀ ଖଟୁଆ ଓ ରଶ୍ମିତା ମହାଳିକ ବିଜୟୀ ହୋଇଥିଲେ।

## ବାପୁଜୀ ଫୁଟ୍‌ବଲ ଆସୋସିଏଶନ୍ ବିଜୟୀ

### ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

ବଡ଼ମ୍ବା ୧୭।୧(ଡି.ଏନ୍.ଏ.)

ବାପୁଜୀ ଫୁଟ୍‌ବଲ ଆସୋସିଏଶନ୍ ଶଙ୍ଖାମେରୀ ବଡ଼ମ୍ବା ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଖେଳପଡିଆରେ ଚାଲିଥିବା ନାରାୟଣ ରାଉତରାୟ ସ୍ମାରକୀ ଟୁର୍ଣ୍ଣାମେଣ୍ଟର ସୋମବାର ଦ୍ୱିତୀୟ ଦିବସ ଖେଳ ଶେଷ ହୋଇଛି। ଏହି ଅବସରରେ ବାପୁଜୀ ଫୁଟବଲ ଆସୋସିଏଶନ ଶଙ୍ଖାମେରୀ ଓ ବାଲୁଙ୍କେଶ୍ୱର ଆସୋସିଏଶନ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ବାପୁଜୀ ଫୁଟ୍‌ବଲ ଆସୋସିଏଶନ୍ ୨-୦ ଗୋଲରେ ବିଜୟୀ ହୋଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ଶ୍ରମିକ ସଂଗଠନର ଉପଦେଷ୍ଟା ପଞ୍ଚାନନ ମଲ୍ଲିକ ଯୋଗ ଦେଇଥିଲେ। ରବିବାର ଉଦ୍‌ଘାଟନୀ ମ୍ୟାଚରେ କେନ୍ଦ୍ରାପଡ଼ାର ଚାନ୍ଦ କ୍ଲବକୁ ହରାଇ ଭୁବନେଶ୍ୱରର ଜଗା ୟୁନାଇଟେଡ୍ ଟିମ୍ ବିଜୟୀ ହୋଇଥିଲା। ମଙ୍ଗଳବାର ସନ୍‌ସାଇନ କ୍ଲବ କଟକ ଓ କଳିଙ୍ଗ ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ମ୍ୟା ଅନୁଷ୍ଠିତ ହେବ ବୋଲି ଆୟୋଜକ ଦଳ ତରଫରୁ କୁହାଯାଇଛି।

**'ଲିସା' ପକ୍ଷରୁ ନବନିର୍ବାଚିତ ସଭାପତିଙ୍କୁ ସମ୍ବର୍ଦ୍ଧନା**

**କଟକ ଅଫିସ:** ସିଡିଏ ସେକ୍ଟର-୬ସ୍ଥିତ ଆଇନସେବା ସଂସ୍ଥା ପରିସରରେ 'ଲିସା'ର ଆବାହକ ଆଇନଜୀବୀ ଗଦାଧର ସାହୁଙ୍କ ପୌରୋହିତ୍ୟରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ 'ଓଡ଼ିଶା କ୍ଷୁଦ୍ର ଶିଳ୍ପ ସଂଘ'ର ନୂତନଭାବେ ନିର୍ବାଚିତ ହୋଇଥିବା ସଭାପତି ଦୀପକ କାଜେରିଆଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସଭାରେ ୬ନଂ ୱାର୍ଡ଼ର ପୂର୍ବତନ କର୍ପୋରେଟର ସଂଯୁକ୍ତା ସାହୁ ମୁଖ୍ୟଅତିଥି ରୂପେ ଯୋଗଦେଇ ଦୀପକ କାଜେରିଆଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ସଭାରେ ରମଣ ବାଗେଡ଼ିଆ, ଶରତ ସାଙ୍ଗନେରିଆ, କୈଳାଶ ମିଶ୍ର, ଜଟେଶ୍ୱର ସେଠୀ, ସଚିନ୍ଦ୍ର ବିଶ୍ୱାଳ, ଡି.ଆଇ.ଜି ବଙ୍କିମ ଚନ୍ଦ୍ର ମହାନ୍ତି , ପ୍ରେମାନନ୍ଦ ଦାଶ, ଦୁର୍ଯ୍ୟୋଧନ ଦାସ, ସସ୍ମିତା ଦେହୁରି, ସୁଲୋଚନା ମହାନ୍ତି ପ୍ରମୁଖ ସାମିଲ ଥିଲେ।

# ସ୍ୱାସ୍ଥ୍ୟ ପ୍ରତି ବିପଦ କାଗଜ ଚା କପ୍



ଘର ହେଉ ବା ଦୋକାନରେ ଚା ପିଇବା ପରେ ଶରୀରରେ ଏକପ୍ରକାର ସ୍ଫୂର୍ତ୍ତି ଅନୁଭୂତ ହୋଇଥାଏ। କାଚ ଗ୍ଲାସ୍‌ରେ ଚା' ପିଇବାର ମଜା ନିଆରା। ହେଲେ ଏବେ ଅଧିକାଂଶ ସ୍ଥାନରେ କାଚ ଗ୍ଲାସ୍‌ର ସ୍ଥାନ ନେଇଛି କାଗଜ ବା ପ୍ଲାଷ୍ଟିକ କପ୍। ଯାହାକି ଆମ ଶରୀର ପକ୍ଷେ ବହୁ କ୍ଷତିକାରକ ବୋଲି ଆଇଆଇଟି ଖଡ଼୍‌ଗପୁରରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। କାଗଜ କପ୍‌ରେ ଚା' ଦେବା ପରେ ଏହା ଯେପରି ମିଳାଇ ନ ଯିବ ସେଥିପାଇଁ ଏହାର ଭିତର ପାର୍ଶ୍ୱରେ ଏକ ପ୍ରକାର ପତଳା ଜରିର ଆସ୍ତରଣ ଦିଆଯାଇଥାଏ। ଯାହାକି ଗରମ ଚା' ସଂସ୍ପର୍ଶରେ ଆସିଲେ ମିଳାଇ ଯାଏ ଏବଂ ଏଥିରୁ ପ୍ରାୟ ୨୫ହଜାର ମାଇକ୍ରୋପ୍ଲାଷ୍ଟିକ କଣିକା ସୃଷ୍ଟି ହୋଇଥାଏ। ଆଉ ଏହା ଆମ ଶରୀରର ଅନେକ କ୍ଷତି କରିଥାଏ। ଗବେଷକଙ୍କ ମତରେ ଏହି କଣିକା କ୍ୟାନ୍‌ସର ରୋଗ ସୃଷ୍ଟି କରିଥାଏ। ଏପରି କି ଗର୍ଭବତୀ ମହିଳା ଏହାକୁ ପିଇବା ଦ୍ୱାରା ନିଜ ଓ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପକାଇଥାଏ। କାର୍ଯ୍ୟକ୍ଷେତ୍ରରେ ଚାପ ଏବଂ କ୍ଲାନ୍ତି ଦୂର କରିବା ପାଇଁ ଅନେକେ ଦିନକରେ ପ୍ରାୟ ୫ରୁ ୬କପ୍ ଚା' ପିଇଥାନ୍ତି, ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କ ମସ୍ତିଷ୍କ ଉପରେ କ୍ଷତି ପହଞ୍ଚାଇଥାଏ। ସଚେତନତା ଅଭାବରୁ କାଗଜ କପ୍‌ର ବ୍ୟବହାର ବଢ଼ୁଥିବା ବେଳେ ଏହାକୁ ରୋକାଯିବା ଜରୁରୀ ହୋଇପଡ଼ିଛି। ସରକାରୀ ସ୍ତରରେ ଏନେଇ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି ।

## ମୋର ଧାରଣା ନ ଥିଲା



ପ୍ରଥମେ କାଚ ଗ୍ଲାସ୍‌ରେ ଚା' ବିକ୍ରି କରୁଥିଲି। କରୋନା ପରଠୁ କାଗଜ କପ୍‌ରେ ଦେଉଛି। ସଂକ୍ରମଣ ସମ୍ଭାବନା ନାହିଁ। ପୁଣି ଖର୍ଚ୍ଚ କମ୍, ଟେନ୍‌ଶନ ବି କମ୍ ରହୁଥିବାରୁ ମୋଭଳି ପ୍ରାୟ ସମସ୍ତ ଚା' ଦୋକାନୀ କାଗଜ କପ୍ ରଖୁଛନ୍ତି। କାଗଜ କପ୍‌ରେ ଚା' ପିଇବା ଦ୍ୱାରା ଶରୀରରେ କିଛି କ୍ଷତି ହେଉଥିବା ସମ୍ପର୍କରେ ମୋର ବିଶେଷକିଛି ଧାରଣା ନାହିଁ। କାଗଜ କପ୍ ବଦଳରେ ସମାନ ମୂଲ୍ୟରେ ଆଉ କିଛି ପାତ୍ର ଆସିଲେ ତାହାକୁ ବ୍ୟବହାର କରିବି।

**– ରଘୁନାଥ ମୁଦୁଲି, ଚା' ଦୋକାନୀ, ବାଣୀ ବିହାର।**

## ମାଟି କପ୍‌କୁ ବିକଳ୍ପ ଭାବେ ବ୍ୟବହାର କରୁଛି



ପ୍ଲାଷ୍ଟିକ ଓ କାଗଜ ଚା' ପାତ୍ରର ବିକଳ୍ପ ମାଟି କପ୍। ଏହା କିଣିବାରେ ୨ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ ସତ, କିନ୍ତୁ ଏହା ସବୁଠାରୁ ଭଲ। ମୁଁ ପ୍ରଥମେ ପ୍ଲାଷ୍ଟିକ ଓ କାଗଜ ଚା' ପାତ୍ର ବ୍ୟବହାର କରୁଥିଲି। କିନ୍ତୁ ବର୍ତ୍ତମାନ ମାଟି କପ୍ ବିଭିନ୍ନ ଜାଗାରେ ବିକ୍ରି ହେଉଥିବା ଦେଖି ମୁଁ ମଧ୍ୟ ମାଟି ପାତ୍ର ବ୍ୟବହାର କରୁଛି। ଏହା ମାଟିରେ ମିଶିଯାଉଥିବାରୁ ପରିବେଶ ସୁରକ୍ଷାରେ ସାହାଯ୍ୟ କରେ।

**– ରାଜକୃଷ୍ଣ ସ୍ୱାଇଁ, ଚା' ଦୋକାନୀ, ରେଡକ୍ରସ ଭବନ।**

## ମାଟି କପ୍‌ରେ ଚା' ବାସ୍ନା, ସ୍ୱାଦ ନିଆରା



ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ଘରେ ଚା' କରି ପିଇବାକୁ ସମୟ ନାହିଁ। ତେଣୁ ଅଧିକାଂଶ ସମୟରେ ରାସ୍ତା କଡ଼ ଦୋକାନରେ ଚା' ପିଇଥାଏ। ଏବେ କରୋନା ପାଇଁ ପ୍ରାୟ ସବୁ ଚା' ଦୋକାନରେ କାଚ ଗ୍ଲାସ୍ ବଦଳରେ ପ୍ଲାଷ୍ଟିକ ନ ହେଲେ କାଗଜ କପ୍‌ରେ ଚା ଦିଆ ଯାଉଛି। ହେଲେ କିଛି କିଛି ସ୍ଥାନରେ ମାଟି କପ୍‌ରେ ଦିଆଯାଉଛି। ମାଟି କପ୍‌ରେ ଚା' ପିଇଲେ ଭିନ୍ନ ସ୍ୱାଦ ଏବଂ ବାସ୍ନା ବାରି ହୋଇଯାଏ। ଏପରି କି ଡାକ୍ତର ଓ ବୈଜ୍ଞାନିକଙ୍କ ମତରେ ମାଟି କପ୍‌ର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ। ଯଦି ମାଟି କପ୍‌କୁ ସମସ୍ତେ ବ୍ୟବହାର କରନ୍ତେ, ତେବେ ଏହା ସ୍ୱାସ୍ଥ୍ୟ ରକ୍ଷା କରିବା ସହ କୁମ୍ଭକାରଙ୍କ ଭଲ ରୋଜଗାରର ମାଧ୍ୟମ ସାଜି ପାରନ୍ତା।

**– ମନୀଷା ଦାସ, ଚା' ପ୍ରେମୀ।**

## ପିଇବା ପାତ୍ର ପ୍ରତି ସଚେତନ ଜରୁରୀ



ମାଇକ୍ରୋପ୍ଲାଷ୍ଟିକ ଶରୀର ପାଇଁ ବହୁ କ୍ଷତିକାରକ। ଏହା ସାଧାରଣତଃ ପାଟି ବାଟେ ନ ହେଲେ ଶ୍ୱାସକ୍ରିୟା ମଧ୍ୟରେ ଭିତରକୁ ଯାଇଥାଏ। ପ୍ରତ୍ୟେକ ଦିନ ଲୋକମାନେ ବିଭିନ୍ନ ମାଧ୍ୟମରେ ଶରୀରକୁ ମାଇକ୍ରୋପ୍ଲାଷ୍ଟିକ ନେଉଛନ୍ତି। ଶ୍ୱାସକ୍ରିୟା ଦ୍ୱାରା ଏହାକୁ ଅଟକାଇ ହେବନି, କିନ୍ତୁ ଆମେ ଖାଇବା ପିଇବା ପାତ୍ର ପ୍ରତି ଯଥେଷ୍ଟ ସଚେତନ ହେବା ଆବଶ୍ୟକ। ବିଶେଷକରି ଆମେ ପିଉଥିବା ପାଣି ବୋତଲ, ଚା'କପ୍, ଖାଉଥିବା ବିଭିନ୍ନ ପ୍ୟାକେଟ ଜନିତ ଖାଦ୍ୟକୁ ବାରଣ କରିବା ଉଚିତ।

**– ନିରୋଜ କୁମାର ମିଶ୍ର, ସ୍ୱାସ୍ଥ୍ୟ ବିଶେଷଜ୍ଞ।**

## କ୍ଷତିକାରକ ଜାଣି ମଧ ନାଚାର



ଅଫିସରେ କର୍ମଚାରୀମାନେ କାମରୁ ଟିକେ ଫୁର୍‌ସତ ମିଳିଲେ ଚା' ଖଟିକୁ ଚାଲିଯାଆନ୍ତି। ପୂର୍ବରୁ ଅଧିକାଂଶ ଚା' ଦୋକାନରେ କାଚ ଗ୍ଲାସ୍‌ରେ ଚା' ମିଳୁଥିଲା। ହେଲେ ଏବେ ଚା' ଦୋକାନରେ କାଚ ଗ୍ଲାସ ଆଉ କ୍ୱଚିତ ଦେଖିବାକୁ ମିଳୁଛି। ବିଶେଷକରି କରୋନା ପରଠାରୁ ଦୋକାନରେ କାଚ ଗ୍ଲାସ୍‌ପରିବର୍ତ୍ତେ ପ୍ଲାଷ୍ଟିକ ବା କାଗଜ କପ୍‌ରେ ଚା' ମିଳୁଛି। ଏହା ଶରୀର ପାଇଁ କ୍ଷତିକାର ବୋଲି ଜାଣି ମଧ୍ୟ କୌଣସି ବିକଳ୍ପ ନ ଥିବାରୁ କାଗଜ କପ୍‌ରେ ପିଇବାକୁ ବାଧ୍ୟ ହେଉଛୁ।

**– ଅମ୍ରିତ ପ୍ରୀତମ ଆଚାର୍ଯ୍ୟ, ଚା' ପ୍ରେମୀ**

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଜ୍ୟୋତିରଞ୍ଜନ



@ ନରେଶ



@ ପିଣ୍ଟୁ



@ ଆଶୁତୋଷ



@ ଲକ୍ଷ୍ମୀଧର



@ ପ୍ରକାଶ

## ଆଜି କ'ଣ କେଉଁଠି

କଟକ

- କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳ ପକ୍ଷରୁ ଅଭିଷେକ ଉତ୍ସବ, ମହାବୀର ମନ୍ଦିର, ବେପାରୀ ସାହି, ପୂର୍ବାହ୍ନ ୧୦ଟା ୩୦।
- ମହାନଗର ନାଗରିକ ମଞ୍ଚ ପକ୍ଷରୁ ଆରଡିସିଙ୍କୁ ସ୍ମାରକପତ୍ର ପ୍ରଦାନ, ଆର୍‌ଡିସି ଅଫିସ, ପୂର୍ବାହ୍ନ ୧୧ଟା ୩୦।
- ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ, ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ମଧ୍ୟାହ୍ନ ୧୨ଟା।

## ଭାଜପାର ମିଶ୍ରଣ ପର୍ବ

**ନିଆଳି,୧୭।୧(ଡି.ଏନ୍.ଏ.):** ନିଆଳି ବ୍ଲକ ଅନ୍ତର୍ଗତ ଜଲ୍ଲାରପୁର ପଞ୍ଚାୟତର ଭାଜପାର ମିଶ୍ରଣ ପର୍ବ ହନୁମାନ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅଞ୍ଚଳର ଅଭିମନ୍ୟୁ ସ୍ୱାଇଁ, ତୁଷାର ନାୟକ, ସଂଗ୍ରାମ ନାୟକ, ସର୍ବେଶ୍ୱର ଲେଙ୍କା, ଦୀନବନ୍ଧୁ ଭୋଇ, ନରେନ୍ଦ୍ର ଭୋଇ, ପ୍ରଶାନ୍ତ ଦାସଙ୍କ ସହ ବହୁ ବ୍ୟକ୍ତି ଭାଜପାରେ ଯୋଗ ଦେଇଥିଲେ। ନୂତନ କର୍ମୀଙ୍କୁ ନେତା ଛବି ମଲ୍ଲିକ, ରାଜେନ୍ଦ୍ର ପ୍ରସାଦ ପଣ୍ଡା, ଜିଲାପରିଷଦ ସଭ୍ୟ ପ୍ରାର୍ଥୀ ମଧୁସ୍ମିତା ମଲ୍ଲିକ ଫୁଲତୋଡା ଦେଇ ସମ୍ବର୍ଦ୍ଧନା କରିଥିଲେ। ଦଳ ପକ୍ଷରୁ ଉକ୍ତ ପଞ୍ଚାୟତର ସରପଞ୍ଚ ପ୍ରାର୍ଥିନୀ ମଞ୍ଜୁଲତା ପଣ୍ଡା ଓ ପବିତ୍ର ସେଠଙ୍କୁ ସମିତି ସଭ୍ୟ ପ୍ରାର୍ଥୀ ଘୋଷଣା କରାଯାଇଥିଲା।

## ୭୩ ପ୍ରାର୍ଥିପତ୍ର ଦାଖଲ

**କଟକ ସଦର,୧୭।୧(ଡି.ଏନ୍.ଏ):** ପଞ୍ଚାୟତ ନିର୍ବାଚନ ପାଇଁ କଟକ ସଦର ବ୍ଲକରେ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହୋଇଛି। ପ୍ରଥମ ଦିନରେ ପଞ୍ଚାୟତରୁ ୧୪ ସରପଞ୍ଚ, ଜଣେ ସମିତିସଭ୍ୟ ଓ ୫୮ ୱାର୍ଡ ସଭ୍ୟ ପଦବୀ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ବ୍ଲକ ନିର୍ବାଚନ ଅଧିକାରୀ ରାଜୀବ ଲୋଚନ ପରିଡା ଜଣାଇଛନ୍ତି।

# 'ସତ୍‌ସଙ୍ଗ, ସଂଯମର କ୍ଷେତ୍ର ହେଉ ଶ୍ରୀକ୍ଷେତ୍ର'



**ପୁରୀ ଅଫିସ ୧୭।୧**

### ମହୋଦଧି ଆରତି କଲେ ଜଗଦ୍‌ଗୁରୁ, ରାଜ୍ୟପାଳ, ଉମାଭାରତୀ

ପବିତ୍ର ପୌଷପୂର୍ଣ୍ଣିମା ଅବସରରେ ସୋମବାର ପୁରୀ ଗୋବର୍ଦ୍ଧନ ପୀଠ ଆନୁକୂଲ୍ୟରେ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ତୀର୍ଥରାଜ ଶ୍ରୀମହୋଦଧି ନିତ୍ୟ ସନ୍ଧ୍ୟା ଆରତିର ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ନିର୍ବିକଳ୍ପାନନ୍ଦ ସରସ୍ୱତୀ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତ୍ରୀ ଉମା ଭାରତୀ ଏବଂ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ଆରତି ବେଳେ ହୁଳହୁଳି, ଘଣ୍ଟଘଣ୍ଟା, ମନ୍ତ୍ରଧ୍ୱନି ଓ ବେଦପାଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ଆରତି କରିବା ପରେ ଉମାଭାରତୀ ଅଭିଭାଷଣ ଦେଇ କହିଥିଲେ, ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଧର୍ମଗୁରୁଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। ଧର୍ମଗୁରୁଙ୍କ ମାର୍ଗଦର୍ଶନରେ ସମାଜରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନା ପ୍ରତିଷ୍ଠା ହୋଇପାରିବ। ଶ୍ରୀକ୍ଷେତ୍ରର ମହୋଦଧି ଆରତି କାର୍ଯ୍ୟକ୍ରମ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଉଛି। ତେଣୁ ଏହା ସାରା ଜୀବନ ମନେରହିବ। ଶଙ୍କରାଚାର୍ଯ୍ୟଙ୍କ କହିବା ଅନୁଯାୟୀ ଦିନେ ଭାରତ ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା ହେବ। ଗୋମାତା, ଗାୟତ୍ରୀ ଓ ବୃନ୍ଦା ହିଁ ଦେଶର ପରିଚୟ ହେବେ ବୋଲି ଉମାଭାରତୀ ପ୍ରକାଶ କରିଥିଲେ। ଧର୍ମଯୁଦ୍ଧରେ ଶ୍ରୀକୃଷ୍ଣ ଯେପରି ଅର୍ଜ୍ଜୁନଙ୍କ ମାର୍ଗଦର୍ଶନ କରିଥିଲେ, ବର୍ତ୍ତମାନ ସମୟରେ ଜଗଦ୍‌ଗୁରୁ ସେପରି ମାର୍ଗଦର୍ଶନ କରୁଛନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ। ସେହିପରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଥିଲେ, ମହୋଦଧି କୂଳ ଏବଂ ଶ୍ରୀକ୍ଷେତ୍ର ଅଶ୍ଳୀଳ ମନୋରଞ୍ଜନ ଓ ମାଦକ ଦ୍ରବ୍ୟର କେନ୍ଦ୍ର ନ ହେଉ। ବରଂ ସତ୍‌ସଂଗ, ସ୍ୱାଧ୍ୟାୟ, ଭଜନ ଓ ସଂଯମର କ୍ଷେତ୍ର ହେଉ। ବିଶ୍ୱ କଲ୍ୟାଣ ଓ ଶାନ୍ତି ଉଦ୍ଦେଶ୍ୟରେ ତଥା ସାଗର ପଥରେ ଅରାଜକ ତତ୍ତ୍ୱଙ୍କ ପ୍ରବେଶ ଓ ଭାରତର କ୍ଷତି ସାଧନକୁ ମହାପ୍ରଭୁ ରୋକିବା ପାଇଁ ପ୍ରାର୍ଥନା କରି ଏହି ଆରତି କାର୍ଯ୍ୟକ୍ରମ କରାଯାଉଛି। ଏ ନେଇ ପ୍ରଚାର ପ୍ରସାର ହେବା ଆବଶ୍ୟକ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, ଇଂ. ପ୍ରଶାନ୍ତ ଆଚାର୍ଯ୍ୟଙ୍କ ସମେତ ଦେଶ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନେକ ସାଧୁସନ୍ଥ, ମଠାଧୀଶ ଯୋଗଦେଇଥିଲେ।

## ଚୌଦ୍ୱାରରେ ସ୍ୱାସ୍ଥ୍ୟ ସଚେତନତା ରଥ

**ଚୌଦ୍ୱାର,୧୭।୧(ଡି.ଏନ୍.ଏ.):** ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଲୋକଙ୍କୁ ଭ୍ରାମ୍ୟମାଣ ଗାଡି ସାହାଯ୍ୟରେ ଅଣ ସଂକ୍ରମଣ ରୋଗ ସମ୍ବନ୍ଧରେ ସଚେତନ କରାଯାଉଛି। ଚୌଦ୍ୱାରସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ସଚେତନତା ରଥ ଚୌଦ୍ୱାର ପୌରପାଳିକାର ୧୯ଟି ୱାର୍ଡ ପରିକ୍ରମା କରି ଲୋକଙ୍କୁ ସଚେତନ କରାଇଛି। ସହରାଞ୍ଚଳ ସ୍ୱାସ୍ଥ୍ୟ ଅଧିକାରୀ ଡ.ରବୀନ୍ଦ୍ର ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଛନ୍ତି। ଫାର୍ମାସିଷ୍ଟ ସଞ୍ଜୟ ସ୍ୱାଇଁ, କାଜଲ ମହାରଣା, ବାସନ୍ତୀ ସ୍ୱାଇଁ, ଯଶୋଦା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତଦନ୍ତ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ

**ନିଶ୍ଚିନ୍ତକୋଇଲି,୧୭।୧(ସ୍ୱ.ପ୍ର.)**

### ମାହାଙ୍ଗା ଡବଲ ମର୍ଡର ଘଟଣା

**■ପୋଲିସର ଆବେଦନ ଖାରଜ**

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସ୍ଥାନୀୟ ପୋଲିସ କରିଥିବା ଆବେଦନ ସୋମବାର ଜେଏମ୍‌ଏଫ୍‌ସି କୋର୍ଟରେ ଖାରଜ ହୋଇଯାଇଛି। ଏଥିସହ ତଦନ୍ତ ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୧୧।୧।୨୨ରେ ମାହାଙ୍ଗା ପୋଲିସ ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୁକ୍ତ କ୍ଷିତୀଶ ଆଚାର୍ଯ୍ୟ ଓ ଭିକାରୀ ସ୍ୱାଇଁକୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରିଥିଲା। ଉଭୟ ଅଭିଯୁକ୍ତ ୨୬।୧୨।୨୦ରେ ମନ୍ତ୍ରୀ ଜେନାଙ୍କ ପିଏ ଉମାଶଙ୍କର ବିଶ୍ୱାଳ ଓରଫ ବାପିଙ୍କ ସହ କଥା ହୋଇଥିଲେ ବୋଲି ପୋଲିସ ଆବେଦନପତ୍ରରେ ଦର୍ଶାଇଥିଲା। ମାତ୍ର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ମାମଲା ଥିବା ଦର୍ଶାଇ ଏହି ଆବେଦନକୁ ରଦ୍ଦ କରିଦିଆଯାଇଛି। ଅପରପକ୍ଷେ ବାପି ଓ ବ୍ଲକ ଅଧ୍ୟକ୍ଷ ଶରତ ନାୟକଙ୍କ ସହ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳ ମୋବାଇଲରେ କଥା ହୋଇଥିଲେ ବୋଲି ପୋଲିସ ଦାଖଲ କରିଥିବା ସିଡିଆର୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏନେଇ ମାହାଙ୍ଗାରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି।

ମାହାଙ୍ଗା ଥାନା ଅଧୀନ ନୂତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ୨୦୨୧ ଜାନୁୟାରୀ ୨ ତାରିଖରେ ହତ୍ୟା କରାଯାଇଥିଲା। ମାହାଙ୍ଗା ଥାନାରେ ମାମଲା (ନଂ.୫/୨୧)ରୁଜୁ କରାଯାଇ ପୋଲିସ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିରେ ମନ୍ତ୍ରୀ ଜେନା ୧୩ତମ ଅଭିଯୁକ୍ତ ଥିଲେ। ପରବର୍ତ୍ତୀ ସମୟରେ ପୋଲିସ ଚାର୍ଜଶିଟରୁ ମନ୍ତ୍ରୀଙ୍କ ନାମ କାଟିଦେଇଥିଲା। ଏନେଇ କୁଳମଣି ବରାଳଙ୍କ ପୁଅ ରମାକାନ୍ତ ବରାଳ ଜେଏମ୍‌ଏଫ୍‌ସି କୋର୍ଟରେ (ନଂ.୨୧୭/୨୧) ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ବିଶ୍ୱାଳଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହାପରେ କୋର୍ଟ ପୋଲିସକୁ ସିଡିଆର୍ ରିପୋର୍ଟ ମାଗିଥିଲେ। ମାତ୍ର ପୋଲିସ ରିପୋର୍ଟ ଦାଖଲ କରିବାରେ ବିଳମ୍ବ କରିଥିଲା। ଏହାକୁ ଏକ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲିସ ଚୂଡାନ୍ତ ରିପୋର୍ଟ ଦାଖଲ କରିବାକୁ ସକ୍ଷମ ହୋଇନାହିଁ। ମାମଲାଟି ଏବେ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ରହିଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଉତ୍ତର ପୁରୁଷ ନାଟକ ପରିକ୍ରମାର ଉଦ୍‌ଯାପନୀ ସନ୍ଧ୍ୟାରେ ସୋମବାର ପରିବେଷିତ ନାଟକ 'ଛାତ'ର ଏକ ଦୃଶ୍ୟ।



ପବିତ୍ର ପୌଷପୂର୍ଣ୍ଣିମାରେ ସୋମବାର ମହାପ୍ରଭୁଙ୍କ ଅଭିଷେକ ଉତ୍ସବ ଅବସରରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।



କଟକ ବକ୍ସିବଜାର ମହିଳା ଥାନା ପାଚେରିରେ ଜଣେ ଶିଳ୍ପୀ ସୋମବାର ଚିତ୍ର ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛନ୍ତି।

# ସ୍ୱାସ୍ଥ୍ୟ ପ୍ରତି ବିପଦ କାଗଜ ଚା କପ୍



ଘର ହେଉ ବା ଦୋକାନରେ ଚା ପିଇବା ପରେ ଶରୀରରେ ଏକପ୍ରକାର ସ୍ଫୂର୍ତ୍ତି ଅନୁଭୂତ ହୋଇଥାଏ। କାଚ ଗ୍ଲାସ୍‌ରେ ଚା' ପିଇବାର ମଜା ନିଆରା। ହେଲେ ଏବେ ଅଧିକାଂଶ ସ୍ଥାନରେ କାଚ ଗ୍ଲାସ୍‌ର ସ୍ଥାନ ନେଇଛି କାଗଜ ବା ପ୍ଲାଷ୍ଟିକ କପ୍। ଯାହାକି ଆମ ଶରୀର ପକ୍ଷେ ବହୁ କ୍ଷତିକାରକ ବୋଲି ଆଇଆଇଟି ଖଡ଼୍‌ଗପୁରରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। କାଗଜ କପ୍‌ରେ ଚା' ଦେବା ପରେ ଏହା ଯେପରି ମିଳାଇ ନ ଯିବ ସେଥିପାଇଁ ଏହାର ଭିତର ପାର୍ଶ୍ୱରେ ଏକ ପ୍ରକାର ପତଳା ଜରିର ଆସ୍ତରଣ ଦିଆଯାଇଥାଏ। ଯାହାକି ଗରମ ଚା' ସଂସ୍ପର୍ଶରେ ଆସିଲେ ମିଳାଇ ଯାଏ ଏବଂ ଏଥିରୁ ପ୍ରାୟ ୨୫ହଜାର ମାଇକ୍ରୋପ୍ଲାଷ୍ଟିକ କଣିକା ସୃଷ୍ଟି ହୋଇଥାଏ। ଆଉ ଏହା ଆମ ଶରୀରର ଅନେକ କ୍ଷତି କରିଥାଏ। ଗବେଷକଙ୍କ ମତରେ ଏହି କଣିକା କ୍ୟାନ୍‌ସର ରୋଗ ସୃଷ୍ଟି କରିଥାଏ। ଏପରି କି ଗର୍ଭବତୀ ମହିଳା ଏହାକୁ ପିଇବା ଦ୍ୱାରା ନିଜ ଓ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପକାଇଥାଏ। କାର୍ଯ୍ୟକ୍ଷେତ୍ରରେ ଚାପ ଏବଂ କ୍ଳାନ୍ତି ଦୂର କରିବା ପାଇଁ ଅନେକେ ଦିନକରେ ପ୍ରାୟ ୫ରୁ ୬କପ୍ ଚା' ପିଇଥାନ୍ତି, ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କ ମସ୍ତିଷ୍କ ଉପରେ କ୍ଷତି ପହଞ୍ଚାଇଥାଏ। ସଚେତନତା ଅଭାବରୁ କାଗଜ କପ୍‌ର ବ୍ୟବହାର ବଢ଼ୁଥିବା ବେଳେ ଏହାକୁ ରୋକାଯିବା ଜରୁରୀ ହୋଇପଡ଼ିଛି। ସରକାରୀ ସ୍ତରରେ ଏନେଇ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି ।

## ମୋର ଧାରଣା ନ ଥିଲା



ପ୍ରଥମେ କାଚ ଗ୍ଲାସ୍‌ରେ ଚା' ବିକ୍ରି କରୁଥିଲି। କରୋନା ପରଠୁ କାଗଜ କପ୍‌ରେ ଦେଉଛି। ସଂକ୍ରମଣ ସମ୍ଭାବନା ନାହିଁ। ପୁଣି ଖର୍ଚ୍ଚ କମ୍, ଟେନ୍‌ଶନ ବି କମ୍ ରହୁଥିବାରୁ ମୋଭଳି ପ୍ରାୟ ସମସ୍ତ ଚା' ଦୋକାନୀ କାଗଜ କପ୍ ରଖୁଛନ୍ତି। କାଗଜ କପ୍‌ରେ ଚା' ପିଇବା ଦ୍ୱାରା ଶରୀରରେ କିଛି କ୍ଷତି ହେଉଥିବା ସମ୍ପର୍କରେ ମୋର ବିଶେଷକିଛି ଧାରଣା ନାହିଁ। କାଗଜ କପ୍ ବଦଳରେ ସମାନ ମୂଲ୍ୟରେ ଆଉ କିଛି ପାତ୍ର ଆସିଲେ ତାହାକୁ ବ୍ୟବହାର କରିବି।

**– ରଘୁନାଥ ମୁଦୁଲି, ଚା' ଦୋକାନୀ, ବାଣୀ ବିହାର।**

## ମାଟି କପ୍‌କୁ ବିକଳ୍ପ ଭାବେ ବ୍ୟବହାର କରୁଛି



ପ୍ଲାଷ୍ଟିକ ଓ କାଗଜ ଚା' ପାତ୍ରର ବିକଳ୍ପ ମାଟି କପ୍। ଏହା କିଣିବାରେ ୨ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ ସତ, କିନ୍ତୁ ଏହା ସବୁଠାରୁ ଭଲ। ମୁଁ ପ୍ରଥମେ ପ୍ଲାଷ୍ଟିକ ଓ କାଗଜ ଚା' ପାତ୍ର ବ୍ୟବହାର କରୁଥିଲି। କିନ୍ତୁ ବର୍ତ୍ତମାନ ମାଟି କପ୍ ବିଭିନ୍ନ ଜାଗାରେ ବିକ୍ରି ହେଉଥିବା ଦେଖି ମୁଁ ମଧ ମାଟି ପାତ୍ର ବ୍ୟବହାର କରୁଛି। ଏହା ମାଟିରେ ମିଶିଯାଉଥିବାରୁ ପରିବେଶ ସୁରକ୍ଷାରେ ସାହାଯ୍ୟ କରେ।

**– ରାଜକୃଷ୍ଣ ସ୍ୱାଇଁ, ଚା' ଦୋକାନୀ, ରେଡକ୍ରସ ଭବନ।**

## ମାଟି କପ୍‌ରେ ଚା' ବାସ୍ନା, ସ୍ୱାଦ ନିଆରା



ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ଘରେ ଚା' କରି ପିଇବାକୁ ସମୟ ନାହିଁ। ତେଣୁ ଅଧିକାଂଶ ସମୟରେ ରାସ୍ତା କଡ଼ ଦୋକାନରେ ଚା' ପିଇଥାଏ। ଏବେ କରୋନା ପାଇଁ ପ୍ରାୟ ସବୁ ଚା' ଦୋକାନରେ କାଚ ଗ୍ଲାସ୍ ବଦଳରେ ପ୍ଲାଷ୍ଟିକ ନ ହେଲେ କାଗଜ କପ୍‌ରେ ଚା ଦିଆ ଯାଉଛି। ହେଲେ କିଛି କିଛି ସ୍ଥାନରେ ମାଟି କପ୍‌ରେ ଦିଆଯାଉଛି। ମାଟି କପ୍‌ରେ ଚା' ପିଇଲେ ଭିନ୍ନ ସ୍ୱାଦ ଏବଂ ବାସ୍ନା ବାରି ହୋଇଯାଏ। ଏପରି କି ଡାକ୍ତର ଓ ବୈଜ୍ଞାନିକଙ୍କ ମତରେ ମାଟି କପ୍‌ର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ। ଯଦି ମାଟି କପ୍‌କୁ ସମସ୍ତେ ବ୍ୟବହାର କରନ୍ତେ, ତେବେ ଏହା ସ୍ୱାସ୍ଥ୍ୟ ରକ୍ଷା କରିବା ସହ କୁମ୍ଭକାରଙ୍କ ଭଲ ରୋଜଗାରର ମାଧ୍ୟମ ସାଜି ପାରନ୍ତା।

**– ମନୀଷା ଦାସ, ଚା' ପ୍ରେମୀ।**

## ପିଇବା ପାତ୍ର ପ୍ରତି ସଚେତନ ଜରୁରୀ



ମାଇକ୍ରୋପ୍ଲାଷ୍ଟିକ ଶରୀର ପାଇଁ ବହୁ କ୍ଷତିକାରକ। ଏହା ସାଧାରଣତଃ ପାଟି ବାଟେ ନ ହେଲେ ଶ୍ୱାସକ୍ରିୟା ମଧ୍ୟରେ ଭିତରକୁ ଯାଇଥାଏ। ପ୍ରତ୍ୟେକ ଦିନ ଲୋକମାନେ ବିଭିନ୍ନ ମାଧ୍ୟମରେ ଶରୀରକୁ ମାଇକ୍ରୋପ୍ଲାଷ୍ଟିକ ନେଉଛନ୍ତି। ଶ୍ୱାସକ୍ରିୟା ଦ୍ୱାରା ଏହାକୁ ଅଟକାଇ ହେବନି, କିନ୍ତୁ ଆମେ ଖାଇବା ପିଇବା ପାତ୍ର ପ୍ରତି ଯଥେଷ୍ଟ ସଚେତନ ହେବା ଆବଶ୍ୟକ। ବିଶେଷକରି ଆମେ ପିଉଥିବା ପାଣି ବୋତଲ, ଚା'କପ୍, ଖାଉଥିବା ବିଭିନ୍ନ ପ୍ୟାକେଟ ଜନିତ ଖାଦ୍ୟକୁ ବାରଣ କରିବା ଉଚିତ।

**– ନିରୋଜ କୁମାର ମିଶ୍ର, ସ୍ୱାସ୍ଥ୍ୟ ବିଶେଷଜ୍ଞ।**

## କ୍ଷତିକାରକ ଜାଣି ମଧ ନାଚାର



ଅଫିସରେ କର୍ମଚାରୀମାନେ କାମରୁ ଟିକେ ଫୁର୍‌ସତ ମିଳିଲେ ଚା' ଖଟିକୁ ଚାଲିଯାଆନ୍ତି। ପୂର୍ବରୁ ଅଧିକାଂଶ ଚା' ଦୋକାନରେ କାଚ ଗ୍ଲାସ୍‌ରେ ଚା' ମିଳୁଥିଲା। ହେଲେ ଏବେ ଚା' ଦୋକାନରେ କାଚ ଗ୍ଲାସ ଆଉ କ୍ୱଚିତ ଦେଖିବାକୁ ମିଳୁଛି। ବିଶେଷକରି କରୋନା ପରଠାରୁ ଦୋକାନରେ କାଚ ଗ୍ଲାସ୍‌ପରିବର୍ତ୍ତେ ପ୍ଲାଷ୍ଟିକ ବା କାଗଜ କପ୍‌ରେ ଚା' ମିଳୁଛି। ଏହା ଶରୀର ପାଇଁ କ୍ଷତିକାର ବୋଲି ଜାଣି ମଧ କୌଣସି ବିକଳ୍ପ ନ ଥିବାରୁ କାଗଜ କପ୍‌ରେ ପିଇବାକୁ ବାଧ ହେଉଛୁ।

**– ଅମ୍ରିତ ପ୍ରୀତମ ଆଚାର୍ଯ୍ୟ, ଚା' ପ୍ରେମୀ**

## ପେଜ୍ କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ଜ୍ୟୋତିରଞ୍ଜନ



@ ନରେଶ



@ ପିଣ୍ଟୁ



@ ଆଶୁତୋଷ



@ ଲକ୍ଷ୍ମୀଧର



@ ପ୍ରକାଶ

## ଅଟୋ ଚାଳକଙ୍କଠାରୁ ମୋବାଇଲ ନେଇଗଲେ

**ଝାଁଳା,୧୭।୧(ଡି.ଏନ୍.ଏ.):** ଭୁବନେଶ୍ୱର ଖଣ୍ଡଗିରି ଥାନା ନିକଟ ଛକରେ ସୋମବାର ଅଟୋ ଚାଳକଙ୍କଠାରୁ ଜଣେ ଯୁବକ ମୋବାଇଲ ଫୋନ ନେଇଯାଇଛନ୍ତି। ଲୁଟର ଶିକାର ହୋଇଥିବା ଅଟୋଚାଳକ ହେଲେ ଝାଁଳା ଗ୍ରାମର ବିଷ୍ଣୁ ପ୍ରସାଦ ବେହେରା(୩୫)। ସୂଚନା ମୁତାବକ, ଝାଁଳା ପୋଷ୍ଟ ଅଫିସ ଛକ ନିକଟ ଅଟୋଷ୍ଟାଣ୍ଡରେ ବିଷ୍ଣୁ ଅଟୋ ଷ୍ଟାଣ୍ଡରେ ରଖି ଛିଡା ହୋଇଥିଲେ। ଏହି ସମୟରେ ଜଣେ ଯୁବକ ସେଠାରେ ପହଞ୍ଚି ଖଣ୍ଡଗିରି ଯିବାକୁ ଭଡାରେ କହିଥିଲେ। ପରେ ବିଷ୍ଣୁ ତାଙ୍କୁ ନେଇ ଖଣ୍ଡଗିରି ଥାନାର ବିପରୀତ ପାର୍ଶ୍ୱରେ ଥିବା ଷ୍ଟପେଜରେ ଓହ୍ଲାଇ ଦେଇଥିଲେ। ଯୁବକ ଜଣକ ବିଷ୍ଣୁଙ୍କୁ ଏକ କଲ କରିବା ପାଇଁ ମୋବାଇଲ ମାଗିଥିଲେ। ବିଷ୍ଣୁ ତାଙ୍କୁ କଥା ହେବା ଲାଗି ମାବାଇଲ ଦେଇଥିଲେ। ଯୁବକ ଜଣଙ୍କ କଥା ହେବା ବାହାନାରେ ଏକ ମନ୍ଦିର ପରିସରରେ ପଶି ପଛପଟ ଦେଇ ପଳାଇଥିଲେ। ଏନେଇ ବିଷ୍ଣୁ ମନ୍ଦିର କର୍ମଚାରୀଙ୍କୁ ପଚାରିଥିଲେ ମଧ ଯୁବକଙ୍କ ସନ୍ଧାନ ପାଇ ନ ଥିଲେ।

## ଶ୍ରୀମନ୍ଦିରରେ ଧସେଇ ପଶିବାକୁ ମହିଳାଙ୍କ ଉଦ୍ୟମ

**ପୁରୀ ଅଫିସ, ୧୭।୧:** 'ଜଗା ଦର୍ଶନ ନ କଲେ ଯିବିନି। ମତେ ଭିତରକୁ ଛାଡ଼, ଜଗା ଡାକଛି। ତା' ପାଦ ଧରିକି ଯିବି ।' ଏଭଳି କଥା କହି ଜଣେ ମହିଳା ସୋମବାର ଶ୍ରୀମନ୍ଦିର ପରିସରକୁ ପଶିବାକୁ ଚେଷ୍ଟା କରିଥିଲେ। ଯାହାର ଭିଡିଓ ଏବେ ବିଭିନ୍ନ ସାମାଜିକ ଗଣମାଧରେ ଭାଇରାଲ ହେବାରେ ଲାଗିଛି। କରୋନା କଟକଣା ପାଇଁ ସମ୍ପ୍ରତି ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିବାବେଳେ ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

# 'ସତ୍‌ସଂଗ, ସଂଯମର କ୍ଷେତ୍ର ହେଉ ଶ୍ରୀକ୍ଷେତ୍ର'



### ମହୋଦଧି ଆରତି କଲେ ଜଗଦ୍‌ଗୁରୁ, ରାଜ୍ୟପାଳ, ଉମାଭାରତୀ

**ପୁରୀ ଅଫିସ ୧୭।୧**

ପବିତ୍ର ପୌଷପୂର୍ଣ୍ଣିମା ଅବସରରେ ସୋମବାର ପୁରୀ ଗୋବର୍ଦ୍ଧନ ପୀଠ ଆନୁକୂଲ୍ୟରେ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ତୀର୍ଥରାଜ ଶ୍ରୀମହୋଦଧି ନିତ୍ୟ ସନ୍ଧ୍ୟା ଆରତିର ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ନିର୍ବିକଳ୍ପାନନ୍ଦ ସରସ୍ୱତୀ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତ୍ରୀ ଉମା ଭାରତୀ ଏବଂ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ଆରତି ବେଳେ ହୁଳହୁଳି, ଘଣ୍ଟଘଣ୍ଟା, ମନ୍ତ୍ରଧ୍ୱନି ଓ ବେଦପାଠରେ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ଆରତି କରିବା ପରେ ଉମାଭାରତୀ ଅଭିଭାଷଣ ଦେଇ କହିଥିଲେ, ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଧର୍ମଗୁରୁଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। ଧର୍ମଗୁରୁଙ୍କ ମାର୍ଗଦର୍ଶନରେ ସମାଜରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନା ପ୍ରତିଷ୍ଠା ହୋଇପାରିବ। ଶ୍ରୀକ୍ଷେତ୍ରର ମହୋଦଧି ଆରତି କାର୍ଯ୍ୟକ୍ରମ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଉଛି। ତେଣୁ ଏହା ସାରା ଜୀବନ ମନେରହିବ। ଶଙ୍କରାଚାର୍ଯ୍ୟଙ୍କ କହିବା ଅନୁଯାୟୀ ଦିନେ ଭାରତ ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା ହେବ। ଗୋମାତା, ଗାୟତ୍ରୀ ଓ ବୃନ୍ଦା ହିଁ ଦେଶର ପରିଚୟ ହେବେ ବୋଲି ଉମାଭାରତୀ ପ୍ରକାଶ କରିଥିଲେ। ଧର୍ମଯୁଦ୍ଧରେ ଶ୍ରୀକୃଷ୍ଣ ଯେପରି ଅର୍ଜ୍ଜୁନଙ୍କ ମାର୍ଗଦର୍ଶନ କରିଥିଲେ, ବର୍ତ୍ତମାନ ସମୟରେ ଜଗଦ୍‌ଗୁରୁ ସେପରି ମାର୍ଗଦର୍ଶନ କରୁଛନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ। ସେହିପରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଥିଲେ, ମହୋଦଧି କୂଳ ଏବଂ ଶ୍ରୀକ୍ଷେତ୍ର ଅଶ୍ଳୀଳ ମନୋରଞ୍ଜନ ଓ ମାଦକ ଦ୍ରବ୍ୟର କେନ୍ଦ୍ର ନ ହେଉ। ବରଂ ସତ୍‌ସଂଗ, ସ୍ୱାଧ୍ୟାୟ, ଭଜନ ଓ ସଂଯମର କ୍ଷେତ୍ର ହେଉ। ବିଶ୍ୱ କଲ୍ୟାଣ ଓ ଶାନ୍ତି ଉଦ୍ଦେଶ୍ୟରେ ତଥା ସାଗର ପଥରେ ଅରାଜକ ତତ୍ତ୍ୱଙ୍କ ପ୍ରବେଶ ଓ ଭାରତର କ୍ଷତି ସାଧନକୁ ମହାପ୍ରଭୁ ରୋକିବା ପାଇଁ ପ୍ରାର୍ଥନା କରି ଏହି ଆରତି କାର୍ଯ୍ୟକ୍ରମ କରାଯାଉଛି। ଏ ନେଇ ପ୍ରଚାର ପ୍ରସାର ହେବା ଆବଶ୍ୟକ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, ଇଂ. ପ୍ରଶାନ୍ତ ଆଚାର୍ଯ୍ୟଙ୍କ ସମେତ ଦେଶ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନେକ ସାଧୁସନ୍ଥ, ମଠାଧୀଶ ଯୋଗଦେଇଥିଲେ।

## ୨୬ ଯାଏ ବନ୍ଦ ରହିବ ରାଜ୍ୟ ଗ୍ରନ୍ଥାଗାର

**ଭୁବନେଶ୍ୱର, ୧୭।୧(ବ୍ୟୁରୋ)**

ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ପାଠକଙ୍କ ନିମନ୍ତେ ବନ୍ଦ ରହିବ। ଗ୍ରନ୍ଥାଗାରର ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ବର୍ତ୍ତମାନ ସୁଦ୍ଧା ୧୦ଜଣ କର୍ମଚାରୀ କୋଭିଡ୍ ସଂକ୍ରମିତ ହୋଇଥିବାରୁ ପାଠାଗାର ବିଶୋଧନ ଏବଂ କର୍ମଚାରୀ ଓ ପାଠକମାନଙ୍କ ନିରାପତ୍ତା ନିମିତ୍ତ ଏହି ନିଷ୍ପତ୍ତି ନିଆଯାଇଛି। ଏଥିପାଇଁ ସହଯୋଗ କରିବାକୁ ଭାରପ୍ରାପ୍ତ ଅଧିକାରୀ ନିବେଦନ କରିଛନ୍ତି।

# ତଦନ୍ତ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ

### ମାହାଙ୍ଗା ଡବଲ ମର୍ଡର ଘଟଣା

■ପୋଲିସର ଆବେଦନ ଖାରଜ

**ନିଶ୍ଚିନ୍ତକୋଇଲି,୧୭।୧(ସ୍ୱ.ପ୍ର.)**

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସ୍ଥାନୀୟ ପୋଲିସ କରିଥିବା ଆବେଦନ ସୋମବାର ଜେଏମ୍‌ଏଫ୍‌ସି କୋର୍ଟରେ ଖାରଜ ହୋଇଯାଇଛି। ଏଥିସହ ତଦନ୍ତ ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୧୧।୧।୨୨ରେ ମାହାଙ୍ଗା ପୋଲିସ ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୁକ୍ତ କ୍ଷିତୀଶ ଆଚାର୍ଯ୍ୟ ଓ ଭିକାରୀ ସ୍ୱାଇଁଙ୍କୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରିଥିଲା। ଉଭୟ ଅଭିଯୁକ୍ତ ୨୬।୧୨।୨୦ରେ ମନ୍ତ୍ରୀ ଜେନାଙ୍କ ପିଏ ଉମାଶଙ୍କର ବିଶ୍ୱାଳ ଓରଫ ବାପିଙ୍କ ସହ କଥା ହୋଇଥିଲେ ବୋଲି ପୋଲିସ ଆବେଦନପତ୍ରରେ ଦର୍ଶାଇଥିଲା। ମାତ୍ର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ମାମଲା ଥିବା ଦର୍ଶାଇ ଏହି ଆବେଦନକୁ ରଦ୍ଦ କରିଦିଆଯାଇଛି। ଅପରପକ୍ଷେ ବାପି ଓ ବ୍ଳକ ଅଧ୍ୟକ୍ଷ ଶରତ ନାୟକଙ୍କ ସହ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳ ମୋବାଇଲରେ କଥା ହୋଇଥିଲେ ବୋଲି ପୋଲିସ ଦାଖଲ କରିଥିବା ସିଡିଆର୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏନେଇ ମାହାଙ୍ଗାରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି।

ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଳକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ୨୦୨୧ ଜାନୁୟାରୀ ୨ ତାରିଖରେ ହତ୍ୟା କରାଯାଇଥିଲା। ମାହାଙ୍ଗା ଥାନାରେ ମାମଲା (ନଂ.୫/୨୧)ରୁଜୁ କରାଯାଇ ପୋଲିସ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିରେ ମନ୍ତ୍ରୀ ଜେନା ୧୩ତମ ଅଭିଯୁକ୍ତ ଥିଲେ। ପରବର୍ତ୍ତୀ ସମୟରେ ପୋଲିସ ଚାର୍ଜଶିଟରୁ ମନ୍ତ୍ରୀଙ୍କ ନାମ କାଟିଦେଇଥିଲା। ଏନେଇ କୁଳମଣି ବରାଳଙ୍କ ପୁଅ ରମାକାନ୍ତ ବରାଳ ଜେଏମ୍‌ଏଫ୍‌ସି କୋର୍ଟରେ (ନଂ.୨୧୭/୨୧) ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ବିଶ୍ୱାଳଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଥଲା। ଏହାପରେ କୋର୍ଟ ପୋଲିସକୁ ସିଡିଆର୍ ରିପୋର୍ଟ ମାଗିଥିଲେ। ମାତ୍ର ପୋଲିସ ରିପୋର୍ଟ ଦାଖଲ କରିବାରେ ବିଳମ୍ବ କରିଥିଲା। ଏହାକୁ ଏକ ବର୍ଷ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ପୋଲିସ ଚୂଡାନ୍ତ ରିପୋର୍ଟ ଦାଖଲ କରିବାକୁ ସକ୍ଷମ ହୋଇନାହିଁ। ମାମଲାଟି ଏବେ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ରହିଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଉତ୍ତର ପୁରୁଷ ନାଟକ ପରିକ୍ରମାର ଉଦ୍‌ଯାପନୀ ସନ୍ଧ୍ୟାରେ ସୋମବାର ପରିବେଷିତ ନାଟକ 'ଛାତ'ର ଏକ ଦୃଶ୍ୟ।



ପବିତ୍ର ପୌଷପୂର୍ଣ୍ଣିମାରେ ସୋମବାର ମହାପ୍ରଭୁଙ୍କ ଅଭିଷେକ ଉତ୍ସବ ଅବସରରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।



କଟକ ବକ୍ସିବଜାର ମହିଳା ଥାନା ପାଚେରିରେ ଜଣେ ଶିଳ୍ପୀ ସୋମବାର ଚିତ୍ର ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛନ୍ତି।

**ମହନ୍ତଙ୍କ ବିରୋଧରେ ବଳାତ୍କାର ଅଭିଯୋଗ**

ପୁରୀ ଅଫିସ: ପୁରୀ ସହରରେ ଜଣେ ଯୁବତୀଙ୍କୁ ବଳାତ୍କାର କରାଯାଇଛି। ତାଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ ସହ ଅଭିଯୁକ୍ତଙ୍କ ବିରୋଧରେ ଦଣ୍ଡବିଧାନ ଦାବି କରି ସମ୍ପୃକ୍ତ ପୀଡ଼ିତା ସୋମବାର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୁରୀ ଟାଉନ ଥାନା ଅଞ୍ଚଳର ଏହି ଯୁବତୀ ଜଣକ ଅଭିଯୋଗ କରିଛନ୍ତି, ଗତ ୯ ତାରିଖରେ ଏକ ମଠର ମହନ୍ତ ତାଙ୍କ ଘରେ ପଶି ତାଙ୍କୁ ବଳାତ୍କାର କରିଥିଲେ। ସେ ଏ ନେଇ ପୁରୀ ଟାଉନ ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ଚୁପ୍ ବସିଛି। ତୁରନ୍ତ ପଦକ୍ଷେପ ନେବାକୁ ସେ ଏସ୍‌ପିଙ୍କୁ ଗୁହାରି ଜଣାଇଛନ୍ତି। ପୀଡ଼ିତାଙ୍କୁ ଡାକ୍ତରୀ ମାଇନା କରାଇବା ପାଇଁ ପୋଲିସକୁ ଅତିରିକ୍ତ ଏସ୍‌ପି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।



# ସ୍ୱାସ୍ଥ୍ୟ ପ୍ରତି ବିପଦ କାଗଜ ଚା କପ୍



ଘର ହେଉ ବା ଦୋକାନରେ ଚା ପିଇବା ପରେ ଶରୀରରେ ଏକପ୍ରକାର ସ୍ଫୂର୍ତ୍ତି ଅନୁଭୂତ ହୋଇଥାଏ। କାଚ ଗ୍ଲାସ୍‌ରେ ଚା' ପିଇବାର ମଜା ନିଆରା। ହେଲେ ଏବେ ଅଧିକାଂଶ ସ୍ଥାନରେ କାଚ ଗ୍ଲାସ୍‌ର ସ୍ଥାନ ନେଇଛି କାଗଜ ବା ପ୍ଲାଷ୍ଟିକ କପ୍। ଯାହାକି ଆମ ଶରୀର ପକ୍ଷେ ବହୁ କ୍ଷତିକାରକ ବୋଲି ଆଇଆଇଟି ଖଡ଼ଗପୁରରେ ହୋଇଥିବା ଏକ ଗବେଷଣାରୁ ଜଣାପଡ଼ିଛି। କାଗଜ କପ୍‌ରେ ଚା' ଦେବା ପରେ ଏହା ଯେପରି ମିଳାଇ ନ ଯିବ ସେଥିପାଇଁ ଏହାର ଭିତର ପାର୍ଶ୍ୱରେ ଏକ ପ୍ରକାର ପତଳା ଜରିର ଆସ୍ତରଣ ଦିଆଯାଇଥାଏ। ଯାହାକି ଗରମ ଚା' ସଂସ୍ପର୍ଶରେ ଆସିଲେ ମିଳାଇ ଯାଏ ଏବଂ ଏଥିରୁ ପ୍ରାୟ ୨୫ହଜାର ମାଇକ୍ରୋପ୍ଲାଷ୍ଟିକ କଣିକା ସୃଷ୍ଟି ହୋଇଥାଏ। ଆଉ ଏହା ଆମ ଶରୀରର ଅନେକ କ୍ଷତି କରିଥାଏ। ଗବେଷକଙ୍କ ମତରେ ଏହି କଣିକା କ୍ୟାନ୍‌ସର ରୋଗ ସୃଷ୍ଟି କରିଥାଏ। ଏପରି କି ଗର୍ଭବତୀ ମହିଳା ଏହାକୁ ପିଇବା ଦ୍ୱାରା ନିଜ ଓ ଗର୍ଭସ୍ଥ ଶିଶୁ ଉପରେ ପ୍ରଭାବ ପକାଇଥାଏ। କାର୍ଯ୍ୟକ୍ଷେତ୍ରରେ ଚାପ ଏବଂ କ୍ଳାନ୍ତି ଦୂର କରିବା ପାଇଁ ଅନେକେ ଦିନକରେ ପ୍ରାୟ ୫ରୁ ୬କପ୍ ଚା' ପିଇଥାନ୍ତି, ଯାହାକି ପରବର୍ତ୍ତୀ ସମୟରେ ସେମାନଙ୍କ ମସ୍ତିଷ୍କ ଉପରେ କ୍ଷତି ପହଞ୍ଚାଇଥାଏ। ସଚେତନତା ଅଭାବରୁ କାଗଜ କପ୍‌ର ବ୍ୟବହାର ବଢ଼ୁଥିବା ବେଳେ ଏହାକୁ ରୋକାଯିବା ଜରୁରୀ ହୋଇପଡ଼ିଛି। ସରକାରୀ ସ୍ତରରେ ଏନେଇ ପଦକ୍ଷେପ ନେବାକୁ ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଇଛନ୍ତି ।

### ମୋର ଧାରଣା ନ ଥିଲା



ପ୍ରଥମେ କାଚ ଗ୍ଲାସ୍‌ରେ ଚା' ବିକ୍ରି କରୁଥିଲି। କରୋନା ପରଠୁ କାଗଜ କପ୍‌ରେ ଦେଉଛି। ସଂକ୍ରମଣ ସମ୍ଭାବ ନାହିଁ। ପୁଣି ଖର୍ଚ୍ଚ କମ୍, ଟେନ୍‌ଶନ ବି କମ୍ ରହୁଥିବାରୁ ମୋଭଳି ପ୍ରାୟ ସମସ୍ତ ଚା' ଦୋକାନୀ କାଗଜ କପ୍ ରଖୁଛନ୍ତି। କାଗଜ କପ୍‌ରେ ଚା' ପିଇବା ଦ୍ୱାରା ଶରୀରରେ କିଛି କ୍ଷତି ହେଉଥିବା ସମ୍ପର୍କରେ ମୋର ବିଶେଷକିଛି ଧାରଣା ନାହିଁ। କାଗଜ କପ୍ ବଦଳରେ ସମାନ ମୂଲ୍ୟରେ ଆଉ କିଛି ପାତ୍ର ଆସିଲେ ତାହାକୁ ବ୍ୟବହାର କରିବି।

**– ରଘୁନାଥ ମୁଦୁଲି, ଚା' ଦୋକାନୀ, ବାଣୀ ବିହାର।**

### ମାଟି କପ୍‌କୁ ବିକଳ୍ପ ଭାବେ ବ୍ୟବହାର କରୁଛି



ପ୍ଲାଷ୍ଟିକ ଓ କାଗଜ ଚା' ପାତ୍ରର ବିକଳ୍ପ ମାଟି କପ୍। ଏହା କିଣିବାରେ ୨ଟଙ୍କା ଅଧିକ ଖର୍ଚ୍ଚ କରିବାକୁ ପଡ଼ିଥାଏ ସତ, କିନ୍ତୁ ଏହା ସବୁଠାରୁ ଭଲ। ମୁଁ ପ୍ରଥମେ ପ୍ଲାଷ୍ଟିକ ଓ କାଗଜ ଚା' ପାତ୍ର ବ୍ୟବହାର କରୁଥିଲି। କିନ୍ତୁ ବର୍ତ୍ତମାନ ମାଟି କପ୍ ବିଭିନ୍ନ ଜାଗାରେ ବିକ୍ରି ହେଉଥିବା ଦେଖି ମୁଁ ମଧ ମାଟି ପାତ୍ର ବ୍ୟବହାର କରୁଛି। ଏହା ମାଟିରେ ମିଶିଯାଉଥିବାରୁ ପରିବେଶ ସୁରକ୍ଷାରେ ସାହାଯ୍ୟ କରେ।

**– ରାଜକୃଷ୍ଣ ସ୍ୱାଇଁ, ଚା' ଦୋକାନୀ, ରେଡକ୍ରସ ଭବନ।**

### ମାଟି କପ୍‌ରେ ଚା' ବାସ୍ନା, ସ୍ୱାଦ ନିଆରା



ବ୍ୟସ୍ତ ବହୁଳ ଜୀବନ ମଧ୍ୟରେ ଘରେ ଚା' କରି ପିଇବାକୁ ସମୟ ନାହିଁ। ତେଣୁ ଅଧିକାଂଶ ସମୟରେ ରାସ୍ତା କଡ଼ ଦୋକାନରେ ଚା' ପିଇଥାଏ। ଏବେ କରୋନା ପାଇଁ ପ୍ରାୟ ସବୁ ଚା' ଦୋକାନରେ କାଚ ଗ୍ଲାସ୍ ବଦଳରେ ପ୍ଲାଷ୍ଟିକ ନ ହେଲେ କାଗଜ କପ୍‌ରେ ଚା ଦିଆ ଯାଉଛି। ହେଲେ କିଛି କିଛି ସ୍ଥାନରେ ମାଟି କପ୍‌ରେ ଦିଆଯାଉଛି। ମାଟି କପ୍‌ରେ ଚା' ପିଇଲେ ଭିନ୍ନ ସ୍ୱାଦ ଏବଂ ବାସ୍ନା ବାରି ହୋଇଯାଏ। ଏପରି କି ଡାକ୍ତର ଓ ବୈଜ୍ଞାନିକଙ୍କ ମତରେ ମାଟି କପ୍‌ର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ନ ଥାଏ। ଯଦି ମାଟି କପ୍‌କୁ ସମସ୍ତେ ବ୍ୟବହାର କରନ୍ତେ, ତେବେ ଏହା ସ୍ୱାସ୍ଥ୍ୟ ରକ୍ଷା କରିବା ସହ କୁମ୍ଭକାରଙ୍କ ଭଲ ରୋଜଗାରର ମାଧ୍ୟମ ସାଜି ପାରନ୍ତା।

**– ମନୀଷା ଦାସ, ଚା' ପ୍ରେମୀ।**

### ପିଇବା ପାତ୍ର ପ୍ରତି ସଚେତନ ଜରୁରୀ



ମାଇକ୍ରୋପ୍ଲାଷ୍ଟିକ ଶରୀର ପାଇଁ ବହୁ କ୍ଷତିକାରକ। ଏହା ସାଧାରଣତଃ ପାଟି ବାଟେ ନ ହେଲେ ଶ୍ୱାସକ୍ରିୟା ମଧ୍ୟରେ ଭିତରକୁ ଯାଇଥାଏ। ପ୍ରତ୍ୟେକ ଦିନ ଲୋକମାନେ ବିଭିନ୍ନ ମାଧ୍ୟମରେ ଶରୀରକୁ ମାଇକ୍ରୋପ୍ଲାଷ୍ଟିକ ନେଉଛନ୍ତି। ଶ୍ୱାସକ୍ରିୟା ଦ୍ୱାରା ଏହାକୁ ଅଟକାଇ ହେବନି, କିନ୍ତୁ ଆମେ ଖାଇବା ପିଇବା ପାତ୍ର ପ୍ରତି ଯଥେଷ୍ଟ ସଚେତନ ହେବା ଆବଶ୍ୟକ। ବିଶେଷକରି ଆମେ ପିଉଥିବା ପାଣି ବୋତଲ, ଚା'କପ୍, ଖାଉଥିବା ବିଭିନ୍ନ ପ୍ୟାକେଟ ଜନିତ ଖାଦ୍ୟକୁ ବାରଣ କରିବା ଉଚିତ।

**– ନିରୋଜ କୁମାର ମିଶ୍ର, ସ୍ୱାସ୍ଥ୍ୟ ବିଶେଷଜ୍ଞ।**

### କ୍ଷତିକାରକ ଜାଣି ମଧ ନାଚାର



ଅଫିସରେ କର୍ମଚାରୀମାନେ କାମରୁ ଟିକେ ଫୁର୍‌ସତ ମିଳିଲେ ଚା' ଖଟିକୁ ଚାଲିଯାଆନ୍ତି। ପୂର୍ବରୁ ଅଧିକାଂଶ ଚା' ଦୋକାନରେ କାଚ ଗ୍ଲାସ୍‌ରେ ଚା' ମିଳୁଥିଲା। ହେଲେ ଏବେ ଚା' ଦୋକାନରେ କାଚ ଗ୍ଲାସ ଆଉ କ୍ୱଚିତ ଦେଖିବାକୁ ମିଳୁଛି। ବିଶେଷକରି କରୋନା ପରଠାରୁ ଦୋକାନରେ କାଚ ଗ୍ଲାସ୍‌ପରିବର୍ତ୍ତେ ପ୍ଲାଷ୍ଟିକ ବା କାଗଜ କପ୍‌ରେ ଚା' ମିଳୁଛି। ଏହା ଶରୀର ପାଇଁ କ୍ଷତିକାର ବୋଲି ଜାଣି ମଧ କୌଣସି ବିକଳ୍ପ ନ ଥିବାରୁ କାଗଜ କପ୍‌ରେ ପିଇବାକୁ ବାଧ ହେଉଛୁ।

**– ଅମ୍ରିତ ପ୍ରୀତମ ଆଚାର୍ଯ୍ୟ, ଚା' ପ୍ରେମୀ**

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ଜ୍ୟୋତିରଞ୍ଜନ



@ ନରେଶ



@ ପିଣ୍ଟୁ



@ ଆଶୁତୋଷ



@ ଲକ୍ଷ୍ମୀଧର



@ ପ୍ରକାଶ

### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୧୭।୧।୨୦୨୨

| ୨,୧୨୨ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

## 'ସତ୍‌ସଙ୍ଗ, ସଂଯମର କ୍ଷେତ୍ର ହେଉ ଶ୍ରୀକ୍ଷେତ୍ର'



**ମହୋଦଧି ଆରତି କଲେ ଜଗଦ୍‌ଗୁରୁ, ରାଜ୍ୟପାଳ, ଉମାଭାରତୀ**

ପୁରୀ ଅଫିସ ୧୭।୧

ପବିତ୍ର ପୌଷପୂର୍ଣ୍ଣିମା ଅବସରରେ ସୋମବାର ପୁରୀ ଗୋବର୍ଦ୍ଧନ ପୀଠ ଆନୁକୂଲ୍ୟରେ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ତୀର୍ଥରାଜ ଶ୍ରୀମହୋଦଧି ନିତ୍ୟ ସନ୍ଧ୍ୟା ଆରତିର ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ, ନିର୍ବିକଳ୍ପାନନ୍ଦ ସରସ୍ୱତୀ, ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତ୍ରୀ ଉମା ଭାରତୀ ଏବଂ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁ ପ୍ରମୁଖ ଯୋଗଦେଇଥିଲେ। ଆରତି ବେଳେ ହୁଳହୁଳି, ଘଣ୍ଟଘଣ୍ଟା, ମନ୍ତ୍ରଧ୍ୱନି ଓ ବେଦପାଠରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

ଆରତି କରିବା ପରେ ଉମାଭାରତୀ ଅଭିଭାଷଣ ଦେଇ କହିଥିଲେ, ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଧର୍ମଗୁରୁଙ୍କୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। ଧର୍ମଗୁରୁଙ୍କ ମାର୍ଗଦର୍ଶନରେ ସମାଜରେ ଶାନ୍ତି, ମୈତ୍ରୀ ଓ ସଦ୍‌ଭାବନା ପ୍ରତିଷ୍ଠା ହୋଇପାରିବ। ଶ୍ରୀକ୍ଷେତ୍ରର ମହୋଦଧି ଆରତି କାର୍ଯ୍ୟକ୍ରମ ବସୁଧୈବ କୁଟୁମ୍ବକମ୍‌ର ବାର୍ତ୍ତା ଦେଉଛି। ତେଣୁ ଏହା ସାରା ଜୀବନ ମନେରହିବ। ଶଙ୍କରାଚାର୍ଯ୍ୟଙ୍କ କହିବା ଅନୁଯାୟୀ ଦିନେ ଭାରତ ହିନ୍ଦୁ ରାଷ୍ଟ୍ର ଭାବେ ଘୋଷଣା ହେବ। ଗୋମାତା, ଗାୟତ୍ରୀ ଓ ବୃନ୍ଦା ହିଁ ଦେଶର ପରିଚୟ ହେବେ ବୋଲି ଉମାଭାରତୀ ପ୍ରକାଶ କରିଥିଲେ। ଧର୍ମଯୁଦ୍ଧରେ ଶ୍ରୀକୃଷ୍ଣ ଯେପରି ଅର୍ଜୁନଙ୍କ ମାର୍ଗଦର୍ଶନ କରିଥିଲେ, ବର୍ତ୍ତମାନ ସମୟରେ ଜଗଦ୍‌ଗୁରୁ ସେପରି ମାର୍ଗଦର୍ଶନ କରୁଛନ୍ତି ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଥିଲେ। ସେହିପରି ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ କହିଥିଲେ, ମହୋଦଧି କୂଳ ଏବଂ ଶ୍ରୀକ୍ଷେତ୍ର ଅଶ୍ଳୀଳ ମନୋରଞ୍ଜନ ଓ ମାଦକ ଦ୍ରବ୍ୟର କେନ୍ଦ୍ର ନ ହେଉ। ବରଂ ସତ୍‌ସଙ୍ଗ, ସ୍ୱାଧ୍ୟାୟ, ଭଜନ ଓ ସଂଯମର କ୍ଷେତ୍ର ହେଉ। ବିଶ୍ୱ କଲ୍ୟାଣ ଓ ଶାନ୍ତି ଉଦ୍ଦେଶ୍ୟରେ ତଥା ସାଗର ପଥରେ ଅରାଜକ ତତ୍ତ୍ୱଙ୍କ ପ୍ରବେଶ ଓ ଭାରତର କ୍ଷତି ସାଧନକୁ ମହାପ୍ରଭୁ ରୋକିବା ପାଇଁ ପ୍ରାର୍ଥନା କରି ଏହି ଆରତି କାର୍ଯ୍ୟକ୍ରମ କରାଯାଉଛି। ଏ ନେଇ ପ୍ରଚାର ପ୍ରସାର ହେବା ଆବଶ୍ୟକ। ଉକ୍ତ କାର୍ଯ୍ୟକ୍ରମରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ କୁମାର ଦାସବର୍ମା, ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ, ଜଟଣୀ ବିଧାୟକ ସୁରେଶ ରାଉତରାୟ, ସଙ୍ଗୀତ ନିର୍ଦ୍ଦେଶକ ପ୍ରେମ୍ ଆନନ୍ଦ, ଇଂ. ପ୍ରଶାନ୍ତ ଆଚାର୍ଯ୍ୟଙ୍କ ସମେତ ଦେଶ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରୁ ଅନେକ ସାଧୁସନ୍ଥ, ମଠାଧୀଶ ଯୋଗଦେଇଥିଲେ।

### ଫୁଲବେଶରେ ସାକ୍ଷୀଗୋପାଳ

ସାକ୍ଷୀଗୋପାଳ, ୧୭।୧ (ଡି.ଏନ.ଏ./ସ୍ୱ.ପ୍ର.)

ପୁଷ୍ୟାଭିଷେକ ପୂର୍ଣ୍ଣମୀ ଅବସରରେ ସାକ୍ଷୀଗୋପାଳ ଠାକୁର ଓ ଶ୍ରୀରାଧା ଫୁଲ ବେଶରେ ସଜ୍ଜିତ ହୋଇଛନ୍ତି। ଦ୍ୱିପ୍ରହର ଧୂପରେ ଠାକୁର ନୂତନ ବସ୍ତ୍ର ପରିଧାନ କରିଥିଲେ। ମାଳୀ ସେବକମାନେ ପ୍ରସ୍ତୁତ କରିଥିବା ଫୁଲର ଘୋଡ଼, ଟୋପି, ଫୁଲମାଳ, ଛତିତ୍ରାସ, ଟାହିଆ ଆଦି ଲାଗି କରାଯାଇଛି। କୁସୁମ, ମାଣିକ ଚାନ୍ଦି, ରଜନୀଗନ୍ଧା, ଗୋଲାପ, ସେତୀ, ପଦ୍ମ, ତୁଳସୀ, ଦୟଣା ପ୍ରଭୃତି ନାନା କିସମର ଫୁଲ ମାଳ କରି ପବିତ୍ରତାର ସହ ଠାକୁରଙ୍କୁ ଲାଗି କରାଯାଇଛି। କେବଳ ଶ୍ରୀମୁଖ ବ୍ୟତୀତ ସର୍ବାଙ୍ଗ ଫୁଲରେ ଆଚ୍ଛାଦିତ ହୋଇଥିଲା। ଠାକୁରଙ୍କ ଏହି ଦୁର୍ଲଭ ଦୃଶ୍ୟ ସନ୍ଧ୍ୟା ଧୂପ ପର୍ଯ୍ୟନ୍ତ ଭକ୍ତମାନେ ଦର୍ଶନ କରିବାର ସୁଯୋଗ ପାଇଥିଲେ।

### ୨୬ ଯାଏ ବନ୍ଦ ରହିବ ରାଜ୍ୟ ଗ୍ରନ୍ଥାଗାର

ଭୁବନେଶ୍ୱର, ୧୭।୧(ବ୍ୟୁରୋ): ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାର ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ପାଠକଙ୍କ ପାଇଁ ବନ୍ଦ ରହିବ। ଗ୍ରନ୍ଥାଗାରର ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ୧୦ଜଣ କର୍ମଚାରୀ କୋଭିଡ୍ ସଂକ୍ରମିତ ହୋଇଥିବାରୁ ପାଠାଗାର ବିଶୋଧନ, କର୍ମଚାରୀ ଓ ପାଠକଙ୍କ ନିରାପତ୍ତା ନିମିତ୍ତ ଏହି ନିଷ୍ପତ୍ତି ନିଆଯାଇଛି। ୨୭ ତାରିଖରେ ଗ୍ରନ୍ଥାଗାର ଖୋଲିବ। ତେବେ କେବଳ ନେଗେଟିଭ୍ ରିପୋର୍ଟଧାରୀଙ୍କୁ ଗ୍ରନ୍ଥାଗାର ଭିତରକୁ ପ୍ରବେଶ ଅନୁମତି ଦିଆଯିବ।

## ତଦନ୍ତ ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ

**ମାହାଙ୍ଗା ଡବଲ ମର୍ଡର ଘଟଣା**

■ପୋଲିସର ଆବେଦନ ଖାରଜ

ନିଶ୍ଚିନ୍ତକୋଇଲି, ୧୭।୧(ସ୍ୱ.ପ୍ର.)

କଟକ ଜିଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସ୍ଥାନୀୟ ପୋଲିସ କରିଥିବା ଆବେଦନ ସୋମବାର ଜେଏମ୍‌ଏଫ୍‌ସି କୋର୍ଟରେ ଖାରଜ ହୋଇଯାଇଛି। ଏଥିସହ ତଦନ୍ତ ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୧୧।୧।୨୨ରେ ମାହାଙ୍ଗା ପୋଲିସ ଜେଏମ୍‌ଏଫ୍‌ସି କୋର୍ଟରେ ଅଭିଯୁକ୍ତ କ୍ଷିତୀଶ ଆଚାର୍ଯ୍ୟ ଓ ଭିକାରୀ ସ୍ୱାଇଁକୁ ରିମାଣ୍ଡରେ ଆଣିବା ପାଇଁ ଆବେଦନ କରିଥିଲା। ଉଭୟ ଅଭିଯୁକ୍ତ ୨୬।୧୨।୨୦ରେ ମନ୍ତ୍ରୀ ଜେନାଙ୍କ ପିଏ ଉମାଶଙ୍କର ବିଶ୍ୱାଳ ଓରଫ ବାପିଙ୍କ ସହ କଥା ହୋଇଥିଲେ ବୋଲି ପୋଲିସ ଆବେଦନପତ୍ରରେ ଦର୍ଶାଇଥିଲା। ମାତ୍ର ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ମାମଲା ଥିବା ଦର୍ଶାଇ ଏହି ଆବେଦନକୁ ରଦ୍ଦ କରିଦିଆଯାଇଛି। ଅପରପକ୍ଷେ ବାପି ଓ ବ୍ଲକ ଅଧ୍ୟକ୍ଷ ଶରତ ନାୟକଙ୍କ ସହ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ମୃତ ପ୍ରଫୁଲ୍ଲ ବିଶ୍ୱାଳ ମୋବାଇଲରେ କଥା ହୋଇଥିଲେ ବୋଲି ପୋଲିସ ଦାଖଲ କରିଥିବା ସିଡିଆର୍ ରିପୋର୍ଟରେ ଉଲ୍ଲେଖ କରାଯାଇଛି। ଏନେଇ ମାହାଙ୍ଗାରେ ରାଜନୈତିକ ଚର୍ଚ୍ଚା ଜୋର ଧରିଛି।

ମାହାଙ୍ଗା ଥାନା ଅଧୀନ ନୃତାଙ୍ଗ ପଞ୍ଚାୟତର ଭାଜପା ନେତା ତଥା ପୂର୍ବତନ ବ୍ଲକ ଅଧ୍ୟକ୍ଷ କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂ ବରାଳଙ୍କୁ ୨୦୨୧ ଜାନୁୟାରୀ ୨ ତାରିଖରେ ହତ୍ୟା କରାଯାଇଥିଲା। ମାହାଙ୍ଗା ଥାନାରେ ମାମଲା (ନଂ.୫/୨୧)ରୁଜୁ କରାଯାଇ ପୋଲିସ ୧୦ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ଏଥିରେ ମନ୍ତ୍ରୀ ଜେନା ୧୩ତମ ଅଭିଯୁକ୍ତ ଥିଲେ। ପରବର୍ତ୍ତୀ ସମୟରେ ପୋଲିସ ଚାର୍ଜଶିଟରୁ ମନ୍ତ୍ରୀଙ୍କ ନାମ କାଟିଦେଇଥିଲା। ଏନେଇ କୁଳମଣି ବରାଳଙ୍କ ପୁଅ ରମାକାନ୍ତ ବରାଳ ଜେଏମ୍‌ଏଫ୍‌ସି କୋର୍ଟରେ (ନଂ.୨୧୭/୨୧) ପ୍ରୋଟେଷ୍ଟ ପିଟିଶନ ଦାଏର କରିଥିଲେ। ଏହି ସମୟରେ ମୁଖ୍ୟ ଅଭିଯୁକ୍ତ ବିଶ୍ୱାଳଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ଏହାପରେ କୋର୍ଟ ପୋଲିସକୁ ସିଡିଆର୍ ରିପୋର୍ଟ ମାଗିଥିଲେ। ମାତ୍ର ପୋଲିସ ରିପୋର୍ଟ ଦାଖଲ କରିବାରେ ବିଳମ୍ବ କରିଥିଲା। ଏହାକୁ ଏକ ବର୍ଷ ବିତିଯାଇଥିଲେ ମଧ ଏପର୍ଯ୍ୟନ୍ତ ପୋଲିସ ବୃତ୍ତାନ୍ତ ରିପୋର୍ଟ ଦାଖଲ କରିବାକୁ ସକ୍ଷମ ହୋଇନାହିଁ। ମାମଲାଟି ଏବେ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ବିଚାରାଧୀନ ରହିଛି।



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ଉତ୍ତର ପୁରୁଷ ନାଟକ ପରିକ୍ରମାର ଉଦ୍‌ଯାପନୀ ସନ୍ଧ୍ୟାରେ ସୋମବାର ପରିବେଷିତ ନାଟକ 'ଛାତ'ର ଏକ ଦୃଶ୍ୟ।



ପବିତ୍ର ପୌଷପୂର୍ଣ୍ଣିମାରେ ସୋମବାର ମହାପ୍ରଭୁଙ୍କ ଅଭିଷେକ ଉତ୍ସବ ଅବସରରେ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୁରୀ ଡ୍ୟାନ୍ସ ଏକାଡେମୀର କଳାକାରମାନେ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।



କଟକ ବକ୍ସିବଜାର ମହିଳା ଥାନା ପାଚେରିରେ ଜଣେ ଶିଳ୍ପୀ ସୋମବାର ଚିତ୍ର ମାଧ୍ୟମରେ ସଚେତନତା ବାର୍ତ୍ତା ଦେଉଛନ୍ତି।